


# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 24 ଭାଗ ୩୪ | ସଂଖ୍ୟା ୨୪ | Wednesday 15 April 2026 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର ୧୫ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଖୁବ୍‌ଶୀଘ୍ର ରାଜଧାନୀରେ ହେବ ଆମ୍ବେଦକର ଭବନ: ମୁଖ୍ୟମନ୍ତ୍ରୀ

# ପ୍ରତିଭା ଜାତି କି ଧର୍ମରେ ସୀମିତ ନୁହେଁ

**ଆମ୍ବେଦକର କେବଳ ଏକ ନାମ ନୁହେଁ, ଏକ ବିଚାରଧାରା**

**ଆମ୍ବେଦକରଙ୍କ କୀର୍ତ୍ତି ଓ ସମ୍ମାନକୁ ପୁନଃପ୍ରତିଷ୍ଠା କରାଯାଇଛି**

**ସମତାଭିତ୍ତିକ ସମାଜ ଗଠନରେ ସାମିଲ ହେବାକୁ ଆହ୍ୱାନ**



ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ): ଆମ୍ବେଦକର କେବଳ ଏକ ନାମ ନୁହେଁ, ଏହା ଏକ ବିଚାରଧାରା, ଯାହା ସମାନତାର ପଥ ପ୍ରଦର୍ଶନ କରେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜୟଦେବ ଭବନରେ ଆୟୋଜିତ ଭାରତରତ୍ନ ବାବା ସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମତ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ ସ୍ଥାନୀୟ ଖାରବେଳ ନଗରଠାରେ ଆମ୍ବେଦକର ଭବନ ନିର୍ମାଣ ହେବ। ଏଥିସହ ସାଧାରଣ ପ୍ରଶାସନ ବିଭାଗକୁ ଏହାର ଡିପିଆର ପ୍ରସ୍ତୁତ କରିବା ସକାଶେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମତା ଓ ନ୍ୟାୟଭିତ୍ତିକ ସମାଜ ଗଠନ ହିଁ ବାବା ସାହେବଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ବାବା ସାହେବ ସମାଜରେ ସମାନତା ଆଣିବା ପାଇଁ ଜୀବନଭରି ଲଢ଼େଇ କରିଥିଲେ। ଭାରତୀୟ ସମ୍ବିଧାନ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଓ ନ୍ୟାୟ ଦେଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦଳିତ, ଆଦିବାସୀ ଓ ପଛୁଆ ବର୍ଗଙ୍କ ଉନ୍ନତି ଆଜି ଡଃ ଆମ୍ବେଦକରଙ୍କ ଯୋଗୁଁ ହିଁ ସମ୍ଭବପର ହୋଇଛି। ସମାଜର ସବୁଠାରୁ ପଛୁଆ ଲୋକଙ୍କ ଉନ୍ନତି ବିନା ସମୃଦ୍ଧ ଓଡ଼ିଶା ସମ୍ଭବ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଅଧିକାଂଶ କେନ୍ଦ୍ରୀୟ ଯୋଜନାକୁ କାର୍ଯ୍ୟକାରୀ କରାଯାଇ ଦଳିତ ଓ ନିଷ୍ପେଷିତଙ୍କ ଅଧିକାରକୁ ସୁନିଶ୍ଚିତ କରାଯାଉଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଙ୍କ ଉନ୍ନୟନ ପାଇଁ ଚଳିତ ୨୦୨୬-୨୭ ବଜେଟରେ ୬ ହଜାର ୬୪୯ କୋଟିରୁ ଅଧିକ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏଥିସହ ଆଦିମ ଜନଜାତି ବର୍ଗଙ୍କ ବିକାଶ ପ୍ରତି ମଧ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି।

୨୦୨୬-୨୭ ବଜେଟରେ ଏସ୍‌ସି ଓ ଏସ୍‌ଟି ବର୍ଗ ପାଇଁ ବଡ଼ ଆର୍ଥିକ ପ୍ରାବଧାନ ରହିଛି ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକାକୁ ଗୁରୁତ୍ୱ ଦିଆଯାଉଛି। ଇଞ୍ଜିନିୟରିଂ ଓ ମେଡିକାଲ୍ କ୍ଷେତ୍ରରେ ନୂତନ ସଂରକ୍ଷଣ ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ➪ପୃଷ୍ଠା-୬

### ଲାଗୁ ହେଲା ନୂଆ ପାଞ୍ଜି

# ଲାଗିରହିବ ଅଶାନ୍ତି ଓଡ଼ିଶା ଦେଖିବ ବିପର୍ଯ୍ୟୟ

ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ): ମହାବିଷୁବ ସଂକ୍ରାନ୍ତିରୁ ପ୍ରଚଳିତ ହୋଇଛି ନୂଆ ପଞ୍ଜିକା। ତେଣୁ ରାଜ୍ୟ, ଦେଶ, ରାଶି ଉପରେ ପ୍ରଭାବ ଆଦିକୁ ନେଇ ଜ୍ୟୋତିର୍ବିଦମାନେ ଗଣନା ଆରମ୍ଭ କରିଦେଇଛନ୍ତି। ନୂଆ ପାଞ୍ଜିର ଗଣନା କହୁଛି ବର୍ଷତମାମ ବିଶ୍ୱରେ ଅସ୍ଥିରତା ଲାଗି ରହିବ। ଭାରତ ଓ ଓଡିଶା ଯଦିଓ ଯୁଦ୍ଧରେ ସାମିଲ ହେବେ ନାହିଁ, କିନ୍ତୁ ପ୍ରଭାବ ପଡ଼ିବ। ପୂର୍ବବର୍ଷଗୁଡ଼ିକ ଭଳି ଏଥର ବି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବ ଓଡ଼ିଶା।

ରାଜ୍ୟ କିମ୍ବା ଦେଶରେ ରାଜନୈତିକ ପଟ୍ଟ ପରିବର୍ତ୍ତନ ସଙ୍କେତ ନ ଥିଲେ ବି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ବିରାଟ ପରିବର୍ତ୍ତନର ସୂଚନା ଦେଇଛନ୍ତି ଜ୍ୟୋତିର୍ବିଦ। ଜ୍ୟୋତିର୍ବିଦ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକଙ୍କ ମତରେ, ଚଳିତ ବର୍ଷ ଓଡ଼ିଶା ପାଇଁ ପ୍ରାକୃତିକ ବିପର୍ଯ୍ୟୟର ବର୍ଷ ହୋଇପାରେ। ଅଗ୍ନିଦେବତା ହନୁମାନଙ୍କ କପାଳ ଦେଶରେ ଥିବାରୁ ଦକ୍ଷିଣ-ପଶ୍ଚିମାଞ୍ଚଳରେ ଅଧିକ ଅଗ୍ନି ଭୟ ରହିବ। ସେହିପରି ଉପକୂଳ ଓଡ଼ିଶାରେ ବାତ୍ୟା ଓ ଭୂକମ୍ପ ଅନୁଭୂତ ହେବ। ରାଜନୈତିକ ସ୍ଥିତି ଯଦି ଦେଖିବା, ତା'ହେଲେ ରବି ହେଉଛନ୍ତି ରାଜା, ବୁଧ ହେଉଛନ୍ତି ମନ୍ତ୍ରୀ ଓ ଶନି ହେଉଛନ୍ତି ପୁରୋହିତ। ତେଣୁ ଗ୍ରହଗୁଡ଼ିକର ଅବସ୍ଥିତି ଅନୁଯାୟୀ ବିଶ୍ୱରେ ଲାଗି ରହିବ ଅଶାନ୍ତି। କିନ୍ତୁ ଭାରତରେ ସ୍ଥିରତା ବଜାୟ ରହିବ।

ଜ୍ୟୋତିର୍ବିଦଙ୍କ ଗଣନା ଅନୁଯାୟୀ, ମେଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ ଓ ମୀନ ରାଶିର ଆୟ ବ୍ୟୟରେ ସନ୍ତୁଳନ ରହିବା ସହ ବର୍ଷତମାମ୍ ଭଲ ଫଳ ଦେବ। ତେବେ ବୃଷ, କର୍କଟ, ତୁଳା, ମକର, କୁମ୍ଭ ରାଶିର ଆୟ ଅପେକ୍ଷା ବ୍ୟୟର ସମ୍ଭାବନା ଅଧିକ ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଏହି ୫ ରାଶିରେ ରହିଛି ମିଶ୍ରିତ ଫଳ ଯୋଗ।

# ଅସଲ ଘରଭଙ୍ଗା କିଏ ?



### ପର ପାଇଁ ଖୋଳିଥିବା ଗୋହିରେ ଏବେ କରିତ୍‌କର୍ମା

ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ): ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ ଏବେ ନିଜର ସତୀତ୍ୱ ବଞ୍ଚାଇବାକୁ ବହୁ କାହାଣୀ କହୁଛନ୍ତି। ବିଜେଡି ଦଳରେ ମାଳ ମାଳ ଅସାଧୁଙ୍କ ଭିତରେ ସେ କୁଆଡ଼େ ଏକମାତ୍ର ସାଧୁ ଥିଲେ ବୋଲି ଦାବି କରୁଛନ୍ତି। ୨୦୦୮ ଡିସେମ୍ବର ଶେଷ ଭାଗରେ ବିଜେଡିରେ ଯୋଗଦେଲେ ଆଉ ୨୦୧୨ ପରେ ବିଜେଡିର ସବୁ ବରିଷ୍ଠ ନେତାଙ୍କ ପତ୍ତା କାଟିଦେଲେ। ତାଙ୍କ ଭାଷାରେ ଯେଉଁମାନେ ଏବେ ଦଳ, ନେତା କିମ୍ବା କାର୍ପଟଦାରଙ୍କ ଗୋହି ଖୋଳୁଛନ୍ତି, ସେମାନେ ସସସ୍ତେ ହେଉଛନ୍ତି 'ଘରଭଙ୍ଗା'। ଆଉ ଏକା ସେ ହେଉଛନ୍ତି ଘରର ମେରୀ। ତେବେ ତାଙ୍କର ଏଭଳି ଦାବିକୁ ନେଇ ରାଜନୈତିକ ସମୀକ୍ଷକମାନେ ତାଲ୍ଲ୍ୟ କରିବା ଆରମ୍ଭ କରିଛନ୍ତି।

ପ୍ରଫୁଲ୍ଲ ଘଡ଼ାଇଙ୍କଠାରୁ ଆରମ୍ଭ କରି ଡାକ୍ତର ଦାମୋଦର ରାଉତ, ପ୍ରଭାତ ତ୍ରିପାଠୀ, ଅନୁଭବ ମହାନ୍ତି, ପ୍ରଦୀପ ପାଣିଗ୍ରାହୀ ଏମିତି ନାଁ ଲେଖିଲେ ସରିବନି। ଏସବୁ ନେତାଙ୍କ ଘର କିଏ ଭାଙ୍ଗିଥିଲା ତାହା ବବି ଦାସ ନିଜକୁ ନିଜେ ପଚାରିବାର ଆବଶ୍ୟକତା ରହିଛି ବୋଲି କିଛି ସମୀକ୍ଷକ କହୁଛନ୍ତି। ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ରାଜନୈତିକ ଶତ୍ରୁତାକୁ ଏତେ ତଳ ସ୍ତରକୁ ନିଆଯାଇପାରେ ତାହା କେହି କେବେ ଆକଳନ ବି କରି ନ ଥିଲେ। ପ୍ରଦୀପଙ୍କ ରାଜନୈତିକ କ୍ୟାରିୟର ଶେଷ କରିବାକୁ ତାଙ୍କ ଘରକୁ କିଏ ଭାଙ୍ଗିଥିଲା ବୋଲି ବବି ନିଜକୁ ନିଜେ ପ୍ରଶ୍ନ କରିବା ଜରୁରୀ ମନେହୁଏ। ତାଙ୍କ ଝିଅ ବାହାଘର ଭାଙ୍ଗି ତାଙ୍କୁ ଜେଲରେ ଭର୍ତ୍ତି କରିବା ପର୍ଯ୍ୟନ୍ତ ସବୁକିଛି ଜଣଙ୍କ ଇସାରାରେ ହୋଇଥିଲା। ତେବେ ଶ୍ରୀ ପାଣିଗ୍ରାହୀଙ୍କ ଘର ଭାଙ୍ଗିବା ପୂର୍ବରୁ ବବି କେବେ ଭାବିଥିଲେ କି ତାଙ୍କର ବି ଦିନେ ସେଇ ଦଶା ପଡ଼ିବ ବୋଲି।

ଅଭିନେତାରୁ ରାଜନେତା ସାଜିଥିବା ଅନୁଭବ ମହାନ୍ତିଙ୍କ ପାରିବାରିକ ଅଶାନ୍ତିର ନିଆଁରେ ଘିଅ କିଏ ଢାଳିଥିଲା ? ଯେଉଁ ଅନୁଭବଙ୍କୁ ନବୀନ ପଟ୍ଟନାୟକ ବହୁତ ପସନ୍ଦ କରୁଥିଲେ, ତାଙ୍କୁ ସଭାପତିଙ୍କ ଆଗରେ ଭିଲେନ ବନେଇ କିଏ ଛିଡ଼ା କରେଇଥିଲା ? ଅନୁଭବଙ୍କ କ୍ଷେତ୍ରରେ ଘରଭଙ୍ଗା ଭୂମିକାରେ କିଏ ଥିଲା, କେଉଁ ଯୁବ ନେତାଙ୍କୁ ଅସ୍ତ୍ର କରି ଅନୁଭବଙ୍କ ପାରିବାରିକ କଳହକୁ ଉଗ୍ର ରୂପ ଦିଆଗଲା ଏବଂ ମିଡିଆରେ ଘନ ଘନ ପ୍ରଚାର କରାଗଲା, ଏକଥା ରାଜଧାନୀ ରାଜନୀତିରେ ରୁଚି ରଖୁଥିବା ଲୋକଙ୍କୁ ଅଛପା ନୁହେଁ। ହେଲେ ଯାହା ପାଇଁ ଏତେ ନାଟକ କରାଗଲା, ତାଙ୍କୁ ଭୋଟର ଗ୍ରହଣ କଲେ ନାହିଁ।

ବବିଙ୍କ ଘରଭଙ୍ଗା ରାଜନୀତିର ଆଉ ଏକ ଦିଗ ହେଉଛି, ବାପା ଶତ୍ରୁ, କିନ୍ତୁ ପୁଅ ମୋ ମିତ୍ର। ଏକଥା ପ୍ରଫୁଲ୍ଲ ➪ପୃଷ୍ଠା-୬

# ହର୍ମୁଜରେ ଆମେରିକାର ନାକାବନ୍ଦୀ

**୧୫ ଯୁଦ୍ଧଜାହାଜ ଓ ଏଫ୍-୩୫ବି ସାମରିକ ବିମାନ ମୁତୟନ**

**ଶୁଳ୍କ ନ ଦେବା ଯାଏ ଖୋଲିବନି ହର୍ମୁଜ ପ୍ରଣାଳୀ: ଇରାନ**



ୱାଶିଂଟନ, ୧୪।୪: ଶାନ୍ତି ଆଲୋଚନା କୌଣସି ନିର୍ଣ୍ଣାୟକ ମୋଡ଼ରେ ନ ପହଞ୍ଚିଲେ ହର୍ମୁଜକୁ ଅବରୋଧ କରିବା ପାଇଁ ଆମେରିକା ଦେଇଥିବା ଡେଡଲାଇନ୍ ଇତିମଧ୍ୟରେ ଶେଷ ହୋଇଛି। ବିଶ୍ୱର ତୈଳ ପ୍ରାଣକେନ୍ଦ୍ର ବୋଲି କୁହାଯାଉଥିବା ହର୍ମୁଜ୍ ଅକ୍ତିଆର କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପାରସ୍ୟ ଉପସାଗରକୁ ବ୍ୟାପକ ସୈନ୍ୟ ଓ ଯୁଦ୍ଧ ଜାହାଜ ପଠାଇଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଦେଶକ୍ରମେ ସୋମବାର ସନ୍ଧ୍ୟା ୭ଟା ୩୦ (ଆମେରିକୀୟ ସମୟ ସକାଳ ୧୦ଟା)ରେ ହର୍ମୁଜ ଆଖପାଖରେ ନାକାବନ୍ଦୀ ଲାଗୁ ହୋଇଛି। ଇରାନର ବନ୍ଦରଗୁଡ଼ିକୁ ଯାତାୟାତ କରୁଥିବା ଜାହାଜଗୁଡ଼ିକୁ ରୋକିବା ଲାଗି ଟ୍ରମ୍ପ୍ ଏକପ୍ରକାର ଚକ୍ରବ୍ୟୂହ ପ୍ରସ୍ତୁତ କରିବାକୁ ଯାଉଛନ୍ତି ବୋଲି ମାର୍କିନ୍ ସେନାସୂତ୍ରରୁ ଜାଣିବାକୁ ମିଳିଛି। ଟ୍ରମ୍ପ୍ ଇରାନକୁ ଚେତାବନୀ ଦେଇ କହିଛନ୍ତି ଯେ କୌଣସି ଇରାନୀ ଜାହାଜ ନାକାବନ୍ଦୀ ହୋଇଥିବା ସ୍ଥାନକୁ ଆସିଲେ ତାହାକୁ ➪ପୃଷ୍ଠା-୬

### ଟ୍ରମ୍ପ୍-ମୋଦି ଆଲୋଚନା

ନୂଆଦିଲ୍ଲୀ, ୧୪।୪: ମଧ୍ୟପ୍ରାଚ୍ୟ ଉତ୍ତେଜନା ପରିପ୍ରେକ୍ଷୀରେ ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଫୋନ୍ ଯୋଗେ ବାର୍ତ୍ତାଳାପ ହୋଇଛି। ମୋର ବନ୍ଧୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫୋନକଲ୍ ଆସିଥିଲା। ବିଭିନ୍ନ କ୍ଷେତ୍ରରେ ଆମର ଦ୍ୱିପାକ୍ଷିକ ସହଯୋଗରେ ହାସଲ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ବିଷୟରେ ଆମେ ସମୀକ୍ଷା କରିଛୁ ବୋଲି ମୋଦୀ ତାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଉଭୟ ନେତା ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ ଆଲୋଚନା କରିବା ➪ପୃଷ୍ଠା-୬

### ୧୯ ଯାଏଁ ତାତିରୁ ନିସ୍ତାର ନାହିଁ

# ୪୫ ଡିଗ୍ରୀରେ ପହଞ୍ଚିବ ତାପମାତ୍ରା



ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ): ସମ୍ପ୍ରତି ଭୀଷଣ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଥିବା ବେଳେ ଜନସାଧାରଣଙ୍କୁ ଏଥିରୁ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଅର୍ଥାତ୍ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ତ୍ରାହି ମିଳିବ ନାହିଁ। ଏହି ସମୟରେ ତାପମାତ୍ରା ୪୫ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିବା ନେଇ ଆକଳନ କରାଯାଇଛି। ଉପକୂଳବର୍ତ୍ତୀ ଅଞ୍ଚଳଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଓଡ଼ିଶା ସବୁଠି ଗରମ ଓ ଅସହ୍ୟ ଗୁଳଗୁଳି ଅନୁଭୂତ ହେବ। ଆସନ୍ତା ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରୀର ପ୍ରଭାବ ରହିବ ବୋଲି ଆଜି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ କରାଯିବା ସହ ଏନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବଲାଙ୍ଗିର, ସୋନପୁର, ସମ୍ବଲପୁର, ଝାରସୁଗୁଡାର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ସେହିପରି ୧୭ ତାରିଖରେ ➪ପୃଷ୍ଠା-୬

### ସମ୍ବଲପୁର ଜିଲ୍ଲାକୁ ୩୭୫ କୋଟିର ପ୍ରକଳ୍ପ ଭେଟିଦେଲେ କେନ୍ଦ୍ର ମନ୍ତ୍ରୀ

# ପ୍ରକଳ୍ପ ବଦଳାଇବ ଲୋକଙ୍କ ଜୀବନଶୈଳୀ



**ମଜଭୁତ ହେବ ସ୍ଥାନୀୟ ଅର୍ଥନୀତି**

**କୁଚିଣ୍ଡାରେ ହେବ ୧୦୦ ଶଯ୍ୟା ବିଶିଷ୍ଟ ଉପଖଣ୍ଡ ଚିକିତ୍ସାଳୟ**

**୫.୧୪ କୋଟିର ଦୁଇ ବହୁମୁଖୀ କଲ୍ୟାଣ ମଣ୍ଡପ ଲୋକାର୍ପିତ**

**'ଲଙ୍କା ଚାଷ'କୁ ମିଳିବ ବ୍ୟାବସାୟିକ ପ୍ରୋତ୍ସାହନ**

ସମ୍ବଲପୁର/କୁଚିଣ୍ଡା/ବାମରା,୧୪।୪(ସଂଚାର ବ୍ୟୁରୋ): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଓ ସମ୍ବିଧାନପ୍ରଣେତା ବାବାସାହେବ ଡଃ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲ୍ଲା କୁଚିଣ୍ଡା, ବାମରା ଓ ଜମନକିରା ଅଞ୍ଚଳ ପାଇଁ ଏକ ବଡ଼ ବିକାଶର ଭେଟି ଦେଇଛନ୍ତି। ଶ୍ରୀ ପ୍ରଧାନ ଏହି ଅଞ୍ଚଳ ଗସ୍ତ ସମୟରେ ପ୍ରାୟ ୩୭୫ କୋଟି ୩୬ ଲକ୍ଷ ଟଙ୍କା ମୂଲ୍ୟର ୭୮ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ସହ ଲାଭାର୍ଥୀଙ୍କୁ ସରକାରୀ ଯୋଜନା ହସ୍ତାନ୍ତର କରିଛନ୍ତି।

କୁଚିଣ୍ଡା ଓ ବାମରାଠାରେ ଆୟୋଜିତ ପୃଥକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ୧୦୮ କୋଟି ୩୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଉଦଘାଟନ କରିଥିବା ବେଳେ ୨୬୭ କୋଟି ୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କୁଚିଣ୍ଡାଠାରେ ଏକ ନୂତନ ଉପଖଣ୍ଡ ଚିକିତ୍ସାଳୟ ➪ପୃଷ୍ଠା-୬

# ୫ ଦିନ ବଢ଼ିବ ସୁଭଦ୍ରା ପଞ୍ଜିକରଣ ଅବଧି!

**ବୈଷୟିକ ସମସ୍ୟା କ୍ଷେତ୍ରରେ ନିଆଯାଇପାରେ ନିଷ୍ପତ୍ତି**

ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ): 'ସୁଭଦ୍ରା' ନୂଆ ହିତାଧିକାରୀଙ୍କ ପାଇଁ ଖୁସି ଖବର। ଆହୁରି ୫ ଦିନ ବଢ଼ିପାରେ ସୁଭଦ୍ରା ପଞ୍ଜିକରଣ ଅବଧି। ଉପମୁଖ୍ୟମନ୍ତ୍ରୀ ତଥା ମିଶନ୍ ଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏପରି ସୂଚନା ଦେଇଛନ୍ତି। ଗତ ୧ରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପ୍ରମୁଖ ଯୋଜନା 'ସୁଭଦ୍ରା'ରେ ସାମିଲ୍ ହେବା ସକାଶେ ନୂଆ ହିତାଧିକାରୀମାନଙ୍କ ସକାଶେ ଆବେଦନ ତାରିଖ ଧାର୍ଯ୍ୟ କରାଯାଇଛି। ଏବେ ବି ନୂଆ ଆବେଦନକାରୀଙ୍କ ସଂଖ୍ୟା ଯଥେଷ୍ଟ କମ ଅଛି, କିନ୍ତୁ ଏବେ ବି ସମୟ ପର୍ଯ୍ୟାପ୍ତ ରହିଛି। ଯେଉଁମାନେ ୨୧ ବର୍ଷରେ ପଦାର୍ପଣ କରୁଛନ୍ତି, ସେମାନେ ଏହି ଆବେଦନ ପ୍ରକ୍ରିୟାରେ ସାମିଲ୍ ହେଉଛନ୍ତି। ଯଦି ପଞ୍ଜିକରଣରେ କୌଣସି ପ୍ରକାର ବୈଷୟିକ ସମସ୍ୟା ରହୁଛି, ତା''ହେଲେ ସେ କ୍ଷେତ୍ରରେ ଆବେଦନ ଅବଧିକୁ ଆହୁରି ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ରହସ୍ୟରେ ରହିଗଲା ସସ୍ମିତଙ୍କ ଇସ୍ତଫା

### ୱାକଫ୍ ବିବାଦରେ ହୋଇନଥିଲା କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ): ବିଜେଡିର ବରିଷ୍ଠ ନେତା ଡକ୍ଟର ସସ୍ମିତ ପାତ୍ର ହଠାତ୍ ରାଜ୍ୟସଭାରେ ଦଳର ନେତା ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ଦଳର ଅନ୍ୟତମ ନେତା ମାନସ ରଞ୍ଜନ ମଙ୍ଗରାଜ ରାଜ୍ୟସଭାରେ ଦଳର ମଙ୍ଗ ଧରିଛନ୍ତି। ହେଲେ ସସ୍ମିତଙ୍କ ଭଳି ଅନୁଭବୀ ନେତା ଅଚାନକ ଇସ୍ତଫା ଦେବା କାରଣ ଏବେ ବି ରହସ୍ୟ ଘେରରେ। କ'ଣ ପାଇଁ ସେ ରାଜ୍ୟସଭାର ନେତା ପଦରୁ ଇସ୍ତଫା ଦେଲେ, ତାହା ଅନେକ ଜାଣିବାକୁ ଉତ୍ସୁକ।

ଡକ୍ଟର ପାତ୍ର ୨୦୧୯ ମସିହାରେ ପ୍ରଥମ ଥର ପାଇଁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ୨୦୨୨ ମସିହାରେ ବିଜେଡି ତାଙ୍କ ଉପରେ ଭରସା କରି ତାଙ୍କୁ ଦ୍ୱିତୀୟ ଥର ପାଇଁ ରାଜ୍ୟସଭାକୁ ପଠାଇଥିଲା। ରାଜ୍ୟସଭାରେ ଉତ୍ତମ ପ୍ରଦର୍ଶନ ପାଇଁ ସସ୍ମିତ ଦୁଇ ଦୁଇ ଥର ରାଜ୍ୟସଭାର ଅଧିଷ୍ଠାତା ମଣ୍ଡଳୀ ତାଲିକାରେ ସ୍ଥାନ ପାଇଥିଲେ। ରାଜ୍ୟସଭାର ସଦସ୍ୟ ଭାବେ ଡକ୍ଟର ପାତ୍ର ଅଫିସ ଅଫ୍ ପ୍ରଫିଟ୍‌ର ସଦସ୍ୟ, ଶିକ୍ଷା କମିଟି, ମହିଳା କମିଟି, ଶିଶୁ, ଯୁବ ଓ କ୍ରୀଡ଼ା ବ୍ୟାପାର, ସଦାଚାର କମିଟି, ବୈଦେଶିକ ବ୍ୟାପାର କମିଟି, ଆଇନ୍ ଓ ନ୍ୟାୟ ଆଦି ଏକାଧିକ କମିଟିରେ ସଦସ୍ୟ ଭାବେ ସ୍ଥାନ ପାଇଥିଲେ। ୨୦୨୦ ଓ ୨୦୨୨ରେ ଦୁଇ ଥର ପାଇଁ ସେ ଅଧିଷ୍ଠାତା ମଣ୍ଡଳୀ ତାଲିକାରେ ରହି ଗୃହ ପରିଚାଳନାରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ।

ରାଜ୍ୟସଭାରେ ଓଡ଼ିଶା ପ୍ରସଙ୍ଗ ଉଠାଇବାରେ ସସ୍ମିତ କୌଣସି ଅବହେଳା କରି ନ ଥିବା ବେଳେ ଦଳ ପକ୍ଷରୁ ମଧ୍ୟ କୌଣସି ଅଭିଯୋଗ ନ ଥିଲା। ଯେତେବେଳେ ବିଜେପି ସାଂସଦ ନିଶିକାନ୍ତ ଦୁବେ ହଠାତ୍ ବିଜୁ ବାବୁଙ୍କ ବିରୁଦ୍ଧରେ ସଂସଦରେ ଅପମାନଜନକ ମନ୍ତବ୍ୟ ରଖିଲେ ଡକ୍ଟର ପାତ୍ର ତତ୍କାଳ ତାହାର ବିରୋଧ କରିବା ସହ ଶ୍ରୀ ଦୁବେଙ୍କ ଅଧ୍ୟକ୍ଷତାରେ ଥିବା କମିଟିରୁ ତୁରନ୍ତ ଇସ୍ତଫା ଦେଇଥିଲେ।

ଏହା ପରେ ପରେ ବିଜେଡିର ଅନ୍ୟ ସାଂସଦମାନେ ସସ୍ମିତଙ୍କ ବିରୋଧରେ ଦଳର ସଭାପତିଙ୍କ ନିକଟରେ ଫେରାଦ ହୋଇଥିବା ଚର୍ଚ୍ଚା ହେଲା। କିନ୍ତୁ ଏନେଇ କୌଣସି ସାଂସଦ ଗଣମାଧ୍ୟମରେ ମୁହଁ ଖୋଲି ନ ଥିଲେ। ତା'ର ଦିନକ ପରେ ଡକ୍ଟର ପାତ୍ର ରାଜ୍ୟସଭାରେ ବିଜେଡିର ନେତା ପଦରୁ ଇସ୍ତଫା ଦେଲେ। କ'ଣ ପାଇଁ ଇସ୍ତଫା ଦେଲେ ତାହାର କାରଣ ସମ୍ପର୍କରେ ସେ କିଛି ବି କହିଲେ ନାହିଁ। ➪ପୃଷ୍ଠା-୬

## ଡହଡହ ଖରାରେ କୃଷ୍ଣ ମେଣ୍ଟାଉଛନ୍ତି ପକ୍ଷୀଙ୍କ ତୃଷ୍ଣା



ଆଳି, ୧୪।୪ (ସଂଚାର ବ୍ୟୁରୋ): ଓଡ଼ିଆ ନବ ବର୍ଷ ମହାବିଷୁବ ପଣା ସଂକ୍ରାନ୍ତିରେ ଗଛରେ ଠେକି ବାନ୍ଧି ଜଳ ଦେଇ ପକ୍ଷୀ ଙ୍କ ତୃଷ୍ଣା ମେଣ୍ଟାଉଛନ୍ତି କୃଷ୍ଣ।ଗ୍ରୀଷ୍ମ ପ୍ରବାହରୁ ଛକ ଛକରେ ଲୋକେ ପାଇଁ ପଣା ଓ ଦାହିର ବ୍ୟବସ୍ଥା କରାଯାଉଛି କିନ୍ତୁ ପକ୍ଷୀ ଏବେ ପାଣି ପାଇଁ ତ୍ରାହି ତ୍ରାହି ଡାକୁ ଥିବା ବେଳେ। ଆଳି ବ୍ଲକ୍ ନିଆଳ ପଞ୍ଚାୟତ ରାଧାନଗର ର କୃଷ୍ଣ ଚନ୍ଦ୍ର ବାରିକ ଗଭାଡ଼ିଆ ରାସ୍ତା ପାର୍ଶ୍ୱ ଗଛରେ ଠେକି ବାନ୍ଧି ଜଳ ଦେବା ସହ ପକ୍ଷୀଙ୍କ ତୃଷ୍ଣା ମେଣ୍ଟେଇବାକୁ ଅଣ୍ଟା ଭିଡିଛନ୍ତି।ଯାହାକି ପକ୍ଷୀଙ୍କ ସେବାରେ ନିଜକୁ ସମର୍ପିତ କରିଥିବା ବେଳେ ଚର୍ଚ୍ଚା ରେ କୃଷ୍ଣଚନ୍ଦ୍ର ବାରିକ। ଅନ୍ୟପଟେ କୃଷ୍ଣ ଙ୍କ ପେସା ରେ ଛୋଟ ବ୍ୟବସାୟ । କିନ୍ତୁ ନିଶା ପଶୁ ପକ୍ଷୀଙ୍କ ସେବା କରିବା। ଡହ ଡହ ଖରାରେ ଡହଳ ବିକଳ ହେଉଥିବା ପଶୁ ପକ୍ଷୀ ମାନଙ୍କ ସେବା କୁ ପାଥେୟ କରି ପକ୍ଷୀ ମାନଙ୍କ ପାଇଁ ନିଆଳ ଗଭାଡ଼ିଆ ରାସ୍ତାରେ ଥିବା ଗଛରେ ଠେକି ବାନ୍ଧିଥାନ୍ତି।ପ୍ରତ୍ୟେକ ଦିନ ଠେକିରେ ପାଣି ଦେଇ ପକ୍ଷୀମାନଙ୍କ ତୃଷା ମେଣ୍ଟାଇ ଥିବାରୁ ପ୍ରଶଂସା ର ପାତ୍ର ହୋଇପାରିଛନ୍ତି।ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ଏହି ପ୍ରୟାସ ଜାରି ରଖିଛନ୍ତି । ଏନେଇ ବିଭିନ୍ନ ମହଲରୁ ପ୍ରଶଂସା ର ସୁଅ ଛୁଟୁ ଥିବା ବେଳେ କୃଷ୍ଣ କହିଛନ୍ତି ସମସ୍ତେ ନିଜ ନିଜ ଛାତରେ ପକ୍ଷୀଙ୍କ ପାଇଁ ଜଳର ବ୍ୟବସ୍ଥା କରିବାକୁ ।

## ପଟ୍ଟାମୁଣ୍ଡାଇରେ ଆମ୍ବେଦକର ଜୟନ୍ତୀ



ପଟ୍ଟାମୁଣ୍ଡାଇ,୧୪।୪ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇର ବିଭିନ୍ନ ସଂଗଠନ ପକ୍ଷରୁ ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆମ୍ବେଦକର ସ୍ମୃତି ସଂସଦ ପକ୍ଷରୁ ବାଇପାସ ଛକ ଠାରେ ଥିବା ଆମ୍ବେଦକର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଜୟନ୍ତୀ ପାଳନ କରାଯାଇଥିଲା । ଆମ୍ବେଦକର ସ୍ମୃତି ସଂସଦ ସଭାପତି ବାରେଣୀ ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ଜୟନ୍ତୀ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ,ସ୍ମୃତି ସଂସଦ ସମ୍ପାଦକ କାଉନସିଲର ଗୋପୀବଲ୍ଲଭ ନାୟକ, ଓକିଲ ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ ଇଂ ତପନ ପାତ୍ର, ସତ୍ୟପ୍ରିୟ ସାମଲ, ମିଟୁ ମନୋଜ ନାୟକ,ଗୋବିନ୍ଦ ସେଠୀ ରବୀନ୍ଦ୍ର ପାତ୍ର,ରାମ ଚନ୍ଦ୍ର ସାହୁ ଦଳିତ ନେତା କଲ୍ପତରୁ ମଲିକ ,ଦିଲ୍ଲୀପ ମଲିକ, ଶମ୍ଭୁ ନାଥ ମଲ୍ଲିକ, ମଳୟ ମଲିକ ଉତ୍ତମ ମଲିକ ବିଷ୍ଣୁ ମଲିକ, ପ୍ରଶାନ୍ତ ସ୍ୱାଇଁ,ରମେଶ ମାଝୀ,କୁଞ୍ଜ ମଲିକ, ଖଗେଶ୍ୱର ମଲିକ,ଜନକର ମଲିକ ପ୍ରଦୀପ ମଲିକ ସେକ ଜାକିର ହୁସେନ ଅକ୍ଷୟ ମଲିକ ପଦନ ସେଠୀ ବିକ୍ରମ ମଲିକ, ପ୍ରଭାତ ମଲିକ, ମନୋରଞ୍ଜନ ଜେନା ଓ ପୂର୍ଣ୍ଣ ମଲିକ ଯୋଗ ଦେଇ ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ସ୍ମୃତି ଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥି ସହିତ ସ୍ମୃତି ସଂସଦ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା

## ସାହିତ୍ୟିକ ବାସୁଦେବ ଦାସଙ୍କ ପତ୍ନୀ ବିୟୋଗ



କେନ୍ଦ୍ରାପଡ଼ା, ୧୪।୪ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସହରର ସମାଜସେବୀ ତଥା ବିଶିଷ୍ଟ ଗବେଷକ, ସାହିତ୍ୟିକ ଡ଼. ବାସୁଦେବ ଦାସଙ୍କ ପତ୍ନୀ କାଦମ୍ବିନୀ ଦାସଙ୍କ ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟିକା ଡ଼. ସିପ୍ରା ମଲ୍ଲିକ, କବି ଅନ୍ନପୂର୍ଣ୍ଣା ମହାନ୍ତି, କବି ଅପର୍ଣ୍ଣା ମହାନ୍ତି, ପୂର୍ବତନ କାଉନସିଲର ହିରଣ୍ୟ ପଣ୍ଡା, ପ୍ରଫେସର ନନ୍ଦ କିଶୋର ପରିଡ଼ା, ଆଇନଜୀବୀ ସରୋଜରାଜ ସିଂହ, ସାହିତ୍ୟ ସଂସଦ ସମ୍ପାଦକ ଶୁଭାଂଶୁ ଦାସ, ପ୍ରଦୀପ ଦାସ, ସଞ୍ଜୟ ଜେନା, ଆଦିକନ୍ଦ ରାଉଳ, କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ସିପିଆଇ ନେତା ରମଣୀ ରଞ୍ଜନ ରାଉତରାୟ, ମୁକ୍ତାର ଖାଁ, ଅଶୋକ ସାହୁ, ଅଜୟ ଦାସ, ଅମୂଲ୍ୟ ଦାସ, ତ୍ରିଲୋଚନ ପାଣ୍ଡବ, ପ୍ରଭାତ ଅଧିକାରୀ, ଡ଼. ଅଶୋକ ହୋତା, ବିଷ୍ଣୁ ଚରଣ ସାମଲ ପ୍ରମୁଖ ତାଙ୍କ ଜଇପୁରା ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେ ୧୯୬୪ ମସିହାରେ ଛାତ୍ରୀ ଜୀବନରେ ସର୍ବ ଭାରତୀୟ କଂଗ୍ରେସ ସମ୍ମିଳନୀରେ ଜଣେ ସ୍ୱେଚ୍ଛାସେବୀ ଭାବେ ଯୋଗ ଦେଇଥିଲେ । ସେ ହେଉଛନ୍ତି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଚଢେଇଗୁହାଁ ନିବାସୀ ଅନନ୍ତ ଚରଣ ବାହାଲିଆଙ୍କ କନିଷ୍ଠ କନ୍ୟା ଓ ବିଷ୍ଣୁ ପ୍ରସାଦ ବାହାଲିଆ ଓ ନାରାୟଣ ପ୍ରସାଦ ବାହାଲିଆଙ୍କ କନିଷ୍ଠ ଭଗ୍ନୀ । ମହାକାଳପଡ଼ା ଅଞ୍ଚଳରେ ସେ ଥିଲେ ପ୍ରଥମ ମାଟ୍ରିକ ପାସ ଛାତ୍ରୀ । ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ଡ଼. ଦାସ, ପୁଅ ସତ୍ୟବ୍ରତ, ଝିଅ କାନନିକା, ଲିଲିମା, ସାଗରିକା, ଆତିତିକା, ଦେଢଶୁର ମାଧବ ଦାସ, ପୁତୁରା ଶୁଭଙ୍କର ବାହାଲିଆ, ଦିଅର ଅଜୟ ଦାସ, ବୋହୂ ପ୍ରଜ୍ଞା ପାରମିତା, ଜ୍ୱାଇଁ, ନାତି, ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ସତ୍ୟବ୍ରତ ମୁଖାଗ୍ନି ଦେଇଥିଲେ। ବାସୁଦେବ ଦାସଙ୍କ ଶିକ୍ଷା ଓ ସାହିତ୍ୟ ସାଧନାର ପ୍ରେରଣା ଦାୟିନୀ ।

### ପାଟକୁରା ବିଜେଡିକୁ ଶକ୍ତ ଝଟ୍‌କା

# ଦଳ ଛାଡ଼ିଲେ ଗରଦପୁର ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସମେତ ଶତାଧିକ କର୍ମୀ

କେନ୍ଦ୍ରାପଡ଼ା/ଗରଦପୁର,୧୪।୪ (ସଂଚାର ବ୍ୟୁରୋ): ପାଟକୁରା ବିଜେଡିକୁ ବଡ଼ ଝଟ୍‌କା ଲାଗିଛି। ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସମେତ ବିଜେଡି ସମର୍ଥିତ ୨୧ ସରପଞ୍ଚ, ସମିତିସଭ୍ୟ ଓ ଶତାଧିକ ସକ୍ରିୟ କର୍ମୀ ଦଳ ଛାଡ଼ିଛନ୍ତି। ବିଜେଡିରୁ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନକୁ ବିରୋଧ କରି ଏମାନେ ଦଳ ଛାଡ଼ିଛନ୍ତି । ଦଳ ଛାଡ଼ିଥିବା ଲୋକ ପ୍ରତିନିଧିଙ୍କ ମଧ୍ୟରେ ୧୮ଟି ପଞ୍ଚାୟତର ୧୧ଜଣ ସରପଞ୍ଚ ଥିବା ବେଳେ ୧୦ଜଣ ସମିତିସଭ୍ୟ ଅଛନ୍ତି।

ବିଜେଡିଗତ ଜାନୁଆରି ୧୫ରେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଥିଲା। ନିଲମ୍ବନକୁ ବିରୋଧ କରି ବିଧାୟକଙ୍କ ସମର୍ଥକମାନେ ଡେରାବିଶ ଓ ଗରଦପୁର ବ୍ଲକ୍‌ରେ ପୃଥକ୍ ସଭା ଓ ସାମ୍ବାଦିକ ସମ୍ମିଳନୀ କରି ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ । ଏପରିକି



ସମର୍ଥକମାନେ ଭୁବନେଶ୍ୱର ଶଙ୍ଖ ଭବନ ଆସି ନିଷ୍ପତ୍ତିର ପୁନଃବିଚାର କରିବାକୁ ଦାବି କରିଥିଲେ। ହେଲେ ଅରବିନ୍ଦ ପାଟକୁରାବାସୀଙ୍କୁ ହଇରାଣ କରିଥିବା ଅଭିଯୋଗ ଆଣି ନିଲମ୍ବନ ନିଷ୍ପତ୍ତିକୁ ଯୁକ୍ତିଯୁକ୍ତ ଦର୍ଶାଇଥିଲେ ବିଜେଡି ସଭାପତି ନବୀନ ପଟ୍ଟନାୟକ ସେବେଠୁ ପାଟକୁରା ବିଜେଡି ରାଜନୀତିରେ ହଟଚମଟ ଲାଗି ରହିଥିଲା।

କଳାବୁଦା କଲ୍ୟାଣମଣ୍ଡପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ଆମେ ବିଧାୟକଙ୍କ ସହିତ ରହିଛୁ, ରହିବୁ ତାଙ୍କ ସାଥୀରେ ବ୍ୟାନର ତଳେ ଏକାଠି ହୋଇ ବିଜେଡିରୁ ସମୂହ ଇସ୍ତଫା ଦେଇଛନ୍ତି। ଗୋଟିଏପଟେ ବିଧାୟକଙ୍କ ନିଲମ୍ବନ ପରେ ପାଟକୁରା ପାଇଁ ଜଣେ ଭଲ ନେତା ଦିଆଯିବ ବୋଲି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କହିଥିବା ବେଳେ ଆଜି ବିଧାୟକଙ୍କ ସମର୍ଥନରେ ଲୋକପ୍ରତିନିଧିଙ୍କ ସମେତ ଶତାଧିକ କର୍ମୀ ଦଳ ଛାଡ଼ିବା ଘଟଣା ପାଟକୁରା ବିଜେଡି ସଂଗଠନକୁ ଆହୁରି ଦୁର୍ବଳ କରିଦେଇଛି ।

ଅନୁରୂପ ଭାବେ ଆଗାମୀ ଦିନରେ ଡେରାବିଶ ବ୍ଲକ୍‌ରେ ଏଭଳି ଇସ୍ତଫା ପର୍ବ ହେବ ବୋଲି ବିଧାୟକ ସମର୍ଥକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିଜେଡି ଜିଲ୍ଲା ସଭାପତି ଶିବପ୍ରସାଦ ଭଳ ଗଣମାଧ୍ୟମକୁ କହିଛନ୍ତି ଯେ ଆଜି ଇସ୍ତଫା ଦେଇଥିବା ଲୋକପ୍ରତିନିଧି ଓ ସକ୍ରିୟ କର୍ମୀମାନଙ୍କ କାର୍ଯ୍ୟକଳାପ ଗତ ୨୦୨୪ ସାଧାରଣ ନିର୍ବାଚନରେ ସନ୍ଦେହଜନକ ଥିଲା। ତେଣୁ ସେମାନଙ୍କ ଇସ୍ତଫା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ।

## ହଂସୁଆ ନଦୀରୁ ମୃତ କୁମ୍ଭୀର ଉଦ୍ଧାର



ରାଜନଗର, ୧୪।୪ (ସଂଚାର ବ୍ୟୁରୋ): ରାଜନଗରରେ ପ୍ରବାହିତ ହଂସୁଆ ନଦୀରୁ ୧୧ ଫୁଟ ୩ ଇଞ୍ଚର ମୃତ କୁମ୍ଭୀର ଉଦ୍ଧାର କରାଯାଇଛି । ମୃତ କୁମ୍ଭୀରଟି ପୁରୁଷ ହୋଇଥିବା ବେଳେ ବାମ ଗୋଡ ନଥିବାରୁ କୁମ୍ଭୀର ଲଢେଇରୁ ତାଙ୍କର ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହଂସୁଆ ନଦୀର ସାନଓର ନିକଟରେ କୁମ୍ଭୀର ଭାସୁଥିବା ଗତକାଲି ସନ୍ଧ୍ୟାରେ ଲୋକେ ବନବିଭାଗକୁ ଖବର ଦେଇଥିଲେ । ବନବିଭାଗ ଟିମ ବୋଟ ଯୋଗେ ସେଠାରେ ପହଞ୍ଚି ମୃତ କୁମ୍ଭୀରକୁ ଉଦ୍ଧାର କରି ସଂସାରଫଳସ୍ଥିତ ରାଜନଗର ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରକାଶ କୁମାର ଜେନାଙ୍କ ନେତୃତ୍ୱରେ ୪ ଜଣିଆ ଟିମ ମୃତ କୁମ୍ଭୀରର ବ୍ୟବଚ୍ଛେଦ କରିଥିଲେ। ଏହି ମୃତ ପୁରୁଷ କୁମ୍ଭୀରର ବାମ ଗୋଡ ନଥିବା ବେଳେ। ବର୍ତ୍ତମାନ କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ ହୋଇଥିବାରୁ କୁମ୍ଭୀର କୁମ୍ଭୀର ଲଢେଇରୁ ବାମ ଗୋଡ କଟିବା ସହ ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

## ମା' ମାଟିଆ ମଙ୍ଗଳାଙ୍କ ପୀଠରେ ମହାବିଷୁବ ସଂକ୍ରାନ୍ତି

### ମା'ଙ୍କୁ ଦର୍ଶନ କଲେ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ

ରାଜନଗର,୧୪।୪ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକର ସର୍ବ ପୁରାତନ ବାରଗାଁର ମା' ମାଟିଆମଙ୍ଗଳା ଶକ୍ତି ପୀଠରେ ଆଜି ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି । ରାଜନଗର ସମେତ ପଟ୍ଟାମୁଣ୍ଡାଇ, ମହାକାଳପଡା, ଆଳି, ରାଜକନିକା ପ୍ରଭୃତି ଅଂଚଳରୁ ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିଥିଲେ ।

ମା' ମାଟିଆମଙ୍ଗଳା ଉନ୍ନୟନ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଷୁବ ସଂକ୍ରାନ୍ତି ପାଳନ କରାଯାଇଥିଲା । ମା'ଙ୍କ ପୀଠରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଆଇଆଇସି ନରେଶ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୁଲିସ କର୍ମଚାରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ମା'ଙ୍କ ବାର୍ଷିକ ଉତ୍ସବରେ ଲୋକଙ୍କ ଭିଡକୁ ଦୃଷ୍ଟିରେ ରଖି ତୋରଣ ବ୍ୟବସ୍ଥା କରାଯାଇଛି।



ମା'ଙ୍କ ମନ୍ଦିରକୁ ଫୁଲ ଓ ଲାଇଟରେ ସୁସଜ୍ଜିତ କରା ଯାଇଥିଲା । କାହିଁ କେଉଁ ଅନାଦି କାଳରୁ ବ୍ରାହ୍ମଣୀ ନଦୀ କୂଳରେ ମା' ମାଟିଆମଙ୍ଗଳା ପୂଜା ପାଇ ଆସୁଛନ୍ତି । ନଦୀର କରାଳ ଗ୍ରାସରେ ତଟକ୍ଷୟ ଯୋଗୁଁ ମା'ଙ୍କ ପୁରାତନ ମନ୍ଦିରରେ ନଦୀ ଗର୍ଭକୁ ଚାଲିଗଲା ପରେ ଏବେ ନୂତନ ମନ୍ଦିରରେ ମା' ପୂଜା ପାଇ ଆସୁଛନ୍ତି । ମା'ଙ୍କ ପୂଜାନୀତି ଓ କିମ୍ବଦନ୍ତୀ ସାରା ଓଡିଶାରେ ବିରଳ। ଅନ୍ୟାନ୍ୟ ଶକ୍ତିପୀଠରେ ବ୍ରାହ୍ମଣମାନେ ପୂଜାପାଠ କରୁଥିବା ବେଳେ ଏଠାରେ ରାଉଳ ସଂପ୍ରଦାୟର ଭକ୍ତମାନେ ମା'ଙ୍କୁ ପୂଜାର୍ଚ୍ଚନା କରି ଆସୁଛନ୍ତି । ମା'ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସହିତ ନେତାଙ୍କ ଭିଡ ଜମିଥିଲା । କେନ୍ଦ୍ରପଡା ସାଂସଦ ବୈଜୟନ୍ତ ପଣ୍ଡା , ବିଧାୟକ ଧ୍ରୁବ ଚରଣ ସାହୁ , ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି , ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ବିଜେପି ନେତା ଲଳିତ କୁମାର ବେହେରା, ଓଡିଶା ଜନତା କଂଗ୍ରେସ ପାର୍ଟିର ନେତା ଅଶୋକ କୁମାର ପ୍ରତିହାରୀ,କଂଗ୍ରେସ ନେତା ପ୍ରଶାନ୍ତ କୁମାର ରାଉତ ,ଶ୍ରୀରାମ ସେନା ସଭାପତି ସାରଦା କୁମାର ରାଉତ, ବିଜେପି ଯୁବନେତା ଦିଲ୍ଲୀପ ରଞ୍ଜନ ପାଳ, ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ପ୍ରମୁଖ ମାଙ୍କ ପୀଠରେ ପହଞ୍ଚି ଦର୍ଶନ କରିଥିଲେ ।

## ହନୁମାନ ଜୟନ୍ତୀରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ,୧୪।୪ (ସଂଚାର ବ୍ୟୁରୋ): ମହା ବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଅବସରରେ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗଦଳ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଏମ ଏନ୍ ହାଇସ୍କୁଲ ପଡ଼ିଆ ଠାରୁ ବାହାରିଥିଲା। ବିଶ୍ୱହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡା ଓ ବଜରଙ୍ଗ ଦଳ ସଂଯୋଜକ ଚନ୍ଦ୍ରକାନ୍ତ ଖଣ୍ଡାଈଙ୍କ ନେତୃତ୍ୱରେ ଶତାଧିକ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଓ କର୍ମୀ ଶୋଭାଯାତ୍ରାରେ ବାହାରି ପଟ୍ଟାମୁଣ୍ଡାଇ ମେଡିକାଲ ଛକ, କେନାଲ ପୋଲ ଛକ ଓ ଆମ୍ବେଦକର ଛକ ଦେଇ ସହର ପରିକ୍ରମା କରିବା ପରେ ଶୋଭାଯାତ୍ରା ପୁନର୍ବାର ଏମ ଏନ୍ ହାଇସ୍କୁଲ ପଡିଆ ଠାରେ ପହଞ୍ଚିଥିଲା।

ବିଶ୍ୱହିନ୍ଦୁ ପରିଷଦର ଉପ -ସଭାପତି ଆମ୍ବୁଜ ଭୂଷଣ ନାୟକ ସମ୍ପାଦକ ସନାତନ ମହାନ୍ତି ସହ - ସମ୍ପାଦକ ଅଜିତ ମଲିକ ବଜରଙ୍ଗ ଦଳ



ସହ - ସଂଯୋଜକ ସଞ୍ଜୟ ମଲିକ, ସୂର୍ଯ୍ୟକାନ୍ତ ବେହେରା, ବଳ ଉପାସନା ପ୍ରମୁଖ ବଳରାମ ମଲିକ ,ସୁରକ୍ଷା ପ୍ରମୁଖ ସମ୍ବେଶ କୁମାର ପ୍ରଧାନ, ଗୋ ରକ୍ଷା ପ୍ରମୁଖ ପାତନ ମଲିକ, ବିଶ୍ୱହିନ୍ଦୁ ପରିଷଦ ଦୁର୍ଗାବାହିନୀ ସଂଯୋଜିକା ଶ୍ରୀୟା ମହାନ୍ତି, ସତ୍ ସଙ୍ଗ ପ୍ରମୁଖ ପ୍ରିୟବ୍ରତ ଦାଶ, ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଆଦିତ୍ୟ ସିଂହ, ମନ୍ଦିର ଓ ଅର୍ଚ୍ଚକ ପୁରୋହିତ ସମ୍ପର୍କ ପ୍ରମୁଖ ପ୍ରମୋଦ କୁମାର ସ୍ୱାଇଁ, ଧର୍ମ ପ୍ରସାର ପ୍ରମୁଖ ପ୍ରଶାନ୍ତ କୁମାର ମହାପାତ୍ର, ସେବା ପ୍ରମୁଖ ତପନ କୁମାର ବେହେରା ,ପ୍ରଚାର ପ୍ରସାର ପ୍ରମୁଖ ପ୍ରଭୁଦତ୍ତ ଦାଶ, ମାତୃଶକ୍ତି ସଂଯୋଜିକା କାମିନୀ ତରାଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରା ରେ ସମୀର ଦାସ, ଶଶିକାନ୍ତ ସ୍ୱାଇଁ, ବ୍ରଜ ସାହୁ, ଚନ୍ଦ୍ର ଶେଖର ରାଉତ, ଉପେନ୍ଦ୍ର ମଲିକ, ସୁଶାନ୍ତ ବାରିକ, ଉତ୍କଳେନ୍ଦୁ କୁଣ୍ଡ ପ୍ରମୁଖ ବହୁ ପୁରାତନ, ନୂତନ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗଦେଇଥିଲେ। ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମୀ ମାନେ ଜୟ ଶ୍ରୀରାମ ନାରା ଦେଇ ସହର ପରିକ୍ରମା କରିଥିଲେ।

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଶ୍ରୀମତୀ ବନ୍ଦନା ପାତ୍ର ପୋଲିସ ବାହିନୀ ସହିତ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ବିଜେପି ପକ୍ଷରୁ ପ୍ରଶିକ୍ଷଣ ଶିବିର



ମାହାଙ୍ଗା, ୧୪।୪ (ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟି ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ୨୦୨୬ ସାରା ରାଜ୍ୟରେ ଅନୁଷ୍ଠିତ ହେଉଛି। ଦୀନଦୟାଲ ଉପାଧ୍ୟାୟ ଦେଇଯାଇଥିବା ଦିଗଦର୍ଶନକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଭାଜପା ପକ୍ଷରୁ ପ୍ରତ୍ୟେକ ମଣ୍ଡଳ ସ୍ତରରେ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଉଥିବା ବେଳେ ଏହି ପରିପେକ୍ଷୀରେ କଟକଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଭଦ୍ରେଶ୍ୱର ମଣ୍ଡଳ ପକ୍ଷରୁ ଏରକଣା ସ୍ଥିତ ଗୋକନ କଲ୍ୟାଣ ମଣ୍ଡପରେ ଏକ ପ୍ରଶିକ୍ଷଣ ଶିବରର ଅଯୋଜନ କରାଯାଇଥିଲା। ବିଜେପି ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଉପସଭାପତି ସନ୍ତୋଷ କୁମାର ସିଂ, ତୁଷାରାକାନ୍ତ ମହାପାତ୍ର, ପ୍ରକାଶ ଚନ୍ଦ୍ର ନାୟକ,ସୁମିତ୍ରା ମାଝୀ, ଗୋକୁଳାନନ୍ଦ ପଣ୍ଡା,ଚିତରଞ୍ଜନ ଲେଙ୍କା, ତ୍ରିଲୋଚନ ପ୍ରହରାଜ, ନିଗମାନନ୍ଦ ଖଟୁଆ, ବଂଶୀଧର ନାଥ, ଶ୍ରୀନିବାସ ଭୂୟାଁ ପ୍ରମୁଖ ଯୋଗଦେଇ ଦଳୀୟ ନୀତି ଆଦର୍ଶକୁ ମାନି କାର୍ଯ୍ୟ କରିବାକୁ ଦୃଢ ପ୍ରତିଜ୍ଞା କରିଥିଲେ।

## କଳାକ୍ଷେତ୍ର ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ



କେନ୍ଦ୍ରାପଡ଼ା,୧୪।୪(ସଂଚାର ବ୍ୟୁରୋ): କଳାକ୍ଷେତ୍ର ନରସିଂହପୁର ଗ୍ରାମରେ ଓଡିଶା କଳାକ୍ଷେତ୍ର ପକ୍ଷରୁ ଓଡିଆ ନବବର୍ଷ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଳାକ୍ଷେତ୍ରର କେନ୍ଦ୍ରାପଡା ଜିଲ୍ଲା ସଭାପତି ବ୍ରଜବନ୍ଧୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାମ୍ବାଦିକ ସୁଦର୍ଶନ ମହାପାତ୍ର ମୁଖ୍ୟଅତିଥି, ଓଡିଶା ଭାଗବତ ପ୍ରଚାର ସମିତି, ପଟ୍ଟାମୁଣ୍ଡାଇର ବ୍ଲକ ସଭାପତି ବିଦ୍ୟାଧର ମହାନ୍ତି, ପ୍ରବଚକ ଶରତ ଚନ୍ଦ୍ର ସିଂହ, ନାଟ୍ୟ ନିର୍ଦ୍ଦେଶକ ଭୀମସେନ ପ୍ରଧାନ, ପାଲାଗାୟକ ଗୋଲଖି ବେହେରା, ଡେରାବିଶ କଳାପରିଷଦ ସଭାପତି ଶାନ୍ତନୁ କୁମାର ଦାସ, କଳାକାର ବିଜୟ ରଥ, କୀର୍ତ୍ତନ ମଣ୍ଡଳୀ ସଭ୍ୟା ମିନର୍ଭା ରାଉତ, ଭାଗବତ ଟୁଙ୍ଗୀ ସଭାପତି ରବୀନ୍ଦ୍ର ମହାରଣା ଓ ସମ୍ପାଦିକା ବେବିନା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡିଆ ନବବର୍ଷ ପାଳନର ଆବଶ୍ୟକତା ଓ ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରଦ୍ୟୁମ୍ନ ମଲିକ ହନୁମାନଙ୍କ ବେଶରେ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଝୋଟୀ, ହୁଳହୁଳି ଓ ପିଠା ପ୍ରଦର୍ଶନୀର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

## ଗୁରୁବାରୀ ପରିବାର ପାଇଁ ସରକାରୀ ଆବାସ ସାତସପନ



କୋରେଇ,୧୪।୪ (ସଂଚାର ବ୍ୟୁରୋ): କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଂଚାୟତର ଠାକୁର ପାଟଣା ସାହି ଅଂଚଳ ସଙ୍ଗଚିଲା ମେଡିକାଲ ସମ୍ମୁଖ ରାସ୍ତା ଆରପଟେ ଚାଳ ଛପର କୁଡ଼ିଆ ଘରେ ଆଜକୁ ୩ପିଢି ହେଲା ଗୁରୁବାରୀ ମୁଣ୍ଡାଙ୍କ ପରିବାର ବସବାସ କରିଆସୁଛନ୍ତି। ଗୁରୁବାରୀଙ୍କ ସ୍ୱାମୀ ଅଜୟ ମୁଣ୍ଡା(୪୫) ବିଲବାଡ଼ି, ଅନ୍ୟ ପାଖରେ କାମ କାର୍ଯ୍ୟ କରି ପରିବାରର ପ୍ରତିପୋଷଣ କରନ୍ତି। ପିଲାଛୁଆଙ୍କ ସହ ଏଠାରେ ଜୀବନ ବିତାଉଥିଲେ ମଧ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରୁ ବଂଚିତ ରହିଛନ୍ତି। ସମ୍ବଳ ଅଭାବରୁ ଘରେ ଖଣ୍ଡେ କରିପାରୁନାହାନ୍ତି।

ଗୁରୁବାରୀଙ୍କ ପରିବାର ପାଇଁ ପକ୍କାଘର ଖଣ୍ଡିଏ ଦେଖିବାକୁ ସ୍ୱପ୍ନ ଥିଲେ ହେଁ ଏହା ବାସ୍ତବତା ଠାରୁ ବହୁ ଦୂରରେ ରହିଛି। ରାତି ପାହିଲେ ଘର ଚଳିବା ଚିନ୍ତା ବଡ଼ ହୋଇଛି। ଏହି ପରିବାର ପାଇଁ ସରକାରଙ୍କ ଆବାସ ଗୃହ ସାତସପନ ହୋଇରହିଛି। ଏହି ପରିବାରକୁ ଦେଖିଲେ ଜଣାପଡୁଛି ବସୁନ୍ଧରା ଯୋଜନା ଅପହଂଚ ହୋଇଯାଉଛି। ଏପରି ପରିବାରକୁ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରେ ସାମିଲ କରାଇ ଘରଖଣ୍ଡେ କରିବା ଲାଗି ବ୍ଲକ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ପରିବାର ପକ୍ଷରୁ ଦାବି କରାଯାଇଛି।

# ଫ୍ଲାଇଓଭର ରାସ୍ତା ଜବରଦଖଲ, ଯାତାୟାତ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଯୋଡ଼ା,୧୪।୪ (ସଂଚାର ବ୍ୟୁରୋ): ଯୋଡ଼ା ଥାନା ଆନ୍ତର୍ଗତ କମରଯୋଡ଼ା ସ୍ଥିତ ନବନିର୍ମିତ ଫ୍ଲାଇଓଭର ଏବେ ଲୋକଙ୍କ ପାଇଁ ସୁବିଧାରୁ ବହୁତ ଅଧିକ ସମସ୍ୟାର କାରଣ ହୋଇପଡ଼ିଛି। କମରଯୋଡ଼ା ଠାରୁ ଗୁରୁବେଡା ସ୍ୱାଗତମ ଯୋଡ଼ା ଗେଟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଭାରୀ ଯାନ ଅନିୟମିତ ଭାବରେ ଛିଡା ରହୁଥିବାରୁ ଯାତାୟାତ ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ବିଘ୍ନିତ ହୋଇଯାଉଛି।

ସ୍ଥାନୀୟ ତଥ୍ୟ ଅନୁଯାୟୀ, ଭାରୀ ଯାନଗୁଡ଼ିକ ଦିନର ପ୍ରାୟ ସମସ୍ତ ସମୟରେ ଏହି ରାସ୍ତାକୁ ଦଖଲ କରି ରଖୁଛନ୍ତି। ଏହାର ପରିଣାମରେ ରାସ୍ତା ଅତ୍ୟନ୍ତ ସଂକୁଚିତ ହୋଇପଡୁଛି ଓ ଦୁଇ ପଟେ ଯାତାୟାତ କରିବା ଅତ୍ୟନ୍ତ କଷ୍ଟକର ହେଉଛି। ସାଧାରଣ ଲୋକ, ଦୁଇଚକିଆ ଚାଳକ ଓ ପଦଯାତ୍ରୀମାନେ ପ୍ରତିଦିନ ଏହି ରାସ୍ତାରେ ଜୀବନ ଜୋଖିମରେ ଯାତାୟାତ କରୁଛନ୍ତି। ବିଶେଷକରି ସକାଳ ଓ ସନ୍ଧ୍ୟା ସମୟରେ ରାସ୍ତାର ଅବସ୍ଥା ଅଧିକ ଜଟିଳ ହୋଇଯାଉଛି।



ଏହି ସମସ୍ୟାକୁ ନେଇ ଅଞ୍ଚଳବାସୀ ବହୁବାର ଅଭିଯୋଗ କରିଥିଲେ ମଧ୍ୟ, ଏପର୍ଯ୍ୟନ୍ତ ସଠିକ ପଦକ୍ଷେପ ନିଆଯାଇନଥିବା ଦେଖାଯାଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଅନିୟନ୍ତ୍ରିତ ଭାରୀ ଯାନ ଚଳାଚଳ ଯୋଗୁଁ ବଢ଼ୁଛି ଦୁର୍ଘଟଣା ଆଶଙ୍କା। ଏହି ଭାରୀ ଯାନଗୁଡ଼ିକ ଅଧିକାଂଶ ବାହାର ରାଜ୍ୟର ଓ ସେମାନେ କୌଣସି ନିୟମକୁ ମାନୁନାହାନ୍ତି। ଯଦି କେହି ଏହାକୁ ବିରୋଧ କରନ୍ତି, ତାହାକୁ ମଧ୍ୟ ଗୁରୁତ୍ୱ ଦିଆଯାଉନାହିଁ। ଏହାର ପରିଣାମରେ ଦୈନିକ ଯାତ୍ରୀ ଓ ଅଞ୍ଚଳବାସୀମାନେ ନାନାପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଛାତ୍ରଛାତ୍ରୀମାନେ ସ୍କୁଲକୁ ଯିବା ସମୟରେ ବହୁତ ଅସୁବିଧା ଭୋଗୁଛନ୍ତି।

ସୂଚନା ମିଳିଛି ଯେ, ପୂର୍ବରୁ ମଧ୍ୟ ଏହି ଅଞ୍ଚଳରେ ଅନେକ ସଡକ ଦୁର୍ଘଟଣା ଘଟିଛି, ବିଶେଷକରି ଯୋଡ଼ା ଟାଟା ଡିଏଭି ସ୍କୁଲ ନିକଟରେ। ଯଦି ସମୟରେ ପଦକ୍ଷେପ ନିଆଯାଇନହେଲେ ଆଗାମୀ ଦିନରେ ଏକ ବଡ଼ ଦୁର୍ଘଟଣା ଘଟିପାରେ।

ଏହି ସମସ୍ୟା ସମ୍ପର୍କରେ ଯୋଡ଼ା ପୌରପାଳିକାର ପୌରାଧ୍ୟକ୍ଷ ଡ଼ଃ ଜଗଦୀଶ ପ୍ରସାଦ ସାହୁଙ୍କୁ ଅନେକଥର ଅବଗତ କରାଯାଇଥିଲେ ମଧ୍ୟ, ଏହାର କୌଣସି ସଫଳ ପରିଣାମ ଦେଖାଯାଇନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ବଢ଼ିଚାଲିଛି। ସେମାନଙ୍କ ଦାବି, ଶୀଘ୍ର ଏହି ରାସ୍ତାକୁ ଜବରଦଖଲମୁକ୍ତ କରାଯାଇ ଯାତାୟାତ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯାଉ। ଏଥିସହିତ, ଏହି ରାସ୍ତାରେ ନିୟମିତ ଟ୍ରାଫିକ ନିୟନ୍ତ୍ରଣ, ନୋ ପାର୍କିଂ ଜୋନ ଘୋଷଣା ଓ ଅବୈଧ ଭାବରେ ଗାଡ଼ି ଛିଡା କରୁଥିବା ମାଲିକମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇବାକୁ ଦାବି ହେଉଛି।

## ଭବାନୀ ଯାଦବ ସମିତି ପକ୍ଷରୁ ଲଉଡ଼ି ମହୋତ୍ସବ



ବାଲିଅନ୍ତା,୧୪।୪ (ସଂଚାର ବ୍ୟୁରୋ): ବାଲିଅନ୍ତା ପାଟଣା ଗ୍ରାମସ୍ଥିତ ମା ଭବାନୀ ଲଉଡ଼ି ସମିତିର ବାର୍ଷିକ ଲଉଡ଼ି ମହୋତ୍ସବ ବାଲିଅନ୍ତା ପଞ୍ଚାୟତର ସରପଞ୍ଚ କୃଷ୍ଣ କେଶବ ଆପଟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ଯଦୁପତି ଶ୍ରୀକୃଷ୍ଣ ଓ ଲଉଡ଼ି ଗୁରୁ ସ୍ୱର୍ଗତ ଗୋବିନ୍ଦ ଦାସଙ୍କ ପରିକୃତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍କଳ ଯାଦବ ମହାସଭାର ଉପଦେଷ୍ଟା ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା,ବାଲିଅନ୍ତା ବ୍ଲକ ଯାଦବ ମହାସଭାର ସଭାପତି ଧନେଶ୍ୱର ବେହେରା, ଶିକ୍ଷାବିତ୍ ନିଲୁ ବେହେରା, ସୁରେଶ ବେହେରା, ଶିକ୍ଷାବିତ୍ ପ୍ରସନ୍ନ କୁମାର ରାୟ ପ୍ରମୁଖ ଯୋଗ ଦେଇ ଯାଦବ ସମୁଦାୟଙ୍କ ଦ୍ୱାରା ପରିବେଷିତ ଆଧ୍ୟାତ୍ମିକ ଲୋକକଳା ଲଉଡ଼ି ବର୍ଷ ବର୍ଷ ଧରି ପରିବେଷିତ ହୋଇ ଆସୁଛି। ଏହି ଲଉଡ଼ି ଖେଳରୁ ଦାଣ୍ଡିଆ ନୃତ୍ୟ ସୃଷ୍ଟି ହୋଇଛି। ବିଗତ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥ ଯାତ୍ରା ଅବସରରେ ଆଠ ଦିନ ବ୍ୟାପୀ ରଥ ସମ୍ମୁଖରେ ଲଉଡ଼ି ନୃତ୍ୟ ପରିବେଷଣ ହୋଇଥିଲା। ଏହି ଲୋକ କଳାକୁ ବ୍ୟାପକ ଭାବେ ପ୍ରଚାର ପ୍ରସାର କରିବା ପାଇଁ ସମସ୍ତେ ସଂକଳ୍ପ କରିଥିଲେ। ଆଜିର ଉତ୍ସବରେ ଅଣ୍ଡିଲୋ, ପାଟଣା,ରାମଚନ୍ଦ୍ରପୁର,ଚନ୍ଦ୍ରଶେଖରପୁର ଓ ଜଗତସିଂପୁରର ଲଉଡ଼ି ଲୋକ ନୃତ୍ୟଦଳ ନୃତ୍ୟ ପରିବେଷଣ କରିଥିଲେ।ଏହି ଅବସରରେ ଲଉଡ଼ି କଳାକାର ମାନଙ୍କୁ ଉତ୍ତରୀୟ ମାନପତ୍ର,ଘଣ୍ଟି ଘାଗୁଡ଼ି ଉପହାର ପ୍ରଦାନ ସହ ମୁରବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଉତ୍ସବ ସମାପନ କରାଯାଇଥିଲା।

# ସ୍ୱତନ୍ତ୍ରତା ହରାଇଛି ଚନ୍ଦକା ଅଭୟାରଣ୍ୟ

● ହାତୀ ଆବାସସ୍ଥଳୀ ନୁହେଁ, କେବଳ ଚଲାପଥରେ ସୀମିତ ● ବିକାଶ ନାଁରେ ମାଇଲ ମାଇଲ ଘୁଞ୍ଚିଗଲାଣି ଜଙ୍ଗଲ ସୀମା



ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ): ଦିନକ ପୂର୍ବରୁ ଖୁବ୍ ଜାକଜମକରେ ପାଳିତ ହୋଇଛି ରାଜଧାନୀ ପ୍ରତିଷ୍ଠା ଦିବସ। ରାଜଧାନୀ ପ୍ରତିଷ୍ଠା ପାଇଁ ଯେଉଁ ବ୍ଲୁ ପ୍ରିଣ୍ଟ କରାଯାଇଥିଲା, ସେଥିରେ ଚନ୍ଦକା ଜଙ୍ଗଲର କିଛି ଅଞ୍ଚଳକୁ ସଫା କରିବାକୁ ପଡ଼ିଥିଲା। ଆଉ ତା'ପରେ ପ୍ରତିଷ୍ଠା ହୋଇଥିବା ରାଜଧାନୀ ପ୍ରତିଷ୍ଠାର ଫଳକ। ହେଲେ ଏବେ ଆଉ କେହି ଚନ୍ଦକା ଜଙ୍ଗଲ କଥା ଚିନ୍ତା କରୁନାହାଁନ୍ତି। ଚନ୍ଦକା ଜଙ୍ଗଲ ଏବେ କେବଳ ନାଁକୁ ମାତ୍ର ହାତୀ ଅଭୟାରଣ୍ୟ ହୋଇ ରହିଯାଇଛି। ହାତୀ କିନ୍ତୁ ନାହାଁନ୍ତି।

ଅଶୀ ଓ ନବେ ଦଶକ ପର୍ଯ୍ୟନ୍ତ ଚନ୍ଦକା ଜଙ୍ଗଲ ନିଜର ସ୍ୱାତନ୍ତ୍ର୍ୟତା ବଜାୟ ରଖିଥିଲା। କଟକ ଓ ଖୋର୍ଦ୍ଧା ଜିଲ୍ଲାର ଇଷ୍ଟର୍ଣ୍ଣ ଘାଟ ବାୟୋଟିକ ରିଜିୟନର ୧୭୫.୭୯ ବର୍ଗ କିମି ଅଞ୍ଚଳ ପର୍ଯ୍ୟନ୍ତ ଚନ୍ଦକା ଜଙ୍ଗଲ ପରିବ୍ୟାପ୍ତ। ଚନ୍ଦକା ଜଙ୍ଗଲର ପ୍ରାକୃତିକ ପରିବେଶ ଓ ହାତୀଙ୍କ ପାଇଁ ପ୍ରବଳ ଖାଦ୍ୟ ଥିବା ଯୋଗୁଁ ଏହା ଧିରେ ଧିରେ ବହୁ ସଂଖ୍ୟାରେ ହାତୀଙ୍କୁ ଆକୃଷ୍ଟ କରିଥିଲା। ଯେଉଁଥିପାଇଁ ୧୯୮୨ରେ ଚନ୍ଦକା ଜଙ୍ଗଲକୁ ହାତୀ ଅଭୟାରଣ୍ୟର ମାନ୍ୟତା ଦିଆଯାଇଥିଲା। ସେ ସମୟରେ ହୋଇଥିବା ଗଣନା ଅନୁଯାୟୀ ଚନ୍ଦକାରେ ୫୭ଟି ହାତୀ ଥିଲେ। କିନ୍ତୁ ଏହି ସଂଖ୍ୟା ଧିରେ ଧିରେ ବଢ଼ିଲା ଆଉ ବ୍ୟାପକ ସହରୀକରଣର ପ୍ରଭାବରେ ଏବେ ଏହା ହାତୀଶୂନ୍ୟ ହୋଇଗଲାଣି।

୧୯୯୯ରେ ଚନ୍ଦକାରେ ୮୩ଟି ହାତୀ ଥିଲେ। ୨୦୦୨ ବେଳକୁ ଏହି ସଂଖ୍ୟା ୮୦କୁ ଖସିଲା। ୨୦୦୪ରେ ୭୦, ୨୦୧୨ରେ ୨୪ ଏବଂ ୨୦୧୫ ବେଳକୁ ଚନ୍ଦକାରେ ଥିଲେ ୭ଟି ହାତୀ। ସଦ୍ୟତମ ରିପୋର୍ଟ ଅନୁଯାୟୀ, ଚନ୍ଦକା ଏବେ ହାତୀଙ୍କ ଆବାସସ୍ଥଳ ହୋଇ ରହିନାହିଁ। ଏହା କେବଳ ଚଲାପଥରେ ସୀମିତ ହୋଇ ରହିଯାଇଛି। ଏଥିପାଇଁ ଲୋକେ ଯେତିକି ଦାୟୀ, ତା'ଠାରୁ ଅଧିକ ଦାୟୀ ସରକାର। ଗତ ୧୫ ବର୍ଷ ମଧ୍ୟରେ ଜଙ୍ଗଲର ସୀମାକୁ ବ୍ୟାପକ ଭାବେ ସଙ୍କୁଚିତ କରାଯାଇଛି। ଜଙ୍ଗଲ ବଫର୍ ଏରିଆକୁ କାଟି ସେଠାରେ ୨୦୦ଫୁଟିଆ ରାସ୍ତା ଓ ଆପାର୍ଟମେଣ୍ଟ ତିଆରି ପାଇଁ ଅନୁମତି ଦିଆଯାଇଛି। ଅଭୟାରଣ୍ୟ ପ୍ରତି ସବୁ ସରକାରଙ୍କ ଏଭଳି ଅମାନୁଷିକ କାର୍ଯ୍ୟକୁ ନେଇ ଉଦବେଗ ପ୍ରକାଶ କରୁଛନ୍ତି ପରିବେଶବିତ।

ଏକଦା ଭରତପୁର, ଅନ୍ଧାରୁଆ, ନୂଆଗାଁ ଦେଇ ଖଣ୍ଡଗିରି ପର୍ଯ୍ୟନ୍ତ ଲାଗିଥିଲା ଚନ୍ଦକା ଜଙ୍ଗଲର ସୀମା। ସେପଟେ ଚନ୍ଦ୍ରଶେଖରପୁର ଓ ସାଲିଆ ସାହିକୁ ଛୁଉଁଥିଲା ଜଙ୍ଗଲର ବଫର୍ ଏରିଆ। ହେଲେ ସେସବୁ ସୀମା ମାଇଲ୍ ମାଇଲ୍ ଭିତରକୁ ଘୁଞ୍ଚିଗଲାଣି। ଯେଉଁଥିପାଇଁ ଆଉ ଚନ୍ଦକାରେ ହାତୀ ରହିବାକୁ ସୁରକ୍ଷିତ ମଣୁନାହାଁନ୍ତି। ବ୍ୟାପକ ଭାବେ ନିର୍ମାଣ କାର୍ଯ୍ୟ, ଗାଡ଼ିମଟର ଶବ୍ଦ ଓ ସହରୀକରଣର ପ୍ରଭାବ ଅଭୟାରଣ୍ୟର ପବିତ୍ରତାକୁ ନଷ୍ଟ କରିଦେଇଛି। ଯଦିଓ ସରକାର ଏକର ଏକର ବନୀକରଣ କରୁଥିବା ଦାବି କରୁଛନ୍ତି, କୃତ୍ରିମ ଜଙ୍ଗଲ ବନ୍ୟଜନ୍ତୁଙ୍କ ପ୍ରାକୃତିକ ଆବାସସ୍ଥଳୀର ବିକଳ୍ପ ହୋଇପାରିବ ନାହିଁ ବୋଲି କହିଛନ୍ତି ପରିବେଶବିତ।

## ବ୍ୟକ୍ତି ବଡ଼ ନୁହେଁ, ଦେଶ ଓ ସମ୍ବିଧାନ ବଡ଼: ମନମୋହନ

# ବାବାସାହେବଙ୍କ ଆଦର୍ଶକୁ ବାସ୍ତବରେ କାର୍ଯ୍ୟକାରୀ କରିଛି ବିଜେପି ସରକାର: ମୁଖ୍ୟମନ୍ତ୍ରୀ






ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ): ଭାରତୀୟ ସମ୍ବିଧାନର ପ୍ରଣେୟତା ଭାରତରତ୍ନ ବାବାସାହେବ ଡା. ଭୀମରାଓ ଆମ୍ବେଦକର କେବଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ରାଷ୍ଟ୍ରର ବିଚାରଧାରା। ତାଙ୍କର ବିଚାର ଆମ ସମସ୍ତଙ୍କର ଆଧାର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଆସିଛନ୍ତି। ସେହି ଦୂରଦୃଷ୍ଟିକୁ ସଫଳ କରିବା ପାଇଁ 'ସବ୍ କା ସାଥ ସବ୍ କା ବିକାଶ' ମନ୍ତ୍ରରେ ବିଜେପି ସରକାର ଆଗକୁ ବଢ଼ିଚାଲିଛି। ତାଙ୍କ ସ୍ମୃତି ଆମକୁ ସର୍ବଦା ସାମାଜିକ ନ୍ୟାୟ ପଥରେ ଚାଲିବା ପାଇଁ ପ୍ରେରଣା ଦିଏ। କଂଗ୍ରେସ ଅମଳରେ ତାଙ୍କ ପ୍ରତି ଅନେକ ଅବହେଳା କରାଯାଇଥିଲା। କିନ୍ତୁ ୧୯୯୦ରେ ବିଜେପିର ପ୍ରସ୍ତାବ କ୍ରମେ ବାବାସାହେବଙ୍କୁ ଭାରତରତ୍ନ ଦିଆଯାଇଥିଲା ବୋଲି ରାଜ୍ୟ କାର୍ଯ୍ୟାଳୟରେ ବାବାସାହେବଙ୍କ ୧୩୬ତମ ଜନ୍ମଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ କହିଛନ୍ତି ଯେ ବିଜେପି କେବଳ ଘୋଷଣା କରେ ନାହିଁ, ତାହାକୁ ବାସ୍ତବରେ କାର୍ଯ୍ୟକାରୀ ମଧ୍ୟ କରିଥାଏ। ସେହିପରି ବିଜେପି ସରକାର ବାବାସାହେବଙ୍କ ଆଦର୍ଶକୁ ବାସ୍ତବତାରେ କାର୍ଯ୍ୟକାରୀ କରେ ବୋଲି ଶ୍ରୀ ମାଝୀ କହିଛନ୍ତି। ସେହିପରି ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ କହିଛନ୍ତି ଯେ ଭାରତରେ ସାମାଜିକ ଅବ୍ୟବସ୍ଥାରେ ସଂଘର୍ଷ କରି ସମ୍ବିଧାନ ପ୍ରଣୟନ କରିବାରେ ମୁଖ୍ୟ ଭୂମିକା ନେଇଥିଲେ ବାବାସାହେବ। କଂଗ୍ରେସ ସମ୍ବିଧାନର ଦୁରୁପଯୋଗ ଓ ଅସମ୍ମାନ କରିଥିବା ବେଳେ ବିଜେପି ସମ୍ବିଧାନର ମର୍ଯ୍ୟାଦାକୁ ଅତୁଟ ରଖିଛି। କାରଣ ବ୍ୟକ୍ତି ବଡ଼ ନୁହେଁ, ଦେଶ ଓ ସମ୍ବିଧାନ ବଡ଼। ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ ସଭା ପରିଚାଳନା କରିଥିବା ବେଳେ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିମ୍ବାଧର କୁଅଁର, ନିରଞ୍ଜନ ମିଶ୍ର, ଜଗନ୍ନାଥ ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଉଦ୍‌ଘାଟନ କରିଥିଲେ।

## ୧୬ରେ ବିରୋଧୀ ଦଳଙ୍କ ମିଳିତ ଗଣଧାରଣା

ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ଜୋନ୍‌କୁ ଦୁର୍ବଳ କରିବା ଓ ଓଡ଼ିଶାର ନ୍ୟାୟସଙ୍ଗତ ହକ୍‌କୁ କ୍ରମାଗତ ଅବହେଳା କରିବା ବିରୋଧରେ ରାଜ୍ୟର ବିରୋଧୀ ଦଳ ମାନଙ୍କର ଏକ ମିଳିତ ବୈଠକ ଆଜି ସିପିଆଇ(ଏମ) ରାଜ୍ୟ ଅଫିସରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରେଳ ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ଦାବି ଉପରେ ଆଲୋଚନା କରାଯିବା ସହ ଆସନ୍ତା ୧୬ରେ ଏଠାରେ ପୂର୍ବତଟ ରେଳପଥ ଜୋନ୍ ଅଫିସ (ରେଳ ସଦନ) ସମ୍ମୁଖରେ ଗଣଧାରଣା ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ୱାଲଟିୟର ରେଳ ଡିଭିଜନକୁ ପୂର୍ବତଟ ରେଳପଥ ଜୋନ୍‌କୁ ଫେରାଇବା, ପାଲାସା-ଇଚ୍ଛାପୁରମ୍ ରେଳ ଅଞ୍ଚଳକୁ ପୂର୍ବତଟ ରେଳପଥ ଜୋନ୍‌ରୁ ଦକ୍ଷିଣ ଉପକୂଳ ରେଳପଥ ଜୋନ୍‌କୁ ସ୍ଥାନାନ୍ତରଣ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରିବା, ଓଡ଼ିଶା ଦେଇ ଯାଇଥିବା ସମସ୍ତ ରେଳ ଅଞ୍ଚଳକୁ ପୂର୍ବତଟ ରେଳପଥ ଅଧୀନକୁ ଅଣାଯିବା, ସୁନ୍ଦରଗଡ଼, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲ୍ଲାର ରେଳ ଲାଇନ୍‌ଗୁଡ଼ିକୁ ତୁରନ୍ତ ପୂର୍ବତଟ ରେଳପଥ ଜୋନରେ ସାମିଲ କରିବା, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲାର ରେଳଗୁଡ଼ିକୁ ନେଇ ନୂତନ ରେଳ ଡିଭିଜନ ଗଠନ ସହ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ରେଳଗୁଡ଼ିକୁ ନେଇ ଅନ୍ୟ ରେଳ ଡିଭିଜନ ସ୍ଥାପନ କରିବା ଦାବିରେ ଏହି ଗଣଧାରଣା ଦିଆଯିବ। ପୂର୍ବତଟ ରେଳପଥ ଜୋନ୍‌କୁ ପଙ୍ଗୁ କରିବାର ଷଡ଼ଯନ୍ତ୍ର ବନ୍ଦ କରିବାକୁ ମିଳିତ ବିରୋଧୀ ଦଳ ଆହ୍ୱାନ ଦେଇଛନ୍ତି। ରାଜ୍ୟର ସ୍ୱାର୍ଥରକ୍ଷା ପାଇଁ ସବୁ ସ୍ତରର ଲୋକ ଏହି ଗଣଧାରଣାରେ ପ୍ରଚୁର ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ ଦିଆଯାଇଛି। ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବିଜେଡିର ଲେନିନ ମହାନ୍ତି, ସିପିଆଇ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର, ରାଜ୍ୟ ନେତା ସୁର ଜେନା, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଯୋଗ ଦେଇଥିଲେ।

## ଅଙ୍ଗନବାଡ଼ିରୁ ବାଲ୍ ବାଟିକା | 'ଆରୋହଣ' ମାଧ୍ୟମରେ ସୁଦୃଢ଼ ହେବ ପ୍ରାକ୍-ପ୍ରାଥମିକ ଶିକ୍ଷା ଭିତ୍ତିଭୂମି



ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ): ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ଶୁଭ ଅବସରରେ ସ୍ଥାନୀୟ ଆଇସିଡବ୍ଲ୍ୟୁଏସ ପରିସରରେ ଅଭିନବ କାର୍ଯ୍ୟକ୍ରମ 'ଆରୋହଣ' ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ କୁନି କୁନି ପିଲାମାନଙ୍କୁ ତିଳକ ଲଗାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ ପ୍ରଦାନ କରିବା ସହ ଏହି ନୂତନ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ। 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପାଦେ ଆଗକୁ' ସ୍ଲୋଗାନ ସହ ଆରମ୍ଭ ହୋଇଥିବା ଏହି ଅଭିଯାନ ପ୍ରତ୍ୟେକ ଶିଶୁର ସର୍ବାଙ୍ଗୀନ ବିକାଶ ଦିଗରେ ଏକ ସାମୂହିକ ପ୍ରୟାସ ବୋଲି ସେ ମତ ଦେଇଛନ୍ତି। ଏହି ଅଭିଳାଷୀ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ରାଜ୍ୟରେ ପ୍ରାକ୍-ପ୍ରାଥମିକ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବା। ବିଶେଷ କରି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ପ୍ରାକ୍-ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ପିଲାମାନେ ଯେପରି ସହଜରେ ଶିଶୁ ବାଟିକା-୩ରେ ନାମ ଲେଖାଇ ଶିକ୍ଷା ଗ୍ରହଣ କରିପାରିବେ, ତାହା ଏହି ଯୋଜନା ମାଧ୍ୟମରେ ନିଶ୍ଚିତ କରାଯିବ। ଏହି ଅବସରରେ ଉପସ୍ଥିତ ପିଲା ଓ ଅଭିଭାବକଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିଶୁର ଜନ୍ମଠାରୁ ପ୍ରଥମ ୬ ବର୍ଷ ତା'ର ମସ୍ତିଷ୍କର ବିକାଶ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ସେଥିପାଇଁ 'ପୋଷଣ ପକ୍ଷ-୨୦୨୬' ଅବସରରେ ସରକାର ପ୍ରାକ୍-ପ୍ରାଥମିକ ବିକାଶକୁ ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି। ଏହି କାର୍ଯ୍ୟକ୍ରମ କେବଳ ସରକାରଙ୍କର ଦାୟିତ୍ୱ ନୁହେଁ, ବରଂ ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ପରିବାର ଓ ସମାଜ ତଥା ଅଭିଭାବକମାନଙ୍କର ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦାରସ୍ ଅଙ୍ଗନବାଡ଼ି କେନ୍ଦ୍ରକୁ ଅଧିକ ସକ୍ଷମ କରିବା ସହିତ ଶିଶୁମାନଙ୍କ ସାମୂହିକ ବିକାଶ କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ସମସ୍ତ ଅଧିକାରୀଙ୍କ ସକ୍ରିୟ ସହଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ସମାରୋହରେ ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ଶାସନ ସଚିବ ତଥା ଭାରପ୍ରାପ୍ତ ନିର୍ଦ୍ଦେଶିକା (ଆଇସିଡିଏସ୍- ଏସ୍‌ଡବ୍ଲ୍ୟୁ) ସ୍ୱୟଂପ୍ରଭା ମହାନ୍ତି, ଅତିରିକ୍ତ ଶାସନ ସଚିବ ଇତିଶ୍ରୀ ଦାସ, ଓ ଏନ୍‌ସି ଜ୍ୟୋତି ରଞ୍ଜନ ଉପସ୍ଥିତ ଥିଲେ।

## ପ୍ରାଥମିକ ଶିକ୍ଷକ ବଦଳି ପାଇଁ ବିଜ୍ଞପ୍ତି ପ୍ରକାଶ

# ଆସନ୍ତାକାଲିଠାରୁ ୩୦ ଯାଏ ଅନ୍‌ଲାଇନ୍ ଆବେଦନ



ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ): ପ୍ରାଥମିକ ଶିକ୍ଷକ ବଦଳି ପାଇଁ ପ୍ରକାଶ ପାଇଛି ବିଜ୍ଞପ୍ତି। ବଦଳି ପାଇଁ ଇଚ୍ଛୁକ ଶିକ୍ଷକମାନେ ଆସନ୍ତାକାଲିଠାରୁ ଆସନ୍ତା ୩୦ ତାରିଖ ମଧ୍ୟରେ ଅନଲାଇନରେ ଆବେଦନ କରିପାରିବେ। ଜିଲ୍ଲା ଅନ୍ତର୍ଗତ ବଦଳି ସହ ଅନ୍ତଃଜିଲ୍ଲା ବଦଳି କରାଯିବ। ଆସନ୍ତା ଜୁଲାଇ ୧୮ ତାରିଖ ସୁଦ୍ଧା ସମସ୍ତ ବଦଳି ପ୍ରକ୍ରିୟା ଶେଷ ହେବ। ଏଥିସହ ଅଧିକ ଶିକ୍ଷକ ଥିବା ସ୍କୁଲରୁ ଶିକ୍ଷକଙ୍କୁ କମ ଶିକ୍ଷକ ଥିବା ସ୍କୁଲକୁ ମଧ୍ୟ ବଦଳି କରାଯିବ। ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ୨୦ ତାରିଖ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ କିମ୍ବା ଜିଲ୍ଲା ଶିକ୍ଷା ଅଧିକାରୀ ଯୁଏସପି ପୋର୍ଟାଲରେ ଶିକ୍ଷକଙ୍କ ପ୍ରୋଫାଇଲ୍ ଅପଡେଟ୍ କରିବେ। ମେ ୧୦ ସୁଦ୍ଧା ବ୍ଲକ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଆବେଦନପତ୍ର ଯାଞ୍ଚ କରାଯାଇ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପଠାଯିବ। ଅନ୍ତଃଜିଲ୍ଲା ବଦଳି ଆବେଦନ କରିଥିବା ଶିକ୍ଷକଙ୍କ ଆବେଦନପତ୍ରକୁ ମେ ୨୦ ସୁଦ୍ଧା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପାଖକୁ ପଠାଯିବ। ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ବଦଳି ଆବେଦନ କରିଥିଲେ ମେ ୨୫ରୁ ୨୭ ତାରିଖ ଯାଏ ସେସବୁ ଆବେଦନପତ୍ରକୁ ମେଡିକାଲ ବୋର୍ଡକୁ ପଠାଯିବ। ଜୁନ୍ ୬ରେ ମେଡିକାଲ ବୋର୍ଡର ରିପୋର୍ଟ ଆସିବ। ଏହାପରେ ଜୁନ୍ ୧୦ରୁ ୧୧ ମଧ୍ୟରେ ମେଡିକାଲ ସାର୍ଟିଫିକେଟ୍ ଅପଲୋଡ୍ ହେବ। ଜୁନ୍ ୧୭ରୁ ୧୯ ତାରିଖ ଯାଏ ବଦଳି ଆବେଦନର ଚଏସ୍ ଲକିଂ କରାଯିବ। ଜୁନ୍ ୨୯ରୁ ଜୁଲାଇ ୪ ତାରିଖ ମଧ୍ୟରେ ଜିଲ୍ଲାସ୍ତରୀୟ ବଦଳି କମିଟି ଓ ରାଜ୍ୟସ୍ତରୀୟ ବଦଳି କମିଟିର ବୈଠକ ହେବ। ଜୁଲାଇ ୮ରୁ ୧୦ ତାରିଖ ମଧ୍ୟରେ ବଦଳି ନିର୍ଦ୍ଦେଶ ଜାରି କରାଯିବ।

ସେହିପରି ଜୁଲାଇ ୧୮ ସୁଦ୍ଧା ବଦଳି ହୋଇଥିବା ଶିକ୍ଷକମାନେ ନିଜ କାର୍ଯ୍ୟସ୍ଥଳରେ ଯୋଗଦାନ କରିବେ। ଯେଉଁ ସ୍କୁଲରେ ଆବଶ୍ୟକତାଠୁ ଅଧିକ ଶିକ୍ଷକ ଥିବେ, ସେଠାରୁ ସେମାନଙ୍କୁ ବଦଳି କରି ଅନ୍ୟ ସ୍କୁଲକୁ ପଠାଯିବ। କେଉଁ ସ୍କୁଲରେ କେତେ ଅଧିକ ବା କମ ଶିକ୍ଷକ ଅଛନ୍ତି, ତା'ର ତଥ୍ୟ ଓସେପାକୁ ଜିଲ୍ଲା ଶିକ୍ଷାଧିକାରୀ ଆସନ୍ତାକାଲି ସୁଦ୍ଧା ଯୋଗାଇବେ। କମିଟି ଗଠନ କରାଯାଇ ଏହି ଶିକ୍ଷକଙ୍କ ବଦଳି ତାଲିକା ପ୍ରସ୍ତୁତ କରାଯିବ। ମେ ୩୧ରେ ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀ ବଦଳି ନିର୍ଦ୍ଦେଶନାମା ଜାରି କରିବେ। ଜୁନ୍ ୧୦ରେ ବଦଳିର ଚୂଡ଼ାନ୍ତ ତାଲିକା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଓ ଓସେପାର ଏମ୍‌ଆଇଏସକୁ ପ୍ରଦାନ କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

## ଓଡ଼ିଆ ନବବର୍ଷ ଉପଲକ୍ଷେ 'ଜଳସେବା କେନ୍ଦ୍ର' ଉଦଘାଟନ




କଟକ,୧୪।୪(ସଂଚାର ବ୍ୟୁରୋ): ଆଜି ପବିତ୍ର ଓଡ଼ିଆ ନବବର୍ଷ ତଥା ପଣା ସଂକ୍ରାନ୍ତି ଅବସରରେ ରାମକୃଷ୍ଣ ମିଶନ ମାତାମଠ, କଟକ ସହଯୋଗରେ ଚୌଦ୍ୱାରର ସାମାଜିକ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେସନ ସଂଗଠନ (ଟାଙ୍ଗୀ ଚୌଦ୍ୱାର ବ୍ଲକ ନୋଡାଲ ଏନଜିଓ) ଓ ଚୌଦ୍ୱାର କଳିଙ୍ଗ ଛକସ୍ଥିତ ପରିବର୍ତ୍ତନ କିଶୋର ନିଶାମୁକ୍ତି ପୁନର୍ବାସ କେନ୍ଦ୍ରଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଜଳସେବା କେନ୍ଦ୍ର ରାମକୃଷ୍ଣ ମିଶନ କଟକ ମାତା ମଠ ଶାଖାର ସ୍ୱାମୀ ଜୀବନାନନ୍ଦଜୀ ମହାରାଜ ଓ ଉଦ୍ଧାର ଫାଉଣ୍ଡେସନ ଟ୍ରଷ୍ଟି ଭାରତୀ ଦାସଙ୍କ ଦ୍ୱାରା କଳିଙ୍ଗ ଛକଠାରେ ଉଦ୍‌ଘାଟିତ ହୋଇଛି। ଏହି ଜଳସେବା କେନ୍ଦ୍ରରେ ଦହିପାଣି ଓ ଗ୍ଲୁକୋଜ ବଣ୍ଟନ ସେବା ଆଜିଠୁ ମାସେ ଧରି ଚାଲୁ ରହିବ। ଏହି ଜଳସେବା କେନ୍ଦ୍ରରେ ପର୍ଯ୍ୟାୟ କ୍ରମେ ପରିବର୍ତ୍ତନ କେନ୍ଦ୍ରର ଅନ୍ତେବାସୀମାନେ ତୃଷାର୍ତ୍ତ ଜନସାଧାରଣଙ୍କୁ ଜଳସେବା ପ୍ରଦାନ କରିବେ। ଏହି ସେବା ମାଧ୍ୟମରେ ପରିବର୍ତ୍ତନ କେନ୍ଦ୍ରରେ ଥିବା ନିଶା ସେବନକାରୀ ଅନ୍ତେବାସୀମାନଙ୍କର ସମାଜସେବା ପ୍ରତି ନିଜର ମନୋଭାବ ପରିବର୍ତ୍ତନ କିପରି ହେବ, ସେନେଇ ପରିବର୍ତ୍ତିତ କେନ୍ଦ୍ରର ଅଧ୍ୟକ୍ଷ ନରୋତ୍ତମ ଦାସ କହିଛନ୍ତି। ରାମକୃଷ୍ଣ ମିଶନ ମାତାମଠ କଟକ ଶାଖାର କର୍ମକର୍ତ୍ତାଙ୍କ ଦ୍ୱାରା ପରିଚାଳିତ ଉଦ୍ଧାର ଫାଉଣ୍ଡେସନର ପରିବର୍ତ୍ତନ ନିଶାମୁକ୍ତି ପୁନର୍ବାସ କେନ୍ଦ୍ର ଅନ୍ତେବାସୀଙ୍କ ସର୍ବଦା ସହଯୋଗର ହାତ ବଢ଼ାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଜଳସେବା କେନ୍ଦ୍ର ଉଦ୍‌ଘାଟନ ଉତ୍ସବରେ ରାମକୃଷ୍ଣ ମିଶନ ମାତାମଠ କଟକ ଶାଖାର କର୍ମକର୍ତ୍ତା ଚନ୍ଦ୍ରଶେଖର ମୁଖାର୍ଜୀ, ପୂର୍ଣ୍ଣଶଶି ହକଦାର ଓ ସଞ୍ଜୀବ କୁମାର୍ ପାଲ୍ ତଥା ଉଦ୍ଧାର ଫାଉଣ୍ଡେସନ୍ ଉପସଭାପତି ଦିଲୀପ ସାହୁ, ବରିଷ୍ଠ ସଦସ୍ୟ ସ୍ମୃତି ରଞ୍ଜନ ପରିଡ଼ା, ଚନ୍ଦନ ସ୍ୱାଇଁ, ଶାନ୍ ସୁବୁଦ୍ଧି ରାୟ, ସୁବ୍ରତ ଖଟୁଆ, ସୁନିଲ ମୁର୍ମୁ, ସାହିଲ୍ ସୋହନ ସାହୁ, ଶିବମ୍ ବେହେରା, ମଙ୍ଗଲ୍ ମୁର୍ମୁ ଓ ସୁନୀଲ୍ କିସ୍କୁ ଏବଂ ପରିବର୍ତ୍ତନ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ପ୍ରିୟଙ୍କା ଦାସ ସହଯୋଗ କରିଥିଲେ।

## ସାରା ରାଜ୍ୟରେ କଂଗ୍ରେସର ଆମ୍ବେଦକର ଜୟନ୍ତୀ ପାଳିତ

# ସାମାଜିକ ନ୍ୟାୟ ପାଇଁ ଲଢ଼େଇ କରିଥିଲେ ବାବାସାହେବ



ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ): ଆର୍ଥିକ ଓ ସାମାଜିକ ସମାନତା ବିନା ରାଜନୈତିକ ସ୍ୱାଧୀନତା ମୂଲ୍ୟହୀନ। ପ୍ରାୟ ଏକ ଶତାବ୍ଦୀ ପୂର୍ବର ରକ୍ଷଣଶୀଳ ସମାଜରେ ଉଚ୍ଚବର୍ଗର ଶତ୍ରୁ ବିବେଚିତ ହେଉଥିବା ସତ୍ତ୍ୱେ ବାବାସାହେବ ଭୀମରାଓ ଆମ୍ବେଦକର ସାମାଜିକ ଅନ୍ଧବିଶ୍ୱାସ ଓ କଟକଣାକୁ ଭ୍ରୂକ୍ଷେପ ନ କରି ସମାବେଶୀ ଅଭିବୃଦ୍ଧି ସକାଶେ ଲଢ଼େଇ ପାଇଁ ଦେଖାଇଥିବା ସାହସ ନେଇ ଜାତି କୃତଜ୍ଞ। ବିବିଧତାର ଏହି ବିଶାଳ ଭୂଖଣ୍ଡରେ ସମସ୍ତଙ୍କୁ ସୁହାଇବା ପରି ଏକ ଶ୍ରେଷ୍ଠ ସମ୍ବିଧାନ କୋଟି କୋଟି ଦେଶବାସୀଙ୍କୁ ଭେଟିଦେବା ଏକ ଅନନ୍ୟ ଉପଲବ୍ଧି। ଆମ୍ବେଦକର ନ ଥିଲେ ଏ ଦେଶର ଆତ୍ମା ଠିକ୍ ଭାବେ ଦେଶର ସମ୍ବିଧାନରେ ପ୍ରତିଫଳିତ ହୋଇ ନ ଥା'ନ୍ତା ବୋଲି ମଙ୍ଗଳବାର କଂଗ୍ରେସ ଭବନରେ ଆୟୋଜିତ ବାବାସାହେବଙ୍କ ୧୩୬ତମ ଜୟନ୍ତୀରେ ମତ ପ୍ରକାଶ ପାଇଛି। ମହାତ୍ମା ଗାନ୍ଧି ଓ ନେହରୁଙ୍କ ଆଗ୍ରହ କ୍ରମେ ତାଙ୍କ ପରି ଜଣେ ସମ୍ବିଧାନ ବିଶାରଦଙ୍କୁ ଦେଶର ସମ୍ବିଧାନ ପ୍ରଣୟନର ଚିଠା ପ୍ରସ୍ତୁତ କରିବାକୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ବିଜେପି ନେତୃତ୍ୱାଧୀନ ସଂଘ ପରିବାର ସାମାଜିକ ଗଣମାଧ୍ୟମରେ ବିକୃତ କରିବାକୁ ଚେଷ୍ଟା କରୁଛି। ଏହାକୁ ବିରୋଧ କରି ପ୍ରକୃତ ସତ୍ୟ କ'ଣ, ତାହା ଲୋକଙ୍କୁ କଂଗ୍ରେସ ନେତା ଓ କର୍ମୀମାନେ ବୁଝାନ୍ତୁ ବୋଲି ଆହ୍ୱାନ ଦିଆଯାଇଛି। ହଳଧର ସେଠୀଙ୍କ ସଂଯୋଜନାରେ ଆୟୋଜିତ ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ ବାବା ସାହେବଙ୍କର ସମ୍ବିଧାନ ଅଛି ବୋଲି ଆମ ଦେଶର ପରିଚୟ ଅଛି। ମହାଭାରତର ରଚୟିତା ବେଦବ୍ୟାସ, ରାମାୟଣର ବାଲ୍ମିକୀଙ୍କ ଦାନ ଯେପରି ଠିକ ସେପରି ଯୋଗଜନ୍ମା ବାବା ସାହେବଙ୍କ ସମ୍ବିଧାନ ମନୁଷ୍ୟ ଜାତି ପାଇଁ ଦାନ ବୋଲି ଶ୍ରୀ ଦାସ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ଅନନ୍ତ ପ୍ରସାଦ ସେଠୀ, ଡ. ଲଲାଟେନ୍ଦୁ ମହାପାତ୍ର, ଅରବିନ୍ଦ ଦାସ, ଜୟଶ୍ରୀ ପଟ୍ଟନାୟକ, ବାଙ୍କନିଧି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ଥନର ୩୧ତମ ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର,୧୪।୪ (ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଓଡ଼ିଆ ସମ୍ବାଦପତ୍ର 'ମନ୍ଥନ'ର ୩୧ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ 'ଓଡ଼ିଶା ୨୦୩୬: ବିକାଶର ସ୍ୱପ୍ନ ଓ ବାସ୍ତବତା' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟକ ଭାବେ ଅବସରପ୍ରାପ୍ତ ପ୍ରଶାସକ ସଞ୍ଜିବ ଚନ୍ଦ୍ର ହୋତା ଯୋଗ ଦେଇଥିବା ବେଳେ ବିଜେପି ମୁଖପାତ୍ର ସଜ୍ଜନ ଶର୍ମା, ସାମ୍ବାଦିକ ରବି ଦାସ, ରାଜନେତା ତଥା ସମାଜସେବୀ ସୁଦର୍ଶନ ଦାସ ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। 'ମନ୍ଥନ'ର ସଂପାଦକ ଶରତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଏମ୍‌ସି ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥି ରୂପେ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ଉପସ୍ଥିତ ଥିଲେ। ଆଲୋଚନାଚକ୍ରକୁ ଅଧ୍ୟାପକ ବିଶ୍ୱରଞ୍ଜନ ସଂଯୋଜନା କରିଥିଲେ। ଏହି ଅବସରରେ 'ମନ୍ଥନ' ଯୁବ ପ୍ରତିଭା ସମ୍ମାନ ଯୁବ ସମ୍ପାଦିକା ସ୍ନେହଲତା ପୃଷ୍ଟି, ସାମ୍ବାଦିକ ଚିନ୍ମୟ ମହାପାତ୍ର, ଯୁବ କାର୍ଟୁନିଷ୍ଟ ଶ୍ରୀନନ୍ଦେଶୁ, ଯୁବ ସାହିତ୍ୟିକା ସଂଘମିତ୍ରା ଭୂତିଆ ଓ ସ୍ୱତନ୍ତ୍ର ପୁରସ୍କାର ଭାବେ 'ମନ୍ଥନ'ର ରାଜ୍ୟ ସାମ୍ବାଦିକ ସତ୍ୟବାଦୀ ନାୟକଙ୍କୁ ପ୍ରଦାନ କରାଯାଇଥିଲା। 'ମନ୍ଥନ'ର ଯାଜପୁର ଜିଲ୍ଲା ପ୍ରତିନିଧି ଦୟାନିଧି ନାୟକ ଧନ୍ୟବାଦ ଦେଇଥିଲେ।




## ଜନମଙ୍ଗଳ ପରିଷଦର ବାର୍ଷିକ ପଣା ଉତ୍ସବ



ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ): ପବିତ୍ର ମହାବିଷୁବ ତଥା ପଣା ସଂକ୍ରାନ୍ତି ଅବସରରେ ସାମାଜିକ ଅନୁଷ୍ଠାନ ଜନମଙ୍ଗଳ ପରିଷଦ ପକ୍ଷରୁ ବାର୍ଷିକ ପଣା ଉତ୍ସବ ଅନୁଷ୍ଠିତ ହୋଇଛି। ଦୀର୍ଘ ୧୪ ବର୍ଷ ଧରି ଆୟୋଜିତ ହୋଇଆସୁଥିବା ଓଡ଼ିଆ ପରମ୍ପରାର ଏହି ଅନନ୍ୟ ପର୍ବ ସ୍ଥାନୀୟ ମହାତ୍ମା ଗାନ୍ଧି ମାର୍ଗସ୍ଥିତ ଜନମଙ୍ଗଳ କ୍ୟାମ୍ପରେ ପାଳିତ ହୋଇଛି। ଅନୁଷ୍ଠାନର ମହିଳା ସଦସ୍ୟଙ୍କ ଦ୍ୱାରା ପ୍ରଥମେ ଦୀପ, ଧୂପ, ହୁଳହୁଳି ଧ୍ୱନିରେ ପଣା ହାଣ୍ଡି ବନ୍ଦାପନା କରାଯାଇଥିଲା। ପରେ ସଦସ୍ୟମାନେ ବେଲ, ବସାଦହି, କଦଳୀ, ନଡ଼ିଆ, ଗୁଡ଼ରେ ପ୍ରସ୍ତୁତ ସୁସ୍ୱାଦୁ ପଣା ପଥଚାରୀମାନଙ୍କୁ ବଣ୍ଟନ କରିବା ସହ ଓଡ଼ିଆ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଅନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଲେଖ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଏହି ଉତ୍ସବରେ ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ଦାଶ, ଅରୁଣ ସ୍ୱାଇଁ, ଯୁବ ସଦସ୍ୟ ନିରଞ୍ଜନ ସାହୁ, ସହଦେବ ମହାରଣା, ମନୋରଞ୍ଜନ ଦାଶ, ତ୍ରୈଲୋଚନ ସାହୁ, ମାନି ପଣ୍ଡା, ଶେଷାଶିଷ ସାହୁ, ବାବୁଲି ଚରଣ ସ୍ୱାଇଁ, ଋତୁରାଜ ପଟ୍ଟନାୟକ, ଲିପ୍ସା ମହାରଣା ଉପସ୍ଥିତ ଥିଲେ। ବିଶିଷ୍ଟ ସାମାଜିକ କର୍ମୀ ତଥା ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା, ଯୁବ ସାମ୍ବାଦିକ ସୁଧାଂଶୁ ଶେଖର ରାଉତ, ଶିକ୍ଷାବିତ୍ ବନମାଳୀ ରାଉତ ଓ ବହୁ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଏକାଧିକ ଯୋଜନା ସତ୍ତ୍ୱେ ଫକୀର ଏବେ ବି 'ଫକୀର'

● ଚାଉଳ ଗଣ୍ଡାକରେ ସରକାରୀ ଯୋଜନା ସୀମିତ
● ୭୩ ବର୍ଷ ବୟସରେ ବି ମିଳୁନି ବାର୍ଦ୍ଧକ୍ୟ ଭତ୍ତା



କେନ୍ଦୁଝର,୧୪।୪(ସଂଚାର ବ୍ୟୁରୋ): ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତ କୁଣ୍ଡେଇ ଏକ ଆଦିବାସୀବହୁଳ ଗାଁ ହୋଇଥିବା ବେଳେ ମୁଣ୍ଡା ସାହିରେ ରହେ ଫକୀର ମୁଣ୍ଡା। ଦୁଇ ପୁଅ ଓ ଗୋଟିଏ ଝିଅକୁ ନେଇ ତା'ର ପାଞ୍ଚ ପ୍ରାଣୀ କୁଟୁମ୍ବ। ଚାଷ ବୋଲି କିଛି ନାହିଁ। କଚା ଘର ଖଣ୍ଡିକ ଯେତିକି ଜମି ଉପରେ ଛିଡ଼ା ହୋଇଛି, ସେତିକି ହିଁ ତା'ର ଅସ୍ଥାବର ସମ୍ପତ୍ତି। ପର ଘରେ ମୂଲ ଲାଗି, ଗାଈ, ଛେଳି ଚରାଇ ପରିବାର ପୋଷେ ଫକୀର। ମୁଣ୍ଡ ପିଛା ପାଞ୍ଚ କିଲୋ ଚାଉଳର ପ୍ରାବଧାନ ଥିବା ବେଳେ ଫକୀର ପାଏ ମାସକୁ କୋଡ଼ିଏ କିଲୋ। ଝିଅକୁ ସରକାର ଚାଉଳ ଦିଅନ୍ତି ନାହିଁ। ସରକାରଙ୍କ ଏ ହିସାବଟା ଫକୀର ମୁଣ୍ଡରେ ବି ପଶେ ନାହିଁ। 'ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର ରକ୍ଷା କରିବାକୁ ଆମ ସରକାର ପ୍ରତିଶ୍ରୁତିବଦ୍ଧ।' ଏ କଥାକୁ କିନ୍ତୁ ବିଶ୍ୱାସ କରିପାରୁନାହିଁ ଫକୀର ମୁଣ୍ଡା ଓ ତା'ର ପରିବାର। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା'ର ସ୍ୱେଚ୍ଛାସେବୀଙ୍କ ପ୍ରଶ୍ନର ଉତ୍ତରରେ ଫକୀର କହିଛି, ନା, ଆମେ ଆମ ସାମ୍ବିଧାନିକ ଅଧିକାର ଜାଣୁ ନା ବୁଝୁ। ନା ଆମକୁ କେହି ବୁଝାଇଛି ନା ଆମ ପାଇଁ କେହି କିଛି ଭାବୁଛି। ୫ ଜଣଙ୍କୁ ୨୦ କିଲୋ ଚାଉଳ। କେନ୍ଦୁଝର ହିସାବରେ ୩୦ ମାଣ। ପାଞ୍ଚ ପ୍ରାଣୀ ଦିନକୁ ତିନି ଓଳି ଖାଆନ୍ତି ଭାତ। ଦିନକୁ ଖର୍ଚ୍ଚ ହୁଏ ସର୍ବନିମ୍ନ ୭ ମାଣ ଚାଉଳ। ଏ ୨୦ କିଲୋ ଚାଉଳ ଯାଏ ମାସର ୪ରୁ ୫ ଦିନ। ମାସର ବାକି ୨୫ ଦିନ ପାଇଁ ଫକୀର ପାଖରେ ଚାଉଳ ନାହିଁ। ପର ଘରେ ମଜୁରୀ କରି ଆଣିଲେ ତା' ପିଲା ଭାତ ମୁଠାଏ ଖାଇବାକୁ ପାଇବେ। ତା' ପୁଣି ବଜାର ଦରରେ କିଣିବାକୁ ହୁଏ। ଏତେ ଚାଉଳ ପାଇଁ ଅର୍ଥ ଆଣିବ କେଉଁଠୁ ସେ? ଫକୀରର ବୟସ ଆଜି ୭୩। ଚଉଦ ବର୍ଷ ତଳୁ ତାକୁ ଷାଠିଏ ପୂରିଲାଣି। ତଥାପି ସରକାର ତାକୁ ଭତ୍ତା ଦେବାକୁ ଉଚିତ ମଣିନାହାନ୍ତି। ତା'ଠୁ କେତେ ସାନ ଭତ୍ତା ପାଉଛନ୍ତି। ଫକୀର ବୁଝିପାରୁନି - ଏ ଭତ୍ତାଟା ତା'ର ଅଧିକାର ନା ସରକାରଙ୍କ ଦୟା। ତା' ସାହିରେ ଓ ଆଖପାଖ ଗାଁର କେତେ ସ୍ୱଚ୍ଛଳ ଲୋକଙ୍କୁ ସରକାରୀ ଘର ମିଳିଛି। ତା'ରି ବେଳକୁ ଏ ଘର ଯୋଜନାଟା ବାଟବଣା ହୋଇଗଲା। ଏଇଟା ବି ଫକୀର ବୁଝିପାରୁନି। ସେ ପଚାରୁଛି, ଘର କ'ଣ ଅଧିକାର ନୁହେଁ? ଏ ବି କ'ଣ ଭତ୍ତା ପରି ଦୟା କି? ଭାଗ୍ୟକୁ ଆଦରି କଚା, ଦଦରା ଘରେ ୫ ପ୍ରାଣୀର ପରିବାର ନେଇ ଚଳୁଛି ସେ। ଫକୀର ତା' ବିଧାୟକ ବାଛିଚି ସତ, କିନ୍ତୁ କେବେ ଦେଖି ନାହିଁ। ବିଧାୟକ ଥିବାବେଳେ ସାଂସଦଟା କ'ଣ ସେ ବୁଝି ନାହିଁ। ସର୍ବାଙ୍ଗୀନ ଉନ୍ନତିର ନାରା ଦେଇ ନିର୍ବାଚନ ଜିତିଥିବା ସରପଞ୍ଚକୁ ସେ ସରକାରଙ୍କ ଚଳନ୍ତି ପ୍ରତିମା ବୋଲି ଧରି ନେଇଛି। ହେଲେ ଏ ସରକାର କେବେ ତା' କଥା ପଚାରି ବୁଝିନାହିଁ। ଭତ୍ତା କଥା ପଚାରି ନାହିଁ କି ଘର ବିଷୟରେ ଆଲୋଚନା କରିନାହିଁ। ଫକୀର ଶୁଣେ - ଏ ସରପଞ୍ଚ ଦୟା କଲେ ଭତ୍ତା ମିଳେ, ସେ ଚାହିଁଲେ ଘର ମିଳେ। ହେଲେ ବୁଝିପାରେନି - ଜନଜାତିଙ୍କ ବିକାଶର ପ୍ରାଥମିକତାଟା ଏ' ସରପଞ୍ଚର ହାତ ମୁଠାରେ ଆବଦ୍ଧ ହୋଇଗଲା କିପରି? ପୁଣି ଭାବେ- ସାମ୍ବିଧାନିକ ଅଧିକାର ରକ୍ଷା କରିବାର ପ୍ରତିଶ୍ରୁତିବଦ୍ଧତାଟା ଦୟାରେ କେବେ ପରିଣତ ହୋଇଗଲା? ଏ ଫକୀର ମୁଣ୍ଡା ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ନିବାସୀ। ସେ ତାଙ୍କ ଭୋଟର। କହିବାକୁ ଗଲେ ପରଜା। 'ଆଶା', ଫକୀରର ପରିବାର ଓ ଆଉ ଅନେକ ଫକୀର ଆଶା କରିଛନ୍ତି- ମାନ୍ୟବର ତାଙ୍କ ଦୁଃଖ ବୁଝିବେ। ଯେଉଁମାନେ ଭତ୍ତା ବା ଘର ପାଇନାହାନ୍ତି, ତାଙ୍କୁ ତୁରନ୍ତ ଯୋଗାଇଦେବେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୧୫ ଏପ୍ରିଲ ୨୦୨୬, ଭୁବନେଶ୍ୱର
Wednesday 15 April 2026, Bhubaneswar

# କେବେ ସରିବ ରୁଷ-ୟୁକ୍ରେନ ଯୁଦ୍ଧ

ଚାରି ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧ ଆଜି ମଧ୍ୟ ଜୀବନ୍ତ ରହିଛି। ୨୦୨୨ ଫେବ୍ରୁଆରୀରେ ଆରମ୍ଭ ହୋଇଥିବା ଏହି ସଂଘର୍ଷ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ପଞ୍ଚମ ବର୍ଷରେ ପଦାର୍ପଣ କରିଛି। ସମ୍ପ୍ରତି ଓର୍ଥୋଡକ୍ସ ଇଷ୍ଟର ଉପଲକ୍ଷେ



ରୁଷ ଏକ ସ୍ୱଳ୍ପକାଳୀନ ଏକପାଖୀୟ ଯୁଦ୍ଧ-ବିରତି ଘୋଷଣା କରିଥିଲା। କିନ୍ତୁ ଉଭୟ ପକ୍ଷ ଏକେ ଅନ୍ୟକୁ ଉଲ୍ଲଙ୍ଘନ କରିଥିବା ଅଭିଯୋଗ କରୁଛନ୍ତି। ୟୁକ୍ରେନ ସେନା ମୁଖ୍ୟାଳୟ ଅନୁସାରେ, ଯୁଦ୍ଧ-ବିରତି ସମୟରେ ମଧ୍ୟ ରୁଷ ହଜାର ହଜାର ଥର ଆକ୍ରମଣ କରିଛି। ଏହା ସ୍ପଷ୍ଟ କରୁଛି ଯେ ଯୁଦ୍ଧ ଶେଷ ହେବାର କୌଣସି ଲକ୍ଷଣ ଏ ମୁହୂର୍ତ୍ତରେ ଦେଖାଯାଉନାହିଁ। ତେବେ ପ୍ରଶ୍ନ ଉଠୁଛି – ଏହି ଯୁଦ୍ଧ କେବେ ଶେଷ ହେବ କି? ଏହା କେବଳ ଏକ ରାଜନୈତିକ ପ୍ରଶ୍ନ ନୁହେଁ, ବରଂ ଲକ୍ଷ ଲକ୍ଷ ଜୀବନ ଏବଂ ବିଶ୍ୱ ସ୍ଥିରତାର ପ୍ରଶ୍ନ।

ଯୁଦ୍ଧର ଦୀର୍ଘସ୍ଥାୟୀତାର ମୂଳ କାରଣ ହେଉଛି ଉଭୟ ପକ୍ଷର ଅସମ୍ଭବ ଦାବି। ରୁଷ କ୍ରିମିୟା ଏବଂ ଡୋନବାସ୍ ଅଞ୍ଚଳର ପୂର୍ଣ୍ଣ ନିୟନ୍ତ୍ରଣ ଚାହୁଁଛି ଏବଂ ୟୁକ୍ରେନକୁ ନାଟୋ ସଦସ୍ୟତାରୁ ଦୂରେଇ ରଖିବାକୁ ପ୍ରତିଜ୍ଞା କରିଛି। ଅନ୍ୟପକ୍ଷରେ ୟୁକ୍ରେନ ନିଜର ସାର୍ବଭୌମତ୍ୱ ଏବଂ ଭୂଖଣ୍ଡୀୟ ଅଖଣ୍ଡତା ପାଇଁ ଲଢ଼ୁଛି ଏବଂ ସୁରକ୍ଷା ଗ୍ୟାରେଣ୍ଟି ବିନା କୌଣସି ସମାଧାନ ମାନିବ ନାହିଁ ବୋଲି କହୁଛି। ଏହି ମୂଳ ଅସଙ୍ଗତି ଯୋଗୁଁ ଫେବ୍ରୁଆରୀ ୨୦୨୬ରେ ଜେନେଭା ଏବଂ ଆବୁଧାବିରେ ହୋଇଥିବା ତ୍ରି-ପାକ୍ଷିକ ଆଲୋଚନା (ଆମେରିକା-ୟୁକ୍ରେନ-ରୁଷ) ବ୍ୟର୍ଥ ହୋଇଛି। ବନ୍ଦୀ ବିନିମୟ ହୋଇଛି ଠିକ୍, ହେଲେ ମୁଖ୍ୟ ବିଷୟଗୁଡ଼ିକ ଉପରେ କୌଣସି ଏକମତ ହେଉନାହିଁ। ରୁଷର ଅର୍ଥନୈତିକ ଚାପ ଏବଂ ୟୁକ୍ରେନର ଶକ୍ତି ସଙ୍କଟ ସତ୍ତ୍ୱେ ଯୁଦ୍ଧ ଜାରି ରହିଛି। ୟୁକ୍ରେନର ଡ୍ରୋନ୍ ଆକ୍ରମଣ ଏବଂ ରୁଷର ସୀମିତ ଅଗ୍ରଗତି ଦେଖାଯାଉଛି, କିନ୍ତୁ କୌଣସି ପକ୍ଷ ପରାଜୟ ସ୍ୱୀକାର କରୁନାହିଁ।

ତଥାପି ଇତିହାସ ଆମକୁ ଶିଖାଏ ଯେ କୌଣସି ଯୁଦ୍ଧ ଅନନ୍ତକାଳ ଚାଲି ନଥାଏ। ପ୍ରଥମ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମଧ୍ୟ ଶାନ୍ତି ଆସିଥିଲା। ଏହି ଯୁଦ୍ଧ ମଧ୍ୟ ଦିନେ ନା ଦିନେ ଶେଷ ହେବ। କିନ୍ତୁ କେବେ? ଏହା ନିର୍ଭର କରୁଛି କେତେକ ମୂଳ ଉପାଦାନ ଉପରେ। ପ୍ରଥମତଃ ଉଭୟ ଦେଶର ଆର୍ଥିକ ଏବଂ ମାନବୀୟ କ୍ଷୟକ୍ଷତି ଯଦି ଅସହ୍ୟ ହୁଏ ତେବେ ଆଲୋଚନାର ଦ୍ୱାର ଖୋଲିବ। ଦ୍ୱିତୀୟତଃ ଆମେରିକା ଏବଂ ୟୁରୋପୀୟ ଦେଶଗୁଡ଼ିକର ମଧ୍ୟସ୍ଥତା ଯଦି ଅଧିକ ସକ୍ରିୟ ହୁଏ ତେବେ ଫଳ ମିଳିପାରେ। ତୃତୀୟତଃ ରୁଷର ଅର୍ଥନୈତିକ ଚାପ ଏବଂ ୟୁକ୍ରେନର ସୈନ୍ୟ ଶକ୍ତିର ସନ୍ତୁଳନ ଯଦି ବଦଳେ ତେବେ ସମାଧାନ ସମ୍ଭବ। କିନ୍ତୁ ଏହି ସମସ୍ତ କଥା ସତ୍ତ୍ୱେ ଏକ ପୂର୍ଣ୍ଣ ଶାନ୍ତି ଚୁକ୍ତି ପାଇଁ ୟୁକ୍ରେନର ଭୂଖଣ୍ଡୀୟ ଅଖଣ୍ଡତା ଏବଂ ରୁଷର ସୁରକ୍ଷା ଚିନ୍ତାର ସମାଧାନ ଆବଶ୍ୟକ। ଏହା ବିନା କେବଳ ଯୁଦ୍ଧ-ବିରତି ହୋଇପାରେ, ଶାନ୍ତି ନୁହେଁ।

ଏହି ଯୁଦ୍ଧର ପ୍ରଭାବ କେବଳ ଦୁଇ ଦେଶରେ ସୀମିତ ନୁହେଁ। ବିଶ୍ୱ ଅର୍ଥନୀତି, ଖାଦ୍ୟ ସଙ୍କଟ ଏବଂ ଶକ୍ତି ମୂଲ୍ୟ ଉପରେ ଏହାର ପ୍ରଭାବ ପଡ଼ିଛି। ଭାରତ ସମେତ ଅନେକ ଦେଶ ଏହାର ପ୍ରଭାବରେ ପ୍ରଭାବିତ। ତେଣୁ ଆନ୍ତର୍ଜାତିକ ସମ୍ପ୍ରଦାୟର ଦାୟିତ୍ୱ ହେଉଛି ଦୁଇ ପକ୍ଷକୁ ଆଲୋଚନା ଟେବୁଲ୍ ଆଡ଼କୁ ଆଣିବା। ଯୁଦ୍ଧ କେବଳ ବିନାଶ ଆଣେ; ଶାନ୍ତି ହିଁ ଉନ୍ନତିର ପଥ। ଇତିହାସ କହୁଛି ବିବାଦର ସମାଧାନ ଯୁଦ୍ଧ ଦ୍ୱାରା ନୁହେଁ, ବରଂ ଆଲୋଚନା ଦ୍ୱାରା ହୁଏ।

ଶେଷକଥା, ଏହି ଯୁଦ୍ଧ କେବେ ନା କେବେ ଶେଷ ହେବ ନିଶ୍ଚିତ। କିନ୍ତୁ ଏହା ଆଜି ନୁହେଁ ତ କାଲି ହେବ। ଉଭୟ ନେତୃତ୍ୱ ଏବଂ ବିଶ୍ୱ ନେତାମାନେ ଯଦି ମାନବୀୟତାର ଦୃଷ୍ଟିରୁ ଚିନ୍ତା କରନ୍ତି ତେବେ ଏହି ଅନ୍ତ ଶୀଘ୍ର ଆସିପାରେ। ନହେଲେ ଏହା ଆଉ କେତେ ବର୍ଷ ଚାଲିବ କେହି ଜାଣେ ନାହିଁ। କିନ୍ତୁ ଏକ କଥା ସ୍ପଷ୍ଟ – ଯୁଦ୍ଧ କେବେ ବି ବିଜୟୀ ହୁଏ ନାହିଁ; ଶାନ୍ତି ହିଁ ଏକମାତ୍ର ବିଜୟ। ବିଶ୍ୱ ଏହି ଶାନ୍ତିର ପ୍ରତୀକ୍ଷାରେ ଅଛି।

# ବିଷୁବ ମିଳନର ପର୍ବ ଓଡ଼ିଆ ନବବର୍ଷ



ଡକ୍ଟର ଲକ୍ଷ୍ମଣ ସାହୁ

ଓଡ଼ିଆ ପଞ୍ଜିକାର ଗଣନା ଅନୁସାରେ ମହାବିଷୁବ ସଂକ୍ରାନ୍ତି ହିଁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗ୍ରହଣ କରାଯାଇଛି। ଏହା ସାଧାରଣତଃ ଅପ୍ରେଲ ୧୪ (ବୈଶାଖ ୧) ତାରିଖରେ ପଡ଼େ। ଏହି ଦିନଠାରୁ ବସନ୍ତ ଋତୁର ଶେଷ ଓ ଗ୍ରୀଷ୍ମ ଋତୁ ଆରମ୍ଭ ହୁଏ। ସେହି ଦିନକୁ ଓଡ଼ିଆ ନବବର୍ଷ ଭାବରେ ପାଳନ କରାଯାଉଛି। ବର୍ଷ ଆରମ୍ଭ ହେଉଥିବାରୁ ଓଡ଼ିଆ ପରିବାରରେ ଦେବଦେବୀଙ୍କୁ ସ୍ୱତନ୍ତ୍ର ପୂଜା, ଭୋଗ, ହୋମ ଆଦି କରାଯାଏ। ଏହି ସମୟରେ ସୂର୍ଯ୍ୟଙ୍କ କିରଣ ବୃଦ୍ଧି ପାଇବା ସହ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଗରିଷ୍ଠ ଖାଦ୍ୟ ହଜମ ହେଉଥିବାରୁ ବୁଟଛତୁ ପରି ଗରିଷ୍ଠ ଖାଦ୍ୟପଦାର୍ଥ ଗ୍ରହଣ ପାଇଁ ଆୟୋଜନ ଥାଏ। ଦେହର ଅତ୍ୟଧିକ ତାପ ଶକ୍ତି ସମ ଅବସ୍ଥାକୁ ଆଣିବା ପାଇଁ ପଣାପାନର ବ୍ୟବସ୍ଥା ହୁଏ। ତେଣୁ ମହାବିଷୁବ ସଂକ୍ରାନ୍ତି ଦିନରେ ବିଭିନ୍ନ ଦେବଦେବୀ ମନ୍ଦିରମାନଙ୍କରେ ଛତୁ ଓ ପଣା ଭୋଗର ବିଧି ରହିଛି। ଏହି ଦିନ ସାଇପଡ଼ିଶା, ବନ୍ଧୁବାନ୍ଧବ ଓ ବ୍ରାହ୍ମଣମାନଙ୍କୁ ପଣା ଦିଆଯାଏ। ତେଣୁ ଏହି ଦିନକୁ ପଣାସଂକ୍ରାନ୍ତି ମଧ୍ୟ କୁହାଯାଇଥାଏ।

ପଣାସଂକ୍ରାନ୍ତିରୁ ରାସ୍ତାକଡ଼ରେ ଅସହ୍ୟ ଗ୍ରୀଷ୍ମ ତାତିରୁ ପଥିକମାନଙ୍କର ତୃଷ୍ଣା ନିବାରଣ ପାଇଁ ଜଳଛତ୍ରମାନ ଖୋଲାଯାଏ। ଆମ ସମାଜରେ ବୃକ୍ଷମୂଳରେ ଜଳଦାନର ପ୍ରଥା ପ୍ରଚଳିତ ଅଛି। ସେଥିପାଇଁ ହିନ୍ଦୁ ପରିବାରରେ ଚଉଁରାରେ ପୂଜା ପାଉଥିବା ତୁଳସୀ ବୃକ୍ଷ ଉପରେ ଛାମୁଡ଼ିଆ କରି ଘଡ଼ି ବା ଠେକିରେ ଜଳ ରଖି ତାର ନିମ୍ନ ଅଂଶରେ ସରୁ କଣାକରି ସୂକ୍ଷ୍ମ ଧାରରେ ଜଳଦାନ କରାଯାଇଥାଏ। ଟୋପା ଟୋପା ଜଳ ତୁଳସୀ ବୃକ୍ଷ ମୂଳରେ ପଡ଼ିଥାଏ। ଏହି ଠେକିକୁ ବସୁନ୍ଧରା ଠେକି କହାଯାଏ। ତୁଳସୀ ବୃକ୍ଷରେ ସୂର୍ଯ୍ୟକିରଣ ନପଡ଼ିବା ପାଇଁ ଛାମୁଣ୍ଡିଆ ମଧ୍ୟ କରିଥାନ୍ତି। ଏହି ସଂକ୍ରାନ୍ତି ଠାରୁ ବୃକ୍ଷଜଗତ ଓ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିର ଅନ୍ୟ ନାମ ଜଳସଂକ୍ରାନ୍ତି ବୋଲି କହିଥାନ୍ତି। ଏହି ସଂକ୍ରାନ୍ତି ପରେ ପରେ ବାୟୁର ଗତି ମଧ୍ୟ ପ୍ରଖର ହୁଏ। ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷାପାଇବା ପାଇଁ ହନୁମାନ ଜୟନ୍ତି ମଧ୍ୟ ପାଳନ କରାଯାଏ। ଏହିଦିନ ପବିତ୍ର ଝାମୁ ବ୍ରତର ଉଦ୍‌ଯାପନ କରାଯାଏ। ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ତାଙ୍କୁ ପାଟୁଆ ବୋଲି କୁହାଯାଏ। ବ୍ରତ ଉଦ୍‌ଯାପନ ଦିନ ବ୍ରତଧାରୀ କଣ୍ଟା ବା ଜଳନ୍ତା ଅଗ୍ନିରେ ଚାଲନ୍ତି। ଓଡ଼ିଶାର ଅନେକ ଅଞ୍ଚଳରେ ଏହି ବ୍ରତ ଉପଲକ୍ଷେ ଯାତ୍ରା ହୁଏ , ଏହାକୁ ଝାମୁ ବା ପାଟୁଆ ଯାତ୍ରା କହନ୍ତି। ବ୍ରତଧାରୀମାନେ ସମାଜକୁ କଠୋର ତାପ ସହ୍ୟ କରିବାର ଶକ୍ତି ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥାନ୍ତି।

କେତେକ ସ୍ଥାନରେ ଛତୁଆ, ଦହି, ଗୁଡ଼, କଦଳୀ ଓ ନଡିଆକୁ ମିଶାଇ ତୁଳସୀ ଚଉରା ପାଖରେ ଭୋଗ ଲଗାଯାଏ। ବେଲ ପଣାରେ ବଟା ଭାଙ୍ଗ ମିଶାଇ ଭାଙ୍ଗ ପଣା ସେବନ ମଧ୍ୟ କରାଯାଇଥାଏ। ଚଣ୍ଡୀ, ସାରଳା, ବିରଜା ଆଦି ଠାକୁରାଣୀ ମନ୍ଦିରମାନଙ୍କରେ ଏହି ଦିନ ଝାମୁ ଯାତ୍ରା ପାଳନ କରାଯାଏ। ଘଣ୍ଟ ପାଟୁଆମାନେ ଘଣ୍ଟ ମୁଣ୍ଡେଇ, କାଠ ଗୋଡ଼ ପିନ୍ଧି ଠାକୁରାଣୀ ମନ୍ଦିର ଆଗରେ ନିଆଁ ଉପରେ ଚାଲିବାର ପ୍ରଥା ରହିଛି। ଦକ୍ଷିଣ ଓଡ଼ିଶାରେ ମାସାଧିକ କାଳ ଧରି ଚାଲିଥିବା ଦଣ୍ଡ ନାଚର ଅନ୍ତିମ ଭାବେ ଏହି ଦିନ ମେରୁ ଯାତ ପାଳନ କରାଯାଏ। ଲୋକେ ବେଲ ପଣା ଓ ଛତୁଆ ସହ ଏହାକୁ ପାଳନ କରନ୍ତି। ଉତ୍ତର ଓଡ଼ିଶାରେ ଏହି ଦିନକୁ ଚଡ଼କପର୍ବ ନାମରେ ପାଳନ କରିଥାନ୍ତି। ଏହି ଦିନ ପାଟୁଆ ମାନେ ନିଷ୍ଠାର ସହିତ ଦେବୀ ପୀଠରେ ସେମାନଙ୍କ ଭକ୍ତି ଭାବ ଅର୍ପଣ କରନ୍ତି।

ପାଟୁଆ ଯାତ୍ରାର ଧାର୍ମିକ ଭିତ୍ତିଭୂମି ସମ୍ପର୍କରେ ଭିନ୍ନ ଭିନ୍ନ ମତ ଥିଲେ ମଧ୍ୟ ଏଥିରେ ତନ୍ତ୍ରର ବିଶେଷ ପ୍ରଭାବ ପଡିଥିବା ଗ୍ରହଣ କରାଯାଏ। ଓଡ଼ିଶାରେ ବାମମାର୍ଗ ତନ୍ତ୍ରର ଉତ୍ପତ୍ତି ଖ୍ରୀଷ୍ଟୀୟ ୬ଷ୍ଠ/୭ମ ଶତାବ୍ଦୀରୁ ଆରମ୍ଭ ହୋଇଥିବା- ଅନୁମାନ କରାଯାଇଛି। ଯୋଗାଚାର ପନ୍ଥୀମାନେ ଜପ, ଯଜ୍ଞ ପ୍ରକ୍ରିୟାରେ ମହାମାୟାଙ୍କୁ ସନ୍ତୁଷ୍ଟ କରିବାରେ ବିଶ୍ୱାସ କରୁଥିଲାବେଳେ ବାମମାର୍ଗୀମାନେ ହଠଯୋଗ ପ୍ରକ୍ରିୟାରେ ଦେବୀଙ୍କୁ ଆରାଧନା କରିବାରେ ମନ ବଳାଇଥିଲେ। ବିଶେଷତଃ ଖ୍ରୀଷ୍ଟୀୟ ୮ମ, ୯ମ ଶତାବ୍ଦୀରେ ବାମପନ୍ଥୀ ତାନ୍ତ୍ରିକମାନଙ୍କର ପ୍ରାଧାନ୍ୟ ବୃଦ୍ଧି ପାଇଥିଲା। ସେତବେଳକୁ ତାନ୍ତ୍ରିକ ମତରେ ଶ୍ରୀ ବିମଳାଙ୍କୁ ଭୈରବୀ ଓ ଶ୍ରୀ ଜଗନ୍ନାଥଙ୍କୁ ତନ୍ତ୍ରର ଅଧିଷ୍ଠାତା ଭୈରବ ରୂପେ ସ୍ୱୀକାର କରି ଓଡ଼ିଶାକୁ ଉଡ୍ରପୀଠ ରୂପେ ତନ୍ତ୍ର ସ୍ୱୀକୃତି ମିଳିଲା। ବୌଦ୍ଧ ଧର୍ମର ଜାତିଭେଦ ବିରୋଧୀ ସ୍ୱର ଓ ତାନ୍ତ୍ରିକଧାରା ଯୋଗୁଁ ଏହା ଜନ ସାଧାରଣଙ୍କ ମଧ୍ୟରେ ଲୋକପ୍ରିୟ ହୋଇଥିଲା। ସ୍ୱାଭିବିକ ପ୍ରତିକ୍ରିୟା ଭାବେ ହିନ୍ଦୁଧର୍ମର ଶୈବ ଓ ଶାକ୍ତ ଗୋଷ୍ଠୀ ଏଥିରେ ପ୍ରଭାବିତ ହେଲା। ଯାହା ଫଳରେ ସମଗ୍ର ଓଡ଼ିଶାରେ ହଠଯୋଗ ମାଧ୍ୟମରେ ଶିବ ଓ ଶକ୍ତିଙ୍କର ଆରାଧନା କରାଗଲା। ଏହି ଆରାଧନା କୁଳୀନ ବ୍ରାହ୍ମଣମାନଙ୍କ ମଧ୍ୟରେ କେବଳ ସୀମିତ ରହିଲା ନଥିଲା। ବରଂ ସମାଜର ନିମ୍ନ ଜାତିର ଲୋକମାନଙ୍କୁ ମଧ୍ୟ ଆକୃଷ୍ଟ କରାଗଲା। ହଠଯୋଗ ଓ କାୟାକ୍ଲେଶ



ସାଧନା ଫଳରେ ଶିବ ଓ ଶକ୍ତିଙ୍କୁ ଆରାଧନା କରିବା ନିମନ୍ତେ ଏ ଯେଉଁ ପ୍ରଚେଷ୍ଟା ଆରମ୍ଭ ହେଲା, ତାହାର ଫଳଶ୍ରୁତି ହେଲା 'ପାଟୁଆଯାତ୍ରା'।

ଶିବ ହେଉଛନ୍ତି ପାଟୁଆଯାତ୍ରାର ମୁଖ୍ୟ ଦେବତା। ଏହି ଯାତ୍ରାରେ ଭାଗ ନେଉଥିବା ଭକ୍ତମାନଙ୍କୁ ଭକ୍ତା ବୋଲି କୁହାଯାଇଥାଏ। ଏହି ଭକ୍ତାମାନେ ନିଜକୁ ଶିବପ୍ରିୟା ପାର୍ବତୀ ଭାବେ ନିଜକୁ ମନେକରି କଠିନ କାୟକ୍ଲେଶ ସାଧନ ପୂର୍ବକ ଶିବକୃପା ଲାଭ କରିବାର ପ୍ରଚେଷ୍ଟା କରନ୍ତି। ସେଥିପାଇଁ ଭକ୍ତା ନିଜକୁ ନାରୀ ଭାବେ ସଜାଇ ଏହି ଯାତ୍ରାରେ ଅଂଶଗ୍ରହଣ କରିଥାଏ। ବାସ୍ତବରେ କୌଣସି ପ୍ରକୃତ ନାରୀ ଏଥିରେ ଅଂଶ ନେଇପାରନ୍ତି ନାହିଁ। ଉତ୍ତର ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ପାଟୁଆ ଯାତ୍ରା ହେବାର ଲକ୍ଷ୍ୟ କରାଯାଏ। ବହୁ ସ୍ଥାନରେ ଶିବଙ୍କ ସହିତ ଶକ୍ତିକୁ ମଧ ଆରାଧନା କରାଯାଇଥାଏ। ମୂଖ୍ୟତଃ ଶିବ କୃପା ଲାଭ ନିମନ୍ତେ ଶକ୍ତିଙ୍କୁ ମାଧ୍ୟମ ରୂପେ ଗ୍ରହଣ କରି ନିଜ ମଧ୍ୟରେ ଶକ୍ତିଙ୍କର ସମାବେଶ ଘଟାଇବା ନିମନ୍ତେ ଭକ୍ତ ତାଙ୍କର ଶରଣ ପଶିଥାଏ। ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଚରମ୍ପା 'ପାଟୁଆଯାତ୍ରା', ମୟୂରଭଞ୍ଜର 'ରରୁଆଁ' ଓ 'ଠାକୁରମୁଣ୍ଡା'ର, ପୁରୀଜିଲ୍ଲାର 'କାକଟପୁର', କଟକ ଜିଲ୍ଲାର 'ବାଙ୍କୀ', 'ଝଙ୍କଡ଼' ପ୍ରଭୃତି ସ୍ଥାନରେ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ପାଟୁଆ ଯାତ୍ରା ମାନଙ୍କରେ ଆରାଧ୍ୟା ହେଉଛନ୍ତି 'ଶକ୍ତି'।

ଦେଖିବାକୁ ଗଲେ ଓଡ଼ିଶାର ସମାଜିକ ଜୀବନରେ ପାଟୁଆଯାତ୍ରାର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜାତି ବର୍ଣ୍ଣ ନିର୍ବିଶେଷରେ ଲୋକେ ଏହିଯାତ୍ରାରେ ସାମିଲ ହୁଅନ୍ତି। ଶିବ ଓ ଶକ୍ତିଙ୍କ ଭୟରେ କେହି ଏହି ଯାତ୍ରାରେ ସାମିଲ ହୋଇଥିବା ଯୋଗୁଁ କାହାରିକୁ ଜାତି ପାଟକରୁ ଅଲଗା କରିପାରି ନଥାନ୍ତି। କେତେକ ଯାଗାରେ ଦେବୀଙ୍କୁ ନୈବେଦ୍ୟ ଦିଆଯାଇଥିବା ଅନ୍ନ କେବଳ ନୀଚ ଜାତିର ଲୋକେ ଖାଇଥାନ୍ତି। ମାତ୍ର ଉଡ଼ା ପାଟୁଆମାନେ ଫିଙ୍ଗୁଥିବା ମିଷ୍ଟାନ୍ନ ସକଳକୁ ସମସ୍ତେ ଆଗ୍ରହର ସହ ଗ୍ରହଣ କରିଥାନ୍ତି। ଅଦ୍ୟାବଧି ଓଡ଼ିଶାର ତନ୍ତ୍ର ସଂସ୍କୃତିର କ୍ଷୀଣଧାରାକୁ ପାଟୁଆଯାତ୍ରା' ବଞ୍ଚାଇ ରଖିଛି। ପାଟୁଆମାନେ ଆରାଧ୍ୟ ଦେବଦେବୀ ଉପରେ ଅଖଣ୍ଡ ବିଶ୍ୱାସ ରଖି କଠିନ ସାଧନା କରନ୍ତି। ପାଟୁଆ ଯାତ୍ରାରେ ଭକ୍ତମାନେ ଅନେକ ଗୀତ ଗାଇଥାନ୍ତି। ପାଟୁଆଯାତ୍ରାର ସାହିତ୍ୟ ହେଉଛି ଲୋକସାହିତ୍ୟ। ଗାଁ ଗଣ୍ଡାରେ ପାଟୁଆମାନେ ମାଗଣ କଲାବେଳେ ଅନେକ କ୍ଷେତ୍ରରେ ଲୋକକବିମାନଙ୍କ ରଚିତ ପଦ ଆବୃତି ବି ସ୍ତୁତି କରିଥାନ୍ତି। ବେଳେବେଳେ ପଦ ମନେ ନପଡ଼ିଲେ ନିଜେ ମନରୁ ଫାନ୍ଦି ବୋଲିଥାନ୍ତି - " ଗୋହିରୀର ବେତ, ମାଆ ମଙ୍ଗଳାଙ୍କୁ ମୋ ଦଣ୍ଡବତ, ଅନୁକୂଳ ହେଲା ଗୀତ / ଚିରିଚିରି ଗଲା ବତା, ପତ୍ରଶୁଣୀ ବୋଲି ବଡ଼ ଦେବତା, ଶୂନ୍ୟେ ଉଡ଼େ ପାଟଛତା। ଚିରିଦେଲି ଚିରାବତା, ସ୍ୱର୍ଗରେ ବନ୍ଦିଲି ସ୍ୱର୍ଗ ଦେବତା/ ତଳେ ବନ୍ଦେ ବସୁମାତା। ଶିଟୁକାଠ ପୋଲି ପୋଲି/ କ୍ଷେତ୍ରରେ ବନ୍ଦିଲି ମା' ବିମଳୀ, ବନ୍ଦେ କଲିକତା କାଳୀ "। ଭକ୍ତା ପାଟୁଆ ଗାଁ ପରିକ୍ରମା କଲାବେଳେ ଦେବ ଦେବୀ ଜଣାଣ , ସ୍ତୁତି ସହିତ ନିଜର ବ୍ୟକ୍ତିଗତ ସୁଖଦୁଃଖ ହସକାନ୍ଦର ଜୀବନ ସମ୍ପର୍କରେ ଯେଉଁ ସୂଚନା ଦେଇ ଗାଇଥାଏ ତାହା ବେଶ୍ ହୃଦୟସ୍ପର୍ଶୀ।

ବାସ୍ତବରେ କହିବାକୁ ଗଲେ ପାଟୁଆ ଯାତ୍ରା ଓଡ଼ିଶାର ଏକ ପ୍ରମୁଖ ଲୋକନୃତ୍ୟ। ଓଡ଼ିଶା ବାହାରେ ମଧ୍ୟ ଏହା ବିଭିନ୍ନ ନାମରେ ପାଳିତ ହୋଇଥାଏ। ପାଟୁଆ ଯାତ୍ରା ଚୈତ୍ର ମାସରେ ଆରମ୍ଭ ହୋଇ ବୈଶାଖ ସଂକ୍ରାନ୍ତି ଦିନ ଶେଷ ହୁଏ। ଏଥିରେ ଭକ୍ତମାନେ ନିଷ୍ଠାର ସହିତ କଠୋର କାୟକ୍ଲେଶ ବରଣ କରିଥାନ୍ତି। ଏହାକୁ ଗଣ୍ଡ ଜାତିର ଲୋକମାନେ 'ମେଘନାଦ', ବିହାରର ଛୋଟନାଗପୁର ଅଞ୍ଚଳର ଲୋକମାନେ 'ମାଣ୍ଡା', ତାମିଲନାଡୁରେ 'ଚେଡ଼ତୁଲ', ଦାକ୍ଷିଣାତ୍ୟର ଅନ୍ୟ କେତେକ ଅଞ୍ଚଳରେ 'ବାଗଡ଼', ବଙ୍ଗଳାରେ 'ଚଡକ ପୂଜା', ପ୍ରଭୃତି ନାମରେ ନାମିତ ହୋଇଛି। ଉତ୍ତର ଓଡ଼ିଶାରେ ଏହାକୁ 'ପାଟୁଆ ଯାତ୍ରା' କୁହାଯାଇଥିଲା ବେଳେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଏହାକୁ ଦଣ୍ଡନାଟ ଓ ଝାମୁ ଯାତ୍ରା ବୋଲି କୁହାଯାଏ। ପୁଣି ପାଟୁଆ ଯାତ୍ରା, ଦଣ୍ଡ ଯାତ୍ରା ଓ ଝାମୁ ଯାତ୍ରା ମଧ୍ୟରେ ବିଶେଷ ପାର୍ଥକ୍ୟ ଦେଖା ଯାଇନଥିଲେ ମଧ୍ୟ ଏହି ତିନି ପ୍ରକାର ଯାତ୍ରା ଆଞ୍ଚଳିକ ବୈଷମ୍ୟ ଦେଖାଯାଏ।

କାରଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଦଣ୍ଡପୂଜା ହୋଇ ଆସୁଛି। କଟକ, ଢେଙ୍କାନାଳ, ଗଂଜାମ, ନୟାଗଡ଼ ଆଦି ଦଣ୍ଡ ପୂଜା ବହୁ ପୁରୁଷ ଧରି ଚାଲିଛି। ଦଣ୍ଡନାଚର ପାଳନରେ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଶୈବ ଧର୍ମରୁ ଏହାର ଉତ୍ପତ୍ତି। ରଣ ଶିବ ସକଳ ନାଟ୍ୟପ୍ରକଟ ଶାସ୍ତ୍ର ମୂଳ ଦେବତା। କୋଠର ନିୟମରେ ରହି ଶିବ ପାର୍ବତୀଙ୍କ କଥା ପ୍ରଚାର କରିବା ଦଣ୍ଡ ନାଟର ଲକ୍ଷ୍ୟ। ମାନସିକ ପୂରଣ ପାଇଁ ସାଧାରଣତଃ ଏହା କରାଯାଏ। ଏହାର ସୃଷ୍ଟି ସମ୍ପର୍କରେ ଶିବ ପୁରାଣରେ ବର୍ଣ୍ଣନା ଅଛି। ଚୈତ୍ର ବୈଶାଖ ମାସ ଶିବଶକ୍ତି ଉପାସନା ପାଇଁ ଉପଯୁକ୍ତ୍ୟ ସମୟ। ଏହି ଦଣ୍ଡ ବ୍ରତ ୧୩ କିମ୍ବା୨୧ ଦିନ ଧରି ଆରମ୍ଭ ହୋଇ ପଣା ସଂକ୍ରାନ୍ତି ଦିନ ଶେଷ ହୁଏ। ତେଣୁ ଉତ୍ତର ଓଡ଼ିଶାରେ ଏହାକୁ 'ପାଟୁଆ ଯାତ୍ରା' କୁହାଯାଇଥିବା ବେଳେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଏହାକୁ ଦଣ୍ଡନାଟ ଓ ଝାମୁ ଯାତ୍ରା କୁହାଯାଏ। ତା' ସତ୍ତ୍ୱେ ଓଡ଼ିଶାରେ ଏହାକୁ ଓଡ଼ିଆ ନବବର୍ଷ ଭାବେ ମାନିଥାନ୍ତି।ଏସବୁକିଛି ମୂଳ ଗୋଟିଏ ବୋଲି ଗ୍ରହଣ କରାଯାଇଛି..!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦୧୫ ୧୪୭୫**

# ବିଷୁବ ସଂକ୍ରାନ୍ତି: ବଳିଙ୍କ ଶସ୍ୟ ଯଜ୍ଞ ଓ ବୋରିକ ମେଳଣ

ସମୀର ସାମନ୍ତରାୟ

ମହାନ ଓଡ଼ିଆ ଆଧ୍ୟାତ୍ମିକ ଓ ଜନଜୀବନ ଚେତନାରେ ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିର ଗ୍ରହଣୀୟତା ଓ ଆଦରପଣ ସହ ଏହି ଦିନଟି ଆମ ସମସ୍ତଙ୍କ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ଦିନଟି ହେଉଛି ଆମ ଓଡ଼ିଆ ନବ ବର୍ଷ। ଆନନ୍ଦମୟ ଋତୁ କୁହାଯାଉଥିବା ସବୁଜିମାର ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମ ମୁଣ୍ଡ ଉପରକୁ ଆସିବା ପୂର୍ବରୁ ଯେପରି ପ୍ରକୃତି ସବୁ କିଛି ବ୍ୟବସ୍ଥା ଆମ ପାଇଁ ଖଞ୍ଜି ଦେଇଥାଏ। ଏହି ମହାବିଷୁବ ସଂକ୍ରାନ୍ତିରୁ ପାରମ୍ପରିକ ଭାବେ ଓ ନାକ୍ଷତ୍ରିକ ଦିଗ ଦେଖିଲେ ଗ୍ରୀଷ୍ମଋତୁର ଆରମ୍ଭ ଦିନଟି। ଓଡ଼ିଆଙ୍କ ପାଇଁ ଘରମୁଣ୍ଡ ପାଖରେ ଥିବା ଚଉଁରାରେ ଓ ବେଲଗଛ ମୂଳରେ ଏହି ଦିନରେ ପଣା ଓ ଭୋଗ ସମର୍ପଣ ହୁଏ। ଆମ ଓଡ଼ିଆ ଆଧ୍ୟାତ୍ମିକ ସଂସ୍କୃତିରେ କାର୍ତ୍ତିକ ମାସ ଆକାଶ ଦୀପ ପରି ଏହି ଦିନରୁ ନିର୍ଦ୍ଦିଷ୍ଟ ତିଥି ପର୍ଯ୍ୟନ୍ତ ଚଉଁରା ଉପରେ ପତ୍ର ସୁସଜ୍ଜିତ ବ୍ୟବସ୍ଥା ଅନୁଯାୟୀ ବସୁନ୍ଧରା ଠେକିରେ କଣା କରି ସେଥିରେ ଛତୁଆ, ଦହି, ଗୁଡ଼ ମିଶା ବେଲପଣା ରଖି ଟଙ୍ଗା ଯାଇଥାଏ। ଏହି ଅବସରରେ ଆମ ଓଡ଼ିଶାର ଦକ୍ଷିଣ ଅଞ୍ଚଳର ଗଞ୍ଜାମ, ବ୍ରହ୍ମପୁର, ନୟାଗଡ଼ ପରି ଅଞ୍ଚଳରେ ଦଣ୍ଡନାଚ ଓ ପ୍ରସିଦ୍ଧ ଝାମୁ ଯାତ୍ରା ଆରମ୍ଭ ହୋଇଥାଏ। ସେହିପରି ଉତ୍ତର ଓଡ଼ିଶା ଅର୍ଥାତ୍ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧ ଚଡ଼କ ପର୍ବ ବେଶ୍ ଧୂମଧାମରେ ପାଳିତ ହୋଇଥାଏ। ଭକ୍ତିଭାବନା ସହ ମାନସିକଧାରୀ ଦଣ୍ଡ ପାଟୁଆଙ୍କ ଭକ୍ତ ସମର୍ପଣ ଓ ନିଆଁରେ ଦୁଃସାହସିକ ଯାତ୍ରା ଆଖି ତରାଟି ଦେଇଥାଏ। ଏହି ସ୍ମରଣୀୟ ମହାବିଷୁବ ସଂକ୍ରାନ୍ତି ଦିନଟି ଆମ ଓଡ଼ିଆ ଘରର ନୂଆବର୍ଷ ହୋଇଥିବାରୁ ସମସ୍ତଙ୍କ ଘରେ ଘରେ ଥିବା ଥିବା ଆରାଧ୍ୟ ଇଷ୍ଟ ଦେବାଦେବୀଙ୍କ ସ୍ୱତନ୍ତ୍ର ପୂଜା, ହୋମଯଜ୍ଞ କେହି କେହି କରିଥାନ୍ତି। ପ୍ରାୟତଃ ଗ୍ରାମଦେବତୀଙ୍କ ପାଖରେ ସ୍ୱତନ୍ତ୍ର ମାଜଣା ଓ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳର ମଠ ମନ୍ଦିର ମାନଙ୍କରେ ଏହି ଦିନରେ ଅନେକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସେହିପରି ମହାବିଷୁବ ସଂକ୍ରାନ୍ତିର ଆଉ ଏକ ସ୍ୱତନ୍ତ୍ରତା ହେଉଛି ଏହି ଦିନ ଓଡ଼ିଆ ପଞ୍ଜିକା ପାରମ୍ପରିକ ଭାବେ ପ୍ରଚଳନ ହୋଇଥାଏ। ବିଷୁବ ସଂକ୍ରାନ୍ତି ତିଥିଟି ଭଗବାନ ହନୁମାନଙ୍କ ଜନ୍ମ ତିଥି ହୋଇଥିବାରୁ ଅନେକ ସ୍ଥାନରେ ପୂଜାଅର୍ଚ୍ଚନା ଓ ଦିନ ତମାମ ହନୁମାନ ଚାଳିଶା ଆଦି ପାଠ ଅନୁଷ୍ଠିତ ହୋଇଥାଏ। ବିଶ୍ୱାସ ରହିଛି ଅଗ୍ନି ଓ ବାୟୁଙ୍କ କୋପରୁ ରକ୍ଷା ପାଇବା ପାଇଁ ଭଗବାନ ହନୁମାନ ଆଶୀର୍ବାଦ କରିଥାନ୍ତି। ପଣା ସଂକ୍ରାନ୍ତିରେ ଅନେକଙ୍କ ବ୍ରତ ନିଷ୍ଠାପର ଭାବେ ପାଳନ କରିଥାନ୍ତି।

ତ୍ରେତା ଯୁଗର କଥା, ଭକ୍ତ ପ୍ରହ୍ଲାଦଙ୍କ ପୌତ୍ର, ଅସୁରରାଜା ବିରୋଚନ ଓ ମାତା ଦେବାମ୍ବାଙ୍କ ପୁତ୍ର ପ୍ରବଳ ପ୍ରତାପୀ ଧାର୍ମିକ, ପ୍ରଜା ବତ୍ସଳ ମହାଦାନୀ ବଳୀ ନିଜ ପରାକ୍ରମରେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳକୁ ଜୟକରି, ଇନ୍ଦ୍ରଙ୍କ ସ୍ଥାନକୁ ଦଖଲ କରିବାକୁ ଶହେ ଅଶ୍ୱମେଧ ଯଜ୍ଞ (ଅନେକ ସ୍ଥାନରେ ଶସ୍ୟଯଜ୍ଞ ବୋଲି କହିଥାନ୍ତି)ର ଆୟୋଜନ କରିଥାନ୍ତି। ଅନେଶୋତ ଯଜ୍ଞ ଶେଷକରି ଏକଶତତମ ଯଜ୍ଞ ସମୟରେ କଶ୍ୟପ ଋଷି ଓ ଅଦିତିଙ୍କ ପୁତ୍ର ବାମନ ରୂପି ଭଗବାନ ବିଷ୍ଣୁ ଯଜ୍ଞସ୍ଥଳରେ ପହଁଚି। ଦାନ ସ୍ୱରୂପ ତିନିପାଦ ଭୂମି ମାଗିଥିଲେ ଦାନବୀର ବଳିଙ୍କୁ। ଅସୁରରାଜାଙ୍କ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ବିରୋଧ ସତ୍ତ୍ୱେ ବଳୀ ତିନିପାଦ ଭୂମି ବ୍ରାହ୍ମଣ ବାମନଙ୍କୁ ଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବାମନ ରୂପି ଭଗବାନ ବିଷ୍ଣୁ ଦୁଇପାଦରେ ସ୍ୱର୍ଗ ମର୍ତ୍ତ୍ୟକୁ ଦଖଲ କରିବାପରେ ତୃତୀୟପାଦ ଭୂମି ପାଇଁ ମହାଦାନୀ ଧର୍ମପରାୟଣ ରାଜା ବଳୀ ନିଜ ମସ୍ତକକୁ ନୁଆଁଇ ନିଜେ ସମର୍ପିତ ହୋଇଥିଲେ। ବଳୀ ମସ୍ତକରେ ପାଦରଖି ବାମନ ରୂପି ବିଷ୍ଣୁଙ୍କୁ ପାତାଳଗାମୀ କରାଇ ଇନ୍ଦ୍ରଙ୍କୁ ରକ୍ଷା କରିଥିଲେ। ଲୋକ କଥାରୁ ଜଣାଯାଏ, ସେହିଦିନରୁ ଅଦ୍ୟାବଧି କଟକ ଜିଲ୍ଲା, କଟକ ସଦର ଥାନା ଅର୍ନ୍ତଗତ କୁରୁକୁଲ୍ୟା (ବର୍ତ୍ତମାନ ସିଡୁଆ) ନଦୀକୂଳରେ ଅବସ୍ଥିତ କୋରକରା ଗ୍ରାମଠାରେ ପ୍ରତ୍ୟେକ ବର୍ଷ ମହାବିଷୁବ (ପଣା)ସଂକ୍ରାନ୍ତି ସମୟରେ ବୋରିକ ମେଳଣ ପଡ଼ିଆରେ ଶସ୍ୟଯଜ୍ଞ ଅନୁଷ୍ଠିତ ହୋଇଆସୁଅଛି। ସେହିଦିନ ଆଖପାଖ ଅଞ୍ଚଳରେ ଶତାଧିକ ମାନସିକ କରୁଥିବା ଭକ୍ତ ଶସ୍ୟଯଜ୍ଞରେ ଶସ୍ୟମାନ ଆହୁତି ଦେଇଥାନ୍ତି। ସ୍ଥାନୀୟ ଯୋଗୀ(ନାଥ) ସମ୍ପ୍ରଦାୟର ଲୋକମାନଙ୍କ ଦ୍ୱାରା ଯଜ୍ଞ ସମାପନ କରିଥାନ୍ତି। ବଳୀଙ୍କ ଶସ୍ୟଯଜ୍ଞ ହେବା ଏବଂ ତାଙ୍କ ଶାସନକାଳରେ ପ୍ରଜାମାନେ ଭଲ ଶସ୍ୟ ଉତ୍ପାଦନପାଇଁ ଶସ୍ୟମାନ ଆହୁତି ଦେବାର ପ୍ରଥା ଆଜିଯାଏ ଚାଲୁଅଛି। ବଳୀପୁତ୍ରଙ୍କ ଜ୍ୟେଷ୍ଠପୁତ୍ର ବାଣେଶ୍ୱରଙ୍କ ମନ୍ଦିର ନିକଟସ୍ଥ ଶ୍ରୀସୁନ୍ଦରପୁର ଗ୍ରାମରେ ଥିବା ଅନ୍ୟଏକ ପ୍ରମାଣ ମିଳେ ବଳୀଙ୍କ ଶାସନ ସମ୍ବନ୍ଧରେ।

ମହାବିଷୁବ ସଂକ୍ରାନ୍ତିର ପୂର୍ବଦିନ ଅର୍ଥାତ୍ ମା'ସନ୍ତ ଦିନ ମଧ୍ୟ ରାତ୍ରରୁ କୋରକରା, ଖଲର୍ଦ୍ଧା, ନାହଳପୁର, ନୂଆଗାଁ ଓ ଗୋବିନ୍ଦପୁର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଚଉଦଟି ସୁସଜ୍ଜିତ ବିମାନରେ ଠାକୁର ବିଭିନ୍ନ ପ୍ରକାର ଆତସବାଜି, ପାରମ୍ପରିକ ନୃତ୍ୟଗୀତ ବାଜା ଆଦି ଦ୍ୱାରା ଶୋଭାଯାତ୍ରାକରି ମେଳଣ ପଡ଼ିଆରେ ପହଁଚିଥାନ୍ତି, ସକାଳୁ ସାକଳୁ ବ୍ରାହ୍ମଣ ପୂଜାକରି ସେହି ଠାକୁର ମାନଙ୍କୁ ବିଦାୟ ଦେଇଥାନ୍ତି, ଠିକ୍ ମାସ ଅନ୍ତ ଭଳି ମହାବିଷୁବ ସଂକ୍ରାନ୍ତି ଦିନ, ଦିନରେ ଶସ୍ୟଯଜ୍ଞ ଶେଷହେବାପରେ ମଧ୍ୟରାତ୍ରରେ ପରମହଂରୁ ପରମହଂସନାଥ, ବାଙ୍କଶ୍ୱରରୁ ବାଙ୍କନାଥ, ଖଲର୍ଦ୍ଧାରୁ ମହାବୀର ଓ ଗୋବିନ୍ଦପୁରରୁ ଗୋପିନାଥଙ୍କ ଚାରିଗୋଟି ସୁସଜ୍ଜିତ ବିମାନରେ ଠାକୁର ପୂର୍ବରାତ୍ରିଭଳି ଶୋଭାଯାତ୍ରା କରି ସକାଳୁ ସକାଳୁ ମେଳଣ ପଡ଼ିଆରେ ପହଁଚି ପୂଜାପାଇ ବିଦାୟ ନିଅନ୍ତି। ମହାବିଷୁବ ସଂକ୍ରାନ୍ତିଠାରୁ ସାତଦିନ ବ୍ୟାପି ଏଠାରେ ଏକ ଛୋଟ ବାଲିଯାତ୍ରା ଭଳି ଦୋକାନବଜାର ଲାଗିଥାଏ, ଆଖପାଖ ଦୁଇଗୋଟି ନିର୍ବାଚନ ମଣ୍ଡଳୀ କଟକ ସଦର ଓ ନିଆଳୀ ଅଞ୍ଚଳର ଲୋକେ ହାଣ୍ଡି, କୁଣ୍ଡେଇ, ଝାଡୁ, କାଠନିର୍ମିତ ସାମଗ୍ରୀ ଓ ମନୋହରୀ ଭଳି ଅନେକ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ କରିଥାନ୍ତି। ସାତଦିନ ପର୍ଯ୍ୟନ୍ତ କୋରକରା ଗ୍ରାମସହ ଆଖପାଖ ଗ୍ରାମବାସୀମାନଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳା ରଖିବା ସହିତ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ, ପୋଲିସ ଓ ପ୍ରଶାସନ ପକ୍ଷରୁ ମଧ୍ୟ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥାଏ। ଏମିତିରେ ଦେଖିଲେ ମହାବିଷୁବ ସଂକ୍ରାନ୍ତି କେବଳ ଆମ ଆଧ୍ୟାତ୍ମିକ ଭାବନା ନୁହେଁ ବରଂ ଶାରୀରିକ ସୁସ୍ଥତା ଚେତନାର ଅନେକ ପ୍ରେରଣାଦାୟୀ ଦିଗକୁ ଶିକ୍ଷା ଦେଇଥାଏ।

**ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ, କୋରକରା, କଟକ**
**ମୋବାଇଲ୍:୯୪୩୭୦୭୨୬୪୬**

# ଦୈନିକ ଦେଣନେଣ କାରବାରରେ ଗୋଲଡ଼ ଓଭର ଡ୍ରାଫ୍ଟ ସର୍ଭିସ



ଡ଼କ୍ଟର ତପନ କୁମାର ପାଳ

ଇସଲାମବାଦରେ ଆମେରିକା-ଇରାନ ଭିତରେ ଯୁଦ୍ଧ ପ୍ରଶମିତ ନିମିତ୍ତ ବୈଠକ ଚାଲିଛି। ଆପଣ ହୁଏତ ପଚାରି ପାରନ୍ତି ଯେ ଏ ଖବର ସହିତ ମୋ ଶୀର୍ଷକର ସମ୍ପର୍କ କ'ଣ ରହିଛି? ବାସ୍ତବ କଥା ହେଉଛି କେବଳ ଭାରତୀୟ ବଜାରରେ ନୁହେଁ ବିଶ୍ୱ ଅର୍ଥନୀତି, ପ୍ରତିପତ୍ତି ଓ ଆର୍ଥିକ ଆଧିପତ୍ୟରେ ସୁନାର ସ୍ଥାନ କାଳେ କାଳେ ସ୍ୱତନ୍ତ୍ର ଓ ଅନନ୍ୟ ହୋଇ ରହିଛି। ସମଗ୍ର ବିଶ୍ୱ ବଜାରରେ ପ୍ରତି ବର୍ଷ ଭାରତ କ୍ୱିଣ୍ଟାଲ କ୍ୱିଣ୍ଟାଲ ସୁନା ବାହାରରୁ ଆମଦାନୀ କରିଥାଏ। ତେବେ ବିଶ୍ୱର ଯେ କୌଣସି ବଡ଼ ଶକ୍ତି ସହିତ ଅନ୍ୟ ଦେଶର ଯୁଦ୍ଧ ଆରମ୍ଭ ହୋଇଗଲେ ସୁନାର ବଜାର ମୂଲ୍ୟ ଉଚ୍ଚା ନୀଚା ହୋଇଥାଏ। ତେବେ ଭାରତରେ ସୁନା କେବଳ ଗହଣା ଭାବେ ସମସ୍ତଙ୍କର ଆଦରଣୀୟ ହୋଇନଥାଏ। ସବୁଠାରୁ ବଡ଼କଥା ହେଉଛି ଅସୁବିଧା, ଆବଶ୍ୟକତା ସମୟରେ ସୁନା ହେଉଛି ଘରର ସବୁଠାରୁ ନିର୍ଭରଯୋଗ୍ୟ ସହାୟକ ଓ ମଜଭୁତ ଆର୍ଥିକ ସମ୍ପତ୍ତି। ଏହି କାରଣ ପାଇଁ ଅନେକ ଭାରତୀୟ ପରିବାର ସୁନାରେ ନିବେଶ ବା ଇନଭେଷ୍ଟ କରିଥାନ୍ତି। ସୁନା ଏକ ପ୍ରକାରର ପ୍ରମୁଖ ସହାୟକ ସଞ୍ଚୟ କହିଲେ ଅତ୍ୟୁକ୍ତି ହେବନାହିଁ। ଜଣଙ୍କର ବା ଗୋଟିଏ ପରିବାରର କୌଣସି ଆବଶ୍ୟକତା ବା ଦୁଃସ୍ଥିତି ପଡ଼ିଲେ ସୁନା ବ୍ୟାଙ୍କରେ ବନ୍ଧକ ରଖି ହେଉ ବା ହାତ ଉର୍ଦ୍ଧ୍ୱାରି ସୁଧ ଲଗାଉଥିବା ଲୋକମାନଙ୍କ ପାଖରେ ସୁନା ରଖି ନିରାପଦରେ କିଛି ଟଙ୍କା ଅଣାଯାଇଥାଏ। ତେବେ ମୋର ଆଜିର ଛୋଟିଆ ଆଲୋଚନାଟି ହେଉଛି ଜଣେ ଗୋଲଡ ଓଭର ଡ୍ରାଫ୍ଟ ମାଧ୍ୟମରେ କିପରି ବ୍ୟାଙ୍କରୁ ପଇସା ଉଠାଇ ପାରିବ ଏବଂ ଏହାର ନିରାପଦ ଦେଣ ନେଣ ବ୍ୟବସ୍ଥାଟି କ'ଣ?

ଯୁଗେ ଯୁଗେ ସୁନାର ମୂଲ୍ୟ ପ୍ରାୟତଃ ଚଢ଼ା ରହିଥାଏ। କେତେବେଳେ କେମିତି ବିଶ୍ୱ ଅର୍ଥନୀତି ଉଠପଡ଼କୁ ଦେଖି କିଛି ମୂଲ୍ୟ କମିଥାଏ କିନ୍ତୁ ସୁନାର ମୂଲ୍ୟ କ୍ରମାଗତ ଭାବେ ଯେ ବଢ଼ି ଚାଲିଛି ଏହା ଯେ କେହି ଅନୁଭବ କରିବ। ମୋର ଆଜିର ଆଲୋଚନାଟି ହେଉଛି ବ୍ୟାଙ୍କିଙ୍ଗ ସେବାରେ ଗୋଲଡ ଓଭର ଡ୍ରାଫ୍ଟ ସୁବିଧା ସମ୍ପର୍କରେ। କୌଣସି ବ୍ୟାଙ୍କ ହେଉ ବା ଅର୍ଥନୈତିକ ସଂସ୍ଥା ଜଣଙ୍କ ସୁନାକୁ ବନ୍ଧକରେ ରଖି ଗୋଲଡ଼ ଓଭର ଡ୍ରାଫ୍ଟ ବ୍ୟବସ୍ଥା ଅନୁଯାୟୀ ଏକ ବିଧିବଦ୍ଧ ଭାବେ ଓଭର ଡ୍ରାଫ୍ଟ ଖାତା ଖୋଲି ଥାଆନ୍ତି। ଯେଉଁଥିରେ ନିର୍ଦ୍ଧାରିତ ପରିମାଣର ଅର୍ଥ ମଞ୍ଜୁର ହୋଇଥାଏ। ତେବେ ଏଇଠି ଆଉ ଟିକିଏ ସ୍ପଷ୍ଟ କରିରଖୁଛି ଆପଣଙ୍କର ଅନୁମୋଦିତ ହୋଇଥିବା ବା ମଞ୍ଜୁର ହୋଇଥିବା ସମସ୍ତ ଅର୍ଥ ଏକାଥରକେ ନେବା ଜରୁରୀ ନୁହେଁ। ଏଠାରେ ମୁଁ ଏକ ଉଦାହରଣରେ ଏହି ଓଭର ଡ୍ରାଫ୍ଟ ବ୍ୟବସ୍ଥାର ପରିଚାଳନା ସମ୍ପର୍କରେ ଆଉ ଟିକିଏ ସରଳ ଭାବରେ ବୁଝାଉଛି। ଧରନ୍ତୁ ଆପଣଙ୍କର ଯେତିକି ପରିମାଣର ସୁନା ବ୍ୟାଙ୍କକୁ ନେଇଛନ୍ତି ଆପଣଙ୍କୁ ବ୍ୟାଙ୍କ ମନେ କରନ୍ତୁ ପାଞ୍ଚଲକ୍ଷ ଟଙ୍କାର ଓଭର ଡ୍ରାଫ୍ଟର ଅନୁମତି ଦେଇଛି। ଯଦି ଆପଣ ସମ୍ପୂର୍ଣ୍ଣ ଅର୍ଥରାଶି ବା ପାଞ୍ଚଲକ୍ଷ ଟଙ୍କା ଏକକାଳୀନ ନ ଉଠାଇବା ପାଇଁ ଚାହାଁନ୍ତି କେବଳ ସର୍ବନିମ୍ନ ଭାବେ ପଚାଶ ହଜାର ଟଙ୍କା ଉଠାଇବାକୁ ଚାହୁଁଥିବେ, ଏ କ୍ଷେତ୍ରରେ ଗୋଲଡ ଓଭର ଡ୍ରାଫ୍ଟର ସ୍ୱତନ୍ତ୍ର ବିଶେଷତ୍ୱ ଅନୁଯାୟୀ ଆପଣଙ୍କୁ କେବଳ ଉଠାଇ ଥିବା ପଚାଶ ହଜାର ଟଙ୍କା ଉପରେ ହିଁ ସୁଧ ପରିଶୋଧ କରିବାକୁ ପଡ଼ିବ।

ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ସତରେ କ'ଣ ଗୋଲଡ଼ ଓଭର ଡ୍ରାଫ୍ଟ ବ୍ୟବସ୍ଥା ଲାଭଜନକ ଓ ନିରାପଦ? ଏହା ନିଶ୍ଚିନ୍ତ ଯେ ଆପଣ ଯେତେ ଟଙ୍କା ବ୍ୟାଙ୍କରୁ ଉଠାଇବାକୁ ଚାହିଁଲେ କେବଳ ସେତିକ ଟଙ୍କା ଉପରେ ହିଁ ବ୍ୟାଙ୍କ ଆପଣଙ୍କ ଠାରୁ ସୁଧ ଗ୍ରହଣ କରିବ। ପରବର୍ତ୍ତୀ ସମୟରେ ଆପଣଙ୍କର ସୁବିଧା ଅସୁବିଧା ଦେଖି ନିୟମିତ ବ୍ୟବଧାନରେ ସମୟର ଆବଶ୍ୟକତାକୁ ପୂରଣ ପାଇଁ ବାରମ୍ବାର ଟଙ୍କା ଉଠାଇ ପାରିବେ। ସେହିପରି କୌଣସି ସୂତ୍ରରୁ ଅର୍ଥ ଆସୁଥିଲେ ତାର ପରିଚାଳନ ସହଜ ହୁଏ ଏବଂ ଜରୁରୀ ପରିସ୍ଥିତିରେ ଆପଣଙ୍କୁ ତୁରନ୍ତ ଅର୍ଥ ବ୍ୟାଙ୍କ ଠାରୁ ମିଳିବାର ବଡ଼ ସୁଯୋଗ ପାଇଥାନ୍ତି।

ବ୍ୟାଙ୍କରେ ସୁନା ବନ୍ଧକ ରଖି ଟଙ୍କା ଆଣିବା ସମ୍ପର୍କରେ ଅନ୍ୟ ଏକ ବ୍ୟବସ୍ଥା ମଧ୍ୟ ରହିଛି। ଯାହାକୁ ପାରମ୍ପରିକ ଗୋଲଡ଼ ଲୋନ ବ୍ୟବସ୍ଥା କୁହାଯାଇଥାଏ। ତେବେ ସାଧାରଣ ସୁନା ଋଣରେ ଗୋଟିଏ ଥରରେ ସମସ୍ତ ଅର୍ଥରାଶି ମିଳିଯାଉଥିବାବେଳେ ଏବଂ ସେହି ସମୁଦାୟ ଅର୍ଥରାଶି ଉପରେ ଆପଣଙ୍କୁ ସୁଧ ଦେବାକୁ ପଡ଼ିଥାଏ। ହୁଏତ ଆପଣ ସେ ଟଙ୍କାକୁ କାର୍ଯ୍ୟରେ ଲଗାଇ ପାରନ୍ତି ବା ନହେଲେ ଆପଣଙ୍କ ଆକାଉଣ୍ଟରେ ତାହା ପଡ଼ି ରହିଥାଏ। ଏହା ହେଉଛି ପାରମ୍ପରିକ ଗୋଲଡ଼ ଲୋନ। ତେବେ ଆମେ ଆଲୋଚନା କରୁଥିବା ଗୋଲଡ଼ ଓଭର ଡ୍ରାଫ୍ଟ ସର୍ଭିସରେ କିନ୍ତୁ ସୁବିଧା ସ୍ୱତନ୍ତ୍ର ଓ ଅଲଗା। ଗୋଲଡ଼ ଓଭର ଡ୍ରାଫ୍ଟ ସେବା ସବୁଠାରୁ ନିରାପଦ ଓ ଶ୍ରେଷ୍ଠ ବିକଳ୍ପ କୁହାଯାଏ। ଏହି କ୍ଷେତ୍ରରେ ଯେ ଯେଉଁମାନେ ବାରମ୍ବାର କିଛି ଅର୍ଥରାଶି ଆବଶ୍ୟକ କରିଥାନ୍ତି ସେମାନଙ୍କ ପାଇଁ ଏହା ସୁବିଧା ଜନକ। ବଡ଼କଥା ହେଉଛି ଏହା ଏକ ଏପରି ବିଶ୍ୱାସଯୋଗ୍ୟ ଉପାୟ ଯାହା ଆପଣଙ୍କୁ ସୁନାର ଉଚିତ ବ୍ୟବହାର କରିବା ପାଇଁ ସୁଯୋଗ ଦେଇଥାଏ। ତେବେ ଏଇଠି ସୁନା ବନ୍ଧକ ରଖୁଥିବା ଗ୍ରାହକ ଜଣଙ୍କ ଏକ ସ୍ୱତନ୍ତ୍ର ସୁବିଧା ପାଇଥାନ୍ତି। ତାହା ହେଉଛି ଅନ୍ୟ ଋଣ ସୁବିଧା ଭଳି ଆପଣଙ୍କୁ ଏ କ୍ଷେତ୍ରରେ ଅନାବଶ୍ୟକ ସୁଧ ଦେବାକୁ ପଡ଼ି ନଥାଏ। ଗୋଲଡ଼ ଓଭରଡ୍ରାଫ୍ଟ ସେବା ଜଣଙ୍କ ପରିବାରର ସ୍ୱର୍ଣ୍ଣିମ ଅର୍ଥନୀତିର ଏମ ମଜଭୁତ୍ ଓ ନିରାପଦ ବ୍ୟବସ୍ଥା। ଆଜିକାଲି ଅନେକ ଘରୋଇ ବ୍ୟାଙ୍କ, ବିଦେଶୀ ବ୍ୟାଙ୍କ ଓ ରିଜର୍ଭ ବ୍ୟାଙ୍କର ଅନୁମୋଦନ ନପାଇଥିବା ଆର୍ଥିକ ସଂସ୍ଥା ଗୁଡ଼ିକ ସୁନା ରଖି ବନ୍ଧକ ବାବଦ ଟଙ୍କା ଦେଉଛନ୍ତି। ଏ କ୍ଷେତ୍ରରେ ନିବେଶ କରିବା ପୂର୍ବରୁ ଆପଣ ଭଲ ଭାବେ ବୁଝି ନିଅନ୍ତୁ। କାରଣ ଏପରି ଅନେକ ଠକ ଓ ମିଛ ପ୍ରମାଣପତ୍ର ଲୋକଙ୍କୁ ଦେଖାଇ ସୁନା ବନ୍ଧକ ରଖି ପରବର୍ତ୍ତୀ ସମୟରେ ଚମ୍ପଟ ମାରିବାର ଅଭିଯୋଗ ମଧ୍ୟ ଅନେକ ରହିଛି। ଅନେକ ଲୋକ ସୋସିଆଲ ମିଡ଼ିଆରୁ ବୁଝି ବ୍ୟାଙ୍କିଙ୍ଗ ସେବା ସମ୍ପର୍କରେ କିଛି ତଥ୍ୟ ପାଉଥିଲେ ମଧ୍ୟ ସୁନା ପରି ଆପଣଙ୍କର ଜୀବନର ମୂଲ୍ୟବାନ ପରିଶ୍ରମର ଏତେବଡ଼ ସମ୍ପତ୍ତିକୁ କିଭଳି ସୁରକ୍ଷିତ ଭାବେ ରଖି ନିଜ ତତ୍କାଳ କର୍ମ ଚଳେଇବା ପାଇଁ ଅର୍ଥ ଉଠାଉଥିବାରୁ, ଏ କ୍ଷେତ୍ରରେ ଆଦୌ ତରବର ନହୋଇ ବା କାହାର କାନକୁହା କଥା ନଶୁଣି କେବଳ ବଡ଼ ବଡ଼ ସରକାରୀ ଅନୁବନ୍ଧିତ ବ୍ୟାଙ୍କରେ ସୁନା ରଖନ୍ତୁ ନଚେତ ଆପଣଙ୍କର ମୂଲ୍ୟବାନ ସମ୍ପତ୍ତି ଅକାରଣରେ ହଡ଼ପ ହୋଇଯିବ। ଓଡ଼ିଆରେ ଏକ ପ୍ରାଚୀନତମ କଥା ଅଛି 'ଦୁଃଖି ସଞ୍ଚିଥିଲା ଧନ, ମୂଷା କଲା ଜଳପାନ'।

**ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ**

ଆମେରିକାର ହର୍ମୁଜ ଅବରୋଧକୁ ଚୀନର ଚକ୍‌ମା

# ସଂକୀର୍ଣ୍ଣ ମାର୍ଗ ଦେଇ ନେଇଗଲା ତୈଳ ଜାହାଜ

### ବ୍ୟବସାୟରେ ହସ୍ତକ୍ଷେପ କଲେ ପରିଣତି ଭୟାବହ ହେବ: ଚୀନ

### ଅବରୋଧକୁ ସ୍ପେନ୍, ଅଷ୍ଟ୍ରେଲିଆ ସମେତ ବହୁଦେଶର ବିରୋଧ



ତେହେରାନ, ୧୪।୪: ଇସଲାମାବାଦରେ ଆମେରିକା-ଇରାନ ଉଚ୍ଚସ୍ତରୀୟ ଶାନ୍ତି ଆଲୋଚନା ବିଫଳ ହେବା ପରେ ପାରସ୍ୟ ଉପରରେ ଆମେରିକା ତା'ର ଅଧିକାର ସାବ୍ୟସ୍ତ କରିବାକୁ ପ୍ରୟାସ ଆରମ୍ଭ କରିଦେଇଛି। ଶାନ୍ତି ଆଲୋଚନା ବିଫଳ ହେଲେ ହର୍ମୁଜ ଅବରୋଧ କରିବାକୁ ଆମେରିକା ଯେଉଁ ଧମକ ଦେଇଥିଲା ତାହାକୁ କାର୍ଯ୍ୟକାରୀ କରିବା ଆରମ୍ଭ କରିଛି। ତେବେ ଏ ପରିପ୍ରେକ୍ଷୀରେ ଚୀନ ଏଭଳି ଏକ କାର୍ଯ୍ୟ କରିଛି ଯାହା ସମଗ୍ର ବିଶ୍ୱରେ ଆମେରିକାର ହର୍ମୁଜ-ଅବରୋଧକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖବର ଅନୁଯାୟୀ, ହର୍ମୁଜରେ ଆମେରିକାର ୨୪ ଘଣ୍ଟିଆ ନାକାବନ୍ଦୀକୁ ଫେଲ୍‌କରି ସଂକୀର୍ଣ୍ଣ ଜଳମାର୍ଗରେ ଚକମା ଚୀନ ତାହାର ଏକ ଜାହାଜ ନେଇଯିବାରେ ସଫଳ ହୋଇଛି। ଇରାନଠୁ ଅନୁମତି ନେଇ ଚୀନର ଏକ ମିଥାନଲ୍ ଟ୍ୟାଙ୍କର ସଂକୀର୍ଣ୍ଣ ମାର୍ଗ ଦେଇ ଅତିକ୍ରମ କରିଛି। ଏହାକୁ ଅଟକାଇବାରେ ଆମେରିକା ଫେଲ୍ ମାରିଛି। ସବୁଠୁ ବଡ଼ କଥା ହେଲା ଏହି ଜାହାଜ ଉପରେ ଆମେରିକା କିଛି ବର୍ଷ ପୂର୍ବରୁ ପ୍ରତିବନ୍ଧକ ଲଗାଇଥିଲା। ସିଏନଏନର ରିପୋର୍ଟ ଅନୁଯାୟୀ, ସୋମବାର ଏକ ଚାଇନା ଟ୍ୟାଙ୍କର ରିଚ୍ ଷ୍ଟାରୀ କେଶମ ଦ୍ୱୀପ ନିକଟ ଦେଇ ହୋର୍ମୁଜ୍ ଅତିକ୍ରମ କରିଛି। ପ୍ରଥମେ କେଶମ ନିକଟରେ ଜାହାଜଟିକୁ କିଛି ସମୟ ଅଟକାଯାଇଥିଲା। ଏହାର କିଛି ସମୟ ପରେ ଜାହାଜଟି ଅତି ସହଜରେ ହର୍ମୁଜ୍ ଅତିକ୍ରମ କରି ଚାଲି ଆସିଥିଲା। ମଙ୍ଗଳବାର ସକାଳେ ଏହି ଟ୍ୟାଙ୍କର ଓମାନ ତଟରେ ପହଞ୍ଚିଛି।

ଏହା ପୂର୍ବରୁ ଚୀନର ପ୍ରତିରକ୍ଷା ମନ୍ତ୍ରୀ ଏଡମିରାଲ ଡୋଙ୍ଗ ଜୁନ ଆମେରିକାକୁ ଚେତାବନୀ ଦେଇଛନ୍ତି। ହୋର୍ମୁଜରେ ଦଖଲ ଦେଲେ ପରିଣାମ ଭୟଙ୍କର ହେବ ବୋଲି କହିଛନ୍ତି। ଡୋଙ୍ଗ କହିଥିଲେ ଯେ, ଇରାନ ସହ ଆମର ଟ୍ରେଡ୍ ଏବଂ ଏନର୍ଜି ଚୁକ୍ତି ହୋଇଛି। ତେଣୁ ଅନ୍ୟ କେହି ଏହି ମାମଲାରେ ଦଖଲ ନଦେଲେ ଭଲ ହେବ। ହୋର୍ମୁଜ୍ ଷ୍ଟ୍ରେଟ୍ ଚୀନ ପାଇଁ ଖୋଲା ଅଛି। ଇରାନ ବନ୍ଦରଗୁଡ଼ିକ ଉପରେ ଆମେରିକାର ଅବରୋଧ ଚୀନକୁ କ୍ରୋଧିତ କରିଛି। ଚୀନ ଏବେ ଆମେରିକାକୁ ସ୍ପଷ୍ଟ ଚେତାବନୀ ଦେଇଛି ଯେ ସେ ତାର ବ୍ୟବସାୟ ହସ୍ତକ୍ଷେପ ନ କରିବାକୁ। ଏହି ବିବୃତ୍ତି ଏପରି ସମୟରେ ଆସିଛି ଯେବେ ଚୀନର ଜାହାଜଗୁଡ଼ିକ ହୋର୍ମୁଜ ପ୍ରଣାଳୀରୁ ପଛକୁ ଫେରିବାକୁ ବାଧ୍ୟ କରାଯାଇଥିଲା। ପାକିସ୍ତାନରେ ଇରାନ ସହିତ ଆଲୋଚନା ବିଫଳ ହେବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅବରୋଧ ନିର୍ଦ୍ଦେଶ ଦେଇଥିଲା। ଚୀନ ପ୍ରତିରକ୍ଷା ମନ୍ତ୍ରୀ ଡଙ୍ଗ୍ ଜୁନ୍ କହିଛନ୍ତି, ତାଙ୍କ ଦେଶ ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ସମର୍ଥନ କରେ, କିନ୍ତୁ ଇରାନ ସହିତ ଏହାର ଶକ୍ତି ଏବଂ ବାଣିଜ୍ୟ ଚୁକ୍ତିନାମାକୁ ସମ୍ମାନ କରେ। ଏହାର ସ୍ୱାର୍ଥରେ କୌଣସି ବାହ୍ୟ ଦସ୍ତକ୍ଷେପକୁ ଗ୍ରହଣ କରିବ ନାହିଁ। ଚୀନ ଜୋର ଦେଇଛି କି, ଇରାନର ଏହି ପ୍ରାଣାଳୀ ଉପରେ ନିୟନ୍ତ୍ରଣ ରହିଛି ଏବଂ ଜଳପଥ ଚୀନ ପାଇଁ ଖୋଲା ରହିଛି। ଆମ ଜାହଜଗୁଡ଼ିକ ହୋର୍ମୁଜ ପ୍ରଣାଳୀ ଦେଇ ଯାତାୟତ କରୁଛନ୍ତି। ଆମର ଇରାନ ସହିତ ବାଣିଜ୍ୟ ଏବଂ ଶକ୍ତି ଚୁକ୍ତିନାମା ଅଛି। ଆମେ ସେହି ଚୁକ୍ତିମାନାଗୁଡ଼ିକୁ ସମ୍ମାନ ଏବଂ ବଜାୟ ରଖିବୁ। ଆମେ ଆଶା କରୁଛୁ ଯେ ଅନ୍ୟମାନେ ଆମ ବ୍ୟବସାୟରେ ହସ୍ତକ୍ଷେପ କରିବେ ନାହିଁ।

କେବଳ ଚୀନ ନୁହେଁ, ଆମେରିକାର ହର୍ମୁଜ ଅବରୋଧ ନେଇ ବହୁ ଦେଶ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ପେନିସ୍ ପ୍ରତିରକ୍ଷା ମନ୍ତ୍ରୀ ମାର୍ଗାରିଟା ରୋବଲ୍ସ ଏହି ଅବରୋଧ ଧମକୁ ଅର୍ଥହୀନ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଏହି ସଂଘର୍ଷ ପୂର୍ବରୁ ବିଶ୍ୱକୁ ଏକ ବିପଜ୍ଜନକ ପରିସ୍ଥିତି ମଧ୍ୟରୁ ଠେଲି ଦେଇଛି। ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ କହିଛନ୍ତି ଯେ, ତାଙ୍କୁ ଅବରୋଧରେ ଯୋଗଦେବା ପାଇଁ କୌଣସି ଅନୁରୋଧ ମିଳିନାହିଁ ଏବଂ ଜଳପଥ ସମସ୍ତ ଦେଶ ପାଇଁ ଖୋଲା ରହିବା ଉଚିତ।



## ହର୍ମୁଜ ଅବରୋଧ ଭାରତରେ ଆଣିବ ସଂକଟ ସୁନାମୀ

### ଅସମ୍ଭାଳ ହେବ ଦରଦାମ, ବଢ଼ିଯିବ ଏଲପିଜି ସଂକଟ

ନୂଆଦିଲ୍ଲୀ,୧୪।୪: ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ବଢ଼ିଚାଲିଛି। ଆମେରିକା ସେନା ଇରାନର ସମସ୍ତ ବନ୍ଦର ଏବଂ ତଟ କ୍ଷେତ୍ରକୁ ଅବରୋଧ କରିବାକୁ ପ୍ରୟାସ କରିଛି। ଏହା ପରେ ବିଶ୍ୱରେ ତେଲ ଦର ଆହୁରି ବଢ଼ିବାର ଆଶଙ୍କା ଦେଖାଦେଇଛି। ବିଶେଷଜ୍ଞଙ୍କ ମତରେ, ଆମେରିକାର ଏ ପଦକ୍ଷେପ ଭାରତକୁ ସିଧାସଳଖ ପ୍ରଭାବିତ କରିବ। ଏହା ଭାରତ ପାଇଁ ସଂକଟର ସୁନାମୀ ନେଇଆସିବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଭାରତ ଏଯାବତ ଇରାନ ଯୁଦ୍ଧରୁ ସୃଷ୍ଟି ହୋଇଥିବା ତୈଳ ସଂକଟକୁ ଅତ୍ୟନ୍ତ ବ୍ୟବସ୍ଥିତ ଉପାୟରେ ସମ୍ଭାଳି ଆସିଛି। ନୀତି ନିର୍ଦ୍ଧାରଣକାରୀମାନେ ବଫର୍ର ବ୍ୟବହାର କରିଛନ୍ତି। ବିଶୋଧନକାରୀମାନେ ତୈଳ ସଂଗ୍ରହ ଉତ୍ସରେ ବିବିଧତା ଆଣିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ଅସ୍ଥିର ମୁଦ୍ରାକୁ ସମ୍ଭାଳିବା ପାଇଁ ଉଦ୍ୟମ କରିଛି। ଏଫ୍‌ଏମସିଜି କମ୍ପାନିଗୁଡ଼ିକ ଉତ୍ପାଦ ପୋର୍ଟଫୋଲିଓ ଉପରେ ପୁନର୍ବିଚାର କରିଛନ୍ତି। ବିମାନ କମ୍ପାନିଗୁଡ଼ିକ ବର୍ଦ୍ଧିତ ଇନ୍ଧନ ଖର୍ଚ୍ଚକୁ ନିଜେ ବହନ କରିବା ଆରମ୍ଭ କରିଛନ୍ତି। ଏଯାଏ ସବୁଯାଏ ଆପାତତଃ ଠିକଠାକ୍ ଚାଲିଛି। କିନ୍ତୁ ଏବେ ସ୍ଥିତି ବିପରୀତ ଆଡ଼କୁ ଗତି କରୁଛି। ଇରାନ ବନ୍ଦରଗୁଡ଼ିକରେ ନୌସେନା ମୁତୟନ କରି ଏଠାରେ ଜାହାଜ ଚଳାଚଳ ଅବରୋଧ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା ଶକ୍ତି ସଂକଟକୁ ଆହୁରି ଗମ୍ଭୀର କରିବାକୁ ଯାଉଛି। ଯଦି ସଂକଟ ଜାରି ରୁହେ, ତେବେ ଭାରତ ନିୟନ୍ତ୍ରିତ ମାନ୍ଦାବସ୍ଥାରୁ ବାହାରି ଏକ ବ୍ୟାପକ 'ସଂକଟର ସୁନାମୀ' ମଧ୍ୟକୁ ପ୍ରବେଶ କରିପାରେ।

ଏହାର ପ୍ରଭାବ ଏକ ସଙ୍ଗେ ବଡ଼ ସଂଖ୍ୟାରେ ଉପଭୋକ୍ତା ସାମଗ୍ରୀ ଏବଂ ସେବା, ଉଦ୍ୟୋଗ ଏବଂ ବ୍ୟାପକ ଅର୍ଥବ୍ୟବସ୍ଥାର ଭିନ୍ନ ଭିନ୍ନ ଅଂଶ ଉପରେ ପଡ଼ିବ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏଲ୍‌ପିଜି ସଂକଟ ଆହୁରି ତେଜିପାରେ। ଇରାନ କହିଛି ଯେ, ଏହା ହୋର୍ମୁଜରେ ଯେକୌଣସି ସୈନ୍ୟ ଜାହାଜ ଉପରେ ଆକ୍ରମଣ କରିବ। ଏହାଦ୍ୱାରା ସିଜ୍‌ଫାୟାର ଶେଷ ହୋଇଯିବ। ପୁଣି ଯୁଦ୍ଧ ଆରମ୍ଭ ହେବ, ଯାହା ହୋର୍ମୁଜ ଜଳପଥକୁ ଅଶାନ୍ତ କରିବ। ଉପସାଗରୀୟ ଦେଶରୁ ଆସୁଥିବା ସାମଗ୍ରୀ ବୋଝେଇ ଜାହାଜ ରିସ୍କକୁ ଆସିଯିବେ। ଏହାର ପ୍ରଭାବ ଭାରତ ବି ଅନୁଭବ କରିବ। ଭାରତର ରିସ୍କ ସିଧାସଳଖ ଇରାନ ତେଲ ସହ ଜଡ଼ିତ ନାହିଁ। ବ୍ୟାପକ ଗଲ୍ଫ ସିଷ୍ଟମ ସହ ଭାରତ ଜଡ଼ିତ। ଅଶୋଧିତ ତୈଳର ବଡ଼ ଅଂଶ ଏବଂ ଏଲ୍‌ଏନ୍‌ଜି ଆମଦାନିର ବୃହତ୍ ଭାଗ ହୋର୍ମୁଜ ହୋଇ ଆସିଥାଏ।

## ସମୁଦ୍ର ମଝିରେ ଘାତକ ମିସାଇଲ ପରୀକ୍ଷଣ କଲା ଉତ୍ତରକୋରିଆ



ପ୍ୟୁଙ୍ଗୟାଙ୍ଗ, ୧୪।୪: ସାରା ବିଶ୍ୱର ନଜର ଏବେ ମଧ୍ୟପ୍ରାଚ୍ୟ ତଥା ଆମେରିକା ଓ ଇରାନ ମଧ୍ୟରେ ଉପୁଜିଥିବା ଯୁଦ୍ଧ ପରିସ୍ଥିତି ଉପରେ ରହିଥିବା ବେଳେ ବିଶ୍ୱ ଅସ୍ଥିରତାର ସୁଯୋଗ ନେଇ ଉତ୍ତର କୋରିଆ ନିଜର ସାମରିକ ଶକ୍ତିକୁ ବଢ଼ାଇବାରେ ଲାଗିଛି। ନିକଟରେ ଉତ୍ତର କୋରିଆ ନିଜର ଅତ୍ୟାଧୁନିକ ଯୁଦ୍ଧ ଜାହାଜ 'ଚୋଏ ହ୍ୟୋନ୍'ରୁ ଏକାଧିକ କ୍ରୁଜ୍ ମିସାଇଲ୍ ଏବଂ ଆଣ୍ଟି-ୱାରସିପ୍ ମିସାଇଲର ସଫଳ ପରୀକ୍ଷଣ କରି ସାରା ବିଶ୍ୱକୁ ଚକିତ କରିଦେଇଛି। ମଙ୍ଗଳବାର ଉତ୍ତର କୋରିଆର ସରକାରୀ ଗଣମାଧ୍ୟମ 'କୋରିଆନ ସେଣ୍ଟ୍ରାଲ ନ୍ୟୁଜ୍ ଏଜେନ୍ସି' ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ରବିବାର ଏହି ପରୀକ୍ଷଣ କରାଯାଇଥିଲା। ଏହି ସମୟରେ ସର୍ବୋଚ୍ଚ ନେତା କିମ୍ ଜୋଙ୍ଗ୍ ଉନ୍ ନିଜେ ଉପସ୍ଥିତ ରହି ବରିଷ୍ଠ ପ୍ରତିରକ୍ଷା ଅଧିକାରୀ ଓ ନୌସେନା କମାଣ୍ଡରଙ୍କ ସହ ପରୀକ୍ଷଣର ନିରୀକ୍ଷଣ କରିଥିଲେ। ଯୁଦ୍ଧ ଜାହାଜର ଇଣ୍ଟିଗ୍ରେଟେଡ୍ ଅସ୍ତ୍ରଶସ୍ତ୍ର କମାଣ୍ଡ ସିଷ୍ଟମର ଯାଞ୍ଚ, କ୍ରୁଜ୍ ମିସାଇଲ୍ ଲଞ୍ଚ ପ୍ରକ୍ରିୟାରେ ନୌସେନା କର୍ମଚାରୀଙ୍କୁ ତାଲିମ, ଅପଗ୍ରେଡ୍ ହୋଇଥିବା ନେଭିଗେସନ୍ ସିଷ୍ଟମ୍ ଏବଂ ଆଣ୍ଟି-ଜ୍ୟାମିଂ କ୍ଷମତାର ସଠିକତା ପରୀକ୍ଷା ଏହି ପରୀକ୍ଷଣର ଉଦ୍ଦେଶ୍ୟ ଥିଲା ବୋଲି ପ୍ୟୁଙ୍ଗୟାଙ୍ଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ରିପୋର୍ଟ ଅନୁସାରେ, ଦୁଇଟି ରଣନୈତିକ କ୍ରୁଜ୍ ମିସାଇଲ୍ ଏବଂ ତିନୋଟି ଆଣ୍ଟି-ୱାରସିପ୍ ମିସାଇଲ୍ ନିର୍ଦ୍ଧାରିତ ଲକ୍ଷ୍ୟକୁ ଅତ୍ୟନ୍ତ ସଠିକତାର ସହ ଧ୍ୱଂସ କରିଦେଇଥିଲା।

ପୂର୍ବରୁ କେବଳ ଗୋଟିଏ କିମ୍ବା ଦୁଇଟି ଜାହାଜ ନିର୍ମାଣ ନେଇ ଚର୍ଚ୍ଚା ହେଉଥିବା ବେଳେ, ଏବେ ଉତ୍ତର କୋରିଆ ନିଜର ତୃତୀୟ ଏବଂ ଚତୁର୍ଥ 'ଚୋଏ ହ୍ୟୋନ୍' ଶ୍ରେଣୀର ବିଧ୍ୱଂସକ ଜାହାଜ ନିର୍ମାଣ କରୁଥିବା ସ୍ପଷ୍ଟ ହୋଇଛି। କିମ୍ ଜୋଙ୍ଗ୍ ଏବେ କେବଳ ଗୋଟିଏ ଜାହାଜ ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ ସାମରିକ ବେଡ଼ା ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ପରୀକ୍ଷଣ ପରେ କିମ୍ ଜୋଙ୍ଗ୍ ଉନ୍ ସେନାକୁ ସମ୍ବୋଧିତ କରି କହିଛନ୍ତି ଯେ, ଦେଶର ପରମାଣୁ ଶକ୍ତି ବୃଦ୍ଧି କରିବା ତାଙ୍କର ସବୁଠାରୁ ବଡ଼ ପ୍ରାଥମିକତା ରହିଛି, ଯେପରି କୌଣସି ଶତ୍ରୁ ଦେଶ ଉତ୍ତରକୋରିଆ ଆଡ଼କୁ ଆଖି ଉଠେଇ ଚାହିଁବାକୁ ସାହସ କରିବ ନାହିଁ। ଏଥିସହ ସେନାକୁ ସବୁବେଳେ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ ଏବଂ ଆବଶ୍ୟକସ୍ଥଳେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯେତେବେଳେ ବିଶ୍ୱର ବଡ଼ ବଡ଼ ଶକ୍ତିଶାଳୀ ଦେଶ ମଧ୍ୟପ୍ରାଚ୍ୟ ବିବାଦରେ ବ୍ୟସ୍ତ ଅଛନ୍ତି, ସେହି ସମୟରେ ଉତ୍ତର କୋରିଆ ଚୁପଚାପ୍ ନିଜକୁ ଏକ ଅପରାଜେୟ ସାମରିକ ଶକ୍ତି ଭାବେ ଗଢ଼ି ତୋଳୁଛି। ଏହି ନୂତନ ମିସାଇଲ୍ ପରୀକ୍ଷଣ ଆଗାମୀ ଦିନରେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚିନ୍ତା ବଢ଼ାଇବ ବୋଲି କୂଟନୀତିଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

## ମମତାଙ୍କ ଘନିଷ୍ଠ ଆଇ-ପାକ୍ ନିର୍ଦ୍ଦେଶକଙ୍କୁ ଗିରଫ କଲା ଇଡି

କୋଲକାତା, ୧୪।୪: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଆଉ ଅଳ୍ପଦିନ ଥିବା ବେଳେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅତି ନିକଟତର କୁହାଯାଉଥିବା ସଂସ୍ଥା ଆଇ-ପାକ୍ (ଇଣ୍ଡିଆନ୍ ପଲିଟିକାଲ ଆକ୍ସନ କମିଟି)ର ନିର୍ଦ୍ଦେଶକ ତଥା ସହ-ପ୍ରତିଷ୍ଠାତା ବିନେଶ ଚାନ୍ଦେଲଙ୍କୁ ଦିଲ୍ଲୀରୁ ଗିରଫ କରିଛି। ୨୦୨୦ ମସିହାରେ



ସିବିଆଇ ଦ୍ୱାରା ରୁଜୁ ହୋଇଥିବା ଏକ ଏଫ୍‌ଆଇଆର୍ ଆଧାରରେ ଚାନ୍ଦେଲଙ୍କୁ ଗିରଫ କରାଯାଇଛି ବୋଲି ଇଡି ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ପଶ୍ଚିମବଙ୍ଗର ଆସାନସୋଲ ନିକଟସ୍ଥ କୁନୁସ୍ତୋରିଆ ଏବଂ କାଜୋରା ସ୍ଥିତ ଇଷ୍ଟର୍ଣ୍ଣ କୋଲଫିଲ୍ଡସ୍ ଲିମିଟେଡର ଖଣିରୁ କୋଟି କୋଟି ଟଙ୍କାର କୋଇଲା ଚୋରି ହୋଇଥିବା ଅଭିଯୋଗ ହୋଇଛି।

ଇଡିର ଦାବି ଅନୁଯାୟୀ, ଏହି କୋଇଲା ଚୋରିର ଟଙ୍କା ହୱାଲା ମାଧ୍ୟମରେ କାରବାର କରାଯାଇଥିଲା। ଜଣେ ହୱାଲା ଅପରେଟର ଆଇ-ପାକର 'ଇଣ୍ଡିଆନ୍ ପିଏସି କନସଲ୍ଟିଂ ପ୍ରାଇଭେଟ୍ ଲିମିଟେଡ୍' କମ୍ପାନୀ ପାଇଁ କୋଟି କୋଟି ଟଙ୍କାର କାରବାର କରିଥିବା ତଦନ୍ତରୁ ଜଣାପଡ଼ିଛି। ବିନେଶ ଚାନ୍ଦେଲଙ୍କୁ ମନି ଲଣ୍ଡରିଂ ପ୍ରତିରୋଧ ଅଧିନିୟମ ଅନୁଯାୟୀ ଗିରଫ କରାଯାଇଛି। ତୃଣମୂଳ ଯୁଥ କଂଗ୍ରେସ ଅଧ୍ୟକ୍ଷ ଅଭିଷେକ ବାନାର୍ଜୀ ଏନେଇ ତୀବ୍ର ପ୍ରତିକ୍ରିୟା ଦେଇ କହିଛନ୍ତି, "ଏହା ଗଣତନ୍ତ୍ର ନୁହେଁ, ଧମକ"। ସେ ଏକ୍ସ ମାଧ୍ୟମରେ କହିଛନ୍ତି, ବଙ୍ଗଳା ନିର୍ବାଚନର ଠିକ୍ ୧୦ ଦିନ ପୂର୍ବରୁ ଏହି ଗିରଫଦାରୀ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେ ଆହୁରି କହିଛନ୍ତି ଯେ, ଯଦି ଆପଣ ବିରୋଧୀଙ୍କ ସହ କାମ କରୁଛନ୍ତି, ତେବେ ପରବର୍ତ୍ତୀ ନମ୍ବର ଆପଣଙ୍କର ହୋଇପାରେ। ଏହା ଗଣତନ୍ତ୍ର ନୁହେଁ ବରଂ ଲୋକଙ୍କୁ ଡରାଇବା ଓ ଧମକାଇବାର ଏକ ପ୍ରୟାସ। ଯେଉଁମାନେ ଦୁର୍ନୀତିରେ ସଂପୃକ୍ତ ଅଛନ୍ତି କିନ୍ତୁ ବିଜେପିକୁ ପଳାଉଛନ୍ତି, ସେମାନଙ୍କୁ ସୁରକ୍ଷା ମିଳୁଛି। ଅନ୍ୟପଟେ ବିରୋଧୀଙ୍କୁ ରାଜନୈତିକ ଫାଇଦା ପାଇଁ ଟାର୍ଗେଟ୍ କରାଯାଉଛି।

ସୂଚନାଯୋଗ୍ୟ, ପୂର୍ବରୁ ଏପ୍ରିଲ ୨ ତାରିଖରେ ଏଡି ପକ୍ଷରୁ ବିନେଶ ଚାନ୍ଦେଲଙ୍କ ବାସଭବନ ସମେତ ଆଇ-ପାକର ଅନ୍ୟତମ କୋ-ଫାଉଣ୍ଡର ଋଷି ରାଜ ସିଂଙ୍କ ବାଙ୍ଗାଲୋର ସ୍ଥିତ ଠିକଣାରେ ମଧ୍ୟ ଚଢ଼ାଉ କରାଯାଇଥିଲା। ଏହି ତଦନ୍ତ ବେଳେ ଆମ୍ ଆଦମୀ ପାର୍ଟିର ପୂର୍ବତନ ଯୋଗାଯୋଗ ପ୍ରଭାରୀ ବିଜୟ ନାୟାରଙ୍କ ମୁମ୍ବାଇ ସ୍ଥିତ ବାସଭବନରେ ମଧ୍ୟ ଖୋଳତାଡ଼ କରାଯାଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଦାବି ଅନୁଯାୟୀ, ଏହି ନେଟୱାର୍କ ବହୁତ ବଡ଼ ଏବଂ ଏଥିରେ ଅନେକ ପ୍ରଭାବଶାଳୀ ବ୍ୟକ୍ତି ସାମିଲ ଥାଇପାରନ୍ତି। ଆଗାମୀ ଦିନରେ ଏହି ମାମଲାରେ ଆହୁରି ଅନେକ ଗିରଫଦାରୀ ହେବାର ସମ୍ଭାବନା ରହିଛି। ପଶ୍ଚିମବଙ୍ଗରେ ନିର୍ବାଚନ ଚାଲିଥିବାରୁ ଏହି ଘଟଣାକୁ କେନ୍ଦ୍ର କରି ରାଜନୀତି ଆହୁରି ସରଗରମ ହେବ ବୋଲି ସମ୍ଭାବନା ସୃଷ୍ଟି ହୋଇଛି।

### ସରିଲା ନୀତୀଶ ଯୁଗ

## ଆଜି ଶପଥ ନେବେ ସମ୍ରାଟ ଚୌଧୁରୀ



ନୂଆଦିଲ୍ଲୀ,୧୪।୪: ସବୁ ଚର୍ଚ୍ଚା ଓ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ସମ୍ରାଟ ଚୌଧୁରୀ ବିହାରର ନୂତନ ମୁଖ୍ୟମନ୍ତ୍ରୀ ହେବା ସ୍ପଷ୍ଟ ହୋଇଛି। ଆସନ୍ତାକାଲି ଅର୍ଥାତ୍ ଏପ୍ରିଲ ୧୫ ତାରିଖ, ପୂର୍ବାହ୍ନ ୧୧ଟାରେ, ଲୋକଭବନରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ସମ୍ରାଟ ଚୌଧୁରୀ ଶପଥ ନେବେ। ସୂଚନାଯୋଗ୍ୟ, ସୋମବାର ଦିନ ବିହାର ରାଜ୍ୟପାଳଙ୍କ ସଚିବ ସମ୍ରାଟ ଚୌଧୁରୀଙ୍କୁ ଭେଟିଥିଲେ। ରାଜ୍ୟପାଳଙ୍କ ସଚିବ ଲୋକଭବନରେ ଶପଥ ଗ୍ରହଣ ସମାରୋହ ସମ୍ପର୍କରେ ତାଙ୍କ ସହିତ ସାକ୍ଷାତ କରିଥିଲେ ଏବଂ ଯୋଗଦେବାକୁ ଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ସମ୍ରାଟ ଚୌଧୁରୀ ରାଜ୍ୟପାଳଙ୍କ ସଚିବଙ୍କ ସହିତ ସମ୍ଭାବ୍ୟ ମନ୍ତ୍ରୀମାନଙ୍କ ତାଲିକା ବିଷୟରେ ଆଲୋଚନା କରିଥିଲେ।

## ନୋଏଡା ହିଂସା ପଛରେ ପାକ୍ ଲିଙ୍କ୍

### ୩୦୦ ଗିରଫ, ୧୦୦ରୁ ଅଧିକଙ୍କୁ ପଚରାଉଚରା

ନୂଆଦିଲ୍ଲୀ,୧୪।୪: ଉତ୍ତରପ୍ରଦେଶର ଗ୍ରେଡର ନୋଏଡ଼ାରେ ସୃଷ୍ଟି ହୋଇଥିବା ଶ୍ରମିକ ଆନ୍ଦୋଳନ ଓ ହିଂସାକାଣ୍ଡ ପଛରେ ପାକିସ୍ତାନ ଲିଙ୍କ୍ ରହିଛି ଉତ୍ତରପ୍ରଦେଶ ପୋଲିସ ସନ୍ଦେହ କରିଛି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ନୋଏଡା ହିଂସା ବଢିବାରେ ଲାଗିଛି। ଶ୍ରମିକଙ୍କ ଦରମା ବଢିବା ସତ୍ତ୍ୱେ ଉତ୍ତେଜନା ଥମିବାର ନାଁ ଧରୁନାହିଁ। ଜଳୁଛି ନୋଏଡା । ଆଜି ବି ଭଙ୍ଗାରୁଜ ସହ ପୁଲିସ ଉପରକୁ ପଥରମାଡ ହୋଇଛି। ହିଂସାକାଣ୍ଡରେ ୩୦୦ ଦଙ୍ଗାକାରୀଙ୍କୁ ଗିରଫ କରାଯାଇଛି।

ଅପରପକ୍ଷରେ, ୪ ଦିନ ଧରି ଚାଲିଥିବା ଏହି ବିକ୍ଷୋଭ ସୋମବାର ହିଂସାତ୍ମକ ମୋଡ଼ ନେବା ପରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋମବାର ବିଳମ୍ବିତ ରାତିରେ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀରେ ୨୧ ପ୍ରତିଶତର ଅନ୍ତରୀଣ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ସରକାରଙ୍କ ନୂତନ ନିଷ୍ପତ୍ତି ଅନୁଯାୟୀ, ଏହି ବର୍ଦ୍ଧିତ ମଜୁରୀକୁ ତିନୋଟି ଭାଗରେ ବିଭକ୍ତ କରାଯାଇଛି। ନୋଏଡ଼ା-ଗାଜିଆବାଦ, ମହାନଗର ନିଗମ ଅଧୀନରେ ଥିବା ସହର ଏବଂ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ପାଇଁ ପୃଥକ୍ ପୃଥକ୍ ହାର ସ୍ଥିର କରାଯାଇଛି ।ଏହି ସଂଶୋଧିତ ହାର ଏପ୍ରିଲ ୧ରୁ କାର୍ଯ୍ୟକାରୀ ହେବ। ଗୌତମ ବୁଦ୍ଧ ନଗର ଜିଲ୍ଲା ମାଜିଷ୍ଟ୍ରେଟ୍ ମେଧା ରୂପମ୍ କହିଛନ୍ତି, ଏକ ଉଚ୍ଚ କ୍ଷମତାସମ୍ପର୍ଣ୍ଣ କମିଟି ଦ୍ୱାରା ମଜୁରୀ ବୃଦ୍ଧି କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ୟୁପି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତିକୁ ଅନୁମୋଦନ କରିଛନ୍ତି। ସରକାରୀ ବିବୃତ୍ତି ଅନୁଯାୟୀ ଅଣକୁଶଳୀ ଶ୍ରମିକମାନେ ଏବେ ମାସିକ ୧୧,୩୧୩ ଟଙ୍କା ପରିବର୍ତ୍ତେ ୧୩,୬୯୦ ଟଙ୍କା ପାଇବେ। ଅର୍ଦ୍ଧକୁଶଳୀ ଶ୍ରମିକ ୧୫, ୦୫୯ ଟଙ୍କା ଏବଂ କୁଶଳୀ ଶ୍ରମିକମାନେ ୧୬, ୮୬୮ ଟଙ୍କା ସର୍ବନମ୍ନ ମଜୁରୀ ପାଇବେ। ସରକାର ଶ୍ରମିକଙ୍କ ଦାବି ପୂରଣ କରାଯାଇଥିଲେ ମଧ୍ୟ ହିଂସା ନ ଥମିବା ଚିନ୍ତାର କାରଣ ପାଲଟିଛି। ବ୍ୟାପକ ଭଙ୍ଗାରୁଜା ସହ ପୋଡାଜଳା ଜାରି ରହିଛି। ପୁଲିସ୍ ଉପରକୁ ପଥରମାଡ ହୋଇଛି। ଏହିସବୁ କାରଣରୁ ଏହା ପଛରେ ପାକିସ୍ତାନ ଲିଙ୍କ୍ ଥିବା ସନ୍ଦେହରେ ତନାଘନା ଜାରି ରହିଛି।

ସୂଚନାଯୋଗ୍ୟ, ଉତ୍ତରପ୍ରଦେଶର ନୋଏଡାରେ



ଶ୍ରମିକମାନଙ୍କ ଦ୍ୱାରା କରାଯାଉଥିବା ଏକ ବିଶାଳ ବିକ୍ଷୋଭ ହିଂସାତ୍ମକ ରୂପ ଧାରଣ କରିଛି। ଦରମା ବୃଦ୍ଧି ଓ ବିଭିନ୍ନ ସୁବିଧା ସୁଯୋଗ ଦାବିରେ ରାସ୍ତାକୁ ଓହ୍ଲାଇଥିବା ପ୍ରାୟ ୪୦ ହଜାରରୁ ଅଧିକ ଶ୍ରମିକ ପୁଲିସ ଗାଡି ସମେତ ଅନେକ ବାହାନ ଭଙ୍ଗାରୁଜା କରିଛନ୍ତି। ନୋଏଡାର ଫେଜ୍ -୨ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ବିକ୍ଷୋଭକାରୀ ପୁଲିସ୍ ଭ୍ୟାନ୍ ଏବଂ ଅନ୍ୟାନ ଗାଡିକୁ କ୍ଷତିଗ୍ରସ୍ତ କରିଛନ୍ତି। ପଡୋଶୀ ହରିୟାଣା ସରକାର ଅଣକୁଶଳୀ ଶ୍ରମିକଙ୍କ ମଜୁରୀ ୩୫ ପ୍ରତିଶତ ବଢାଇଥିବାରୁ ନୋଏଡା ଶ୍ରମିକମାନେ ମଧ୍ୟ ସମାନ ପାରିଶ୍ରମିକ ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିଲେ।

## ଏଆଇ ଫଟୋରେ ଯୀଶୁ ସାଜି ଟ୍ରୋଲ୍ ହେଲେ ଟ୍ରମ୍ପ୍



ନୂଆଦିଲ୍ଲୀ, ୧୪।୪: ବିବାଦ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପିଛା ଛାଡୁନି। କେତେବେଳେ ଏପଷ୍ଟାଇନ୍ ଫାଇଲରେ ତାଙ୍କର ସମ୍ପୃକ୍ତିକୁ ନେଇ ତ ଆଉ କେତେବେଳେ ମଧ୍ୟପ୍ରାଚ୍ୟ ଯୁଦ୍ଧ ସମ୍ପର୍କରେ ସମ୍ବେଦନଶୀଳ କଥା କହି ସେ ନିରନ୍ତର ବିବାଦରେ ରହୁଛନ୍ତି। ଏବେ ତାଙ୍କୁ ନେଇ ଏକ ନୂଆ ବିବାଦ ସୃଷ୍ଟିହୋଇଛି। ଏଥର କୌଣସି ବୟାନ କିମ୍ବା ସମ୍ପୃକ୍ତିକୁ ନେଇ ନୁହେଁ, ଅଧିକନ୍ତୁ ଏକ ଫଟୋଗ୍ରାଫକୁ ନେଇ ସେ ବିବାଦ ଘେରକୁ ଟାଣି ହୋଇଯାଇଛନ୍ତି। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ରବିବାର ଦିନ ଏକ ଫଟୋ ପୋଷ୍ଟ କରିଥିଲେ, ଯେଉଁଥିରେ ତାଙ୍କୁ ଏଆଇ ଦ୍ୱାରା ଯୀଶୁ ଭାବରେ ଚିତ୍ରଣ କରାଯାଇଥଲା। ରାଷ୍ଟ୍ରପତି ଟ୍ରମ୍ପ ଏହି ଫଟୋରେ ନାଲି ଏବଂ ଧଳା ପୋଷାକ ପିନ୍ଧିଥିଲେ ଓ ସେ ଜଣେ ରୋଗୀଙ୍କ କପାଳକୁ ସ୍ପର୍ଶ କରୁଥିଲେ। ତାଙ୍କ ହାତ ଏବଂ ମୁଣ୍ଡରୁ ଏକ ଉଜ୍ଜ୍ୱଳ ଜ୍ୟୋତି ବାହାରୁଥିଲା। ପୃଷ୍ଠଭୂମିରେ ଆମେରିକୀୟ ପତାକା ରହିଥିଲା। ଏହି ଫଟୋଟି ଇଣ୍ଟରନେଟରେ ଅପଲୋଡ ହେବା ପରେ ଟ୍ରମ୍ପଙ୍କୁ ବ୍ୟାପକ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଡୋନାଲ୍ଡ ଟ୍ରମ୍ପ୍ ଜାଣିଜାଣି ଖ୍ରୀଷ୍ଟସମ୍ପ୍ରଦାୟର ଧାର୍ମିକ ଭାବନାକୁ ଆଘାତ କରିଛନ୍ତି ବୋଲି ଅଭିଯୋଗ ହୋଇଥିଲା।

ତେବେ ସମାଲୋଚନାର ଶିକାର ହେବା ପରେ ଟ୍ରମ୍ପ୍ ସୋମବାର ଦିନ ତାହାକୁ ତାଙ୍କ ତାଙ୍କ ସୋସିଆଲ ମିଡ଼ିଆ 'ଟ୍ରୁଥ ସୋସିଆଲ'ରୁ ହଟାଇ ନେବା ସହ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ, ସେ ନିଜକୁ ଯୀଶୁଖ୍ରୀଷ୍ଟ ଭାବରେ ଚିତ୍ରଣ କରିବାକୁ ଚାହୁଁ ନଥିଲେ। ଗଣମାଧ୍ୟମର ଏ ସଂକ୍ରାନ୍ତ ପ୍ରଶ୍ନର ଉତ୍ତର ଦେଇ ଟ୍ରମ୍ପ୍ କହିଥିଲେ, ମୁଁ ଏହାକୁ ପୋଷ୍ଟ କରିଥିଲି। ମୁଁ ଭାବିଥିଲି ଯେ, ମୁଁ ଜଣେ ଡାକ୍ତର ଭାବରେ ରେଡକ୍ରସ ପାଇଁ କାମ କରୁଛି। ଏହା ମୋତେ ଜଣେ ଡାକ୍ତର ଭାବରେ ଲୋକଙ୍କୁ ସୁସ୍ଥ କରୁଥିବା ଦେଖାଇଥିଲା।

ତେବେ ଅନେକ ଲୋକ ଏହି ଚିତ୍ରଟିକୁ ଯୀଶୁଖ୍ରୀଷ୍ଟଙ୍କ ସହିତ ଯୋଡ଼ିଥିଲେ। ଏହି ଚିତ୍ର ଧାର୍ମିକ ନେତାମାନଙ୍କ ମଧ୍ୟରେ, ବିଶେଷକରି ରକ୍ଷଣଶୀଳ ଖ୍ରୀଷ୍ଟିଆନ ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ସୃଷ୍ଟି କରିଥିଲା। ଟ୍ରମ୍ପ ସମର୍ଥକ ଭାବରେ ଜଣାଶୁଣା କିଛି ପ୍ରମୁଖ ରକ୍ଷଣଶୀଳ ଖ୍ରୀଷ୍ଟିଆନ ମଧ୍ୟ ଏହାକୁ ନିନ୍ଦାଜନକ ବୋଲି କହିଥିଲେ। ସାମ୍ବାଦିକ ମେଗାନ ବାଶାମ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କଡ଼ା ପ୍ରତିକ୍ରିୟା ଦେଇ କହିଥିଲେ ଯେ, ପୋଷ୍ଟଟି ଆପତ୍ତିଜନକ। ଟ୍ରମ୍ପ ତୁରନ୍ତ କ୍ଷମା ମାଗିବା ଉଚିତ।

ସୂଚନାଯୋଗ୍ୟ, ଟ୍ରମ୍ପ ଧାର୍ମିକ ପ୍ରତୀକ ବ୍ୟବହାର କରିବା ପ୍ରଥମ ଘଟଣା ନୁହେଁ। ୨୦୨୩ରେ ତାଙ୍କ ବ୍ୟାଙ୍କ ଠକେଇ ମାମଲାର ଶୁଣାଣି ସମୟରେ ସେ ଯୀଶୁଖ୍ରୀଷ୍ଟଙ୍କ ସହ କୋର୍ଟରେ ବସିଥିବା ଏକ ସ୍କେଚ୍ ସେୟାର କରିଥିଲେ। ଏହା ବ୍ୟତୀତ, ତାଙ୍କର କିଛି ପରାମର୍ଶଦାତା ମଧ୍ୟ ତାଙ୍କୁ ବାରମ୍ବାର ଯୀଶୁଖ୍ରୀଷ୍ଟ ଭୂମିକାରେ ଚିତ୍ରଣ କରିଛନ୍ତି। ଚଳିତ ମାସ ଆରମ୍ଭରେ ହ୍ୱାଇଟ୍ ହାଉସର ଏକ ଇଷ୍ଟର ମଧ୍ୟାହ୍ନ ଭୋଜନ ସମୟରେ, ତାଙ୍କର ଆଧ୍ୟାତ୍ମିକ ପରାମର୍ଶଦାତା ଧାର୍ମିକ ପ୍ରଚାରକ ପାଉଲା ହ୍ୱାଇଟ୍-କେନ୍, ଟ୍ରମ୍ପଙ୍କୁ ଯୀଶୁଙ୍କ ସହ ତୁଳନା କରିଥିଲେ।

## ଦିଲ୍ଲୀ-ଡେରାଡୁନ୍ ଅର୍ଥନୈତିକ କରିଡର୍ ଉଦଘାଟନ କଲେ ମୋଦି




୬ ଘଣ୍ଟାର ଯାତ୍ରା ଏବେ ମାତ୍ର ଅଢେଇ ଘଣ୍ଟାରେ

ନୂଆଦିଲ୍ଲୀ, ୧୪।୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବହୁ ପ୍ରତୀକ୍ଷିତ ଦିଲ୍ଲୀ-ଡେରାଡୁନ୍ ଅର୍ଥନୈତିକ କରିଡରକୁ ଉଦଘାଟନ କରିଛନ୍ତି। ଏହାଦ୍ୱାରା ଦୁଇ ସହର ମଧ୍ୟରେ ଯାତ୍ରା ସମୟ ହ୍ରାସ ପାଇବ। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅଧୀନରେ ନିର୍ମିତ ଏହି ଏକ୍ସପ୍ରେସୱେରେ ପଶୁମାନଙ୍କ ସହଜ ଯାତାୟାତ ପାଇଁ ବନ୍ୟପ୍ରାଣୀ କରିଡର ଭଳି ବ୍ୟବସ୍ଥା କରାଯାଇଛି। ଏହି ଏକ୍ସପ୍ରେସୱେ ଯୋଗୁଁ ୬ ଘଣ୍ଟାର ଯାତ୍ରାକୁ ଏବେ ମାତ୍ର ଅଢେଇ ଘଣ୍ଟାରେ ପୂରା କରାଯାଇପାରିବ।

ଦିଲ୍ଲୀ-ସହାରନପୁର-ଡେରାଡୁନ ଏକ୍ସପ୍ରେସୱେ ଉଦଘାଟନ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଏକ୍ସପ୍ରେସୱେର ଉଚ୍ଚ ସ୍ଥାନ ସହିତ ନିର୍ମିତ ବନ୍ୟପ୍ରାଣୀ ପାସେଜ ସମୀକ୍ଷା କରିଥିଲେ। ଏହି ଏକ୍ସପ୍ରେସୱେ ଲାଗି ୧୨ ହଜାର କୋଟି ଖର୍ଚ୍ଚ ହୋଇଥିବାବେଳେ ଦୂରତା ୨୩୫ କିଲୋମିଟରରୁ ୨୧୨ କିମିକୁ ହ୍ରାସ ପାଇଛି। ଏହି ଏକ୍ସପ୍ରେସୱେରେ ଯାତ୍ରା କରୁଥିବା ଯାତ୍ରୀମାନେ ଦିଲ୍ଲୀ, ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡ ଦେଇ ଯାତ୍ରା କରିବେ। ଉଦଘାଟନ ସମୟରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଏହି ପ୍ରକଳ୍ପ ଉଦ୍ୟୋଗ, ବ୍ୟାପାର ବାଣିଜ୍ୟ, ଗୋଦାମ ଓ ଫ୍ୟାକ୍ଟ୍ରି ବିସ୍ତାର କରିବାରେ ସାହାଯ୍ୟ କରିବ ଓ ଏହା ଆର୍ଥିକ ଗତିବିଧିକୁ ମଧ୍ୟ ତ୍ୱରାନ୍ୱିତ କରିବ। ଜୈବ ବିବିଧତା ଏବଂ ପରିବେଶଗତ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ବିଶେଷ ଧ୍ୟାନ ଦେଇ ଏହି ଏକ୍ସପ୍ରେସୱେ ନିର୍ମାଣ କରାଯାଇଛି। ଏହା ଏସିଆର ସବୁଠାରୁ ଦୀର୍ଘ ୧୨ କିଲୋମିଟର ଉଚ୍ଚ ବନ୍ୟପ୍ରାଣୀ କରିଡର ସୃଷ୍ଟି କରିଛି। ଏହି ଏକ୍ସପ୍ରେସୱେ ନିର୍ମାଣ ବେଳେ ପ୍ରାୟ ୩୪,୦୦୦ ଗଛ କଟା ହେବାରୁ ରକ୍ଷା କରାଯାଇଛି ଏବଂ ୧,୯୫,୦୦୦ ଗଛ ଲଗାଯାଇଛି। ପ୍ରାରମ୍ଭରେ, ପ୍ରକଳ୍ପ ନିର୍ମାଣ ସମୟରେ ୪୫ ହଜାର ଗଛ କଟାଯିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ବୈଜ୍ଞାନିକ କୌଶଳର ଉତ୍ତମ ବ୍ୟବହାର ଯୋଗୁଁ କେବଳ ୧୧,୧୬୦ ଗଛ କାଟିବାକୁ ପଡିଲା। ଫଳରେ ୩୩,୮୪୦ ଗଛ ରକ୍ଷା କରାଯାଇଥିଲା।

## ଶଙ୍ଖ ଭବନରେ ଓଡ଼ିଆ ନବବର୍ଷ ଓ ପଣାସଂକ୍ରାନ୍ତି



ଭୁବନେଶ୍ୱର,୧୪।୪ (ସଂଚାର ବ୍ୟୁରୋ): ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଅବସରରେ ମଙ୍ଗଳବାର ଭୁବନେଶ୍ୱର ଏଜି ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜୁ ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଭୁବନେଶ୍ୱର ବିଜେଡି ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଓ କର୍ମୀମାନେ ଏକତ୍ରିତ ହୋଇ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଶଙ୍ଖ ଭବନରେ ଆମ୍ବେଦକର ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଆମ୍ବେଦକରଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଦଳ ପକ୍ଷରୁ ଓଡ଼ିଆ ନବବର୍ଷ ତଥା ପଣା ସଂକ୍ରାନ୍ତିକୁ ଶଙ୍ଖ ଭବନରେ ଉତ୍ସାହର ସହ ପାଳନ କରାଯାଇଥିଲା । ସଭାକୁ ସମ୍ବୋଧନ କରି ଦଳ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଥିଲେ, ବାବାସାହେବ ନିଜ ଜୀବନକୁ ପଛୁଆ ଓ ପୀଡ଼ିତ ବର୍ଗଙ୍କ ଉନ୍ନତି ପାଇଁ ଉତ୍ସର୍ଗ କରିଥିଲେ। ଅନ୍ୟ ବରିଷ୍ଠ ନେତାମାନେ ଆମ୍ବେଦକରଙ୍କୁ ଜଣେ ପ୍ରଗତିଶୀଳ ସୁଧାରକ ନେତା ଭାବେ ସ୍ମରଣ କରିଥିଲେ। ଏହି ଅବସରରେ ସୁଲୋଚନା ଦାସ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ଅନନ୍ତ ନାରାୟଣ ଜେନା, ଡ. ଦେବାଶିଷ ମାରାଣ୍ଡି, ମହେଶ ସାହୁ, ସୁମିତ୍ରା ଜେନା, ସୁଲତା ଦେଓ, ଲେଖାଶ୍ରୀ ସାମନ୍ତସିଂହାର ଓ ମନ୍ମଥ ରାଉତରାୟ ପ୍ରମୁଖ ଉଦବୋଧନ ଦେଇଥିଲେ।

# କୁଆଡ଼େ ଗଲେ 'ବୟନିକା'ର ଶାଢ଼ି ଚୋରଣୀ




ଅନୁଗୁଳ,୧୪।୪ (ସଂଚାର ବ୍ୟୁରୋ): ଚିକ୍କଣ ବେଶରେ ଆସିଲେ, ଚକମା ଦେଖାଇ ଅନୁଗୁଳ ବୟନିକା ଶୋ' ରୁମରୁ ଶାଢ଼ୀ ଲୁଟିନେଲେ। ସାଢ଼େ ୭ ଲକ୍ଷରୁ ଅଧିକ ଟଙ୍କାର ୨୫ ଖଣ୍ଡ ଟିସୁ ପାଟ ଶାଢ଼ି ନେଇଗଲେ ଚୋରଣୀ। ୪ ଦିନ ବିତିଗଲା, ଧରାପଡ଼ିବା ତ ଦୂରର କଥା, ଏହି ଲେଡି ଗ୍ୟାଙ୍ଗର ପତ୍ତା ହିଁ ପାଉନି ଅନୁଗୁଳ ପୁଲିସ। କେବଳ ସିସିଟିଭି ଭରସାରେ ଥିବା ପୁଲିସ ୟାକୁ ତାକୁ ଡାକି ପଚରାଉଚରା କରିବା ଛଡ଼ା କିଛି ବୁଦ୍ଧି ବାଟ ହିଁ ପାଉନି। ଶାଢ଼ି ଭିତରେ ନେଇଗଲେ ଲକ୍ଷ ଲକ୍ଷ ଟଙ୍କାର ଶାଢ଼ି। କେବଳ ସିସିଟିଭିରେ କଏଦ ହୋଇଥିବା ଦୃଶ୍ୟ ଘୁରି ବୁଲୁଛି ଚାରିଆଡ଼େ। କିନ୍ତୁ ଲେଡି ଲୁଟେରାଙ୍କ ନାଁ ଗନ୍ଧ ନାହିଁ, କର୍ମଚାରୀଙ୍କୁ ଧରି ଘନ ଘନ ତଥ୍ୟ ଆଦାୟ କରୁଛି ପୁଲିସ। ଲେଡି ଲୁଟେରାଙ୍କୁ ଧରିବା ପାଇଁ ଏକମାତ୍ର ଅସ୍ତ୍ର ସାଜିଥିବା ସିସିଟିଭି ଫୁଟେଜ ଆଧାରରେ ଅନୁଗୁଳ ସହରରେ ଚାରିଆଡ଼େ ଅଣ୍ଡାଳୁଛି ପୁଲିସ। ସିସିଟିଭିରେ ଦେଖାଯାଉଥିବା ଗାଡ଼ିର ନମ୍ବର, ଦୋକାନ କର୍ମଚାରୀ, ଲୁଟ୍ ସମୟରେ ଆସିଥିବା ଗ୍ରାହକଙ୍କୁ ସ୍କାନରେ ରଖି ପୁଲିସ ଲୁଟେରାଙ୍କ ଟେର ଖୋଜୁଛି। ଚାରି ଚାରି ଜଣ ସେଲ୍ସ କର୍ମଚାରୀ ଥାଇ ବି କେମିତି ଠଉରାଇପାରିଲେନି ଏହି ଶାଢ଼ୀ ଚୋରଣୀଙ୍କୁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଶଙ୍କା କରାଯାଉଛି ଯେ ଷ୍ଟୋରକୁ ଆସିବା ଆଗରୁ ଯେଉଁ ଗାଡ଼ିରେ ଆସିଥିଲେ ଲେଡି ଲୁଟେରା, ସେହି ଗାଡ଼ିକୁ ଧରି ସମ୍ବଲପୁର ଅଭିମୁଖେ ଖସିଯାଇଥାଇପାରନ୍ତି।

ଶନିବାର ଦିନ ଗୋଟାଏ ବାଜି ୧୫ ମିନିଟରେ ଏକାସଙ୍ଗେ ଏଣ୍ଟ୍ରି କରିଥିଲେ ୬ ଜଣ ମହିଳା। ହାବଭାବ ଦେଖିଲେ ଲାଗୁ ନ ଥିଲା ଏମାନେ ଜଣେ ଜଣେ ଚୋରଣୀ। ଏହି ୬ ମହିଳାଙ୍କ ସହ ବୟନିକାର ଶୋ' ରୁମ୍ ଭିତରକୁ ଏଣ୍ଟ୍ରି କଲେ ଜଣେ ପୁରୁଷ। ଶାଢ଼ି ଦେଖିବାର ଆଳ କରି କର୍ମଚାରୀଙ୍କ ନଜର ହଟାଇବାକୁ ତିଆରି କଲେ କରିଡର୍। ଆଉ ଠିକ୍ ସମୟରେ ଦୁଇଟି ପର୍ଯ୍ୟାୟରେ ସାଢ଼େ ୭ ଲକ୍ଷ ଟଙ୍କାର ୨୫ଟି ଟିସୁ ପାଟ ଶାଢ଼ିକୁ ନିଜ ପିନ୍ଧା ଶାଢ଼ି ଭିତରେ ତଥା ଆଣ୍ଠୁ ମଝିରେ ରଖି ସୀମାପାର୍ ହୋଇଗଲେ। ଯାହାର ପ୍ରତିଟି ମୂହୁର୍ତ୍ତ କଏଦ ହୋଇଛି ସିସିଟିଭିରେ। ଷ୍ଟୋର ମ୍ୟାନେଜର ଷ୍ଟକ୍ ଯାଞ୍ଚ ପରେ ହିଁ ଜଣାପଡ଼ିଲା ଶାଢ଼ି ଚୋରିର ଏହି ଅଭିନବ କାହାଣୀ।

## ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ସାମିଲ ହେଲେ ଧର୍ମେନ୍ଦ୍ର



ସମ୍ବଲପୁର,୧୪।୪(ସଂଚାର ବ୍ୟୁରୋ): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଶ୍ରୀହନୁମାନ ଜୟନ୍ତୀ ଅବସରରେ ଆଜି ସାରା ସମ୍ବଲପୁର ସହର ଆଧ୍ୟାତ୍ମିକମୟ ହୋଇଉଠିଛି। ହନୁମାନ ଜୟନ୍ତୀ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ଆମ ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନଧାରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଆଜି ସମ୍ବଲପୁରର ବିଭିନ୍ନ ସ୍ଥାନରେ ଆୟୋଜିତ ଭବ୍ୟ ଉତ୍ସବ ଓ ଶୋଭାଯାତ୍ରାରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ସହରର ବିଭିନ୍ନ ପଡ଼ା ଓ କଲୋନୀଗୁଡ଼ିକରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ସ୍ଥାନୀୟ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ସହ ସମୟ ଅତିବାହିତ କରିଥିଲେ। ବିଶେଷକରି ଶୋଭାଯାତ୍ରାରେ ହନୁମାନ ବେଶରେ ସଜ୍ଜିତ ହୋଇଥିବା କୁନି ପିଲାମାନଙ୍କ ଉତ୍ସାହ ଦେଖି ସେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରର ହନୁମାନ ଜୟନ୍ତୀ ସାରା ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ବହନ କରେ। ଏଠାକାର ଭକ୍ତିମୟ ପରିବେଶ ଓ ସାମାଜିକ ସଦଭାବନା ଅତୁଳନୀୟ। ଆଜି ବିଭିନ୍ନ ଆଧ୍ୟାତ୍ମିକ ଅନୁଷ୍ଠାନ ଓ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହେବାର ସୌଭାଗ୍ୟ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ସମ୍ବଲପୁର ସହରର ବିଭିନ୍ନ ମାର୍ଗରେ ବାହାରିଥିବା ବିଶାଳ ଶୋଭାଯାତ୍ରାରେ ସାମିଲ ହୋଇ ସେ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ ପାଳିତ



କଟକ,୧୪।୪(ସଂଚାର ବ୍ୟୁରୋ): ଭାରତୀୟ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ଅବସରରେ ମଙ୍ଗଳବାର ଦିନ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସୁଶ୍ରୀ କିରନଦୀପ କୌର ସାହୋତା, ସଦର ଉପ ଜିଲ୍ଲପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଚ୍ଚ ନ୍ୟାୟାଳୟ ସନ୍ନିକଟ ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କୁ ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ଭାବେ ତାଙ୍କୁ ବର୍ଣ୍ଣନା କରିଥିଲେ। ସମ୍ବିଧାନ ପ୍ରଣେତାଙ୍କ ଅବଦାନକୁ ସମ୍ମାନ ଜଣାଇ ସମାନତା, ନ୍ୟାୟ ଏବଂ ମାନବାଧିକାରରେ ପରିପୂର୍ଣ୍ଣ ସୁସ୍ଥ ସମାଜ ଗଠନ ଦିଗରେ ତାଙ୍କର ଅବଦାନ ସଂପର୍କରେ ଅଧ୍ୟୟନ କରିବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଉପସ୍ଥିତ ଛାତ୍ର ଓ ଅନୁଷ୍ଠାନର ସଦସ୍ୟମାନଙ୍କୁ କହିଥିଲେ। ଏହି ଅବସରରେ ସ୍ଥାନୀୟ କର୍ପୋରେଟର ଆରତୀ ସାହୁଙ୍କ ସମେତ ବହୁ ସାମାଜିକ କର୍ମୀ, ରାଜନେତା, ଆଇନଜୀବି, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ଆୟୋଜନ ସହ ପରିଚାଳନା କରିଥିଲେ।

## ବିଭିନ୍ନ ମନ୍ଦିରରେ ପଣାସଂକ୍ରାନ୍ତିରେ ଶ୍ରଦ୍ଧାଳୁଙ୍କ ଭିଡ଼



କଟକ,୧୪।୪ (ସଂଚାର ବ୍ୟୁରୋ): ଓଡ଼ିଆ ନବବର୍ଷ ଓ ପବିତ୍ର ପଣାସଂକ୍ରାନ୍ତି ଅବସରରେ ମଙ୍ଗଳବାର କଟକ ସହରର ବିଭିନ୍ନ ମନ୍ଦିର ଓ ଧାର୍ମିକ ପୀଠଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁମାନେ ଶିବ, ହନୁମାନ ଓ ଶକ୍ତି ପୀଠମାନଙ୍କରେ ପୂଜା ଅର୍ଚ୍ଚନା, ଦୀପ ପ୍ରଜ୍ୱଳନ କରିବା ସହ ଯଜ୍ଞରେ ଯୋଗଦେଇଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ପରମ୍ପରାଗତ ପଣା ପାନ କରାଯିବା ସହ ତୁଳସୀ ଚଉରାରେ ଜଳ ଅର୍ପଣ କରାଯାଇଥିଲା। କଟକର ମା' ଚଣ୍ଡୀ ମନ୍ଦିର, ଧବଳେଶ୍ୱର ପୀଠ ସହ ଅନ୍ୟାନ୍ୟ ଦେବାଳୟରେ ଶ୍ରଦ୍ଧାଳୁମାନଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ଏହା ସହିତ ଏହି ଦିନରେ ହନୁମାନ ଜୟନ୍ତୀ ପଡ଼ିଥିବାରୁ ହନୁମାନ ମନ୍ଦିରଗୁଡ଼ିକରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଅନେକ ସ୍ଥାନରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ସ୍ଥାନରେ ଆନନ୍ଦ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା।

## ପାୱାର ପ୍ଲାଣ୍ଟରେ ବିସ୍ଫୋରଣ: ୧୦ ମୃତ

ରାୟପୁର,୧୪।୪: ବେଦାନ୍ତ ପାୱାର ପ୍ଲାଣ୍ଟରେ ଆଜି ବିସ୍ଫୋରଣ ଘଟି ୧୦ ଜଣଙ୍କର ମୃତ୍ୟୁ ଘଟିଛି। ଛତିଶଗଡ଼ର ସକ୍ତି ଜିଲ୍ଲାରେ ଥିବା ବେଦାନ୍ତ ଲିମିଟେଡର ଏକ ପାୱାର ପ୍ଲାଣ୍ଟରେ ଆଜି ଦ୍ୱିପ୍ରହର ପ୍ରାୟ ୨ଟା ସମୟରେ ଏକ ବଡ଼ ଧରଣର ବଏଲର ବିସ୍ଫୋରଣ ଘଟିଛି। ଏଥିରେ ପ୍ରାୟ ୩୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ଲାଣ୍ଟ ଭିତରେ ଥିବା ଏକ ବଏଲର ଟ୍ୟୁବ୍ ହଠାତ୍ ଫାଟିଯିବାରୁ ଭୟଙ୍କର ଶବ୍ଦ ଓ ନିଆଁ ବାହାରିଥିଲା। ଚାରିଆଡ଼େ ଧୂଆଁମୟ ହୋଇଯିବାରୁ ଶ୍ରମିକମାନେ ଜୀବନ ବଞ୍ଚାଇବା ପାଇଁ ଦୌଡ଼ିବାକୁ ଲାଗିଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କିଛି ଶ୍ରମିକ ଫସି ରହିଥିବା ଜଣାପଡ଼ିଛି। ଜିଲ୍ଲାପାଳ ଓ ଏସପି ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ଏଥିସହ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି ସରକାର।

# ଜଙ୍କଫୁଡ୍,ରେଳଗାଡ଼ିରେ ବେଧଡ଼କ ବିକ୍ରି



ଭୁବନେଶ୍ୱର,୧୪।୪: ଜଙ୍କ୍‌ଫୁଡ୍‌ଠାରୁ ଛୋଟଛୋଟ ପିଲାଙ୍କୁ ଦୂରେଇ ରଖିବା ପାଇଁ ସବୁ ସ୍ତରରେ ପରାମର୍ଶ ଦିଆଯାଉଥିବା ବେଳେ ରେଳଗାଡ଼ିଗୁଡ଼ିକରେ କିନ୍ତୁ ପିଲାଏ କିଭଳି ଜଙ୍କ୍‌ଫୁଡ୍ ସହଜରେ ପାଇପାରିବେ, ତା'ର ସମସ୍ତ ବ୍ୟବସ୍ଥା ହୋଇଛି। ଖୋଦ୍ ଆଇଆରସିଟିସିର ଖାଦ୍ୟ ବିକ୍ରେତାମାନେ ଏକାଧିକ କିସମର ଜଙ୍କ୍‌ଫୁଡ୍ ରେଳଡବାରେ ବିକ୍ରି କରୁଥିବାରୁ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାକୁ ଚୋବାଉଛନ୍ତି।

ରେଳଗାଡ଼ିଗୁଡ଼ିକରେ ଏବେ ଖାଦ୍ୟ ଯୋଗାଣର ଦାୟିତ୍ୱ ରହିଛି ଆଇଆରସିଟିସି ହାତରେ। ଏହାର କର୍ମଚାରୀମାନେ ରେଳଗାଡି ଭିତରେ ପାଣି, ଚା', ବିଭିନ୍ନ କିସମର ତେଲଭାଜି ଜଳଖିଆ, ମୁଢ଼ି ମସଲା, ଥଣ୍ଡା ପାନୀୟ, ଦହି, ଲସି ଆଦି ଯୋଗାଉଥିବା ବେଳେ ଏହା ସହ ଜଙ୍କଫୁଡ୍ ବି ବିକ୍ରି କରୁଛନ୍ତି। ବିଭିନ୍ନ କମ୍ପାନୀର ଆଳୁ ଚିପ୍‌ସ, କୁରୁକୁରେ ଆଦି ମିଳୁଛି। ପିଲାମାନେ ଅନ୍ୟ ସାମଗ୍ରୀ ସହ ଏହାକୁ ଅଧିକ ଭାବେ ଖାଉଥିବା ଦେଖିବାକୁ ମିଳୁଛି। ରେଳଗାଡ଼ିରେ ଖୋଦ୍ ଆଇଆରସିଟିସି ଏହି ଜଙ୍କଫୁଡ୍ ପ୍ୟାକେଟ ବିକ୍ରି କରୁଥିବାରୁ କାହାର କିଛି ଅଭିଯୋଗ କରିବାର ନାହିଁ। ବଜାର ଦରରେ ଏହା ରେଳଗାଡ଼ିରେ ବିକ୍ରି ହେଉଥିବାରୁ ଦର ନେଇ ମଧ୍ୟ କାହାର କିଛି ଆପତ୍ତି ରହୁନାହିଁ। ତେଣୁ କମ୍ପାନୀ ପକ୍ଷରୁ ଖୋଲାଖୋଲି ଭାବେ ଏହା ବିକ୍ରି ଚାଲିଛି। ପିଲାମାନେ ଏହାକୁ ଦେଖିଲା ମାତ୍ରେ ଖାଇବା ପାଇଁ କାନ୍ଦ ବୋବାଳି ଛାଡୁଛନ୍ତି। ଯେଉଁ ବାପମା'ମାନେ ପିଲାଙ୍କୁ ଜଙ୍କ୍‌ଫୁଡ୍ ନ ଖାଇବା ପାଇଁ ବୁଝାଉଥିଲେ ସେମାନେ କିଣି ଦେବାକୁ ବାଧ୍ୟ ହେଉଛନ୍ତି। ରେଳଗାଡ଼ିରେ ଏହିସବୁ ଜଙ୍କ୍‌ଫୁଡ୍ ଖାଇଲା ପରେ ଜରିଗୁଡ଼ିକୁ ଲୋକେ ଗାଡ଼ି ଭିତରେ ଏଣେତେଣେ ପକାଇବାରେ ଲାଗୁଛନ୍ତି। କେତେକ ଯାତ୍ରୀ ଏହାକୁ ସିଟ୍‌ରେ ଥିବା ଜାଲିରେ ଖୋସି ଦେଉଥିବା ବେଳେ ଆଉ କେତେକ ଯାତ୍ରୀ ଏହି ଜରିକୁ ଝରକା ବାଟେ ବାହାରକୁ ପକାଇ ଦେଉଛନ୍ତି। ରେଳଲାଇନ୍ କଡ଼େ କଡ଼େ ଏହି ରଙ୍ଗବେରଙ୍ଗର ଜରିସବୁ ପଡ଼ିଥିବାର ଦେଖିବାକୁ ମିଳୁଛି। ରେଳଡବାରୁ ଏହିସବୁ ଜରି ସଂଗ୍ରହ କରୁଥିବା କର୍ମଚାରୀମାନେ ବି ଏହାକୁ ରାସ୍ତା ମଝିରେ ବାହାକୁ ଫିଙ୍ଗିଦେଉଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଏହିସବୁ ଜଙ୍କ୍‌ଫୁଡ୍ କେବଳ ପିଲାଙ୍କ ହାତରେ ସହଜରେ ପଡୁନାହିଁ, ବିକ୍ରି ହେଉଥିବା ମାଲ ମାଲ ଜରି ମଧ୍ୟ ପରିବେଶର କ୍ଷତି କରିବାରେ ଲାଗିଛି।

ଉଲ୍ଲେଖନୀୟ ଯେ ପିଲାମାନେ ମୋଟା ହୋଇଯାଉଥିବା ଓ ଏହାର ପ୍ରମୁଖ କାରଣ ଜଙ୍କ୍‌ଫୁଡ୍ ହୋଇଥିବାରୁ ପିଲାମାନଙ୍କୁ ଏହାଠାରୁ ଦୂରେଇ ରଖିବା ପାଇଁ ସବୁ ସ୍ତରରେ ପରାମର୍ଶ ଦିଆଯାଉଛି। ହେଲେ ରେଳବାଇ କର୍ତ୍ତୃପକ୍ଷ କିନ୍ତୁ ଏଥିପ୍ରତି ଦୃଷ୍ଟି ନ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବାସ୍ତବରେ ରେଳଗାଡ଼ିରେ ଖାଦ୍ୟ ଯୋଗାଇ ଦେଉଥିବା କର୍ମଚାରୀମାନେ ନିଜ ନିଜର ବ୍ୟବସାୟ ପାଇଁ ଏହାକୁ ବିକ୍ରି କରୁଛନ୍ତି ନା ରେଳବାଇର ଏଭଳି ଖାଦ୍ୟ ବିକ୍ରି ପାଇଁ ଅନୁମତି ରହିଛି, ତା' ଏବେ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିବାରେ ଲାଗିଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରତିଭା ଜାତି...

ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ ପ୍ରତିଭା କୌଣସି ଜାତି ବା ଧର୍ମରେ ସୀମିତ ନୁହେଁ। ସୁଯୋଗ ମିଳିଲେ ସମସ୍ତେ ଆଗକୁ ବଢ଼ିପାରିବେ।

ଖାଦ୍ୟ ସୁରକ୍ଷା ବାବଦରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଖାଦ୍ୟ ସୁରକ୍ଷା ସାମାଜିକ ନ୍ୟାୟର ମୂଳ ଆଧାର ଓ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା' ଯୋଜନା ମାଧ୍ୟମରେ କୋଟି କୋଟି ଲୋକ ଲାଭାନ୍ୱିତ ହେଉଛନ୍ତି। ଏଥିସହ ସମତାଭିତ୍ତିକ ସମାଜ ଗଠନ ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ସେ ଆହ୍ୱାନ ଦେଇଛନ୍ତି।

୧୯୯୦ରେ ଡକ୍ଟର ଆମ୍ବେଦକରଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ ମରଣୋତ୍ତର ଭାରତରତ୍ନ ପ୍ରଦାନ କରାଯାଇଥିଲା। ସେତେବେଳେ ସେ ସମୟର ସରକାରକୁ ବିଜେପି ସମର୍ଥନ ଦେଇଥିଲା। ସମ୍ବିଧାନର ନିର୍ମାତା ଓ ଦେଶର ଅଖଣ୍ଡତାର ନାୟକଙ୍କୁ ସେମାନେ ଭୁଲି ନ ଥିଲେ, ଜାଣିଶୁଣି ତାଙ୍କୁ ଅବହେଳିତ ଓ ଅନାଦର କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରରେ ଦାୟିତ୍ୱ ନେବା ପରେ ଆମ୍ବେଦକରଙ୍କ କୀର୍ତ୍ତି ଓ ସମ୍ମାନକୁ ପୁନଃପ୍ରତିଷ୍ଠା କରାଯାଇଛି। ପ୍ରଧାନମନ୍ତ୍ରୀ ଡ. ବାବା ସାହେବଙ୍କ ଜୀବନୀ ସହ ଜଡ଼ିତ ୫ଟି ସ୍ଥାନକୁ ବିକଶିତ କରି ପଞ୍ଚତୀର୍ଥ ଭାବେ ନାମକରଣ ମଧ୍ୟ କରିଛନ୍ତି।

ମୋଦି ସରକାରଙ୍କ ଅନେକ ଯୋଜନା ଆମ୍ବେଦକରଙ୍କ ସ୍ୱପ୍ନର ଭାରତର ପରିକଳ୍ପନାକୁ ସାର୍ଥକ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ନିଆଳି ବିଧାୟକ ଛବି ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ।

### ଟ୍ରମ୍ପ-ମୋଦୀ...

ସହିତ ସମସ୍ତ କ୍ଷେତ୍ରରେ ବ୍ୟାପକ ରଣନୈତିକ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବା ଲାଗି ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। ଏହି ବାର୍ତ୍ତାଳାପ ଅବସରରେ ଉଭୟ ମୋଦୀ ଓ ଟ୍ରମ୍ପ ପଶ୍ଚିମ ଏସିଆ ପରିସ୍ଥିତି ନେଇ ଆଲୋଚନା କରିବା ସହ ହର୍ମୁଜ୍ ଜଳମାର୍ଗକୁ ଖୋଲା ତଥା ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ।

### ୫ ଦିନ...

୫ ଦିନ ବଢ଼ାଇ ଦିଆଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୧ ତାରିଖ ସୁଦ୍ଧା ୨୧ ବର୍ଷ କିମ୍ବା ତା'ଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ମହିଳା ଓ ଯୁବତୀମାନେ ସୁଭଦ୍ରାରେ ନୂଆ ପଞ୍ଜିକରଣ ପାଇଁ ଆବେଦନ କରିପାରିବେ ବୋଲି ପୂର୍ବରୁ ଉପମୁଖ୍ୟମନ୍ତ୍ରୀ କହିଥିଲେ। କିନ୍ତୁ ଯେଉଁ ମହିଳା ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାଁନ୍ତି, କେବଳ ସେମାନେ ହିଁ ଏହି ଅବଧି ମଧ୍ୟରେ ନୂତନ ଭାବେ ଆବେଦନ କରିପାରିବେ ବୋଲି କୁହାଯାଇଥିଲା। ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣ କରାଯିବନାହିଁ। ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ନୂତନ ଆବେଦନଗୁଡ଼ିକ ସାଧାରଣ ସେବା କେନ୍ଦ୍ର (ସିଏସସି) ଓ ଆମ ସେବା କେନ୍ଦ୍ର (ଏଏସ୍‌କେ) ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜିକୃତ କରାଯିବ। ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର (ଏଡବ୍ଲ୍ୟୁସି) ଓ ସିଡିପିଓ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ ଆବେଦନ ପାଇଁ ଫର୍ମ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ।

### ଅସଲ...

ଘଡ଼ାଇ, ପ୍ରଭାତ ତ୍ରିପାଠୀ ଓ ଶେଷରେ ବିଜୟ ମହାପାତ୍ରଙ୍କ କ୍ଷେତ୍ରରେ ବି ଦେଖିବାକୁ ମିଳିଛି। ବାପାଙ୍କୁ ଦଳ ବିରୋଧୀ କାର୍ଯ୍ୟରେ ବିଦା କରି ପୁଅଙ୍କୁ କୋଳେଇ ନେବାର ଉଦ୍ଦେଶ୍ୟ କ'ଣ ଥିଲା? ଏହା ଘରଭଙ୍ଗା ବୁଦ୍ଧି ନୁହେଁ ତ ଆଉ କ'ଣ? କ୍ଷମତା ନିଶାରେ ମଦମତ୍ତ ହୋଇ ନୀତି ଅନୀତି ମାନୁ ନ ଥିଲେ ବବି। ଏବେ ନେତାମାନେ ମୁହଁ ଖୋଲୁଥିବାରୁ କାର୍ପେଟଦାରଙ୍କୁ ବାଧୁଛି ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

### ହର୍ମୁଜରେ...

ତୁରନ୍ତ ଧ୍ୱଂସ କରି ଦିଆଯିବ। ପ୍ରକାଶିତ ରିପୋର୍ଟ ଅନୁସାରେ, ହର୍ମୁଜ ପ୍ରଣାଳୀ ଅବରୋଧ କରିବା ପାଇଁ ଆମେରିକା ଏହି ଅଞ୍ଚଳରେ ୧୫ରୁ ଅଧିକ ଯୁଦ୍ଧଜାହଜ ଏବଂ ଏଫ୍-୩୫ବି ଲଢୁଆ ବିମାନ ମୁତୟନ କରିଛି। ଆମେରିକୀୟ କେନ୍ଦ୍ରୀୟ କମାଣ୍ଡ ବାହିନୀ ପକ୍ଷରୁ କୁହାଯାଇଛି ଯେ, ଆମେରିକା ଏହି ଅବରୋଧକୁ ବହୁତ କଠୋର ଭାବରେ ଲାଗୁ କରୁଛି। ଆମେରିକାର ସ୍ୱତନ୍ତ୍ର ଯୁଦ୍ଧଜାହଜ ୟୁଏସଏସ ତ୍ରିପୋଲି (ଏଲଏଚଏ-୭)କୁ ଏହି ମିଶନରେ ସାମିଲ କରାଯାଇଛି। ସେଠାରୁ ଏଫ-୩୫ବି ଲାଇଟନିଂ, ଗୁପ୍ତ ଯୁଦ୍ଧବିମାନ, ଏମଭି-୨୨ ଓସପ୍ରେସ୍ ବିମାନ ଏବଂ ହେଲିକପ୍ଟରକୁ ନିରନ୍ତର ହର୍ମୁଜ ପଠାଯାଉଛି। ସୂଚନାଯୋଗ୍ୟ, ୟୁଏସଏସ ତ୍ରିପୋଲିକୁ ବହୁସଂଖ୍ୟକ ଯୁଦ୍ଧବିମାନ ରଖିବା ପାଇଁ ଡିଜାଇନ କରାଯାଇଛି। ଆବଶ୍ୟକ ହେଲେ ଜାହାଜଟି ୨୦ରୁ ଅଧିକ ଏଫ-୩୫ବି ଜେଟ୍ ପରିଚାଳନା କରିପାରିବ। ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ ପରେ, ଆମେରିକା ସେନା ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିବା ପାଇଁ ବହୁସଂଖ୍ୟକ ମାରିନ ସୈନିକ, ଶହଶହ ମେରାଇନ୍ ବିଧ୍ୱଂସକ ଜାହାଜ ଏବଂ ସୋନାର ଜାହାଜ ମୁତୟନ କରିଛି। ଏହାଛଡ଼ା ସେନା ପକ୍ଷରୁ ଏଫ-୩୫ବି ସାମରିକ ବିମାନ, ଏମଭି-୨୨ ଏବଂ ୧୫ଟି ଯୁଦ୍ଧଜାହାଜ ମୁତୟନ କରାଯାଇଛି। ହର୍ମୁଜ୍ ପ୍ରଣାଳୀକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ କରିବା ହେଉଛି ଆମେରିକା ସେନା ପାଇଁ ବର୍ତ୍ତମାନର ବଡ଼ ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ହର୍ମୁଜ୍ ପ୍ରଣାଳୀ ପୂର୍ବରେ ଥିବା ଗଲ୍ଫ ଅଫ୍ ଓମାନ ଏବଂ ଆରବିୟାନ୍ ସାଗରରେ ବ୍ଲକେଡ୍ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ସେ କହିଛନ୍ତି ବିନା ଅନୁମତିରେ କୌଣସି ସିପ୍ ଇଞ୍ଚେ ବି ଆଗକୁ ଯାଇପାରିବନି। ଇରାନ ସହିତ ସମ୍ପର୍କରେ ନଥିବା ଦେଶଗୁଡ଼ିକୁ ବାଦ ଦେଇ ଏହି କଠୋର ନିୟମ ଅନ୍ୟ ସମସ୍ତ ଦେଶ ପାଇଁ ଲାଗୁ କରାଯାଇଛି। ଯଦି ବିନା ଅନୁମତିରେ କୌଣସି ଜାହାଜ ହର୍ମୁଜ ଭିତରକୁ ପ୍ରବେଶ କରେ କିମ୍ବା ହର୍ମୁଜରୁ ବାହାରେ ତା'ହେଲେ ତାକୁ ଅଟକାଯିବା ସହ ଜବତ କରାଯିବ ବୋଲି ଆମେରିକା ସ୍ପଷ୍ଟ କରିଦେଇଛି। ଟ୍ରମ୍ପ ଆହୁରି କହିଛନ୍ତି ଯେ, ଇରାନ ଏହି ଯୁଦ୍ଧରେ ବହୁତ କିଛି ହରାଇ ସାରିଛି। ଏଥିରେ ଏହାର ବ୍ୟାପକ ସାମରିକ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଏହାର ରାଡାର ନଷ୍ଟ ହୋଇଯାଇଛି ଏବଂ ଏହାର ନେତାଙ୍କ ମଧ୍ୟ ମୃତ୍ୟୁ ଘଟିଛି। ସେମାନଙ୍କ ପାଖରେ କିଛି ବାକି ନାହିଁ। ସେ ଇରାନକୁ ଏକ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ରାଷ୍ଟ୍ର ହେବାକୁ ଦେବେ ନାହିଁ ବୋଲି ପ୍ରତିଜ୍ଞା କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ, ଇରାନ ହର୍ମୁଜ ପ୍ରଣାଳୀରେ ଜବରଦସ୍ତି ଟୋଲ୍ ଆଦାୟ କରୁଛି, ଯାହା କରିବାକୁ ଦିଆଯିବ ନାହିଁ।

ଅପରପକ୍ଷରେ, ଆମେରିକା ଶୁଳ୍କ ନଦେବା ଯାଏ ଏହା ହର୍ମୁଜ ପ୍ରଣାଳୀକୁ ଖୋଲିବ ନାହିଁ ବୋଲି ଇରାନ କହିଛି। ଫଳରେ ଇରାନ ବନ୍ଦର ଏବଂ ଏହାର ଉପକୂଳବର୍ତ୍ତୀଗୁଡ଼ିକରେ ଅବରୋଧ ଜନିତ ପରିସ୍ଥିତି ସୃଷ୍ଟି ହୋଇଛି। ଆମେରିକାର ଏହି ଅବରୋଧ ଯଦି ସଫଳ ହୁଏ, ତେବେ ଇରାନ ପାଇଁ ଏହା ବିପର୍ଯ୍ୟୟକାରୀ ସାବ୍ୟସ୍ତ ହେବ। ଇରାନର ତୈଳ ଏବଂ ଗ୍ୟାସ୍ ଯୋଗାଣକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦିଆଯିବା ଫଳରେ ଇରାନର ଅର୍ଥନୀତିକୁ ପଙ୍ଗୁ କରିଦେବ, ଯାହା ଇରାନ କେବେ ବି ହେବାକୁ ଦେବନାହିଁ। ଯଦି ଇରାନ ଆମେରିକୀୟ ଯୁଦ୍ଧଜାହାଜ ଉପରେ ଗୁଳି ଚଳାଏ, ତେବେ ଅସ୍ତ୍ରବିରତି ଭଙ୍ଗ ହେବ, ଯାହା ବିଶ୍ୱକୁ ପୁଣିଥରେ ଏକ ନୂଆ ଯୁଦ୍ଧ ଭିତରକୁ ଠେଲିଦେବ। ଯୁଦ୍ଧ ବିଶେଷଜ୍ଞଙ୍କ ମତରେ, ହୁଏତ ଆମେରିକା ଏହା ହିଁ ହେଉ ବୋଲି ଚାହୁଁଛି। ୧୪ ଦିନିଆ ଅସ୍ତ୍ରବିରତି ବର୍ତ୍ତମାନ ଏକ ଅତ୍ୟନ୍ତ ଦୁର୍ବଳ ସ୍ଥିତିରେ ଅଛି ଏବଂ ଯେକୌଣସି ସମୟରେ ଏହା ଭାଙ୍ଗି ଯାଇପାରେ।

ବିଶେଷଜ୍ଞମାନେ ଅନୁମାନ କରିଛନ୍ତି ଯେ, ଆମେରିକାର ହର୍ମୁଜ ଅବରୋଧ ହେଉଛି ସିଧାସଳଖ ଯୁଦ୍ଧ ଆହ୍ୱାନ। ନାକାବନ୍ଦୀ ନିକଟତର ଯେକୌଣସି ଇରାନୀ ଜାହାଜକୁ ବୁଡ଼ାଇ ଦିଆଯିବ ବୋଲି ଟ୍ରମ୍ପ ଚେତାବନୀ ଦେଇଥିବା ବେଳେ ଜବାବରେ ଇରାନ କହିଛି ଯେ ସେ ଆମେରିକୀୟ ଜାହାଜକୁ ସମୁଦ୍ରର ଗଭୀରତାକୁ ପଠାଇ ଦେଇପାରିବ। ଇରାନର ଏକ ବଡ଼ ନୌସେନା ନ ଥାଇପାରେ, କିନ୍ତୁ ଏହା ଛୋଟ ଡଙ୍ଗା ଏବଂ ଶସ୍ତା ଡ୍ରୋନ ସାହାଯ୍ୟରେ ବଡ଼ ଜାହାଜକୁ କ୍ଷତି ପହଞ୍ଚାଇବାରେ ସିଦ୍ଧ।

### ପ୍ରକଳ୍ପ ବଦଳାଇବ...

ଭବନର ଭୂମିପୂଜନ କରି ଶ୍ରୀ ପ୍ରଧାନ କହିଥିଲେ ଯେ ପ୍ରାୟ ୫୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଅତ୍ୟାଧୁନିକ ୧୦୦ ଶଯ୍ୟାବିଶିଷ୍ଟ ଚିକିତ୍ସାଳୟ ଓ ସ୍ୱତନ୍ତ୍ର ଟ୍ରମା କେୟାର ସେଣ୍ଟର ସ୍ଥାନୀୟ ଅଞ୍ଚଳର ଜରୁରୀକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବ। ଏଥିସହ ୫ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟରେ କୁଚିଣ୍ଡା ଯାତ୍ରା ପଡ଼ିଆ ଓ କୁଣ୍ଡାପୋଷିଠାରେ ଦୁଇଟି ବହୁମୁଖୀ କଲ୍ୟାଣ ମଣ୍ଡପର ଉଦ୍‌ଘାଟନ ଓ ୬ କୋଟି ଟଙ୍କା ବ୍ୟୟରେ କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ କରାଯାଇଛି। ଲୋକାର୍ପିତ ନୂତନ କମ୍ୟୁନିଟି ସେଣ୍ଟର ଅଞ୍ଚଳର ଗରିବ ସାଧାରଣ ଲୋକମାନଙ୍କର ବିଭିନ୍ନ ସାମାଜିକ କାର୍ଯ୍ୟ ଯଥା ବ୍ରତଘର ଓ ବିବାହ ପାଇଁ ବହୁତ ସହାୟକ ହେବ।

ଶ୍ରୀ ପ୍ରଧାନ କହିଛନ୍ତି ଯେ କୁଚିଣ୍ଡା ଉପଖଣ୍ଡର ସର୍ବାଙ୍ଗୀନ ବିକାଶ, ସବୁଜାୟନ ଓ ଉନ୍ନତ ନାଗରିକ ସେବା ଯୋଗାଇଦେବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ। ଆଜି ଲୋକାର୍ପିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ କୁଚିଣ୍ଡା ଉପଖଣ୍ଡର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଅର୍ଥନୀତିକୁ ମଜବୁତ୍ କରିବ। ବିଶେଷକରି ବାମରା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ନୂତନ ସଫେଇ ଗାଡ଼ିର ଶୁଭାରମ୍ଭ ସହରୀ ଜୀବନକୁ ଆହୁରି ସୁବିଧାଜନକ କରିବ। ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ସହ ଅନ୍ୟାନ୍ୟ ସାମାଜିକ ଭିତ୍ତିଭୂମିଗୁଡ଼ିକ ସ୍ଥାନୀୟ ଜନସାଧାରଣଙ୍କ ଜୀବନଶୈଳୀରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ। କୁଚିଣ୍ଡାର ପ୍ରତ୍ୟେକ ନାଗରିକଙ୍କ ସହଯୋଗରେ ଏକ ସୁନ୍ଦର ଓ ସୁସ୍ଥ କୁଚିଣ୍ଡା ଗଠନ କରିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ୍ କା ସାଥ୍, ସବ୍ କା ବିକାଶ' ମନ୍ତ୍ର ଆଜି ବାବାସାହେବ ଆମ୍ବେଦକରଙ୍କ ସ୍ୱପ୍ନକୁ ସାକାର କରୁଛି। କୁଚିଣ୍ଡା ଭଳି ଜନଜାତିବହୁଳ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମିର ଉନ୍ନତି କରିବା ଆମ ଡବଲ ଇଞ୍ଜିନ ସରକାରଙ୍କ ପ୍ରାଥମିକତା ହୋଇଛି। ପ୍ରତିଟି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପିଇବା ପାଣି ପହଞ୍ଚାଇବା ସହ 'ପାର୍ବତୀ ଗିରି ଜଳସେଚନ ପ୍ରକଳ୍ପ' ମାଧ୍ୟମରେ ଚାଷ ଜମିକୁ ପାଣି ଯୋଗାଇବା ଆମର ଲକ୍ଷ୍ୟ ରହିଛି। ଆଗାମୀ ଦିନରେ ବାମରାରେ ରେଳ ଓଭରବ୍ରିଜ୍ ସହ ବଜାର ଅଞ୍ଚଳ ପାଇଁ ଏକ ଅଣ୍ଡରପାସ୍ ନିର୍ମାଣ କରାଯିବାର ପ୍ରୟାସ ଜାରି ରହିଛି। କୁଚିଣ୍ଡାର 'ଲଙ୍କା ଚାଷ'କୁ ପୁଣିଥରେ ବ୍ୟାବସାୟିକ ଭିତ୍ତିରେ ପ୍ରୋତ୍ସାହନ ଦେଇ ଚାଷୀମାନଙ୍କ ରୋଜଗାର ବଢ଼ାଇବା ଦିଗରେ ସାମୂହିକ ଉଦ୍ୟମ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଢ଼ିବାକୁ ହେଲେ ମା'ମାନଙ୍କର ସହଯୋଗ ଓ ସଶକ୍ତିକରଣ ନିହାତି ଆବଶ୍ୟକ। ସେଥିପାଇଁ ଆମ ସରକାର ନାରୀଶକ୍ତିକୁ ସମ୍ମାନ ଜଣାଇ ମା'ମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ 'ନାରୀଶକ୍ତି ବନ୍ଦନ ଅଧିନିୟମ'ର ବ୍ୟବସ୍ଥା କରିଛନ୍ତି। ଏହି ଐତିହାସିକ ଅଧିନିୟମ ବଳରେ ବିଧାନସଭା ଓ ଲୋକସଭାରେ ମା'ମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି, ଯାହା ମା'ମାନଙ୍କୁ ଶାସନ ଓ ପ୍ରଶାସନର ମୁଖ୍ୟ ନିଷ୍ପତ୍ତିରେ ସାମିଲ କରିବାର ଶକ୍ତି ଦେବ। 'ଲକ୍ଷପତି ଦିଦି' ଯୋଜନା ଆଜି ମା'ମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରି ଏକ ନୂତନ ପରିଚୟ ଦେଉଛି ବୋଲି ସେ କହିଥିଲେ।

ଏହି ଗସ୍ତ କ୍ରମରେ ଶ୍ରୀ ପ୍ରଧାନ କୁଚିଣ୍ଡା ରାମଜୀପଡ଼ାସ୍ଥିତ ଆମ୍ବେଦକର ଛକଠାରେ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବାମରା ଗୋବିନ୍ଦପୁରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର ଓ କବରୀବାହାଲସ୍ଥିତ ମା' ବନଦୁର୍ଗା ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରି ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରିଛନ୍ତି। ସେ ଗୋବିନ୍ଦପୁରଠାରେ ଆୟୋଜିତ ନାମଯଜ୍ଞରେ ମଧ୍ୟ ସାମିଲ ହୋଇଥିଲେ। ଏହି ଗସ୍ତ ସମୟରେ ସେ ଲଙ୍କା ଚାଷୀ ଗଗନ ବାବୁ ଓ ସୁରମାଙ୍କୁ ଭେଟି ସେମାନଙ୍କ ପରିଶ୍ରମକୁ ପ୍ରଶଂସା କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଉପସ୍ଥିତ ଥିଲେ।

### ରହସ୍ୟରେ...

ଦଳ ପକ୍ଷରୁ ମଧ୍ୟ ସ୍ପଷ୍ଟ ଭାବେ କିଛି କୁହାଗଲା ନାହିଁ। ଏହି ଉଚ୍ଚଶିକ୍ଷିତ ସାଂସଦ ଜଣଙ୍କୁ କାହିଁକି ସଂସଦୀୟ ଦଳ ନେତା ପଦରୁ ହଟାଇ ଦିଆଗଲା ତାହା ଖୋଦ୍ ଦଳୀୟ କର୍ମୀ ମଧ୍ୟ ଜାଣିପାରିଲେ ନାହିଁ। ତେବେ ସସ୍ମିତଙ୍କ ଇସ୍ତଫା ପରେ ସଦ୍ୟ ନିର୍ବାଚିତ ସଂତୃପ୍ତ ରାଜ୍ୟସଭାରେ ଦଳର ନେତା ହେବେ ବୋଲି ଆଲୋଚନା ହେଲା। ହେଲେ ଶେଷରେ ମାନସ ମଙ୍ଗରାଜ ରାଜ୍ୟସଭାରେ ଦଳର ମଙ୍ଗ ଧରିଲେ।

ରାଜ୍ୟସଭାରେ ମାନସଙ୍କର ଏହା ପ୍ରଥମ ପଦାର୍ପଣ। ଅବଶ୍ୟ ସସ୍ମିତଙ୍କୁ ବାଦ ଦେଲେ ଅନ୍ୟ ସବୁ ସାଂସଦଙ୍କ ଏହା ପ୍ରଥମ ଟର୍ମ। କେବଳ ଦେବାଶିଷ ସାମନ୍ତରାୟଙ୍କ ବିଧାୟକ ଭାବେ ସଂସଦୀୟ ବ୍ୟବସ୍ଥା ଉପରେ କିଛିଟା ଅଭିଜ୍ଞତା ଅଛି। ଦଳର ନିଷ୍ପତ୍ତି ଅନୁଯାୟୀ ସବୁ ସାଂସଦ ସଂସଦରେ ରାଜ୍ୟ ସ୍ୱାର୍ଥ ସମ୍ପର୍କିତ କଥା ଉଠାଉଛନ୍ତି। ୱାକଫ ବିଲ ନେଇ ସାଂସଦମାନଙ୍କୁ ସସ୍ମିତଙ୍କ ମେସେଜ ହେଉ କି ନିଶିକାନ୍ତ ଦୁବେ ପ୍ରସଙ୍ଗରେ ସଂସଦରେ ବିରୋଧ, ନିଶ୍ଚିତ ଭାବେ ଏହା ଦଳର ମୁଖିଆଙ୍କ ନିର୍ଦ୍ଦେଶରେ ହୋଇଛି। ଅନ୍ୟଥା ସେ ଇସ୍ତଫା ଦେବା ପୂର୍ବରୁ ଦଳର ସଭାପତି ତାଙ୍କ ବିରୋଧରେ ଦଳବିରୋଧୀ କାର୍ଯ୍ୟ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ନେଇଥାନ୍ତେ।

ୱାକଫ ବିଲ ବିବାଦରେ ବିଜେଡିର ବହୁ ନେତା ସସ୍ମିତଙ୍କ ବିରୋଧରେ ନବୀନଙ୍କ ନିକଟରେ ଫେରାଦ ହୋଇଥିଲେ। କିନ୍ତୁ ସେ ସମୟରେ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନି। ତେଣୁ ବୁଝାଗଲା ଯେ ସସ୍ମିତ ଯେଉଁ ବାର୍ତ୍ତା ଦେଇଥିଲେ ତାହା ସୁପ୍ରିମୋଙ୍କ ନିର୍ଦ୍ଦେଶ ଥିଲା। ସସ୍ମିତ ସଂସଦୀୟ ଦଳ ନେତା ପଦରୁ ଇସ୍ତଫା ଦେବା ଘଟଣା ମଧ୍ୟ ସେହିଭଳି ରହସ୍ୟଜନକ। କାରଣ ସେ ଇସ୍ତଫା ଦେଇଥିବା କଥା ଦଳ ତରଫରୁ କୁହାଗଲାନି। କିନ୍ତୁ ନବୀନ ପଟ୍ଟନାୟକ ନେତା ଓ ଉପନେତା ପରିବର୍ତ୍ତନ ହୋଇଥିବା ସୂଚନା ରାଜ୍ୟସଭା ଉପାଧ୍ୟକ୍ଷଙ୍କୁ ଦେଲେ।

ତେବେ ୮ ବର୍ଷ ଧରି ରାଜ୍ୟସଭାରେ ଦକ୍ଷତା ପ୍ରଦର୍ଶନ କରିଥିବା ସସ୍ମିତ କାହିଁକି ହଟିଲେ, ତାହା ଉପରୁ ଏପର୍ଯ୍ୟନ୍ତ ପରଦା ଉଠିପାରିନାହିଁ। ସସ୍ମିତ କେବଳ ରାଜ୍ୟସଭାରେ ଦକ୍ଷତା ପ୍ରଦର୍ଶନ କରି ନ ଥିଲେ ଓଡ଼ିଶାରେ ସଂଖ୍ୟାଲଘୁ ଚେହେରା ମଧ୍ୟ ରହିଥିଲେ। ବିଜୁଙ୍କ ସମ୍ମାନ ପାଇଁ ଓକିଲାତି କରିବା ପରେ ପରେ ତାଙ୍କୁ ଯେଭଳି ଅପମାନଜନକ ଭାବେ ରାଜ୍ୟସଭାର ଦଳୀୟ ନେତା ପଦରୁ ହଟାଇ ଦିଆଗଲା, ସେହି ରହସ୍ୟ ଜାଣିବାକୁ ଏବେ ବି ଅନେକ ଉତ୍ସୁକ ଅଛନ୍ତି। ତେବେ ସେମାନଙ୍କ ଉତ୍ସୁକତା କେବେ ଶେଷ ହେବ, ତା' କେବଳ ବିଜେଡି ମୁଖିଆ ହିଁ ଜାଣିଥିବେ।

### ୪୫ ଡିଗ୍ରୀରେ...

ଉପରୋକ୍ତ ୪ଟି ଜିଲ୍ଲା ସହ ଅନୁଗୁଳ, ବୌଦ୍ଧ ଓ କନ୍ଧମାଳ ପାଇଁ ହିଟ ୱେଭ୍ ଚେତାବନୀ ବି ଜାରି କରାଯାଇଛି। ଉପକୂଳ ଓଡ଼ିଶାରେ ଗରମ ସହ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୩ ଦିନ ମଧ୍ୟରେ ତାପମାତ୍ରାରେ ଆହୁରି ୨ରୁ ୪ ଡିଗ୍ରୀ ବୃଦ୍ଧି ଘଟିବାର ସମ୍ଭାବନା ରହିଛି। ବିଶେଷକରି ଆସନ୍ତାକାଲି ଟିଟିଲାଗଡ଼, ବଲାଙ୍ଗିର, ସମ୍ବଲପୁର ଓ ଝାରସୁଗୁଡ଼ାରେ ୪୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ପହଞ୍ଚିପାରେ। ଏହାଛଡ଼ା ଆସନ୍ତାକାଲି ସୋନପୁରରେ ୪୩, ବୌଦ୍ଧରେ ୪୨, ନୂଆପଡ଼ା, ଭବାନୀପାଟଣା ଓ ପାରାଦୀପରେ ୪୧ ଡିଗ୍ରୀରେ ତାପମାତ୍ରା ପହଞ୍ଚିପାରେ। ତେଣୁ ଛୋଟ ପିଲା, ବରିଷ୍ଠ ନାଗରିକ, ଅସୁସ୍ଥ ଲୋକେ ଖରାରେ ବାହାରକୁ ନ ବାହାରିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହ ଯେଉଁମାନେ ବାହାରକୁ ଯାଉଛନ୍ତି ସେମାନେ ଖରାରୁ ରକ୍ଷା ପାଇଁ ଛତା ବ୍ୟବହାର କରିବା ସହ ମୁଣ୍ଡକୁ କପଡ଼ାରେ ଘୋଡ଼ାଇବା ସହ ହାଲୁକା ପୋଷାକ ପିନ୍ଧିବାକୁ କୁହାଯାଇଛି।

## ବାବାସାହେବଙ୍କ ଜୟନ୍ତୀ ପାଳିତ




ବାଲେଶ୍ୱର,୧୪।୪ (ସଂଚାର ବ୍ୟୁରୋ)ଃଭାରତୀୟ ସମ୍ବିଧାନ ପ୍ରଣେତା ଦାର୍ଶନୀକ, ଐତିହାସିକ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୬ତମ ଜୟନ୍ତି ଉତ୍ସବ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଉତ୍ସାହ ଓ ଉଦ୍ଦିପାନାର ସହ ପାଳିତ ହୋଇଯାଇଛି। ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଡେଫଲପମେଣ୍ଟ ଆକ୍ସନ ସୋସାଇଟି ପାଉଣ୍ଡେସନ ପକ୍ଷରୁ ଆଜି ସକାଳେ ପୋଲିସ ଲାଇନସ୍ଥିତ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଗରିବ ଓ ଦଳିତଙ୍କ ଉଦ୍ଧାର ନେଇ ବାବାସାହେବଙ୍କ ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଏକ ସଚେତନତା ଶୋଭାଯାତ୍ରାର ମଧ୍ୟ ଆୟୋଜନ କରାଯାଇଥିଲା। ପରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଡକ୍ଟର ଆମ୍ବେଦକର ଫାଉଣ୍ଡେସନ ସହଯୋଗରେ ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଏଥିରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡକ୍ଟର ଆମ୍ବେଦକରଙ୍କ ସ୍ମୃତିଚାରଣ କରିଥିଲେ। ବାବାସାହେବଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା କେନ୍ଦ୍ର ସରକାରଙ୍କ ନୋଟାରୀ ପ୍ରବୀର କୁମାର ଦାସ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ବାବାସାହେବଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ବାବାସାହେବଙ୍କ ଉପରେ ଆୟୋଜିତ ବକ୍ତୃତା ଓ କୁଇଜ ପ୍ରତିଯୋଗୀତାର କୃତି ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଜେନା ପୁରସ୍କୃତ କରିଥିଲେ।

## ବିଜେପି ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



ଫୁଲବାଣୀ,୧୪।୪ (ସଂଚାର ବ୍ୟୁରୋ)ଃ ବିଶ୍ୱରତ୍ନ ସମ୍ବିଧାନ ପ୍ରଣେତା ବାବା ସାହେବ ଡଃ ଭିମ ରାଓ ରାମୋଜି ଆମ୍ବେଦକରଙ୍କ ୧୩୫ ତମ ଜନ୍ମ ଜୟନ୍ତୀ କନ୍ଧମାଳ ଜିଲ୍ଲା ଫୁଲବାଣୀ ସାହି ଆମ୍ବେଦକର ଛକ ସ୍ଥିତ ଏବଂ ଜଗନ୍ନାଥ ସାହି ଛକ ସ୍ଥିତ ତାଙ୍କର ପ୍ରତିମୂର୍ତ୍ତିରେ ବିଜେପି ନଗର ସଭାପତି ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ପାଳନ କରାଯାଇଥିଲା। ଉକ୍ତ ଜନ୍ମ ଜୟନ୍ତୀ ଉତ୍ସବରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ବିଜେପି ରାଜ୍ୟ ସମ୍ପାଦକ ଭଗବାନ ମହାନ୍ତି, ବରିଷ୍ଠ ବିଜେପି ନେତା ଲିଙ୍ଗରାଜ ଦଳବେହେରା,ଫୁଲବାଣୀ ନଗର ପ୍ରଭାରୀ ଅଜିତ ପଟ୍ଟନାୟକ,ସରକାରୀ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି, ଜିପି ଜ୍ଞାନୀନ୍ଦ୍ର ପାଢ଼ୀ, ମୁକ୍ତି କାନ୍ତ ମହାନ୍ତି, ଯୁବ ମୋର୍ଚ୍ଚା ସଭାପତି ଦିବ୍ୟ ରଞ୍ଜନ ଡ଼ାକୁଆଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଶେଷରେ ଏଜେଓ ହାଇ ସ୍କୁଲ ପଛପଟ ମୁଣ୍ଡିଆ ସାହିରେ ନଗର ସଭାପତିଙ୍କ ସଭାପତିତ୍ୱରେ ଏକ ଆମ୍ବେଦକର ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ଉମା ଚରଣ ମଲ୍ଲିକ ଯୋଗ ଦେଇ ଆମ୍ବେଦକରଙ୍କ ସ୍ମୃତି ଉଚ୍ଚାରଣ କରିଥିଲେ । ଏହି ବୈଠକରେ ମୁଣ୍ଡିଆ ସାହିର ଅଧିବାସୀମାନେ ଯୋଗ ଦେଇଥିଲେ ।

## କୁମୁଲି ଜଗନ୍ନାଥ ମନ୍ଦିରରୁ ସୁନା ଗହଣା ଚୋରି



ବୋରିଗୁମ୍ମା,୧୪।୪ (ସଂଚାର ବ୍ୟୁରୋ)ଃ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କୁମୁଲି ଗ୍ରାମରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଶ୍ରୀ ଜଗନ୍ନାଥ ମନ୍ଦିରରୁ ତାଲା ଭାଙ୍ଗି ଦୁର୍ବୃତ୍ତ ଲୁଟି ନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା। ଦାନ ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଓ ସିସିଟିଭିର ହାର୍ଡ ଡିସ୍କ ଲୁଟ ହୋଇଥିବା ବି ସିଂପୁର ଥାନାରେ ଅଭିଯୋଗ ହୋଇଛି। ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିରର ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିବା ଜଣାପଡ଼ିଛି। ସକାଳେ ପୂଜା ପାଇଁ ଆସିଥିବା ଭକ୍ତମାନେ ମନ୍ଦିରର ଏହି ଅବସ୍ଥା ଦେଖି ଅବାକ ହୋଇଯାଇଥିଲେ। ଖବର ପ୍ରଚାର ପରେ ଶହ ଶହ ଜଗନ୍ନାଥ ପ୍ରେମୀ ମନ୍ଦିର ସମ୍ମୁଖରେ ଭିଡ଼ ଜମା କରିଥିଲେ। ଘଟଣାକୁ ନେଇ ମନ୍ଦିର ପରିଚାଳନା କମିଟିର ସଭାପତି ଦେବେନ୍ଦ୍ର ପଣ୍ଡା ପକ୍ଷରୁ ବି.ସିଂହପୁର ଥାନାରେ ଲିଖିତ ଅଭିଯୋଗ ପରେ ବି.ସିଂହପୁର ପୋଲିସ ବୋରିଗୁମ୍ମା ଏସ୍ଡିପିଓ ଏବଂ କୋରାପୁଟ ରୁ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ମନ୍ଦିରଟି ମାତ୍ର ଏକ ମାସ ତଳେ ପ୍ରତିଷ୍ଠା ହୋଇଥିଲା।

### ଭିସା ଷ୍ଟିଲରେ ମିଳୁନି ଦରମା

# ବିସ୍ଥାପିତ ପରିବାରଙ୍କ ଆନ୍ଦୋଳନ ଚେତାବନୀ

### ମୁଖ୍ୟ ଶାସନ ସଚିବଙ୍କୁ ବିସ୍ଥାପିତ ଉନ୍ନୟନ ପରିଷଦଙ୍କ ପତ୍ର

ଯାଜପୁର,୧୪।୪ (ସଂଚାର ବ୍ୟୁରୋ)ଃ ଆଶା କରାଯାଉଥିଲା କାରଖାନା ଗଢି ଉଠିଲେ ସ୍ଥାନୀୟ ଅଞ୍ଚଳରେ ବିକାଶ ହେବ । ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିବ । ସ୍ଥାନୀୟ ଲୋକଙ୍କ ଅର୍ଥ ନୈତିକ ଅଭିବୃଦ୍ଧି ଘଟିବ। ତେବେ ପ୍ରଶାସନର ବିଭିନ୍ନ ପ୍ରଲୋଭନକୁ ନେଇ କାରଖାନା ପାଇଁ ଲୋକେ ଘର - ଜମି ବାଡ଼ି ହରାଇ ଅନ୍ୟତ୍ର ବିସ୍ଥାପିତ ହେଲେ। କାରଖାନାରେ ବିସ୍ଥାପିତ ପରିବାରଙ୍କୁ ନିଯୁକ୍ତି ବି ମିଳିଲା। ହେଲେ ସେ ଆଶା ଆଜି ନିରାଶାରେ ପରିଣତ ହୋଇଛି। ଯାହାକି ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ଭିସା ଷ୍ଟିଲରେ ଏଭଳି ପରିସ୍ଥିତି ଉପୁଜିଛି। କାରଣ ଗତ ୪ ମାସ ହେଲା କର୍ମଚାରୀଙ୍କୁ ଦରମା ମିଳୁନି। ନିଯୁକ୍ତି ପାଇଥିବା ବିସ୍ଥାପିତ ପରିବାର ଦରମା ନ ପାଇ ଆର୍ଥିକ ଅନାଟନରେ ଗତି କରୁଥିବା କଳିଙ୍ଗନଗର ବିସ୍ଥାପିତ ଉନ୍ନୟନ ପରିଷଦ ଅଭିଯୋଗ ଉଠାଇଛନ୍ତି। ଏପରିକି ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରିଛନ୍ତି । କାରଣ ୭ ଫେବୃୟାରୀ ୨୦୦୬ ମସିହାରେ ତତ୍କାଳୀନ ଯାଜପୁର ଜିଲ୍ଲାପାଳ ଓ କଳିଙ୍ଗନଗର ଏଡିଏମ ଭିସା ଷ୍ଟିଲ ଦ୍ୱାରା ବିସ୍ଥାପିତ ହେଲେ ସମସ୍ତ ପରିବାରକୁ ଚାକିରି ଓ ଘର ବାବଦକୁ ଟଙ୍କା, ଜାଗା ବାବଦକୁ ଟଙ୍କା, ବିସ୍ତାପିତ ପରିବାର ବର୍ଗ ଛାତ୍ରଛାତ୍ରୀଙ୍କୁ କମ୍ପାନୀ ଦ୍ୱାରା ମାଗଣା ଶିକ୍ଷା, ସାସ୍ଥ୍ୟ ଏବଂ ସରକାରଙ୍କର ବିଭିନ୍ନ ଯୋଜନାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶୃତି ଦେଇଥିଲେ।

ପ୍ରଶାସନକୁ ସମ୍ମାନ ଜଣାଇ ବିସ୍ଥାପିତ ହେଲେ ଏବଂ ପରିବାର ସଦସ୍ୟଙ୍କୁ ନିଯୁକ୍ତି ମିଳିଲା । କିନ୍ତୁ ବିଡ଼ମ୍ବନାର ବିଷୟ ପରବର୍ତି ସମୟରେ କମ୍ପାନୀ କର୍ତ୍ତୃପକ୍ଷ ନିଜର ବ୍ୟବସାୟିକ ଫାଇଦା ପାଇଁ ୪ଟି ଜାଲିଆତି କମ୍ପାନୀ ତିଆରି କରି ଭିସା ଷ୍ଟିଲରୁ ଭିସା ସ୍ପେଶାଲ ଷ୍ଟିଲକୁ ସ୍ଥାନାନ୍ତରିତ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି । ଭିସାଷ୍ଟିଲ୍ ରୁ ଟ୍ରାନ୍ସଫର କଲାବେଳେ ନିଯୁକ୍ତି ପାଇଥିବା ବିସ୍ଥାପିତ ପରିବାରଙ୍କ ଠାରୁ କୌଣସି ମତାମତ ନେଇନଥିଲେ। ଏଭଳି ବେଆଇନ କାର୍ଯ୍ୟ ପାଇଁ ସମୟରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଭିସା ସ୍ପେଶାଲ ଷ୍ଟିଲକୁ ବନ୍ଦ କରିଥିଲା । ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ।

କିନ୍ତୁ ଏବେ ମୂଳ କମ୍ପାନୀ ଭିସା ଷ୍ଟିଲ୍ ଚାଲୁଅଛି ବାଲାନ୍ସ ସିଟ୍ରୁ ଆମ୍ଭେ ଜାଣିବାକୁ ମିଳିଲା। ଏଥିରେ କମ୍ପାନୀ କୋଟି କୋଟି ଟଙ୍କା ଲାଭ କରୁଛି । କିନ୍ତୁ ଭିସା ସ୍ପେଶାଲ ଷ୍ଟିଲ ବନ୍ଦ ହେବା ଆଳରେ ଦୀର୍ଘ ୪ ମାସ ହେବ କର୍ମଚାରୀଙ୍କୁ ଦରମା ଦେଇନାହିଁ କି କମ୍ପାନୀର କାଗଜପତ୍ର ଠିକ କରୁନାହିଁ । ଏଣୁ ଆମ୍ଭଙ୍କୁ ଭିସା ଷ୍ଟିଲରେ ନିଯୁକ୍ତି ଦିଆଯାଉ ଓ ବକେୟା ଦରମା ବ୍ୟାଙ୍କ ସୁଧ ସହ ଦିଆଯାଉ ବୋଲି ବିସ୍ଥାପିତ ଉନ୍ନୟନ ପରିଷଦ ଦାବୀ କରିଛନ୍ତି । ଯଦି ୭ ଦିନ ମଧ୍ୟରେ ବକେୟା ଟଙ୍କା ନ ଦେଲେ ତେବେ ଭିସା କାରଖାନା ମୁଖ୍ୟ ଫାଟକ ନିକଟରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବିସ୍ଥାପିତ ଉନ୍ନୟନ ପରିଷଦ ଚେତାବନୀ ଦେଇଛି । ଏ ସମ୍ପର୍କରେ ମୁଖ୍ୟ ମନ୍ତ୍ରୀ, କଟକ ଆର ଡିସି, ଯାଜପୁର ଜିଲାପାଳ, ଯାଜପୁର ଏସପି, ଯୁଗ୍ମ ଶ୍ରମ ଆୟୁକ୍ତ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ପ୍ରମୁଖଙ୍କୁ ବିସ୍ଥାପିତ ଉନ୍ନୟନ ପରିଷଦ ଅବଗତ କରିଥିବା ଜଣାପଡିଛି ।

## ଏନ୍ଟିପିସି ଦର୍ଲିପାଲିରେ ଅଗ୍ନିଶମ ସେବା ସପ୍ତାହ ଉଦ୍ଘାଟିତ



ସୁନ୍ଦରଗଡ଼,୧୪।୪ (ସଂଚାର ବ୍ୟୁରୋ)ଃ ଆଜି ସକାଳ ୯ଃ୩୦ ସମୟରେ ଏନଟିପିସି ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେସନର ଅଗ୍ନିଶମ କେନ୍ଦ୍ରରେ ଅଗ୍ନିଶମ ସେବା ସପ୍ତାହ ୨୦୨୬ ଉଦ୍ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ରବିନ୍ଦର ଶର୍ମାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଏନଟିପିସି ଦର୍ଲିପାଲି ପ୍ରକଳ୍ପ ମୁଖ୍ୟ ଫୈଜ ତୈୟାବ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସିଆଇଏସଏଫ ଡେପୁଟି କମାଣ୍ଡାଣ୍ଟ ଏଲ୍.ମହାନ୍ତି, ଏଚଆର ଡ଼ିଜିଏମ ଶ୍ରୀମତୀ ସୁବର୍ଣ୍ଣା ରାୟ, ଏଚଆର ଡ଼ିଜିଏମ ଶ୍ରୀମତୀ ସଙ୍ଗୀତା ବକ୍ସଲା ଏବଂ ଅଗ୍ନିଶମ ସହାୟକ କମାଣ୍ଡାଣ୍ଟ ଧର୍ମେନ୍ଦ୍ର ସିଂହ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ଏନଟିପିସି ଅଧିକାରୀମାନଙ୍କ ସହିତ ସିଆଇଏସଏଫ ସୁରକ୍ଷା ଏବଂ ଅଗ୍ନିଶମ ୱିଙ୍ଗ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସମାରୋହ ସମୟରେ ସମସ୍ତ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ସମସ୍ତ ଉପସ୍ଥିତ ଲୋକଙ୍କୁ ଅଗ୍ନି ନିବାରଣ ଶପଥ ପାଠ କରାଯାଇ ଥିଲା। ମୁଖ୍ୟ ଅତିଥି ଶ୍ରୀ ଫୈଜ ତୈୟାବଙ୍କ ବକ୍ତବ୍ୟରେ ସମାଜ ଏବଂ ଶିଳ୍ପରେ ଅଗ୍ନି ନିବାରଣ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରି ସମାବେଶକୁ ସମ୍ବୋଧିତ କରିଥିଲେ। ସେ ଅଗ୍ନି ନିରାପତ୍ତା ଏବଂ ଗୃହ ସୁରକ୍ଷା ଅଭ୍ୟାସ ଉପରେ ବ୍ୟାନର ଏବଂ ପୁସ୍ତିକା ମଧ୍ୟ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମଟି ଅଗ୍ନିଶମ ଇନସ୍ପେକ୍ଟର ନୀରଜ କୁମାରଙ୍କ ଦ୍ୱାରା ସଂଯୋଜନା କରା ଯାଇଥିବା ବେଳେ ଅଗ୍ନିଶମ ସହାୟକ କମାଣ୍ଡାଣ୍ଟ ଧର୍ମେନ୍ଦ୍ର ସିଂହ ସପ୍ତାହ ପାଇଁ ଯୋଜନା କରାଯାଇ ଥିବା ବିଭିନ୍ନ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକଳାପ ବିଷୟ ରେ ଉପସ୍ଥିତ ଲୋକମାନଙ୍କୁ ସୂଚନା ଦେଇଥିଲେ।

## ୩ ଦିନ ହେଲା ନାବାଳକ ନିଖୋଜ



ଢେଙ୍କାନାଳ,୧୪।୪ (ସଂଚାର ବ୍ୟୁରୋ)ଃ ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ତରଭା ନିମତଇଲା ଗ୍ରାମର ଜଣେ ୧୫ବର୍ଷର ବାଳକ ସିଦ୍ଧାନ୍ତ କୁମାର ସାହୁ ୩ଦିନ ତଳେ ନିଖୋଜ ହୋଇଛନ୍ତି । ତାଙ୍କର ମୂଳ ଠିକଣା କଓଡ଼ିଲ ଗ୍ରାମ ଆଠଗଡ ସବ୍ଡିଭିଜନ, ଜିଲ୍ଲା କଟକର ସର୍ଗତ ବିକାଶ ସାହୁ ଓ ମାତା ବିନୋଦିନୀ ସାହୁଙ୍କ ପୁତ୍ର ଅଟନ୍ତି। ଗତ ୧୨ ତାରିଖରେ ତରଭା ଗ୍ରାମରୁ କେଉଁଆଡେ ଚାଲିଯାଇଛନ୍ତି । ଏ ବିଷୟରେ ସଦର ଥାନାରେ ମିସିଙ୍ଗ୍ କେଶ୍ ନଂ-୩୦୭/୨୬ରେ ଅଭିଯୋଗ କରାଯାଇଛି । ତାଙ୍କର ଉଚ୍ଚତା ୫ଫୁଟ ୫ଇଂଚ। ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି । ସେ ଓଡିଆରେ କଥାବାର୍ତ୍ତା କରିପାରନ୍ତି ଏବଂ ଗଲାବେଳେ ଧୂସର ରଙ୍ଗର ଫୁଲ୍ ପ୍ୟାଣ୍ଟ୍ ଓ ପିଙ୍କ୍ ରଙ୍ଗର ଚେକ୍ ସାର୍ଟ ପିନ୍ଧିଥିଲେ । କୌଣସି ସହୃଦୟ ବ୍ୟକ୍ତି ଏପରି ପିଲାର ପରିଚୟ ପାଇଲେ ମୋ-୮୨୬୦୬୪୩୦୦୯, ୮୪୫୬୮୬୨୦୩୦ ନମ୍ବରରେ ଜଣାଇବାକୁ ତାଙ୍କର ପିତାମାତା ଅନୁରୋଧ କରିଛନ୍ତି ।

## ହିଞ୍ଜିଳିରେ ମେରୁପର୍ବ ଓ ହନୁମାନ ଜୟନ୍ତୀ ପାଳିତ



ହିଂଜିଳିକାଟୁ/ଗଞ୍ଜାମ,୧୪।୪ (ସଂଚାର ବ୍ୟୁରୋ)ଃ ବେଲ-କାଠରେ ପ୍ରସ୍ତୁତ ହୋଇଥିଲା ମେରୁଖୁଣ୍ଟି । ତଳେ ରହିଥିଲା ଅଗ୍ନି-କୁଣ୍ଡ । ପାଟଭୋକ୍ତାଙ୍କୁ ଓଲଟା ରଖି ତିନିଥର ଝୁଲାଇ ଦିଆଗଲା । ବେଲ-ଖୁଣ୍ଟିରେ ବନ୍ଧାଯାଇଥିବା ଆମ୍ବ ଏବଂ ଖଜୁରୀ କୋଳିକୁ ଭକ୍ତଙ୍କ ଭିତରେ ବାଣ୍ଟିଲେ ପାଟଭକ୍ତା। ଶେଷରେ ମା' ରୁଦ୍ର-କାଳୀଙ୍କୁ ଗମ୍ଭୀରାରେ ବିଜେ କରାଇଲେ । ଏମିତି ଭାବରେ ମେରୁ ଯାତ୍ରା ମାଧ୍ୟମରେ ଶେଷ ହୋଇଛି ଗଂଜାମ ଦଣ୍ଡପର୍ବର ମେରୁ ଯାତ୍ରା । ତେବେ ହିଂଜିଳିକାଟୁ ସହରରେ ୨୧ ଦିନିଆ ଦଣ୍ଡଯାତ୍ରା ଉଦଯାପିତ ହୋଇଛି । ହିଂଜିଳି ବଡ଼ ପୁଞ୍ଜା ଓ ସାନ ପୁଞ୍ଜା ଦଣ୍ଡକାଳୀଙ୍କ ସହ ପୁରା ସହର ପରିକ୍ରମା କରିବା ପରେ ମନ୍ଦିର ଠାରେ ଧୂଳିଦଣ୍ଡ ,ପାଣିଦଣ୍ଡ ସହ ମେରୁ ଅନୁଷ୍ଠିତ ହୋଇଥିଲା । ଏହି ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ସେହିଭଳି ରେଗିଡ଼ି ଚାରିଛକ ସ୍ଥିତ ସଙ୍କଟ ମୋଚନ ହନୁମାନଙ୍କ ମନ୍ଦିରରେ ଚାଳିଶା ପାଠ ସହ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର କମିଟି ପକ୍ଷରୁ ପଣାବଣ୍ଟନ କରାଯାଇଥିଲା। ସନ୍ଧ୍ୟା ଆଳତିରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମେରୁ ଯାତ୍ରା ଜନଗହଳିକୁ ଆଖି ଆଗରେ ସ୍ଥାନୀୟ ପୁଲିସ ପକ୍ଷରୁ ଟ୍ରାଫିକ ଏବଂ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

### ଖଗଡ଼େଶ୍ୱର ସମେତ ବିଭିନ୍ନ ଶୈବ ପୀଠରେ ଚଡ଼କ ଯାତ୍ରା ଉଦ୍ଯାପିତ

## ଦେହରେ କଣ୍ଟାଫୋଡ଼ି ମାନସିକ ପୂରଣ କଲେ ଶତାଧିକ ଭକ୍ତ



ବାଲିଆପାଳ, ୧୪।୪ (ସଂଚାର ବ୍ୟୁରୋ)ଃ ବାଲିଆପାଳ ବ୍ଲକର ପ୍ରମୁଖ ଶୈବ ପୀଠ ଖଗଡ଼େଶ୍ୱର ସମେତ ବିଭିନ୍ନ ଶୈବ ପୀଠରେ ଆଜି ଚଡକ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଶୈବ ପୀଠ ଗୁଡିକ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା।

ଖଗଡ଼େଶ୍ୱର ପୀଠରେ ତେର ଦିନ ଧରି ବ୍ରତ ଧାରଣ କରିଥିବା ବ୍ରତାଧାରୀମାନେ ଆଜି ଅପରାହ୍ନରେ ଏକ ବିଶାଳ ଶୋଭାଯାତ୍ରାରେ ମଧୁପୁରା ସ୍ଥିତ ହାକାଣ୍ଡ ପୋଖରୀକୁ ଯାଇଥିଲେ। ପରମ୍ପରା ଅନୁଯାଇ ଏହି ଭକ୍ତ ମାନେ ମାଳଚନ୍ଦିନୀ ହେବା ପରେ ଦେବ ଦେବ ମହାଦେବଙ୍କ ନିକଟରେ ନିଜର ମାନସିକ କରିଥିଲେ। ଏହି ଦିନରେ ନିଜ ଶରୀରକୁ କଷ୍ଟଦେଇ ଶିବଙ୍କୁ ଆରାଧନା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ବିଶ୍ୱାସରେ ବହୁ ଭକ୍ତ ନିଜ ଦେହକୁ ଲୁହା କଣ୍ଟା ଛୁଞ୍ଚି ଏବଂ ବେଲୁନ ଫୋଡି ବାଦ୍ୟର ତାଳେ ତାଳେ ନୃତ୍ୟ କରି ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ବହୁ ଭକ୍ତ ଜିଭରେ ମଧ୍ୟ କଣ୍ଟା ଫୋଡିଥିଲେ। ସେହିପରି ଶତାଧିକ ମହିଳା ଭକ୍ତ ମୁଣ୍ଡରେ ଧୁଣାସରା ମୁଣ୍ଡାଇ ଏକ ପଟୁଆରାରେ ମନ୍ଦିର ପର୍ଯ୍ୟନ୍ତ ଆସି ବେଢା ପରିକ୍ରମା କରିଥିଲେ। ଦୀର୍ଘ ତେର ଦିନ ଧରି ଚାଲିଥିବା ଏହି ପର୍ବର ଉଦଯାପନ ଉତ୍ସବରେ ଭକ୍ତ ସମେତ ସାଧାରଣ ଦର୍ଶକ ମଧ୍ୟ ମହାଦେବଙ୍କ ନିକଟରେ ନିଜର ଶୁଭ ମନାସିଥିଲେ। କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପ୍ରବଳ ଜନଗହଳି ହୋଇଥିଲା।

ସେହିଭଳି ଜଗାଇସ୍ଥିତ ନାଭଡେଶ୍ୱର, ନିଖିରେଶ୍ୱର, କୁଶୁଡିହା, ଜାଠିଆ, ଚାନ୍ଦମଣି ପ୍ରଭୃତି ପୀଠରେ ଚଡକଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି। ବାଲିଆପାଳ ପୋଲିସ୍ ଓ ଜାମକୁଣ୍ଡା ଫାଣ୍ଡି ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

## ପୁରାତନ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ଆମ୍ବେଦକର ଜୟନ୍ତୀ ପାଳିତ



ଆନନ୍ଦପୁର, ୧୪।୪ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ମଙ୍ଗଳବାର ଦିନ ଭାରତର ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ଼ଃ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଏକ ବିଶେଷ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ପୂରାତନ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ତ୍ରିଲୋଚନ ଜେନାଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଜଳସୁଆଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ଜେନା ସଭାପତିତ୍ୱ ଗ୍ରହଣ କରିଥିଲେ। ପୂର୍ବତନ ଶିକ୍ଷାଧିକାରୀ ଅକ୍ଷୟ କୁମାର ନାଏକ ମୁଖ୍ୟ ଅତିଥି ଭାବେଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ବାବା ସାହେବ ଡ଼ଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ଧୂପ, ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମରଣ କରିଥିଲେ। ପରେ ଅତିଥିମାନେ ତାଙ୍କର ଜୀବନ ଦର୍ଶନ, ସମାଜ ସୁଧାର ଓ ସମ୍ବିଧାନ ଗଠନରେ ତାଙ୍କ ଅବଦାନ ବିଷୟରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ପୂରାତନ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ଫୁଲମାଳା ଓ ଉପହାର ଦେଇ ସମ୍ମାନିତ କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରି ସଭାକୁ ଆକର୍ଷଣୀୟ କରିଥିଲେ। କୃତି ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟଉପକରଣ ବଣ୍ଟନ କରାଯାଇଥିଲା।

## ବିଜେଡି ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



ନୀଳଗିରି, ୧୪।୪ (ସଂଚାର ବ୍ୟୁରୋ)ଃ ବୈଶାଖ ମାସର ପ୍ରଥମ ଦିବସ ଓ ସଂକ୍ରାନ୍ତିକୁ ଓଡ଼ିଶା ନବବର୍ଷ ଓ ମହା ବିଷୁବ ପଣା ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ଓଡ଼ିଶାର ପୁରପଲ୍ଲୀରେ ମହାଧୁମଧାମରେ ପାଳନ କରାଯାଇଥିବା ବେଳେ ଭାରତରତ୍ନ ତଥା ସମ୍ବିଧାନପ୍ରଣେତା ଡ.ଭୀମରାଓ ଆମ୍ବେଦକର ଏଭଳି ଶୁଭଲଗ୍ନରେ ଜନ୍ମଗ୍ରହଣ କରିଥିଲେ। ତେଣୁ ଆଜି ମଧ୍ୟ ସାରାଦେଶରେ ଡ଼ଃ ବି.ଆର ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହେଉଥିବା ବେଳେ ନୀଳଗିରି ବି.ଜେ. ଡି. ନିର୍ବାଚନ ମଣ୍ଡଳୀର ଅଯୋଧ୍ୟା ପଞ୍ଚାୟତ ଖସାପଡିଆ ନିକଟସ୍ଥ ଜୁଣୁକୋଇଲି ଠାରେ ଡ଼ଃ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଗଙ୍ଗାଧର ମିଶ୍ର, ମଦନମୋହନ ମାଝୀ ସୁଧୀରରଞ୍ଜନ ପଣ୍ଡା, ଗଙ୍ଗାଧର ବିଶ୍ୱାଳ, ହେମେନ୍ଦ୍ର ରାଜ, ଲୋକନାଥ ଦଳେଇ ପ୍ରମୁଖ ଡ଼ଃ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣକରି ବିଶ୍ୱର ବୃହତ୍ ଗଣତନ୍ତ୍ରର ସମ୍ବିଧାନ ପ୍ରଣେତା ଭାରତର ଏହି ପୁଣ୍ୟାତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ମୋଟର ସାଇକେଲ ମୁହାଁମୁହିଁ; ୨ ମୃତ,୧ ଗୁରୁତର




ଡାବୁଗାଁ,୧୪।୪ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବୋରିପଦର ଗ୍ରାମର ଦେଶୀମଦ ଭାଟି ନିକଟରେ ସୋମବାର ରାତ୍ରିରେ ମୋଟରସାଇକେଲ ମୁହାଁମୁହିଁ ଧକ୍କା ହେବାରୁ ୨ ମୃତ ଓ ୧ ଗୁରୁତର ହୋଇଥିବା ଜଣାପଡିଛି।

ସୂଚନାଯୋଗ୍ୟ ଡାବୁଗାଁ ବ୍ଲକ ଅଧୀନ ଡାବୁଗାଁ-ବୋରିଗାଁ ମୁଖ୍ୟ ରାସ୍ତାରେ ବୋରିପଦର ଗ୍ରାମର ଦେଶୀମଦ ଭାଟି ନିକଟରେ ଡାବୁଗାଁ-ନୂଆଗୁଡା ଗ୍ରାମର ନାଡ଼ୁ ଗୌଡ(୩୩) ଓ ତାଙ୍କର ଶିଶୁ ପୁତ୍ର ମଙ୍ଗଳଦାସ ଗୌଡ(୫)ଙ୍କ ସହ ନିଜ ମୋଟରସାଇକେଲ ନଂ ଓଡି ୨୪ ଡି ୦୨୭୦ ଯୋଗେ ରାତ୍ରି ପ୍ରାୟ ୭ ଘ. ସମୟରେ ଶଶୁର ଘରକୁ ଯାଉଥିବା ବେଳେ ବିପରୀତ ଦିଗରୁ ମାନିଗାଁ ଗ୍ରାମର ପୁରନ ଜାନୀ (୩୦) ମୋଟରସାଇକେଲ ନଂ ଓଡି ୨୪ ଏ ୬୯୭୨ ଯୋଗେ ଡାବୁଗାଁ ଅଭିମୁଖେ ଫେରୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ଡାବୁଗାଁ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନାଡ଼ୁ ଗୌଡ ଓ ପୁରନ ଜାନୀଙ୍କୁ ମୃତ ଘୋଷଣା କରିଥିଲେ। ନାଡ଼ୁ ଗୌଡଙ୍କ ଶିଶୁ ପୁତ୍ର ମଙ୍ଗଳଦାସ ଗୌଡଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଗ୍ରୀଷ୍ମ ଦିନରେ ନକଲି ପାନୀୟ ଦ୍ରବ୍ୟ ପ୍ୟାକେଟ ମାଳ ମାଳ

### ଅଧିକ ଲାଭ ଦେଇ ଖୁଚୁରା ବଜାରରେ କାୟା ମେଲାଉଛନ୍ତି

### ଯାଞ୍ଚ ହେଉ ନଥିବାରୁ ମନଇଚ୍ଛା ଚଳାଇଛନ୍ତି କାରବାର



କାକଟପୁର/ଅସ୍ତରଙ୍ଗ, ୧୪।୪ (ସଂଚାର ବ୍ୟୁରୋ)ଃ ଡହ ଡହ ଖରାରେ ତଣ୍ଟି ଶୁଖିଯାଉଥିବା ବେଳେ ବଜାରରେ ମିଳୁଥିବା ପାଣି ବୋତଲ ହେଉ ଅବା ପାନୀୟ ଦ୍ରବ୍ୟ ଭାବେ ମିଳୁଥିବା ଦହିର ମାନ କିଏ ଦେଖୁଛି ? ପ୍ରାୟ ଗ୍ରାହକ ସିଲ ଖୋଲି ଢକ ଢକ କରି ପିଇ ଯାଉଛନ୍ତି। ସୁଦ୍ଧ ପାନୀୟ ନାଁରେ ନିମ୍ନମାନର ପାଣି ଅବା ଘୋଳ ଦହି ଦେଇ ଗ୍ରାହକଙ୍କ ଆଖିରେ ଧୂଳି ଦିଆଯାଉଛି। ବଜାରରେ ଗ୍ରାହକଙ୍କୁ ଚକମା ଦେଇ ନାମୀଦାମୀ କମ୍ପାନୀ ନାଁ ଦେଇ ବେନାମୀ କମ୍ପାନୀ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କାର କାରବାର କରୁଛନ୍ତି। ଦିନକୁ ଦିନ ନକଲି ପାଣି ବୋତଲ କାରବାର କାୟା ବିସ୍ତାର କରୁଥିବା ବେଳେ ପ୍ରଶାସନ ପକ୍ଷରୁ କିନ୍ତୁ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନି। ନିଜ ଆଡୁ ଯାଞ୍ଚ କରିବା ବଦଳରେ ଅଭିଯୋଗକୁ ଅପେକ୍ଷା କରି ବସୁଛି।

ପାଣି ପାଉଚ ହେଉ ବା ପାଣି ବୋତଲ କିମ୍ବା ଖରା ଦିନରେ ମିଳୁଥିବା ଘୋଳ ଦହି ପ୍ୟାକେଟ ପ୍ରସ୍ତୁତ କରିବା ଲାଗି କମ୍ପାନୀକୁ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ) ରୁ ସ୍ୱୀକୃତିପତ୍ର ଦରକାର। କିନ୍ତୁ ଯେଉଁ କମ୍ପାନୀ ଗୁଡିକ ବିନା ସ୍ୱୀକୃତିପତ୍ରରେ ପାଣି ବୋତଲ ପ୍ରସ୍ତୁତ କରି ବଜାରକୁ ଛାଡୁଛନ୍ତି ସେମାନେ ବୋରୱେଲ କିମ୍ବା ପାଣି ପାଇପ୍ ଲାଇନରୁ ଜଳ ନେଇ ତାକୁ ବୋତଲରେ ପ୍ୟାକ କରି ବଜାରକୁ ଛାଡୁଛନ୍ତି। ଶସ୍ତା ଦରରେ ବଜାରକୁ ଛାଡୁଥିବାରୁ ଦୋକାନୀମାନେ ଏହାକୁ ବିକ୍ରି କରୁଛନ୍ତି। ତେଣୁ ନନବ୍ରାଣ୍ଡ ପାଣି ବୋତଲକୁ ଅଧିକ ସଂଖ୍ୟାରେ ବିକିବାକୁ ବ୍ୟବସାୟୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି। ସେହିପରି ନନବ୍ରାଣ୍ଡର ଘୋଳ ଦହି ପ୍ୟାକେଟ ଅସ୍ତରଙ୍ଗ ବଜାର ସହ ଗାଁ ଗହଳି ଦେଖିବାକୁ ମିଳୁଛି। ପ୍ୟାକେଟରେ ତିଆରି ତାରିଖ ରହୁନାହିଁ।

ଅନ୍ୟ ପକ୍ଷରେ ପାଣି ଜାର ବି ବହୁଳ ମାତ୍ରାରେ ବଜାରକୁ ଆସୁଛି। ବିଶେଷକରି ବାହାଘର, ବ୍ରତଘର କିମ୍ବା ଅନ୍ୟ କୌଣସି ସାମାଜିକ କାର୍ଯ୍ୟକ୍ରମରେ ପାଣି ଜାର ବ୍ୟବହାର ହେଉଥିବା ବେଳେ ଏହାର ମାନ ନିୟମିତ ବ୍ୟବଧାନରେ ଯାଞ୍ଚ କରାଯାଉ ନାହିଁ। ମିଳିଥିବା ସୂଚନା ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁରରେ ପ୍ରାୟ ୨୦ରୁ ଉର୍ଦ୍ଧ ଏଭଳି ବେନାମୀ କମ୍ପାନୀ କୌଣସି ସ୍ୱୀକୃତି ପ୍ରାପ୍ତ ଉଦ୍ୟୋଗ ନ ହୋଇ ପାଣି ବୋତଲ ତିଆରି କରି ଅସ୍ତରଙ୍ଗ ଓ କାକଟପୁର ବଜାରକୁ ଛାଡୁଛନ୍ତି। ଯାହାକୁ ଲୋକେ ବ୍ୟବହାର କରୁଛନ୍ତି। କିନ୍ତୁ ଏହାର ବ୍ୟବହାର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଏହାଛଡା ଦୀର୍ଘ ଦିନ ଧରି ପାଣି ବୋତଲରେ ପ୍ୟାକ କରି ରଖାଯାଇଥାଏ। ଯାହାଫଳରେ ପାଣି ଦିନକୁ ଦିନ ନଷ୍ଟ ହେବାକୁ ଲାଗେ। ଏଭଳି ମାନ ନଥିବା ପାଣିକୁ ନିୟମିତ ବ୍ୟବଧାନରେ ପିଇଲେ ଡ଼ାଇରିଆ, ଜଣ୍ଡିସ ସହିତ ଲିଭର ଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି ନକଲି ବ୍ରାଣ୍ଡ ଲଗାଇ ବିକ୍ରି ହେଉଥିବା ପାଣି ବୋତଲ କିମ୍ବା ଘୋଳ ଦହିକୁ ଯାଞ୍ଚ କରାଯାଉ।

## ହେମଗିର ବ୍ଲକ ପରିସରରେ ଓଡ଼ିଶା ପକ୍ଷ ପାଳନ



ହେମଗିରି, ୧୪।୪ (ସଂଚାର ବ୍ୟୁରୋ)ଃ ହେମଗିର ବ୍ଲକ ପରିସର ଠାରେ ଓଡିଶା ପକ୍ଷ୍ୟ ୨୦୨୬ ପାଳନ ଅବସରରେ ଓଡ଼ିଆ ନବବର୍ଷ ଉତ୍ସବ ଓ ଡକ୍ଟର ବିଆର ଆମ୍ବେଦକରଙ୍କ ଜୟନ୍ତୀ ସଫଳତାର ସହ ପାଳନ ହୋଇଯାଇଛି। ବ୍ଲକ ଉନ୍ନୟନ ଅଧିକାରୀ ରିନା ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଖାଦ୍ୟ ପ୍ରତିଯୋଗୀତା, ଝୋଟି, ମୁରୁଜ ପ୍ରତିଯୋଗୀତା, ନୃତ୍ୟ, ସଙ୍ଗୀତ ହୁଲହୁଲି, ଓ ମ୍ୟୁଜିକ୍ ଚେୟାର ଭଳି ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ପ୍ରତିଯୋଗୀତା ଓ କାର୍ଯ୍ୟକ୍ରମ ଆୟୋଜନ କରାଯଇଥିଲା। ଏହା ସହିତ ଓଡ଼ିଆ ନବବର୍ଷର ଗୁରୁତ୍ୱ ସମ୍ବନ୍ଧରେ ସାରଗର୍ଭକ ଆଲୋଚନା କରାଯାଇଥିଲା ଏବଂ ଡାକ୍ତର ବି ଆର୍ ଆମ୍ବେଦକର ଙ୍କ ସ୍ମୃତିଚାରଣ ସହିତ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ମହିମା ସେଠ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ହେମଗିର ତହସିଲଦାର ସାରିକା ରାଣୀ ଧାମେଲ, ସିଡିପିଓ, ହେମଗିର ସରପଞ୍ଚ, ସାନଗୁମୁଡ଼ା ସରପଞ୍ଚ ରେବତୀ ଛତ୍ରିଆ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯଇଥିଲା।

## ପୁରୀ ଆକାଶରେ ଅଲୌକିକ ଦୃଶ୍ୟ

# ଚାହୁଁ ଚାହୁଁ ଗୋଲାପୀ ହୋଇଗଲା ସାରା ଆକାଶ

ପୁରୀ, ୧୪।୪ (ସଂଚାର ବ୍ୟୁରୋ): ପୁରୀ ଆକାଶରେ ଆଜି ଦେଖିବାକୁ ମିଳିଛି ଏକ ଅଲୌକିକ ଦୃଶ୍ୟ। ଅଚାନକ ସମଗ୍ର ଆକାଶର ରଙ୍ଗ ଗୋଲାପୀ ହୋଇଗଲା। ବିଶେଷକରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଗୋଲାପୀ ଆକାଶ ସୃଷ୍ଟି କରିଥିଲା ଏକ ଭିନ୍ନ ପରିବେଶ। ପୂର୍ବରୁ ମଧ୍ୟ ଆକାଶରଏଭଳି ରଙ୍ଗ ପରିବର୍ତ୍ତନ ଅନେକ ବାର ଦେଖାଦେଇଛି। କିନ୍ତୁ ହଠାତ ଆକାଶର ରଙ୍ଗ ଗୋଲାପୀ ହୋଇଯିବା ସମସ୍ତଙ୍କୁ ଅଭିଭୂତ କରିଛି। ସାଧାରଣତଃ ମଧ୍ୟାହ୍ନରେ ତେଜିଆନ ସୂର୍ଯ୍ୟଙ୍କୁ ସନ୍ଧ୍ୟା ହେବା ମାତ୍ରେ ଶାନ୍ତ ହୋଇ ନାଲି ରଙ୍ଗରେ ପରିବର୍ତ୍ତିତ ହେଉଥିବା ଅନେକ ଥର ଦେଖାଯାଇଛି। ସୂର୍ଯ୍ୟ ଉଦୟ ଓ ଅସ୍ତ ସମୟରେ ଦିନକୁ ଦୁଇ ଥର ସୂର୍ଯ୍ୟର ଏପରି ନାଲି ରଙ୍ଗ ଦେଖିବାକୁ ମିଳିଥାଏ। କେହି କେହି ଏହାକୁ ଭଗବାନଙ୍କ ଲୀଳା ବୋଲି କହୁଥିବା ବେଳେ କେହି ଏହାକୁ ବିଜ୍ଞାନ କାରଣ ସହ ଯୋଡ଼ିଛନ୍ତି। ଆକାଶର ଗୋଲାପୀ ରଙ୍ଗ ପରିବର୍ତ୍ତନ ପଛରେ ରହିଛି ବୈଜ୍ଞାନିକ କାରଣ। ରେଲି ସ୍କେଟରିଂ ବା ଆଲୋକ ଓ ବିକିରଣ ପାଇଁ ଏପରି ହୋଇଥାଏ। ଆଲୋକର ବିକିରଣ ପ୍ରକ୍ରିୟାରେ ଯେତେବେଳେ ସୂର୍ଯ୍ୟଙ୍କ ଆଲୋକ ସୂର୍ଯ୍ୟରୁ ବାହାରି ବାୟୁମଣ୍ଡଳରେ ପ୍ରବେଶ କରେ, ସେତେବେଳେ ଏହା ଧୂଳି, ମାଟି ଓ କଣିକାମାନଙ୍କ ସହ ପିଟି ହୋଇ ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇଥାଏ। ତେବେ ପୁରୀରେ ଏପରି ଗୋଲାପୀ ରଙ୍ଗର ଆକାଶ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ କୌତୂହଳ ବଢ଼ିଯାଇଥିବା ଦେଖିବାକୁ ମିଳିଛି।



## ଲୋକ ଭବନରେ ହିମାଚଳ ପ୍ରଦେଶ ଗଠନ ଦିବସ ଓ ଓଡ଼ିଆ ନବବର୍ଷ ପାଳିତ

# ଅନ୍ୟ ରାଜ୍ୟର ପର୍ବ ପାଳନ ଜାତୀୟ ଏକତାକୁ ମଜଭୁତ କରେ: ରାଜ୍ୟପାଳ



ଭୁବନେଶ୍ୱର, ୧୪।୪ (ସଂଚାର ବ୍ୟୁରୋ): ଭାରତର ବିବିଧତା ହେଉଛି ଏହାର ଶକ୍ତିର ଉତ୍ସ। ଗୋଟିଏ ରାଜ୍ୟରେ ଅନ୍ୟ ରାଜ୍ୟର ପର୍ବ ପାଳନ ଜାତୀୟ ଏକତାକୁ ମଜବୁତ କରେ ଏବଂ ଭାରତର ବିବିଧତାର ପ୍ରକୃତ ସ୍ୱରୂପ ପ୍ରତିଫଳିତ ହୁଏ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଆଜି ଲୋକ ଭବନରେ ହିମାଚଳ ପ୍ରଦେଶ ଗଠନ ଦିବସ ଓ ଓଡ଼ିଆ ନବବର୍ଷ (ପଣା ସଂକ୍ରାନ୍ତି) ସହ ବିହୁ (ଆସାମ), ବିଶୁ (କେରଳ), ପୁଥାଣ୍ଡୁ (ତାମିଲନାଡୁ), ପୋଇଲା ବୈଶାଖ (ପଶ୍ଚିମବଙ୍ଗ) ଓ ବୈଶାଖୀ (ପଞ୍ଜାବ) ପାଳନ ଅବସରରେ ରାଜ୍ୟପାଳ ଏହା କହିଛନ୍ତି।

ଏହି ସମାରୋହରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ଯେତେବେଳେ ଆମେ ଅନ୍ୟ ରାଜ୍ୟର ପର୍ବ ପାଳନ କରୁ, ସେତେବେଳେ ଆମେ ଏକ ଜାତି ଭାବରେ ଆମକୁ ଏକତ୍ରିତ କରୁଥିବା ବନ୍ଧନକୁ ମଜବୁତ କରୁ। ଏହି ସହଭାଗିତାର ଭାବନା ଭାରତର ସାରାଂଶକୁ ପ୍ରତିଫଳିତ କରେ, ଯେଉଁଠାରେ ବିବିଧତା ଆମର ସାମୂହିକ ପରିଚୟକୁ ଶକ୍ତିଶାଳୀ କରିବା ସହ ଆମକୁ ଏକତ୍ର ହୋଇ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ।

ଓଡ଼ିଶା, ହିମାଚଳ ପ୍ରଦେଶ, ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଓ ପଞ୍ଜାବର ଜନସାଧାରଣଙ୍କୁ ସେମାନଙ୍କ ଆଞ୍ଚଳିକ ପର୍ବପର୍ବାଣି ପାଳନ ଅବସରରେ ରାଜ୍ୟପାଳ ଶୁଭେଚ୍ଛା ଜଣାଇଥିଲେ। ପଣା ସଂକ୍ରାନ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଏହା ପାରମ୍ପରିକ ଓଡ଼ିଆ ନବବର୍ଷର ଆରମ୍ଭ। ଏହି ପର୍ବ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରେ। ପଣା ପ୍ରସ୍ତୁତ କରି ବଣ୍ଟନ କରିବାର ପରମ୍ପରା କରୁଣା, ଉଦାରତା ଓ ଏକତାର ପ୍ରତୀକ ଯାହା ଆଚାର-ବିଚାର, ଦାନଧର୍ମ, ସେବା ଓ ସହାନୁଭୂତିର ମୂଲ୍ୟବୋଧକୁ ପ୍ରତିଫଳିତ କରେ।

ହିମାଚଳ ପ୍ରଦେଶ ଗଠନ ଦିବସ ପ୍ରସଙ୍ଗରେ ରାଜ୍ୟପାଳ କହିଥିଲେ ଯେ ଏହି ରାଜ୍ୟ ଏକତା ଓ ସ୍ଥିରତାର ପ୍ରତୀକ ଏବଂ ଏହି ରାଜ୍ୟରେ କଳା ଓ ସଂସ୍କୃତିର ସମୃଦ୍ଧ ପରମ୍ପରା ରହିଛି। ବିହୁ, ବିଶୁ, ପୁଥାଣ୍ଡୁ, ପୋଇଲା ବୈଶାଖ ଓ ବୈଶାଖୀ ଭଳି ପର୍ବଗୁଡ଼ିକ ବିଭିନ୍ନ ଅଞ୍ଚଳରେ ପାଳିତ ହେଉଥିଲେ ମଧ୍ୟ ସେଥିରେ ଆଶା, କୃତଜ୍ଞତା ଓ ନବୀକରଣର ଏକ ସାଧାରଣ ବାର୍ତ୍ତା ରହିଛି, ଯାହା ଜାତୀୟ ଏକତାର ଭାବନାକୁ ଦୃଢ଼ କରେ ବୋଲି ରାଜ୍ୟପାଳ କହିଥିଲେ।

## ହୁତୁହୁତୁ ହୋଇ ଜଳିଗଲା କାର୍, ବର୍ତ୍ତିଲେ ଦମ୍ପତି



କଣ୍ଟାବାଞ୍ଜି, ୧୪।୪ (ସଂଚାର ବ୍ୟୁରୋ): ହୁତୁହୁତୁ ହୋଇ ରାସ୍ତା ମଝିରେ ଜଳିଗଲା କାର୍। ତେବେ ସୌଭାଗ୍ୟବଶତଃ ଅଳ୍ପକେ ବର୍ତ୍ତିଯାଇଛନ୍ତି ସେଥିରେ ଥିବା ଦମ୍ପତି। ବଲାଙ୍ଗିର ଜିଲ୍ଲାର ସିନ୍ଦେକେଲା ଥାନା ଶୁଣ୍ଟିମୁଣ୍ଡା ନିକଟରେ ଏକ କାରରେ ନିଆଁ ଲାଗିଯାଇଥିଲା। ସେତେବେଳେ କାର୍‌ଟି ଭବାନୀପାଟଣା ଅଭିମୁଖେ ଯାଉଥିଲା। ତେବେ ଶୁଣ୍ଟିମୁଣ୍ଡା ନିକଟରେ ଅଚାନକ ସେଥିରେ ନିଆଁ ଲାଗିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି। ତେବେ ରାସ୍ତା ମଝିରେ ଗାଡ଼ିଟି ଜଳୁଥିବାରୁ ଉକ୍ତ ରାସ୍ତା ଦେଇ ଯିବାଆସିବା କରୁଥିବା ଗାଡ଼ିର ଯାତାୟାତ ବାଧାପ୍ରାପ୍ତ ହୋଇଛି।

# 'ଓଡ଼ିଆ ଅସ୍ମିତା ଜୀବନଶୈଳୀର ଅଂଶ ହେଉ'



ଭୁବନେଶ୍ୱର, ୧୪।୪ (ସଂଚାର ବ୍ୟୁରୋ): ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷର ପବିତ୍ର ଅବସରରେ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ଓଡ଼ିଆ ପକ୍ଷ ଉଦ୍‌ଯାପନୀ-୨୦୨୬ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ କେବଳ ଚଉଦ ଦିନରେ ସୀମିତ ରଖିବା ନୁହେଁ, ବରଂ ବର୍ଷବ୍ୟାପି ଜୀବନ ଶୈଳୀର ଅବିଚ୍ଛିନ୍ନ ଅଂଶ କରିବାକୁ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷ ଉତ୍କଳ ଦିବସରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ' ପାଳନ ମାଧ୍ୟମରେ ଓଡ଼ିଆ ଅସ୍ମିତାକୁ ସମାଜର ପ୍ରତ୍ୟେକ ସ୍ତରରେ ଜାଗ୍ରତ କରିବାର ଚେଷ୍ଟା କରାଯାଇଛି। ଏହି ପକ୍ଷରେ ୧୮ ହଜାରରୁ ଅଧିକ 'ବର୍ଣ୍ଣବୋଧ' ଓ 'ଶିଶୁଲେଖା' ପୁସ୍ତକ ବିତରଣ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପାଇଁ ଚଳିତ ବଜେଟରେ ୬୧୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଛଉନୃତ୍ୟର ସଂରକ୍ଷଣ ପାଇଁ ଛଉ ଏକାଡେମୀ ପ୍ରତିଷ୍ଠା ଓ ବରପୁତ୍ରମାନଙ୍କ ଜନ୍ମପୀଠକୁ ସାଂସ୍କୃତିକ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକାଶ କରିବା ପାଇଁ ଯୋଜନା ହୋଇଛି। ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ବଢ଼ାଇବା ସହ ସମସ୍ତ ବିଦ୍ୟାଳୟରେ ଓଡ଼ିଆ ପଢ଼ାଇବାକୁ ବାଧ୍ୟତାମୂଳକ କରାଯିବ। ଭିଜନ-୨୦୩୬ ଲକ୍ଷ୍ୟ ଅନୁସାରେ ଓଡ଼ିଶାକୁ ଏକ ବିକଶିତ ଓ ସାଂସ୍କୃତିକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏକ ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ବୁଲି ଦେଖିବା ସହିତ ବିଭିନ୍ନ ପୁସ୍ତକ ଉନ୍ମୋଚନ କରିଥିଲେ। ଓଡ଼ିଆ ରୋଷେଇର ବିଶ୍ୱସ୍ତରୀୟ ପ୍ରଚାର ପାଇଁ ସେଲିବ୍ରିଟି ଶେଫ୍ ରଣବୀର ବ୍ରାର୍ ବ୍ରାଣ୍ଡ ଆମ୍ବାସାଡର ଏବଂ ଶେଫ୍ ଅବିନାଶଙ୍କୁ 'ଓଡ଼ିଆ କ୍ୟୁଲିନାରୀ ଚାମ୍ପିଅନ୍' ଭାବେ ମନୋନୀତ କରାଯାଇଛି। ଏଥିସହ ଶେଫ୍ ଅଞ୍ଜୁ ଓ ମଞ୍ଜୁଙ୍କ ସହଯୋଗରେ ଏହି ଅଭିଯାନ ଓଡ଼ିଶାର ପାରମ୍ପରିକ ରୋଷେଇର କାହାଣୀ ଓ ବିଜ୍ଞାନକୁ ସଂରକ୍ଷିତ କରିବା ସହ ଏହାକୁ ତୃଣମୂଳ ସ୍ତରରୁ ଆନ୍ତର୍ଜାତୀୟସ୍ତର ପର୍ଯ୍ୟନ୍ତ ପହଞ୍ଚାଇବ ବୋଲି ଆଶା ରଖାଯାଇଛି।

# ଛାତ୍ରୀଙ୍କ ଅଭିଯୋଗ ପରେ ହଟିଲେ ବିଭାଗୀୟ ମୁଖ୍ୟ

ଭୁବନେଶ୍ୱର, ୧୪।୪ (ସଂଚାର ବ୍ୟୁରୋ): ଛାତ୍ରୀଙ୍କ ଅଭିଯୋଗ ପରେ ହଟିଲେ ବିଭାଗୀୟ ମୁଖ୍ୟ। ବାଲେଶ୍ୱର ଫକିର ମୋହନ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ସନ୍ତୋଷ କୁମାର ନାୟକଙ୍କୁ ତାଙ୍କ ପଦରୁ ହଟାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ତାଙ୍କୁ ପଦବୀରୁ ହଟାଇଦେଇଛନ୍ତି। ଛାତ୍ରୀଙ୍କ ଅଭିଯୋଗ କ୍ରମେ ତଦନ୍ତ ପାଇଁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)କୁ ତଦନ୍ତ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଯେତେ ଶୀଘ୍ର ସମ୍ଭବ ତଦନ୍ତ କରି ରିପୋର୍ଟ ଦେବାକୁ ଆଇସିସିକୁ କୁହାଯାଇଛି। ନିକଟରେ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିକଟକୁ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଜନୈକା ଛାତ୍ରୀଙ୍କ ପକ୍ଷରୁ ଅଭିଯୋଗ ଯାଇଥିଲା। ଏଥିସହ ଆସନ୍ତାକାଲି ଉକ୍ତ ଅଭିଯୋଗ କରିଥିବା ଛାତ୍ରୀ ଜଣଙ୍କୁ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ବୟାନ ଦରଜ କରିବାକୁ କୁହାଯାଇଛି। ଗତ ୬ ତାରିଖରେ ଆସିଷ୍ଟାଣ୍ଟ ପ୍ରଫେସର ତଥା ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ସନ୍ତୋଷ କୁମାର ନାୟକଙ୍କ ବିରୋଧରେ ଛାତ୍ରୀ ଜଣଙ୍କ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଫକିର ମୋହନ ମହାବିଦ୍ୟାଳୟର ଆଇସିସି ସଦସ୍ୟା ଗୋପାମୁଦ୍ରା ମହାପାତ୍ର କହିଛନ୍ତି ଯେ ଏ ସମ୍ପର୍କରେ ଆମ ପାଖରେ କିଛି ସୂଚନା ନାହିଁ। ସୂଚନାଯୋଗ୍ୟ ଯେ ଗତ ବର୍ଷ ଫକିର ମୋହନ ମହାବିଦ୍ୟାଳୟ ସେଠାକାର ଜଣେ ଇଣ୍ଟିଗ୍ରେଟେଡ୍ ଛାତ୍ରୀଙ୍କ ଆତ୍ମଦାହ ଘଟଣା ଯୋଗୁଁ ଚର୍ଚ୍ଚାର ପରିସରକୁ ଆସିଥିଲା।

# ହନୁମାନ ଜୟନ୍ତୀ ଶୋଭାଯାତ୍ରା, ୫୨ ପ୍ଲାଟୁନ ଫୋର୍ସ ମୁତୟନ

ସମ୍ବଲପୁର, ୧୪।୪ (ସଂଚାର ବ୍ୟୁରୋ): ପବିତ୍ର ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ବାହାର କରାଯାଇଛି। ସମ୍ବଲପୁରର ବିଭିନ୍ନପଡ଼ାରୁ ଏକାଧିକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଆୟୋଜନ କରାଯାଇଛି। ସୁରକ୍ଷାବ୍ୟବସ୍ଥାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଶୋଭାଯାତ୍ରା ଅବସରରେ କୌଣସି ପ୍ରକାର ଆଇନଶୃଙ୍ଖଳା ପରିସ୍ଥିତିର ସାମ୍ନା କରିବା ପାଇଁ ବିଭିନ୍ନ ସ୍ଥାନରେ ୫୨ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି ଓ ୧୮୦ରୁ ଅଧିକ ବରିଷ୍ଠ ପୋଲିସଙ୍କୁ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଛି। ଅପ୍ରତ୍ୟାଶିତ ଘଟଣା ଘଟିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶୋଭାଯାତ୍ରା ମାର୍ଗର ସମସ୍ତ ସମ୍ବେଦନଶୀଳ ଅଞ୍ଚଳରେ ସିସି ଟିଭି କ୍ୟାମେରା ଲଗାଯାଇଛି। ଏହା ସହିତ, ଡ୍ରୋନ୍ ମାଧ୍ୟମରେ ମଧ୍ୟ କଡ଼ା ନଜର ରଖାଯାଇଛି। ପୋଲିସ ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ ବ୍ୟବସ୍ଥାକୁ ସୁଦୃଢ଼ କରିଛି।

● ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଉଦଯାପିତ

# ମନ ମୋହିଲା ପଶୁମୁଖା ଓ ମାଲଖମ୍ବ ନୃତ୍ୟ

## ସୁବାସ ଦାସଙ୍କ ଭଜନ ଓ ଲଘୁ ସଙ୍ଗୀତ



ଭୁବନେଶ୍ୱର, ୧୪।୪ (ସଂଚାର ବ୍ୟୁରୋ): ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଆଜି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ଉଦଯାପିତ ହୋଇଯାଇଛି। ଆଜି ଦ୍ୱିତୀୟ ତଥା ଉଦଯାପନୀ ଦିବସ ସନ୍ଧ୍ୟାରେ ଭୁବନେଶ୍ୱର ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ରାଜଧାନୀ ଭୁବନେଶ୍ୱରକୁ ସ୍ୱଚ୍ଛ ସହର ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସେ ସମସ୍ତ ନାଗରିକଙ୍କ ସହଯୋଗ କାମନା କରିଥିଲେ। ଏଥିସହ ରାଜଧାନୀକୁ ଏକ ବିକଶିତ ତଥା ଉନ୍ନତ ସହର ଭାବେ ଗଢ଼ି ତୋଳିବାକୁ ସେ ସମସ୍ତଙ୍କର ସମ୍ମିଳିତ ପ୍ରଚେଷ୍ଟା କାମନା କରିଥିଲେ। ଉଦଯାପନୀ ସଂଧ୍ୟାରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଯୋଗଦେଇ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଆୟୋଜନ ଓ ସମସ୍ତ ସହଯୋଗକୁ ପ୍ରଶଂସା କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ, ପୂର୍ତ୍ତ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆଦି ସମ୍ପୃକ୍ତ ବିଭିନ୍ନ ବିଭାଗ ଓ ସଂସ୍ଥାମାନଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ମିଡିଆ ଫେଡେରେସନର ଉପଦେଷ୍ଟା ଗୌରଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ମଳୟ କୁମାର ବେହେରା, ଶୁଭଙ୍କର କୁମାର ଓ ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଗଞ୍ଜାମର ପଶୁମୁଖା ନୃତ୍ୟ, ମୟୂରଭଞ୍ଜ, କରଞ୍ଜିଆର ପଲ୍ଲବୀ ନାଟ୍ୟ ସଂସ୍ଥା ପକ୍ଷରୁ ମାଲଖମ୍ବ ନୃତ୍ୟ, ସୁବାସ ଦାସ ଓ ସାଥୀ ଭଜନ, ଲଘୁ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ତା' ଦର୍ଶକଙ୍କୁ ବାନ୍ଧି ରଖିଥିଲା। ବାସୁଦେବ ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଶାକୁ ଆସିଲା ଦୁଇଟି ନୂତନ ଗାଡ଼ି

# ସହଜ ହେବ ବହୁତଳ କୋଠାରେ ନିଆଁଲିଭା କାର୍ଯ୍ୟ

ଭୁବନେଶ୍ୱର, ୧୪।୪ (ସଂଚାର ବ୍ୟୁରୋ): ବହୁତଳ କୋଠାରେ ନିଆଁ ଲାଗିଥିଲେ ଏଣିକି ଲିଭାଇବାକୁ ବିଶେଷ କଷ୍ଟ କରିବାକୁ ପଡ଼ିବ ନାହିଁ। କାରଣ ବହୁତଳ କୋଠାରେ ଲାଗିଥିବା ନିଆଁ ଲିଭାଇବା ସକାଶେ ଆଜି ଦୁଇଟି ଅତ୍ୟାଧୁନିକ ନିଆଁଲିଭା ଗାଡ଼ି ଆସି ପହଞ୍ଚିଛି। ଆର୍ଟିକୁଲେଟ ୱାଟର୍ ଟାନନ୍ ଯାହାକି ୩୪ଫୁଟ ପର୍ଯ୍ୟନ୍ତ ସୁଉଚ୍ଚ କୋଠାରେ ନିଆଁ ଲିଭାଇବାରେ ସାହାଯ୍ୟ କରିବ। ସେହିପରି ଉକ୍ତ ଗାଡ଼ିରେ ହାଜମତ ଭେଇକିଲ ଯେଉଁଥିରେ ବାୟୁ ନିର୍ଗତ ବା କେମିକାଲ ନିର୍ଗତ ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରିବାର କ୍ଷମତା ମଧ୍ୟ ରହିଛି।



ବିପର୍ଯ୍ୟୟ ସମୟରେ ମୁକାବିଲା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ମଧ୍ୟ ଉକ୍ତ ଗାଡ଼ିରେ ଉପଲବ୍ଧ ରହିଛି। ରାଷ୍ଟ୍ରୀୟ ଅଗ୍ନିଶମ ସୁରକ୍ଷା ସପ୍ତାହରେ ଏହି ଦୁଇଟି ଗାଡ଼ିର ଲୋକାର୍ପଣ ହୋଇଛି। ଆଜିଠୁ ଅଗ୍ନିଶମ ସପ୍ତାହ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଶେଷକରି ଅଗ୍ନିଶମ କ୍ଷେତ୍ରରେ ପ୍ରାଣ ହରାଇଥିବା ଆଗ୍ନିକମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଳିତ ହେଉଥିବା ଏହି ସପ୍ତାହରେ ସ୍ଥାନୀୟ ବରମୁଣ୍ଡା ଫାୟାର ତାଲିମ କେନ୍ଦ୍ରରେ ଏନେଇ ପରେଡ ପ୍ରଦର୍ଶନ ସହ ଅଗ୍ନିଶମ ସରଞ୍ଜାମର ମକଡ୍ରିଲ ହୋଇଛି। ଏଥିରେ ନାନାଦି କୌଶଳ ଦେଖାଇଛନ୍ତି ୧୦ଟି କେ-ନାଇନ ଡଗ। ଏହି ଧରଣର ଶ୍ୱାନମାନେ ବିପର୍ଯ୍ୟୟ ସମୟରେ ଓଡ଼ିଶା ଅଗ୍ନିଶମ ବାହିନୀକୁ ସହଯୋଗ କରିଥାନ୍ତି। ମାଟିତଳେ କିମ୍ବା କୌଣସି ବିପର୍ଯ୍ୟୟ ସମୟରେ ମଣିଷ ଫସିରହିଥିଲେ ସେମାନଙ୍କୁ ଏହି ଶ୍ୱାନମାନେ ଠାବ ମଧ୍ୟ କରିଥାନ୍ତି। ନିଆଁ ଲିଭାଇବା ଏକ ବିପଜ୍ଜନକ କାମ ହୋଇଥିବା ବେଳେ ଏଥିରେ ୨୦୨୫ ଓ ୨୦୨୬ରେ ପ୍ରାଣ ହରାଇଥିବା ଆଗ୍ନିକମାନଙ୍କୁ ସମ୍ମାନ ଦେବା ସହ ସେମାନଙ୍କ ସ୍ମୃତିଚାରଣ କରିବା ସକାଶେ ଆଜି ଆମେ ଏହି ସପ୍ତାହ ପାଳନ କରୁଛୁ ବୋଲି ଅଗ୍ନିଶମ ଡିଜି ସୁଧାଂଶୁ ଶେଖର ଷଡ଼ଙ୍ଗୀ କହିଛନ୍ତି।

# ଜଣଙ୍କ ନାଁରେ ସୁପାରି, ଆଉ ଜଣଙ୍କୁ ଆକ୍ରମଣ: ୪ ଗିରଫ



କଟକ, ୧୪।୪ (ସଂଚାର ବ୍ୟୁରୋ): ଧୋକା ଖାଇଗଲେ ସୁପାରୀ କିଲର। ଜଣଙ୍କୁ ଆକ୍ରମଣ କରିବା ସକାଶେ ସୁପାରିସ୍ ନେଇଥିବା ବେଳେ ଭୁଲ୍‌ବଶତଃ ଅନ୍ୟ ଜଣଙ୍କୁ ଆକ୍ରମଣ କଲେ। ଏହି ଘଟଣାରେ ପୁଲିସ୍ ଆଜି ମୋଟ ୪ ଜଣଙ୍କୁ ଗିରଫ କରିଛି। କଟକ ମର୍କତ ନଗର ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ୪ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନେ ଜଣେ ବ୍ୟବସାୟୀଙ୍କୁ ହତ୍ୟା କରିବା ପାଇଁ ସୁପାରିସ୍ ନେଇଥିଲେ। ସିଡିଏ ଅଞ୍ଚଳର ଉକ୍ତ ବ୍ୟବସାୟଙ୍କୁ ହତ୍ୟା ସକାଶେ ହୋଇଥିବା ଷଡ଼ଯନ୍ତ୍ରକୁ କାର୍ଯ୍ୟକାରୀ କରିବା ପାଇଁ ସୁପାରୀ କିଲର୍‌ଙ୍କୁ ସୁପାରି ଦିଆଯାଇଥିଲା। କିନ୍ତୁ ଉକ୍ତ ବ୍ୟବସାୟୀଙ୍କ ମୁହଁ ସହ ମେଳ ଖାଉଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ସୁପାରି କିଲର୍‌ମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ବ୍ୟାବସାୟିକ ଶତ୍ରୁତା କାରଣରୁ ଏପରି ସୁପାରୀ ଦିଆଯାଇଥିଲା। ଏହି ଘଟଣାରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ହେଉଛି ଚନ୍ଦନ ଭୋଳ। ଦେଢ଼ ଲକ୍ଷ ଟଙ୍କାର ସୁପାରୀ ଦେଇଥିଲେ ଚନ୍ଦନ। ଚନ୍ଦନର ବାଦାମବାଡ଼ିରେ ଏକ ବହି ଦୋକାନ ଥିବା ବେଳେ ସିଡିଏ ଅଞ୍ଚଳରେ ବହି ବ୍ୟବସାୟ କରୁଥିବା ଅନ୍ୟ ଜଣେ ବ୍ୟବସାୟୀଙ୍କୁ ହତ୍ୟା କରିବା ସକାଶେ ସେ ସୁପାରୀ ଦେଇଥିଲେ। ସୁପାରୀ କିଲର୍‌ଙ୍କଠାରୁ ଏକ ଭୁଜାଲି, ଏକ ବାଇକ୍, ଏକ କାର ମଧ୍ୟ କମିଶନରେଟ୍ ପୁଲିସ୍ ଜବତ କରିଛି।

## ଢେଙ୍କାନାଳ କାମାକ୍ଷାନଗର ଖୁଣ୍ଟାପଶିରେ ଗୁଳିକାଣ୍ଡ!

# ପେସାଦାର ଅପରାଧୀ ରାକେଶ ନାଥ ଆହତ

ଢେଙ୍କାନାଳ, ୧୪।୪ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ଆଲୁତମାର ଖୁଣ୍ଟାପଶିରେ ଗୁଳିକାଣ୍ଡ ଘଟିଛି। ଗୁଳିକାଣ୍ଡରେ ରାକେଶ ନାଥ ଆହତ ହୋଇଛନ୍ତି। ଆହତ ରାକେଶକୁ କାମାକ୍ଷା ନଗର ପୁଲିସ କାବୁ କରି ଚିକିତ୍ସା ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତିକରିଛି।



ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ ରାକେଶ ତାର ପୂର୍ବ ସହଯୋଗୀ ସୁଭାଷ ଖୁଣ୍ଟିଆ ମାରିବା ପାଇଁ ତା' ଘରେ ପଶିଥିଲା। ଖବର ପାଇ କାମାକ୍ଷାନଗର ପୁଲିସ ପହଁଚିଯିବାରୁ ରାକେଶ କୋଠା ଉପରୁ ଡେଇଁ ଖସି ପଳାଉଥିବା ବେଳେ ପୁଲିସ ତାକୁ କାବୁ କରିଛି। ରାକେଶର ଗୋଡ଼ ଓ ହାତରେ କ୍ଷତ ହୋଇଥିବା ବେଳେ ଏହା ଗୁଳିମାଡ଼ ଯୋଗୁଁ ନା ଖସି ପଡିବା ଯୋଗୁଁ ତାହା ସ୍ପଷ୍ଟ ହୋଇନାହିଁ।

ଏ ସମ୍ପର୍କରେ ଢେଙ୍କାନାଳ ଏସପି ଅଭିନବ ସୋନକର କହିଛନ୍ତି, ଗୁଳିକାଣ୍ଡ କିଏ ଘଟାଇଛି ଏବଂ ରାକେଶ କେମିତି ଆହତ ହୋଇଛି ତାହାର ସଠିକ କାରଣ ଜଣାପଡ଼ିନାହିଁ। ଡାକ୍ତରଙ୍କ ରିପୋର୍ଟ ଓ ପୁଲିସ ତଦନ୍ତ ପରେ ସବିଶେଷ ଜଣାପଡିବ।

## ଆଶ୍ରମରେ ଝାଡ଼ାବାନ୍ତି ଘଟଣାର ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ

# ମୃତ ଛାତ୍ରୀଙ୍କ ପରିବାର ପାଇଁ ୩ ଲକ୍ଷ ସହାୟତା ଘୋଷଣା



ମୟୂରଭଞ୍ଜ, ୧୪।୪ (ସଂଚାର ବ୍ୟୁରୋ): କାକାବନ୍ଧ ଆଶ୍ରମରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ରୁପାଲି ବେଶ୍ରା ନାମ୍ନୀ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତ ଛାତ୍ରୀଙ୍କ ପରିବାର ପାଇଁ ୩ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିସହ ମୁଖ୍ୟମନ୍ତ୍ରୀ ଏହି ଘଟଣାର ଆର୍‌ଡିସିସ୍ତରୀୟ ତଦନ୍ତ ସକାଶେ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହି ଘଟଣାରେ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି। ମିଳିଥିବା ସୂଚନାନୁସାରେ, ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଅମର୍ଦ୍ଦା ପଞ୍ଚାୟତସ୍ଥ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ୧୪୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଝାଡ଼ାବାନ୍ତି, ଜର, ମୁଣ୍ଡ ଓ ପେଟବ୍ୟଥାରେ ଆକ୍ରାନ୍ତ ହୋଇ ଗତ ରବିବାର ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପୂର୍ବାହ୍ନ ୯ଟାରୁ ରାତିତମାମ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇ ଚାଲିଥିବା ବେଳେ ଏହା ଥମିବାର ନାଁ ଧରିନଥିଲା। ପରେ ଜିଲ୍ଲାପାଳଙ୍କୁ ଦୁଇଟି ସ୍ୱତନ୍ତ୍ର ଟିମ୍ ଭେଟି କାକବନ୍ଧ ଆଶ୍ରମ ସ୍କୁଲକୁ ପରିଦର୍ଶନ କରିବା ସହ ସ୍ଥିତି ସମୀକ୍ଷା କରି କେଉଁ ପରିସ୍ଥିତିରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ଅସୁସ୍ଥ ହେଲେ ସେନେଇ ତଦନ୍ତ ରିପୋର୍ଟ ଦେବା ସକାଶେ ନିର୍ଦ୍ଦେଶ ଦେଇଥିଲେ। ଏଭଳି ପରିସ୍ଥିତି ପାଇଁ ଯିଏ ବି ଦାୟୀ ହୋଇଥିବେ, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

## ରାଜଧାନୀରୁ ସନ୍ଦିଗ୍ଧ ଆତଙ୍କୀ ଗିରଫ ମାମଲା

# ଇମ୍ରାନ୍‌ର ସାଙ୍ଗ ଲିଚୁକୁ ମାରାଥନ ଜେରା

ଭୁବନେଶ୍ୱର, ୧୪।୪ (ସଂଚାର ବ୍ୟୁରୋ): ସନ୍ଦିଗ୍ଧ ଆତଙ୍କୀ କାରବାରରେ ଲିପ୍ତ ଅଭିଯୋଗରେ ଦିଲ୍ଲୀ ସ୍ପେଶାଲ ବ୍ରାଞ୍ଚ୍ ଦ୍ୱାରା ଗିରଫ ହୋଇଥିବା ସେକ୍ ଇମ୍ରାନ୍ ଓ ଅନ୍ୟ ସହଯୋଗୀଙ୍କର ସବୁ ସୋସିଆଲ ମିଡିଆ ଆକାଉଣ୍ଟକୁ ବ୍ଲକ୍ କରାଯାଇଛି। ସେସବୁ ସୋସିଆଲ୍ ମିଡ଼ିଆ ଆକାଉଣ୍ଟକୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଯାଞ୍ଚ କରୁଛି। ଏହି ମାମଲାରେ ଜଡ଼ିତ ଥିବା ୧୦ରୁ ୧୨ଟି ସନ୍ଦିଗ୍ଧ ଆକାଉଣ୍ଟଧାରୀ ଏନ୍‌ଆଇଏ ସ୍କାନରକୁ ଆସିଛନ୍ତି। ହ୍ୱାଟସ୍‌ଆପ୍ ତୁଳନାରେ ଏହି ସମ୍ଭାବ୍ୟ ସନ୍ଦିଗ୍ଧମାନେ ଟେଲିଗ୍ରାମ୍ ଗ୍ରୁପ୍‌ରେ ବେଶୀ ଚାର୍ଟ କରୁଥିଲେ। ଅବଶ୍ୟ ଏସବୁ ଟେଲିଗ୍ରାମ୍ ଗ୍ରୁପ୍‌ରେ ଇମ୍ରାନ୍ ଆଡମିନ୍ ନଥିବା ଜଣାପଡ଼ିଛି। କିନ୍ତୁ ସେ ଉକ୍ତ ଗ୍ରୁପ୍‌ରେ ଏକ ସକ୍ରିୟ ସଦସ୍ୟ ତଥା ସାଇବର କମାଣ୍ଡୋ ସାଜିଥିଲା। ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକର



ବାସିନ୍ଦା ମଧ୍ୟ ଏହି ଗ୍ରୁପ୍ ସହ ଯୋଡି ହୋଇଥିଲେ। ସେହି ଗ୍ରୁପରେ ପ୍ରତିଦିନ ଧର୍ମାନ୍ତରୀକରଣ, ଦେଶଦ୍ରୋହ, କଟ୍ଟର ଚିନ୍ତାଧାରା ନେଇ ପୋଷ୍ଟ କରାଯାଉଥିଲା, ଯାହାକୁ ନିଜେ ଆଡମିନ୍ ଥିବା ଗ୍ରୁପରେ ପ୍ରଚାର ପ୍ରସାର କରିବାର ଦାୟିତ୍ୱ ନେଇଥିଲା ଇମ୍ରାନ୍। ପ୍ରତି ପୋଷ୍ଟ ପିଛା ତାକୁ କମିଶନ ମିଳୁଥିଲା।

ଏସ୍‌ଟିଏଫ୍‌ର ୨ଟି ଟିମ୍ ସୋମବାର ଇମ୍ରାନ୍‌ର ପରିବାର ଲୋକ ଓ ପିଲାଦିନର ସାଙ୍ଗମାନଙ୍କୁ ଜେରା କରିଛି। ଅତିରିକ୍ତ ଏସ୍.ପି. ସଞ୍ଜୀବ ଶତପଥୀଙ୍କ ନେତୃତ୍ୱରେ ଏକ ଟିମ୍ ଇମ୍ରାନ୍‌ର ଘନିଷ୍ଠ ସାଙ୍ଗ ଲିଚୁକୁ ମାରାଥନ୍ ଜେରା କରିଛି। ଲିଚୁର ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରାଯାଇଛି। ଉଭୟେ ଚତୁର୍ଥ ଶ୍ରେଣୀରୁ ଏକାଠି ପଢ଼ୁଥିଲେ। ଗତବର୍ଷ ଦଶହରା ବେଳେ ଲିଚୁକୁ ଦିଲ୍ଲୀ ବୁଲାଇ ନେଇଥିଲା ଇମ୍ରାନ୍। ଉଭୟେ ଟ୍ରେନ୍ ଯୋଗେ ଦିଲ୍ଲୀ ଯାଇଥିଲେ। ସେଠାରେ ଏକ ଲଜ୍‌ରେ ୫-୭ ଦିନ ରହିଥିଲେ। ବିଭିନ୍ନ ସ୍ଥାନରେ ଥିବା ମସ୍‌ଜିଦ ବୁଲିଥିଲେ। ଇମ୍ରାନ୍ ତାକୁ ନ ଜଣାଇ ବେଳେବେଳେ କୁଆଡ଼େ ଏକୁଟିଆ ଗାଏବ୍ ହୋଇଯାଉଥିଲା। ତେବେ ସେ କୁଆଡ଼େ ଯାଉଥିଲା, କାହା ସହ ମିଶୁଥିଲା, ଲିଚୁ ଏ ବିଷୟରେ ଏସ୍‌ଟିଏଫ୍‌ଙ୍କୁ କହି ପାରିନାହିଁ। ଦିଲ୍ଲୀରୁ ଘରକୁ ଫେରିବା ବେଳେ ସେମାନେ ଝାଡ଼ଖଣ୍ଡର ରାଞ୍ଚିରେ ଓହ୍ଲାଇଥିଲେ। ସେଠାରେ ଇମ୍ରାନ୍ ୩-୪ଜଣ ସାଙ୍ଗଙ୍କୁ ଭେଟିଥିଲା। ସେମାନଙ୍କ ସହ ସୋସିଆଲ ମିଡିଆରୁ ପରିଚିତ ହୋଇଥିଲା ବୋଲି ସେ ଲିଚୁକୁ କହିଥିବା ଲିଚୁ ପ୍ରକାଶ କରିଛି।

ଅପରପକ୍ଷରେ, ଇମ୍ରାନ୍‌ର ଗାର୍ଲଫ୍ରେଣ୍ଡ ସମ୍ପର୍କରେ ବିଶେଷ କିଛି ଜାଣିନଥିବା ଲିଚୁ ଏସ୍‌ଟିଏଫ୍ ଅଧିକାରୀଙ୍କୁ କହିଛି। ଇମ୍ରାନର ଅନ୍ୟ ୨ଜଣ ସାଙ୍ଗ ବଣ୍ଟି ଓ ଚନ୍ଦନ ମଧ୍ୟ ଏସ୍‌ଟିଏଫ୍ ସ୍କାନରରେ ଅଛନ୍ତି। ଆଗକୁ ସେମାନଙ୍କୁ ଜେରା କରାଯିବ ବୋଲି ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି। ଇମ୍ରାନ୍‌ର ଆତଙ୍କୀ ଲିଙ୍କ୍‌ରେ ଥିବା ଅଛିଣ୍ଡା ସୂତାକୁ ଯୋଡ଼ିବାକୁ ଚେଷ୍ଟା କରୁଛି ଏସ୍‌ଟିଏଫ୍। ଗୋଟିଏ ଟିମ୍ ଆଜି ୟୁନିଟ୍-୬ସ୍ଥିତ ଇମ୍ରାନ ଘରକୁ ଯାଇ ତା'ର ପରିବାର ଲୋକଙ୍କୁ ପଚରାଉଚରା କରିଛି।

## ଖଜୁରୀ ଗଛରେ ଚଢ଼ି ପୂଜା ବେଳେ ଅଘଟଣ, ଯୁବକ ମୃତ

କାଲିମେଳା, ୧୪।୪ (ସଂଚାର ବ୍ୟୁରୋ): ଖଜୁରୀ ଗଛରେ ଚଢ଼ି ପୂଜା କରିବା ଯୁବକଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି। ୨୦ ଫୁଟ ତଳକୁ ଖସିପଡ଼ିବା ଫଳରେ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଛି। ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ନାଲାଗୁଣ୍ଡି ପଞ୍ଚାୟତରେ ଘଟିଛି ଏପରି ଏକ ଅଘଟଣ। ମୃତକ ଜଣଙ୍କ ଏମପିଭି ୩୬ ଗାଁର ଜଗଦୀଶ ସାନା ବୋଲି ଜଣାପଡ଼ିଛି। ଗାଁରେ ବାଙ୍ଗାଳୀ ସମ୍ପ୍ରଦାୟ ପକ୍ଷରୁ ଚଡ଼କ ପୂଜା ଚାଲିଥିବା ବେଳେ ଜଗଦୀଶ ପୂଜା ପାଇଁ ଏମଭି ୭୨ ଗାଁ ନିକଟରେ ଥିବା ଏକ ଖଜୁରୀ ଗଛରେ ଚଢ଼ିଯାଇଥିଲେ। କିନ୍ତୁ ପରେ ଅସାବଧାନତା କାରଣରୁ ଗଛରୁ ଖସି ପଡ଼ି ସେ ମୃତ୍ୟୁବରଣ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଅଘଟଣ ପରେ ଚଡ଼କ ପୂଜା ବନ୍ଦ ହୋଇଯାଇଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ








## ପଶ୍ଚିମବଙ୍ଗ ସମେତ ୫ ରାଜ୍ୟର ନିର୍ବାଚନ ପରେ

# ବଢ଼ିପାରେ ପେଟ୍ରୋଲ-ଡିଜେଲ ଦାମ୍

ନୂଆଦିଲ୍ଲୀ, ୧୪।୪ଃ ଅଶୋଧିତ ତେଲର ବଢୁଥିବା ଦାମ୍ କାରଣରୁ ପ୍ରତି ଲିଟର ପେଟ୍ରୋଲ ୧୮ ଟଙ୍କା ଏବଂ ଡିଜେଲ ୩୫ ଟଙ୍କା ମହଙ୍ଗା ହୋଇପାରେ। ବିଦେଶୀ ବ୍ରୋକରେଜ ସଂସ୍ଥା ମ୍ୟାକ୍ୱାୟରୀ ଏହି ଆକଳନ କରିଛି। ସଂସ୍ଥାର ରିପୋର୍ଟ ଅନୁସାରେ, ଅଶୋଧିତ ତେଲ ମହଙ୍ଗା ହେବା ସତ୍ତ୍ୱେ ଦେଶରେ ପଟ୍ରୋଲ- ଡିଜେଲ ଦାମ୍ ସ୍ଥିର ଅଛି। ଏହା ଯୋଗୁ କମ୍ପାନିଙ୍କୁ କ୍ଷତି ହେଉଛି। ଏମିତିରେ ପଶ୍ଚିମବଙ୍ଗ ସମେତ ୫ ରାଜ୍ୟରେ ନିର୍ବାଚନ ଶେଷ ହେବା ପରେ କମ୍ପାନିମାନେ ଦାମ୍ ବଢ଼ାଇପାରନ୍ତି। ଅଶୋଧିତ ତେଲ ମହଙ୍ଗା ହେବା ଯୋଗୁ କମ୍ପାନିଙ୍କୁ ଲିଟର ପିଛା ପେଟ୍ରୋଲ ଉପରେ ୧୮ ଟଙ୍କା ଏବଂ ଡିଜେଲ ଉପରେ ୩୫ ଟଙ୍କା କ୍ଷତି ହେଉଛି। ଗତ ମାସରେ ତିନି କମ୍ପାନି ପ୍ରାୟ ୨୪୦୦ କୋଟି ଟଙ୍କା କ୍ଷତି ସହୁଥିଲେ। ଏକ୍ସାଇଜ ଡ୍ୟୁଟି ବା ଉତ୍ପାଦ ଶୁଳ୍କରେ ୧୦ ଟଙ୍କା ଛାଡ଼ ପରେ ଏହା ଖସି ୧୬୦୦ କୋଟି ଟଙ୍କା ହୋଇଛି। ପ୍ରତି ୧୦ ଡିଲାର ବୃଦ୍ଧି ହିସାବରେ ପ୍ରତି ଲିଟରରେ ପ୍ରାୟ ୬ ଟଙ୍କା ବଢ଼ୁଛି। ଭାରତ ନିଜ ଆବଶ୍ୟକତାର ପ୍ରାୟ ୮୮% ଅଶୋଧିତ ତେଲ ଆମଦାନୀ କରୁଛି। ଏଥିରେ ୪୫% ମଧ୍ୟପ୍ରାଚ୍ୟ ଏବଂ ୩୫% ରୁଷରୁ ଆସୁଛି। କଞ୍ଚାତେଲ ବଢ଼ୁଥିବା ଦାମ୍ କେବଳ ତେଲ କମ୍ପାନି ନୁହେଁ ବରଂ ଦେଶର ଚାଲୁ ଖାତା କ୍ଷତି (ସିଏଡି) ପାଇଁ ମଧ୍ୟ ବିପଦ। ଅନୁମାନ କରାଯାଉଛି ୨୦୨୬ର ପ୍ରଥମ ତ୍ରୈମାସିକରେ ଏହି କ୍ଷତି ବଢ଼ି ୨୦ ବିଲିୟନ ଡଲାର ପହଞ୍ଚିପାରେ।

ସରକାରୀ ରାଜସ୍ୱରେ ତେଲ ଉପରେ ଲାଗୁଥିବା ଏକ୍ସାଇଜ ଡ୍ୟୁଟିର ଯୋଗଦାନ ଲଗାତାର କମୁଛି। ଆର୍ଥିକ ବର୍ଷ ୨୦୧୭ରେ ଏହା ୨୨% ଥିଲଶ। ଯାହା ଏବେ ହ୍ରାସ କରାଯାଇ ୮% ରହିଛି। ଯଦି ସରକାର ସଂପୂର୍ଣ୍ଣ ଏକ୍ସାଇଜ ଡ୍ୟୁଟି ହଟାଉଛନ୍ତି, ତା'ହେଲେ ବର୍ତ୍ତମାନ ଦାମ୍ରେ ତେଲ କମ୍ପାନିଙ୍କ କ୍ଷତି ସଂପୂର୍ଣ୍ଣ ଭାବରେ ଶେଷ ହେବନାହିଁ। ଆମେରିକାରେ ପେଟ୍ରୋଲର ହାରାହାରି ଦାମ୍ ୨୦୨୨ ପରେ ପ୍ରଥମ ଥର ୪ ଡଲାର ପ୍ରତି ଗ୍ୟାଲ ଉପରେ ପହଞ୍ଚିଛି। ସେହିଭଳି ପାକିସ୍ତାନ, ନେପାଳ ଏବଂ ଶ୍ରୀଲଙ୍କା ସହ ଅନେକ ପଡ଼ୋଶୀ ଦେଶ ମଧ୍ୟ ପେଟ୍ରୋଲ- ଡିଜେଲର ଦାମ୍ରେ ବୃଦ୍ଧି କରାଯାଇଛି।




# ୫୨ ପଇସା ଦୁର୍ବଳ ହେଲା ଭାରତୀୟ ମୁଦ୍ରା

ମୁମ୍ବାଇ, ୧୪।୪ଃ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଭୂରାଜନୈତିକ ଉତ୍ତେଜନା ଭାରତୀୟ ମୁଦ୍ରାକୁ ପୁଣି ଦୁର୍ବଳ କରିଦେଇଛି । ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ସୋମବାର ଟଙ୍କା ୫୨ ପଇସା ଦୁର୍ବଳ ହୋଇଛି। ଆମେରିକୀୟ ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୩.୩୫ ଟଙ୍କା ରହିଛି। ସେସନ୍ ଆରମ୍ଭରେ ଟଙ୍କା ୯୩.୩୦ରେ ଖୋଲି ୯୩.୪୦କୁ ଛୁଇଁଥିଲା। ତେବେ ଶେଷରେ ଏହା ୯୩.୩୫ରେ ସେଟେଲ ହୋଇଥିଲା। ଏହା ପୂର୍ବରୁ ଶୁକ୍ରବାର ସେସନ୍ରେ ଟଙ୍କା ୩୨ ପଇସା ଦୁର୍ବଳ ହୋଇ ୯୨.୮୩ରେ ବନ୍ଦ ହୋଇଥିଲା। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ରେ ଅଶୋଧିତ ତୈଳ ପରିବହନରେ ଅନିଶ୍ଚିତତା ଯୋଗୁ କ୍ରୁଡ୍ ମୂଲ୍ୟ (୧୦୦ ଆମେରିକୀୟ ଡଲାର ଅତିକ୍ରମ କରି) ବଢ଼ି ଚାଲିଥିବାବେଳେ ଭାରତୀୟ ପୁଞ୍ଜିବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ଷ୍ଟକ୍ସ ବିକ୍ରି କରିବାରେ ଲାଗିଛନ୍ତି। ଏହା ମଧ୍ୟ ଟଙ୍କା ଅବମୂଲ୍ୟାୟନର ଏକ ପ୍ରମୁଖ କାରଣ ବୋଲି ଫରେକ୍ସ ଆନାଲିଷ୍ଟମାନେ କହିଛନ୍ତି।

# ରିଲାଏନ୍ସ ଫାଉଣ୍ଡେସନ- ସି-ଡାକ୍ ଏମ୍ଓୟୁ

## ଓଡ଼ିଶା ଓ ମଧ୍ୟପ୍ରଦେଶରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ, ୧୪।୪ଃ ମହିଳାମାନଙ୍କ ଡିଜିଟାଲ ସୁରକ୍ଷା ପାଇଁ ରିଲାଏନ୍ସ ଫାଉଣ୍ଡେସନ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଅଧୀନ ହାଇଦ୍ରାବାଦର ସି-ଡାକ୍ ସହ ମିଶି 'ଇ-ସେଫ୍ହର୍' କାର୍ଯ୍ୟକ୍ରମ ଶୁଭାରମ୍ଭ ଘୋଷଣା କରିଛି। ଏହି ସାଇବର ସୁରକ୍ଷା ସଚେତନତା ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳମାନେ କିଭଳି ଡିଜିଟାଲ ଇକୋସିଷ୍ଟମରେ ନିରାପଦରେ ଅଂଶଗ୍ରହଣ କରିବେ ସେଥିପାଇଁ ଗ୍ରାମାଞ୍ଚଳର ୧୦ ଲକ୍ଷ ମହିଳାଙ୍କୁ ତାଲିମ ଦିଆଯିବ।

ମନ୍ତ୍ରାଳୟର ସୂଚନା ସୁରକ୍ଷା ଶିକ୍ଷା ଓ ସଚେତନତା (ଆଇଏସଇଏ) କାର୍ଯ୍ୟକ୍ରମ ଏଥିପାଇଁ ବିଷୟବସ୍ତୁ ଓ ତାଲିମ ସାମଗ୍ରୀ ବଣ୍ଟନ କରିବ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଜରିଆରେ ରିଲାଏନ୍ସ ଫାଉଣ୍ଡେସନ ଏହି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବ। ଏହି କାର୍ଯ୍ୟକ୍ରମ ଦୁର୍ଗମ ଅଞ୍ଚଳର ମହିଳାମାନଙ୍କୁ ମଧ୍ୟ ସଶକ୍ତ ଓ ସକ୍ଷମ କରିବ ବୋଲି ଏହି ଅବସରରେ ମନ୍ତ୍ରାଳୟର ସଚିବ ଏସ୍ କ୍ରିଷ୍ଣନ କହିଛନ୍ତି। ରିଲାଏନ୍ସ ଫାଉଣ୍ଡେସନର ନିର୍ଦ୍ଦେଶିକା ଇଶା ଅମ୍ବାନୀ କୁହନ୍ତି, ପୂର୍ବାପେକ୍ଷା ସଂପ୍ରତି ଗ୍ରାମୀଣ ମହିଳାମାନେ ଅନଲାଇନ୍ରେ ଦ୍ରୁତଗତିରେ ଯୋଡ଼ି ହେଉଛନ୍ତି। ରିଲାଏନ୍ସ ଫାଉଣ୍ଡେସନ କେବଳ ମହିଳାମାନଙ୍କର ଏହି ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିବ ନାହିଁ ବରଂ ସେମାନେ କିଭଳି ନିରାପଦ ରହିବେ ସେ ନେଇ ଜ୍ଞାନ ଓ କୌଶଳ ଶିଖାଇବ। 'ଇସେଫହର୍' କାର୍ଯ୍ୟକ୍ରମ ଜରିଆରେ ସାଇବର ସୁରକ୍ଷା ସଚେତନତା ପ୍ରଦାନ ପାଇଁ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରାଳୟ, ସି-ଡାକ୍ ସହିତ ସହଭାଗିତା ଆମକୁ ଆନନ୍ଦ ଦେଇଛି। ଏହି କର୍ଯ୍ୟକ୍ରମ ଜରିଆରେ ଆସନ୍ତା ୩ ବର୍ଷରେ ଆମେ ଗ୍ରାମୀଣ ଭାରତର ୧୦ ଲକ୍ଷ ସଖୀମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ଓ ମଧ୍ୟପ୍ରଦେଶରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ।



# ସାମସଙ୍ଗରୁ ଜିଓମି ଯାଏ ହେଲା ମହଙ୍ଗା

ନୂଆଦିଲ୍ଲୀ, ୧୪।୪ଃଯଦି ଆପଣ ଏହି ମାସରେ ଏକ ନୂତନ ସ୍ମାର୍ଟଫୋନ କିଣିବାକୁ ଯୋଜନା କରୁଛନ୍ତି, ତେବେ ଆପଣଙ୍କ ପକେଟକୁ ଟିକେ ଝଟ୍କା ଲାଗିପାରେ। ଏପ୍ରିଲ ମାସରେ, ପ୍ରାୟ ସମସ୍ତ ପ୍ରମୁଖ ମୋବାଇଲ ବ୍ରାଣ୍ଡ ସେମାନଙ୍କ ଫୋନର ମୂଲ୍ୟ ବୃଦ୍ଧି କରିଛନ୍ତି। ବିଶ୍ୱବ୍ୟାପୀ ଯୋଗାଣ ଅଭାବ ଏବଂ ବର୍ଦ୍ଧିତ ପରିଚାଳନା ଖର୍ଚ୍ଚ ଯୋଗୁଁ କମ୍ପାନୀଗୁଡ଼ିକ ମୂଲ୍ୟ ବୃଦ୍ଧି କରିବାକୁ ବାଧ୍ୟ ହୋଇଛନ୍ତି। ପରିସ୍ଥିତି ଏପରି ଏକ ସ୍ଥାନରେ ପହଞ୍ଚିଛି ଯେଉଁଠାରେ ଲୋକମାନେ ବର୍ତ୍ତମାନ ନୂତନ ଫୋନ କିଣିବା ପରିବର୍ତ୍ତେ ବ୍ୟବହୃତ କିମ୍ବା ପୁନଃନିର୍ମାଣିତ ଫୋନ ଆଡକୁ ମୁହାଁଇଛନ୍ତି। ଆସନ୍ତୁ ଦେଖିବା କେଉଁ ବ୍ରାଣ୍ଡ ସେମାନଙ୍କର ମୂଲ୍ୟ କେତେ ବୃଦ୍ଧି କରିଛନ୍ତି, ଏବଂ ଏହି ବୃଦ୍ଧି ପଛରେ ପ୍ରକୃତ କାରଣ କ'ଣ।

ଅଲ ଇଣ୍ଡିଆ ମୋବାଇଲ ରିଟେଲ ଆସୋସିଏସନ (**AIMRA**) ଏବଂ ବିଭିନ୍ନ ଡିଲରଙ୍କ ଅନୁଯାୟୀ, ପ୍ରାୟ ସମସ୍ତ ପ୍ରମୁଖ କମ୍ପାନୀ ସେମାନଙ୍କର ମୂଲ୍ୟ ବୃଦ୍ଧି କରିଛନ୍ତି କିମ୍ବା ସେମାନେ ପ୍ରଦାନ କରୁଥିବା ରିହାତି ହ୍ରାସ କରିଛନ୍ତି।

ସାମସଙ୍ଗ **3%** ରୁ **22%** ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ପାଇଛି। ଓପୋ ଏବଂ ପୋକୋର ଫୋନ ମଧ୍ୟ ମହଙ୍ଗା ହୋଇଛି, **6%** ରୁ **18%** ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ପାଇଛି। ଶାଓମି ଏହାର ମୂଲ୍ୟ **3%** ରୁ **15%** , **Realme** ଫୋନଗୁଡ଼ିକର ମୂଲ୍ୟ **3%** ରୁ **12%** ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

**Nothing Phone** ର ମୂଲ୍ୟ **13-14%** ପର୍ଯ୍ୟନ୍ତ ବୃଦ୍ଧି ପାଇଛି। **Motorola 4%** ରୁ **9%** ପର୍ଯ୍ୟନ୍ତ ବୃଦ୍ଧି କାର୍ଯ୍ୟକାରୀ କରିଛି। **Vivo** ମଧ୍ୟ ଏପ୍ରିଲ **15** ତାରିଖରୁ ଏହାର ମୂଲ୍ୟ ବୃଦ୍ଧି କରିବାକୁ ପ୍ରସ୍ତୁତ ହେଉଛି। ଆଶ୍ୱାସନାର ବିଷୟ ହେଉଛି, **OnePlus** ବର୍ତ୍ତମାନ ପାଇଁ ଏହାର ମୂଲ୍ୟରେ କୌଣସି ପରିବର୍ତ୍ତନ କରିନାହିଁ।

**Apple** ସିଧାସଳଖ ଫୋନର ମୂଲ୍ୟ ବୃଦ୍ଧି କରିନଥିଲେ ମଧ୍ୟ, ଉପଲବ୍ଧ ରିହାତି ଏବଂ ଅଫରଗୁଡ଼ିକୁ ବହୁ ପରିମାଣରେ ହ୍ରାସ କରିଛି। କମ୍ପାନୀ **iPhone 15** ଏବଂ **16** ସିରିଜରେ ପୂର୍ବରୁ ପ୍ରଦାନ କରାଯାଇଥିବା **5,000** ରିହାତିକୁ ପ୍ରତ୍ୟାହାର କରିନେଇଛି। ଏହା ବ୍ୟତୀତ, **iPhone 17** ର ଅଣ-**EMI** କ୍ରୟ ଉପରେ ଉପଲବ୍ଧ କ୍ୟାସବ୍ୟାକ **6,000** ରୁ ମାତ୍ର **1,000** କୁ ହ୍ରାସ ପାଇଛି। ଫଳସ୍ୱରୂପ, କୌଣସି ଆନୁଷ୍ଠାନିକ ମୂଲ୍ୟ ବୃଦ୍ଧି ବିନା ମଧ୍ୟ **iPhone** କ୍ରୟ ପୂର୍ବ ଅପେକ୍ଷା ଅଧିକ ମହଙ୍ଗା ହୋଇଯାଇଛି। ଉପସାଗରୀୟ ଅଞ୍ଚଳରେ ବଢୁଥିବା ଉତ୍ତେଜନା ଯୋଗୁଁ ପରିବହନ ଏବଂ ବୀମା ଖର୍ଚ୍ଚ ବୃଦ୍ଧି ପାଇଛି, ଯାହାର ପ୍ରଭାବ ସିଧାସଳଖ ମୋବାଇଲ ଫୋନ ମୂଲ୍ୟରେ ବୃଦ୍ଧି ପାଇଛି।

ବଢୁଥିବା ଫୋନ ମୂଲ୍ୟର ସିଧାସଳଖ ପ୍ରଭାବ ବଜାରରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ଡିଲର୍ମାନେ ରିପୋର୍ଟ କରିଛନ୍ତି ଯେ ମାର୍ଚ୍ଚ ମାସରେ ମୋବାଇଲ ବିକ୍ରୟ ପ୍ରାୟ **30%** ହ୍ରାସ ପାଇଛି। ଗ୍ରାହକମାନେ ଏବେ ଏକ ନୂତନ ଫୋନ କିଣିବାର ଯୋଜନାକୁ ସ୍ଥଗିତ ରଖିଛନ୍ତି କିମ୍ବା ସେମାନଙ୍କ ବଜେଟ ମଧ୍ୟରେ ରହିବା ପାଇଁ 'ସେକେଣ୍ଡ-ହ୍ୟାଣ୍ଡ' ଏବଂ 'ନବୀକରଣ ହୋଇଥିବା' ସ୍ମାର୍ଟଫୋନ ଖୋଜୁଛନ୍ତି।



# ଟମାଟର ଦର ହ୍ରାସ ଯୋଗୁ ଚାଷୀ ହତାଶ

ନୂଆଦିଲ୍ଲୀ, ୧୪।୪ଃ ଗ୍ରୀଷ୍ମ ପ୍ରାରମ୍ଭ ସହ ଦେଶରେ ପନିପରିବା ଦର ତଳ ଉପର ହେବା ଏକ ସାଧାରଣ କଥା। ହେଲେ ଏଥର ଟମାଟର ବେପାର ଟ୍ରେଣ୍ଡର ବିପରୀତ କାରବାର ହେଉଛି। ଗ୍ରୀଷ୍ମରେ ଟମାଟର ମହଙ୍ଗା ହେବା କଥା, ହେଲେ ଏବେ ଦେଶର ଖୁଚୁରା ବଜାରରେ କେଜି ପିଛା ଦର ୨୦ ଟଙ୍କା ପର୍ଯ୍ୟନ୍ତ ଖସି ଆସିଛି। ଟମାଟର ଦର ଏପରି ଅପ୍ରତ୍ୟାସିତ ହ୍ରାସ ହେବା ଯଦିଓ ଖାଉଟିଙ୍କୁ ସୁହାଇଛି ଚାଷୀଙ୍କୁ କିନ୍ତୁ ହତାସ କରିଛି। ଋତୁରେ ଦି ପଇସା ଅମଳ ଆଶା ରଖିଥିବା ଚାଷୀ ଏବେ ହତାସ ହେଉଛନ୍ତି। କାରଣ ଚାଷୀଙ୍କୁ କମ ଦରରେ ଟମାଟୋ ବିକ୍ରି କରିବାକୁ ପଡୁଛି।

ଗ୍ରୀଷ୍ମ ଋତୁରେ ସ୍ଥାନୀୟ ଟମାଟୋ ଚାଷ କମ ହୋଇଥାଏ ଓ ସପ୍ଲାଇ ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ ଓ ଦକ୍ଷିଣ ଭାରତରୁ ଆସିଥାଏ। ଆନ୍ଧ୍ରପ୍ରଦେଶର ମଦନପଲ୍ଲୀ କ୍ଷେତ୍ର ଟମାଟର ଉତ୍ପାଦନ ପାଇଁ ପ୍ରସିଦ୍ଧ। ଚଳିତବର୍ଷ ମଧ୍ୟ ଏଠାରେ ପ୍ରଚୁର ଟମାଟର ଚାଷ ହୋଇଛି ତେବେ ରପ୍ତାନୀ ହ୍ରାସ ଯୋଗୁ ବଜାରକୁ ସପ୍ଲାଇ ବଢ଼ିବାରେ ଲାଗିଛି। ମଧ୍ୟପ୍ରାଚ୍ୟରେ ଜାରି ଉତ୍ତେଜନା କାରଣରୁ ଦୁବାଇ, କତାର ଓ ସାଉଦୀ ଆରବ ଭଳି ପ୍ରମୁଖ ବଜାରମାନଙ୍କୁ ଟମାଟର ରପ୍ତାନୀ ପାଖାପାଖି ବନ୍ଦ ରହିଛି। ଏଣୁ ଏହି ଅତିରିକ୍ତ ଟମାଟର ଏବେ ଦେଶର ଘରୋଇ ବଜାରରେ ଖପେଇବାକୁ ଉଦ୍ୟମ କରାଯାଉଥିବା ବେଳେ ଦର ହ୍ରାସ ହେଉଛି। ଏଥର ବଜାରରେ ଘରୋଇ ଚାହିଦା ମଧ୍ୟ କମ୍ ରହିଛି। ଏଲପିଜି ସଂକଟ କାରଣରୁ ଦେଶରେ ରେଷ୍ଟୁରାଣ୍ଟ ଓ ଢାବା ସଞ୍ଚାଳନ ପ୍ରଭାବିତ ହୋଇଛି। ଏଣୁ ଟମାଟର ଖର୍ଚ୍ଚ କମିଯାଇଛି। ବ୍ୟବସାୟୀଙ୍କ ଅନୁସାରେ ଏହି ସମୟରେ ପାଇକାରୀ ବଜାରରେ ପ୍ରତି କେଜି ଟମାଟୋ ୧୦ରୁ ୧୫ ଟଙ୍କାରେ ବିକ୍ରି ହେଉଛି। ସେହି ଅନୁସାରେ ପରିବହନ ଖର୍ଚ୍ଚ କୁ ବାଦ ଦେଲେ ଚାଷୀ ଦର ପ୍ରତି କେଜି ୫ରୁ ୭ ଟଙ୍କା ରହୁଛି। ଏଣୁ ଖୁଚୁରା ବଜାରରେ ଟମାଟୋ କେଜି ପିଛା ୨୦ରୁ ୩୦ ଟଙ୍କା ମଧ୍ୟରେ ମିଳିଯାଉଥିବା ବେଳେ ଗ୍ରାହକଙ୍କୁ ଦର ବେଶ୍ ସୁହାଇଛି।



ସାଧାରଣତଃ ଦେଶରେ ଗ୍ରୀଷ୍ମ ଋତୁରେ ଟମାଟର ଦର ଉଚ୍ଚା ରହିଥାଏ। ବଜାର ଦର ସ୍ୱଭାବିକ ଥିଲେ ୩୦ରୁ ୫୦ ଟଙ୍କା ମଧ୍ୟରେ ଦର ରହେ। ଯୋଗାଣ ଅନୁରୂପ ଦର ବଜାରରେ ଥାଏ। ଯଦି ଯୋଗାଣ ସ୍ୱଭାବିକ ଥାଏ ତେବେ ଦର ଏହି ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରହେ। ଯଦି ଯୋଗାଣ ପ୍ରଭାବିତ ହୁଏ ତେବେ କେଜି ୫୦ରୁ ୮୦ ଟଙ୍କାକୁ ପହଞ୍ଚିଥାଏ ଓ କେବେ କେବେ ୧୦୦ ଟଙ୍କା ମଧ୍ୟ ହୁଏ। ହେଲେ ଏଥର ପଶ୍ଚିମ ଏସିଆ ଉତ୍ତେଜନା ପରିସ୍ଥିତିକୁ ବିପରୀତ କରିଛି। ରପ୍ତାନୀ ବନ୍ଦ ଥିବା ବେଳେ ଅମଳ ଏବେ ଦେଶ ବାହାରକୁ ଯାଇ ପାରୁନଥିବାରୁ ଦେଶରେ ଫସଲ ଦର କମିବା ଚାଷୀଙ୍କୁ ହତାସ କରିଛି।



# ଆଜିର ସୁନା ଦର

ବର୍ତ୍ତମାନ ରୁପା ଦର ଏକ କେଜି ପିଛା ୧୦ ହଜାର ବଢ଼ି ହୋଇଛି ୨ ଲକ୍ଷ ୬୫ ହଜାର ଟଙ୍କା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୧,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୩,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୧,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୩,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୧,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୮୨୦ ୧,୪୧,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ସରକାରୀ ବାବୁଙ୍କ ଭାଷାରେ ରହୁନି ସଂଯମତା

## ଚିନ୍ତାରେ କର୍ମଚାରୀ

ଯାଜପୁର,୧୪।୪ (ସଂଚାର ବ୍ୟୁରୋ)ଃ ତଳିଆ କର୍ମଚାରିଟିଏ ହେଉ ବା ଯେ କୌଣସି ବିଭାଗର ଅଧିକାରୀ ହୁଅନ୍ତୁ, ସମସ୍ତଙ୍କର ସ୍ୱାଭିମାନ ଅଛି। କାରଣ ଆତ୍ମସମ୍ମାନକୁ ନେଇ ସମସ୍ତେ ବଞ୍ଚିଛନ୍ତି। ଏହା ଏକ ସାଧାରଣ କଥା । କିନ୍ତୁ କ୍ଷମତା ବଳରେ କୌଣସି ଦୋଷ ନ ଥାଇ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ଅନ୍ୟମାନଙ୍କ ସମ୍ମୁଖରେ ଖରାପ ଭାଷାରେ ଗାଳିଗୁଲଜ କରିବା କେତେ ଯୁକ୍ତିଯୁକ୍ତ ତାହାକୁ ନେଇ ଏବେ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। କିନ୍ତୁ ବାବୁଙ୍କ ଭୟରେ କେହି ମୁହଁ ଖୋଲୁନଥିଲେ ମଧ୍ୟ ପରୋକ୍ଷରେ ଏଭଳି ଅହଂକାର ତଳୁ ଉପର ପର୍ଯ୍ୟନ୍ତ ସମାଲୋଚନା ଚାଲିଛି । କିଏ ଅର୍ଥ ଆଦାୟ କରିବାର ଏହା ମାଧ୍ୟମ ବୋଲି କହୁଛି ତ ଆଉ କିଏ ଭୋଳା ବାବାଙ୍କ ପ୍ରସାଦର କରିସ୍ମା ବୋଲି କହୁଛନ୍ତି। ହେଲେ ଉଚ୍ଚପଦସ୍ଥ ଅଧିକାରୀ ବୋଲି କେହି ପ୍ରତିବାଦ କରିବାକୁ ମୁହଁ ଖୋଲି ପାରୁନାହାନ୍ତି । କିନ୍ତୁ ଏହି ଅସନ୍ତୋଷର ନିଆଁ ଏବେ ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କୁହୁଳିବାରେ ଲାଗିଛି । ଏପରିକି ସଂପୃକ୍ତ ବାବୁଙ୍କ ଆଭଦ୍ରାମି ଭାଷାର ରେକଡିଙ୍ଗ ଏବେ କିପରି ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ପ୍ରତ୍ୟେକ ଜିଲ୍ଲାବାସୀଙ୍କ ନିକଟରେ ପହଞ୍ଚିବ ସେଥିନେଇ ଉଦ୍ୟମ ଆରମ୍ଭ ହୋଇ ଯାଇଛି । ଏପରିକି ନିଜର ଜ୍ଞାନ ନଥିବା କିଛି କାର୍ଯ୍ୟରେ ସଂପୃକ୍ତ ବାବୁ ଜଣକ ସବୁ ଜାଣନ୍ତି ବୋଲି ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନାଲି ଆଖି ଦେଖାଇବା ସହ ଅଶ୍ଳୀଳ ଭାଷାରେ ଗାଳି କରୁଥିବାର କେତେକ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ।

ହେଲେ ସଂପୃକ୍ତ ବାବୁଙ୍କର ଏଭଳି ଆଚରଣରେ ତଳିଆ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର ଅଧିକାରୀ ତ୍ରାହି ତ୍ରାହି ଡାକୁଥିବା ବେଳେ ସମସ୍ତେ ସମୟକୁ ଅପେକ୍ଷା କରିଛନ୍ତି। ତେବେ ବାବୁଙ୍କ ଏଭଳି ମାନସିକ ନିର୍ଯ୍ୟାତନାର ଶିକାର ହୋଇଥିବା କର୍ମଚାରୀଙ୍କ ମଧ୍ୟରୁ କିଏ ବଦଳି ହୋଇ ଚାଲିଯିବାକୁ ଚେଷ୍ଟା କରୁଥିବା ବେଳେ ଆଉ କେତେକ ନିଜ ଚାକିରୀ ଭୟରେ ଚୁପ୍ ଚାପ ବସି ରହିଛନ୍ତି । ତେବେ ଯାହା ହେଉ ଯଦି କ୍ଷମତା ବଳରେ ସଂପୃକ୍ତ ବାବୁଙ୍କ ଭାଷାରେ ସଂଜମତା ନ ରୁହେ ତେବେ ଆଗାମୀ ଦିନରେ ଏହି ଘଟଣା ଜିଲ୍ଲାବାସୀଙ୍କ ଠାରେ ବିସ୍ଫୋରଣ କରିବ ବୋଲି ଅଧିକାଂଶ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି ।

## ଉମାପଦାରେ ଧୁମଧାମରେ ହନୁମାନ ଜୟନ୍ତୀ ପାଳିତ



ଯାଜପୁର ରୋଡ଼, ୧୪।୪(ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌର ପରିଷଦର ୱାର୍ଡ ନଂ-୧୬ରେ ରହିଥିବା ହନୁମାନ ମନ୍ଦିର ପ୍ରାଙ୍ଗଣରେ ବଡ଼ ଧୁମଧାମରେ ଆଜି ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉତ୍ସବ ପାଳନ ହେବା ସହିତ ଆମ ଓଡ଼ିଆ ନବ ବର୍ଷକୁ ମଧ୍ୟ ପାଳନ କରାଯାଇଛି। ଏହି ମନ୍ଦିରରେ ଦିନରେ ପଣା ଓ ଭୋଗ ସମର୍ପଣ କରାଯାଇ ପଥଚାରୀ ମାନଙ୍କୁ ପଣା ପ୍ରଦାନ କରାଯାଇଥିଲା। ଭକ୍ତିଭାବନା ସହ ଗ୍ରାମବାସୀ ମାନେ ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ। ଜ୍ଞାନି ବ୍ରାହ୍ମଣ ପଣ୍ଡିତଙ୍କ ମନ୍ତ୍ରଉଚ୍ଚାରଣରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ପୂଜା କାର୍ଯ୍ୟରେ ଗ୍ରାମର ଶ୍ରୀ ଅରୁଣ କୁମାର ନାୟକ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ମିଲି ନାୟକ'ଙ୍କ ସହ କର୍ତାଭାବେ ଦାଇତ୍ୱ ତୁଲାଇଥିଲେ। ମନ୍ଦିରର ପ୍ରତିଷ୍ଠାତା ସମ୍ମାନୀୟ ନରହରି ନାୟକ'ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ହଜାର ହଜାର ଲୋକମାନଙ୍କ ଲାଗି ସନ୍ଧ୍ୟା ସମୟ ପରେପରେ ପ୍ରସାଦ ସହିତ ସୁସ୍ୱାଦୁ ଜନିତ ଖାଦ୍ୟ ବ୍ୟଞ୍ଜନର ଆୟୋଜନ କରାଯାଇ ଲୋକ ମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ଯୁବକ ମାନେ ସହଯୋଗ ପ୍ରଦାନ କରିଥିଲେ।

## ଓଡ଼ିଆ ନବବର୍ଷ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବିଶାଳ ହିନ୍ଦୁ ଏକତା ଶୋଭାଯାତ୍ରା



କେନ୍ଦ୍ରାପଡା, ୧୪।୪ (ସଂଚାର ବ୍ୟୁରୋ)ଃ ପବିତ୍ର ଓଡ଼ିଆ ନବବର୍ଷ ମହାବିଷୁବ ପଣା ସଂକ୍ରାନ୍ତି ତଥା ମହାବୀର ହନୁମାନ ଜୟନ୍ତୀ ଉପଲକ୍ଷେ କେନ୍ଦ୍ରାପଡାରେ ବିଶାଳ ହିନ୍ଦୁ ଏକତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତଥା ଅନ୍ୟ ହିନ୍ଦୁ ସଂଗଠନ ମିଳିତ କାର୍ଯ୍ୟକ୍ରମରେ ଏହି ଶୋଭାଯାତ୍ରା ଇଛାପୁର ଶ୍ରୀ ବଳଦେବଜୀଉ ମାଉସୀ ମା ମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି କେନ୍ଦ୍ରାପଡା ସହର ପରିକ୍ରମା କରି ତିନିମୁହାଣୀ ଶ୍ରୀ ରାମ ମନ୍ଦିର ପରିସରରେ ଉଦ୍‌ଯାପିତ ହୋଇଥିଲା । ଜିଲ୍ଲା ପ୍ରଶାସନ ସହ ବୈଠକର ପୂର୍ବ ନିଷ୍ପତ୍ତି ମୁତାବକ ଆଜି ଅପରାହ୍ନରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ହଜାର ହଜାର ସଂଖ୍ୟକ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ କର୍ମୀମାନେ ହନୁମାନ ପତାକା ସହ ଜୟଶ୍ରୀ ରାମ, ଜୟ ହନୁମାନ ଧ୍ୱନୀ ଦେଇ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଏଥିରେ ବହୁ ବିଜେପି ନେତା ଶୋଭାଯାତ୍ରାରେ ସାମିଲ୍ ଥିବା ଦେଖିବାକୁ ମିଳିଥିଲା । ବୈଦିକ ରଙ୍ଗର ପତାକା ଓ ପୋଷାକ ସହ ଶୋଭାଯାତ୍ରାକାରୀମାନେ ଦୁଇଚକିଆ ଚାରିଚକିଆ ଯାନରେ ବଡମଙ୍ଗଳା, କେଶପୁର, ସାନମଙ୍ଗଳା, ସାନ୍ତରାଙ୍କ, ପୁରୁଣା ବସଷ୍ଟାଣ୍ଡ, ବଡହାଟ, କାଳଟ, ନୂଆ ବସଷ୍ଟାଣ୍ଡ, ମହିପାଳ ଏବଂ ଶେଷରେ ତିନିମୁହାଣୀ ଶ୍ରୀରାମ ମନ୍ଦିର ପରିସରରେ ପ୍ରାୟ ୬କିଲୋମିଟର ଶୋଭାଯାତ୍ରା ଶାନ୍ତିଶୃଙ୍ଖଳାର ସହ ସହର ପରିକ୍ରମା କରିଥିଲା । ପୋଲିସ୍ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ନିୟନ୍ତ୍ରଣ କକ୍ଷ, ପାଟ୍ରୋଲିଂ ଜାନ, ପୋଲିସ୍ ପଇଁତରା ସହ ଶାନ୍ତି ଶୃଙ୍ଖଳାର ସହିତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାକୁ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ବିଧାୟକ ଗଣେଶ୍ୱର ବେହେରା, ପୌରାଧ୍ୟକ୍ଷା ସରୀତା ସାହୁ, ସମାଜସେବୀ ରଂଜିତ୍ ସାହୁ, ଗୀତାଞ୍ଜଳୀ ସେଠୀ, ମହମ୍ମଦ ସଲିମ୍ ଖାଁ ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତିମାନେ ଶୋଭାଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



କେନ୍ଦ୍ରାପଡ଼ା,୧୪।୪(ସଂଚାର ବ୍ୟୁରୋ)ଃ ଦଳିତ ପରିବାରରେ ଜନ୍ମ ହୋଇ ଉଚ୍ଚ ଶିକ୍ଷା ଲାଭ କରି ଦଳିତ ମାନଙ୍କୁ ଶକ୍ତି ସାମର୍ଥ୍ୟ ଓ ଅଧିକାର ଦେବାରେ ବାବା ସାହେବ ଡ଼. ଆମ୍ବେଦକରଙ୍କ ଭୂମିକା ଥିଲା ଅତୁଳନୀୟ। ସମାଜରୁ ଅସ୍ପୃଶ୍ୟତା ଦୂର କରିବା ପାଇଁ ଆମ୍ବେଦକର ଅହରହ ସଂଗ୍ରାମ କରିଥିଲେ। ଏଥିପାଇଁ ଅଛୁଆଁ ଏକ ଅପରାଧ ବୋଲି ସମ୍ବିଧାନରେ ବିଧି ବ୍ୟବସ୍ଥା କରିଯାଇଛନ୍ତି। ଆଜି ଜନ ପ୍ରତିନିଧି ମାନେ ଦଳିତ ମାନଙ୍କ ସମସ୍ୟା କେତେ ବୁଝୁଛନ୍ତି ବୋଲି କେନ୍ଦ୍ରାପଡ଼ା ଆମ୍ବେଦକର ସ୍ମୃତି କମିଟି ଓ କେନ୍ଦ୍ରାପଡ଼ା ସମତା ସୈନିକ ଦଳ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ସହରସ୍ଥ ହାଇସ୍କୁଲ ଛକରେ ଅନୁଷ୍ଠିତ ବାବା ସାହେବଙ୍କ ୧୩୬ ତମ ଜୟନ୍ତୀ ପାଳନ ଅବସରରେ ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭାପତି ଲିଳିତା ଦାସ, ନଗରପାଳ ସରିତା ସାହୁ, ଜିଲ୍ଲାପାଳ ରଘୁରାମ ଆର ଆୟାର ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ମହିଳା କମିଶନ ସଦସ୍ୟା କଳ୍ପନା ମଲ୍ଲିକ କହିଲେ ବାବାସାହେବ ଆମ୍ବେଦକର ଦଳିତ ସମାଜକୁ ଆହ୍ୱାନ ଦେଇ କହିଥିଲେ ଶିକ୍ଷିତ ହୁଅ, ସଂଗଠିତ ହୁଅ, ସଂଘର୍ଷ କର। ଆଜି ଯଦି ଆମେ ଏହି ସ୍ଥାନରେ ଅଛୁ ତାହା ଆମ୍ବେଦକରଙ୍କ ଯୋଗୁଁ ସମ୍ଭବ ହୋଇଛି ବୋଲି ସେମାନେ କହିଥିଲେ। ପ୍ରାରମ୍ଭରେ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ସମ୍ମାନ ଜଣାଇଥିଲେ। ଆମ୍ବେଦକର ଭବନ ନିର୍ମାଣ ପାଇଁ ପୂର୍ବରୁ ପୂର୍ବତନ ବିଧାୟକ ଶଶି ଭୂଷଣ ବେହେରା ୫ ଲକ୍ଷ ଅନୁଦାନ ଦେଇଥିଲେ। ବିଧାୟକ ଗଣେଶ୍ୱର ବେହେରା ବିଧାୟକ ପାଣ୍ଠିରୁ ଆଉ ୫ ଲକ୍ଷ ଦେବା ପାଇଁ ସଭାରେ ଘୋଷଣା କରିଥିଲେ।

## ହିଞ୍ଜିଳିରେ ଆମ୍ବେଦକରଙ୍କ ଜନ୍ମଦିନ ପାଳିତ




ହିଞ୍ଜିଳିକାଟୁ, ୧୪।୪ (ସଂଚାର ବ୍ୟୁରୋ)ଃ ହିଞ୍ଜିଳିକାଟୁ ନିକଟସ୍ଥ ବିଜେପି ଜିଲ୍ଲାକାର୍ଯ୍ୟାଳୟରେ ଜିଲ୍ଲାସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଭୀମରାଓ ଆମ୍ବେଦକରଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ବାବା ସାହେବ ଆମ୍ବେଦକର ମହିଳା ଏବଂ ଶ୍ରମିକଙ୍କ ଅଧିକାର ପାଇଁ ଲଢ଼ିଥିଲେ ଏବଂ ଅସ୍ପୃଶ୍ୟତା ପାଇଁ ସମାନତା ଏବଂ ନ୍ୟାୟ ସଂଗ୍ରାମରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ଅତିଥିମାନେ କହିଛନ୍ତି | ରାଜ୍ୟକାର୍ଯ୍ୟକାରିଣୀ ସଭ୍ୟ ଶିଶିର ମିଶ୍ର, ଜିଲ୍ଲାସାଧାରଣ ସମ୍ପାଦକ ଯଂଜ୍ଞନାରାୟଣ ଦାସ, ଉପସଭାପତି ଶ୍ରୀକାନ୍ତ ମହାପାତ୍ର, ସନ୍ତୋଷ ପାଣିଗ୍ରାହୀ,ଜିଲ୍ଲା ସମ୍ପାଦକ ନୟନ ମଲ୍ଲିକ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଅଜିତ କୁମାର ପଣ୍ଡାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ |

## ଭାରତ ରତ୍ନ ଡ. ଆମ୍ବେଦକର ଓ ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ପାଳିତ



ଢେଙ୍କାନାଳ,୧୪।୪ (ସଂଚାର ବ୍ୟୁରୋ)ଃ ଆଜି ପୂର୍ବାହ୍ନରେ ଭାରତ ରତ୍ନ ଡ଼. ବି. ଆର ଆମ୍ବେଦକର ଓ ସମର କବି ବ୍ରଜ ନାଥ ବଡ଼ଜେନାଙ୍କ ଜୟନ୍ତୀ ଢେଙ୍କାନାଳରେ ମହା ସମାରୋହରେ ପାଳିତ ହେଇଯାଇଛି। ପ୍ରଥମେ ବ୍ରଜ ନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତି ଠାରେ ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଭାରତ ରତ୍ନ ଡ଼. ବି. ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଅବବସରରେ ପୌରାଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର, ବୁଦ୍ଧିଜୀବୀ, ଲୋକ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେଡି ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



ନିଶ୍ଚିନ୍ତକୋଇଲି, ୧୪।୪ (ସଂଚାର ବ୍ୟୁରୋ)ଃ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡ଼ି ପକ୍ଷରୁ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ଼ଃ. ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ବରିଷ୍ଠ ଉପସଭାପତି ଶ୍ରୀଯୁକ୍ତ ପ୍ରତାପ ଜେନା ଯୋଗ ଦେଇ ପ୍ରଥମେ ଉପସ୍ଥିତ ଥିବା ସମସ୍ତ ଜନପ୍ରତିନିଧି, ବିଜେଡ଼ି ନେତୃବୃନ୍ଦ ଓ ଶତାଧିକ ବରିଷ୍ଠ ନାଗରିକ ମାନଙ୍କୁ ଓଡ଼ିଆ ନୂଆ ବର୍ଷ ଓ ପବିତ୍ର ପଣାସଂକ୍ରାନ୍ତିର ଶୁଭେଚ୍ଛା ଜଣାଇବା ସହିତ ବାବା ସାହେବ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଅବସରରେ ନିଶ୍ଚିନ୍ତକୋଇଲି ଥାନା ଛକ ଠାରେ ଅବସ୍ଥିତ ଆମ୍ବେଦ୍‌କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଜେନା ଡ଼ଃ.ବାବା ସାହେବ ଆମ୍ବେଦକର କିଭଳି ଭାବେ ପ୍ରତ୍ୟେକ ଭାରତୀୟଙ୍କୁ ମୁଣ୍ଡ ଟେକି ବଞ୍ଚିବାର ଅଧିକାର ଦେଇଛନ୍ତି, ସମସ୍ତଙ୍କୁ ସମାନତାର ଅଧିକାର ଦେଇଛନ୍ତି, ଦଳିତ ଓ ସଂଖ୍ୟାଲଘୁ ମାନଙ୍କର ନାର୍ଯ୍ୟ ଦାବି ପ୍ରଦାନ ପାଇଁ ବ୍ୟବସ୍ଥା କରିଯାଇଛନ୍ତି ସେ ସମ୍ପର୍କରେ ବିଶେଷ ଭାବେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଶଶିଭୂଷଣ ବେହେରା ଓ କଟକ ଜିଲ୍ଲା ବିଜେଡ଼ି ସଭାପତି ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ସିଂହ ଯୋଗଦେଇ ଆମ୍ବେଦକରଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଭାରତର ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ସ୍ୱାଧୀନ ଭାରତର ପ୍ରଥମ ଆଇନମନ୍ତ୍ରୀ ହୋଇ ଦେଶ ପାଇଁ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିବାରୁ ବାବା ସାହେବ ଆମ୍ବେଦକର ଚିର ସ୍ମରଣୀୟ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଉପସ୍ଥିତ ଶତାଧିକ ବରିଷ୍ଠ ନାଗରିକମାନଙ୍କୁ ମୁଖ୍ୟଅତିଥି ଶ୍ରୀଯୁକ୍ତ ଜେନା ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ଓଡ଼ିଆ ପକ୍ଷରେ ପିଠା ପ୍ରଦର୍ଶନୀ



ବାଲିଆପାଳ,୧୪।୪ (ସଂଚାର ବ୍ୟୁରୋ)ଃ ଓଡ଼ିଆ ନବବର୍ଷ ଉପଲକ୍ଷେ ଓଡ଼ିଆ ପକ୍ଷ ପାଳନ ଅବସରରେ ବାଲିଆପାଳ ବ୍ଲକ ସଭାଗୃହ ମଧ୍ୟରେ ମ ଙ୍ଗ ଳ ବା ର ପାରମ୍ପରିକ ପିଠା, ପଣା, ମୁରୁଡ଼, ଚିଡା ଆଦି ମହିଳା ମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ବିଡିଓ ରାଧା ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ୨୨ ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ନିର୍ବାଚନ ମଣ୍ଡଳୀର ବିଜେପି ନେତା ରବିନ୍ଦ୍ର ନାଥ ଅଞ୍ଜିଆ ଯୋଗଦେଇ ମହିଳା ମାନଙ୍କୁ ଉତ୍ସାହିତ କରିବା ସହିତ ଓଡ଼ିଆ ମାନଙ୍କର ପିଠା ଅତ୍ୟନ୍ତ ପ୍ରିୟ ଏବଂ ଫାଷ୍ଟ ଫୁଡ଼ ଖାଦ୍ୟକୁ ବର୍ଜନ କରି ମା ମାନେ ପିଲାମାନଙ୍କୁ ବିଭିନ୍ନ ପ୍ରକାର ପିଠା ଖାଇବାକୁ ଦେବା ଉଚିତ୍ ବୋଲି କହିଥିଲେ। ଜିପିଡିଓ ପ୍ରୀୟବ୍ରତ ଗିରି ପିଠାର ମାନଙ୍କୁ ପରଖି ଥିଲେ। ଏହି ପରିପ୍ରେକ୍ଷୀରେ ୬ ଜଣ ମହିଳାଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଛି। ପ୍ରଦର୍ଶନୀ ରେ କୃତିତ୍ୱ ହାସଲ କରିଥିବା ମହିଳା ମାନଙ୍କ ପୁରସ୍କାର ପ୍ରଦାନ କରାଯାଉଛି।

## ମହାବିଷୁବ ପଣା ସଂକ୍ରାନ୍ତି ପାଳିତ



ନବରଙ୍ଗପୁର/ଉମରକୋଟ, ୧୪।୪ (ସଂଚାର ବ୍ୟୁରୋ)ଃ ଆଜି ବେହେଡା ସ୍ଥିତ ତାରିଣୀ ମନ୍ଦିର ରେ ମହା ବିଷୁବ ପଣା ସଂକ୍ରାନ୍ତି ଅନୁଷ୍ଠିତ ହେଇଯାଇଛି। ସକାଳୁ ମାଆଙ୍କର ରୀତିନୀତି ଅନୁସାରେ ପୂଜା ପାଠ, ନୂତନ ବସ୍ତ୍ର ଓ ସକାଳ ଆଳତୀ ପରେ ମା'ଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଥିଲା। ବିଶ୍ୱ ଶାନ୍ତି ଓ ସମାଜ ର ମଙ୍ଗଳ କାମନା କରି ମନ୍ଦିର ପ୍ରାଙ୍ଗଣରେ ପଣ୍ଡିତ ମାନଙ୍କ ଦ୍ୱାରା ହୋମ ଯଂଜ୍ଞ ସହ ମା'ଙ୍କର ଗୁପ୍ତ ଚଣ୍ଡୀ ପାଠ କରାଯାଇଥିଲା. କମିଟି ତରଫରୁ ଦିନ ତମାମ ମାଆ ଙ୍କ ପୀଠ ରେ ସଂକୀର୍ତନ ଓ ନାମ ଜପ ସହ ବହୁ ଦୂର ଦୁରାନ୍ତର ଭକ୍ତ ଙ୍କ ପାଇଁ ଅନ୍ନଛତ୍ରର ଆୟୋଜନ କରାଯାଇଥିଲା. କମିଟି ସଦସ୍ୟ ମାନେ ମାଆ ଙ୍କ ପୀଠ ରେ ଭକ୍ତ ମାନଙ୍କୁ ପଣା ବାଣ୍ଟି ମହା ବିଷୁବ ସଙ୍କରାନ୍ତି ଓ ଓଡ଼ିଆ ନବ ବର୍ଷ ର ଶୁଭେଚ୍ଛା ଜଣାଇଥିଲେ। ରାତି ନଅ ଟା ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଶେଷ ହେଇଥିଲା. ପଣା ସଙ୍କରାନ୍ତି ରେ ମାଆ ଙ୍କ ପୀଠ ରେ ହଜାର ହଜାର ଭକ୍ତ ଙ୍କ ସମାବେଶ ପରିବେଶ କୁ ଭକ୍ତି ମୟ କରିଥିଲା. ମନ୍ଦିର ପ୍ରାଙ୍ଗଣରେ ଜଣେ ଭକ୍ତ ଶହେ ଗୋଟି ନଡ଼ିଆ ରଖି ମାଆ ଙ୍କୁ ସମର୍ପଣ କରିଥିଲେ। ଆଜିର ଏହି ବିଶେଷ କାର୍ଯ୍ୟକ୍ରମ ରେ ତାରିଣୀ ମନ୍ଦିର ପୂଜା କମିଟି ସଭାପତି ଡମ୍ବୁରୁ ଧର ଭତରା, ସମ୍ପାଦକ ସଜିତ କୁମାର ପଟ୍ଟନାୟକ, ପରିଚାଳନା କମିଟି ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ବାଘ, ବୁଲୁ ଦାସ, ବିରନାଥ ଭତରା, ଲକ୍ଷ୍ମୀ ଚନ୍ଦ୍ର ପାଢ଼ୀ, ମୁନ୍ନା ପାଣିଗ୍ରାହୀ, ଜୟରାମ ମହାରଣା, ନିରୋଧ କୁମାର ନାୟକ, ରବୀନ୍ଦ୍ର ବାଘ, ରମେଶ ଜେନା, ସୁଶାନ୍ତ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳିତ




ଯାଜପୁର,୧୪।୪ (ସଂଚାର ବ୍ୟୁରୋ)ଃ ଅଗ୍ନିଶମ କର୍ମଚାରୀଙ୍କ ତ୍ୟାଗ ଏବଂ ସେବାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ମଙ୍ଗଳବାର ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) ପରିସରରେ 'ଜାତୀୟ ଅଗ୍ନିଶମ ସେବା ସପ୍ତାହ'ର ଶୁଭାରମ୍ଭ କରାଯାଇଛି। ସେବା ବେଳେ ସର୍ବୋଚ୍ଚ ବଳିଦାନ ଦେଇଥିବା ଶହୀଦ ଅଗ୍ନିଶମ ବାହିନୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ।

ଟାଟା ଷ୍ଟିଲ୍ କଳିଙ୍ଗନଗର ପରିସରରେ ଥିବା ସେଣ୍ଟ୍ରାଲ୍ ଫାୟାର୍ ଷ୍ଟେସନଠାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଟିଏସକେର ଅପରେସନ୍ସ ଭାଇସ୍ ପ୍ରେସିଡେଣ୍ଟ ଉତ୍ତମ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସହିଦମାନଙ୍କୁ ସ୍ମରଣ କରିଥିଲେ। କଳିଙ୍ଗନଗର ଅଗ୍ନିଶମ ଓ ସୁରକ୍ଷା ବିଭାଗ ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ଏକ 'ଅଗ୍ନି ସୁରକ୍ଷା ସଚେତନତା ରଥ'ର ଶୁଭାରମ୍ଭ କରାଯାଇଥିଲା।

ସେହିପରି ନୀଳାଚଳ ଇସ୍ପାତ ନିଗମଠାରେ ଆୟୋଜିତ ଉତ୍ସବରେ ସପ୍ଲାଇ ଚେନ୍ ମୁଖ୍ୟ ସୁଶାନ୍ତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଉଭୟ ସ୍ଥାନରେ ଆୟୋଜିତ ଏହି ସମାରୋହରେ ଉପସ୍ଥିତ ସମସ୍ତ କର୍ମଚାରୀ ଓ ଅଧିକାରୀମାନେ ଅଗ୍ନି ସୁରକ୍ଷା ସମ୍ପର୍କିତ ଶପଥ ପାଠ କରିଥିଲେ। ଏହା ପରେ ଅଗ୍ନିଶମ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କ ଦ୍ୱାରା ଅଗ୍ନିଶମ ଏବଂ ଉଦ୍ଧାର କାର୍ଯ୍ୟର ମକ୍ ଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ଏହି ଅଗ୍ନିଶମ ସପ୍ତାହ ପାଳନ ଅବସରରେ ଟିଏସକେ ଏବଂ ଏନଆଇଏନଏଲ ପକ୍ଷରୁ କର୍ମଚାରୀ, ଟାଉନସିପ୍ ବାସିନ୍ଦା, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ପାଇଁ କୁଇଜ୍, ସଚେତନତା ଶିବିର ଏବଂ ସୂଚନାପତ୍ର ବଣ୍ଟନ ଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି। ଏହାବ୍ୟତୀତ, ଟାଟା ଷ୍ଟିଲ୍ କଳିଙ୍ଗନଗର କାରଖାନା ପରିସରରେ ଏକ ଅଗ୍ନିଶମ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯିବ, ଯେଉଁଥିରେ ଅଗ୍ନିଶମ ଏବଂ ଉଦ୍ଧାର ଅଭିଯାନରେ ବ୍ୟବହୃତ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଯନ୍ତ୍ରପାତି ପ୍ରଦର୍ଶିତ ହେବ।

## ସତ୍ୟବାଦୀର ପ୍ରସିଦ୍ଧ ଖାଇଫୋଡ ଯାତ୍ରା ଅନୁଷ୍ଠିତ



ସତ୍ୟବାଦୀ,୧୪।୪ (ସଂଚାର ବ୍ୟୁରୋ)ଃ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ସ୍ଥାନୀୟ ଭିଁପୁର ଗ୍ରାମର ମା ଗଡଚଣ୍ଡୀଙ୍କ ମନ୍ଦିର ଏବଂ ଦାସବିଦ୍ୟାଧରପୁର ବଡପୋଖରୀ ଠାରେ ଖାଇଫୋଡ ଯାତ୍ରା ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା । ଠାକୁରାଣୀଙ୍କ ସମସ୍ତ ଦେବନୀତି ସରିବା ପରେ କାଳେସି ବିଜେ ହୋଇଥିଲେ। ମାନସିକ ଧାରୀ ପାଟୁଆମାନେ ପୋଖରୀରେ ଗାଧୁଆ ପାଧୁଆ କରିବା ପରେ ଛଅରୁ ଦଶ ଇଞ୍ଚ ଲମ୍ବର ଦୁଇରୁ ଚାରେଟି ଲେଖାଏଁ ଲୁହାବାଙ୍କି କଣ୍ଟା ପିଠିରେ ଫୁଟାଇ କୋଡିଏ ହାତ ଉଚ୍ଚ ଖାଇରୁ ତଳକୁ ଝୁଲିବା ଏବଂ ଠାକୁରଙ୍କ ଜୟ ଜୟ କାର ଓ ହରିବୋଲ, ହୁଳହୁଳି ଧ୍ୱନି ଦେଇ ଘେରାକୁ ଘେରା ଚକ୍ର କାଟି ଖାଇ ଚାରିପଟ ବୁଲିବା ଏକ ନିଆରା କଷ୍ଟକର ସାଧନା ଦେଖିବାକୁ ମିଳିଥିଲା।

ଚୈତ୍ରମାସ ସାରା ପବିତ୍ରତାର ସହିତ ଏହି ପାଟୁଆ ମାନେ ହବିଷ୍ୟାନ୍ନରେ ରହିଥିଲେ । ପ୍ରତି ମଙ୍ଗଳବାର ଦିନ ମାଙ୍କୁ ପୂଜା କରୁଥିଲେ। ମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ମା' ଗଡଚଣ୍ଡୀ, ବସନ୍ତେଇ, ଜାଗୁଳାଇ, ମଙ୍ଗଳା ଓ ବାଟମଙ୍ଗଳାଙ୍କର ପାଞ୍ଚଜଣ କାଳେସି ବିଜେ ହୋଇ ନିକଟବର୍ତ୍ତୀ ନଳିତା ପୋଖରୀକୁ ଯାଇଥିଲେ । ପୋଖରୀ ଚର୍ତୁପାର୍ଶ୍ୱରେ ସମବେତ ଭକ୍ତ ମାନଙ୍କ ଗହଣରେ ଜଣଙ୍କ ପରେ ଜଣେ ପାଟୁଆ ମାନଙ୍କ ପୀଠିରେ କାଳେସି ମାନେ କଣ୍ଟା ଫୁଟାଇଥିଲେ । ଏତେ ବଡ ବଡ କଣ୍ଟା ଫୁଟା ଯାଇଥିଲେ ମଧ୍ୟ କ୍ଷତ ସ୍ଥାନରୁ ରକ୍ତସ୍ରାବ ହୋଇନଥିଲା । କଣ୍ଟାର ଗୋଟିଏ ମୁଣ୍ଡରେ ଲଗା ଯାଇଥିବା ରଶିରେ ପାଟୁଆ ମାନେ ବନ୍ଧାହୋଇ ଖାଇଦଣ୍ଡରୁ ତଳକୁ ଝୁଲିଥିଲେ । ଖାଇରେ ବୁଲିବା ସମୟରେ ପାଟୁଆ ମାନେ ଖଜୁରୀ କୋଳି, ଆମ୍ବ ଫୁଲ ଆଦି ଠାକୁରଙ୍କ ଉଦ୍ଦେଶ୍ୟରେ ପକାଇଥିଲେ । ଛୋଟ ଛୋଟ ଶିଶୁ ମାନଙ୍କୁ ଖାଇରେ ଧରି ପାଟୁଆ ମାନେ ବୁଲୁଥିବା ଦେଖାଯାଇଥିଲା । ଅସାଧ୍ୟ ରୋଗ ପୀଡାରୁ ଉପଶମ ଲଭିବା ଏବଂ ନିସନ୍ତାନ ମାନେ ସନ୍ତାନ ସନ୍ତତି ଆଶାରେ ଏଭଳି କଷ୍ଟକର ତପ ସାଧନା କରିଥାନ୍ତି ବୋଲି ଜଣାପଡିଥାଏ ।

ସେହିପରି ଦାସବ୍ୟଦଧରପୁର ବଡପୋଖରୀ ଠାରେ ଖାଇଫୋଡ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶହଶହ ବର୍ଷ ଧରି ଏହି ପରମ୍ପରା ଦୁଇଟି ସ୍ଥାନରେ ପ୍ରଚଳିତ ହୋଇ ଆସୁଛି । ପୁରୀ ସାଂସଦ ଡଃ, ସମ୍ବିତ ପାତ୍ର ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ ଓ ପୁରୀ ଜିଲ୍ଲା ବିଜେଡି ସଭାପତି ତଥା ସତ୍ୱବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସହ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ଜନପ୍ରତିନିଧିମାନେ ମାଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରି ଆର୍ଶିବାଦ ଭିକ୍ଷା କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସତ୍ୟବାଦୀ ଥାନା ଅଧିକାରୀ ପୁଲିସ ଫୋର୍ସ ସହ ଉପସ୍ଥିତ ରହିଥିଲେ ।

## ଚଢ଼େଇବର ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଅନ୍ତା,୧୪।୪ (ସଂଚାର ବ୍ୟୁରୋ)ଃ ବାଲିଅନ୍ତା ବ୍ଲକ ଅଧୀନ ଚଢ଼େଇବର ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ଜିଲ୍ଲା ପରିଷଦ ସଭ୍ୟା କୁନମୁନ ଲେଙ୍କା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାମଣୀ ଦେଇ, ପୁରୋହିତପୁର ସରପଞ୍ଚ ଭଗବାନ ବେହେରା, ମନୋରଞ୍ଜନ ପ୍ରଧାନ, ଝିଣ୍ଟି ଶାସନ ସରପଞ୍ଚ ଅଜିତ କୁମାର ପାତ୍ର,ପୂରଣ ସରପଞ୍ଚ ଦୁର୍ଯ୍ୟୋଧନ ମଲ୍ଲିକ, ସମବାୟବିତ ବିଜୟ କୁମାର ନାୟକ,ସିଆରସିସି ସୁବାଷ ବେହେରା,ପ୍ରଧାନ ଶିକ୍ଷକ ଗଣେସ କରଣ,ପଞ୍ଚଶଖା ଶିକ୍ଷା ସେତୁ ସଭାପତି ଜୟରାମ ନାୟକ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଦର୍ଶନ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଯୋଗେନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶନରେ ଛାତ୍ରଛାତ୍ରୀମାନେ ଲୋକକଳା ନୃତ୍ୟରେ ଆସ ବିଦ୍ୟାଳୟ ଯିବା, ନିଶା ନିବାରଣା,ଗୋଟିପୁଅ, ପାଇକ ନୃତ୍ୟ ପରିବେଷଣ କରିଥିଲେ।

## କାକଟପୁର ଓ ଅସ୍ତରଙ୍ଗଙ୍କୁ ଆନ୍ଧ୍ର ଆମ୍ବ ଭରସା

**• ଚାହିଦାନୁସାରେ ଆମ୍ବ ଆସୁନି • ଦର ଖସୁନାହିଁ; ଗ୍ରାହକ ଅସନ୍ତୁଷ୍ଟ**



କାକଟପୁର/ଅସ୍ତରଙ୍ଗ,୧୪।୪ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବଜାରରେ ବେଶ ସରଗରମ୍ ହୋଇଛି ଆମ୍ବ ବିକ୍ରି। ବାଇଗଣ ପଲ୍ଲେଇ, ପଣ୍ଡୁ ପଲ୍ଲୀ, ସୁନ୍ଦରୀ ଭଳି ଆମ୍ବର ଦର ଚଢା ରହିଛି। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ରେ ଚାହିଦା ମୁତାବକ ଆମ୍ବ ଉପଲବ୍ଧ ନଥିବାରୁ ଦର ଖସୁନି। କେବଳ ଆନ୍ଧ୍ର ପ୍ରଦେଶରୁ ଆସୁଥିବା ଆମ୍ବ ହିଁ କାକଟପୁର ଓ ଅସ୍ତରଙ୍ଗ ବିକ୍ରି ହେଉଛି।

ନିମାପଡା ଫଳଗୋଦାମରୁ ବ୍ୟବସାୟୀ ମାନେ ଆମ୍ବ କିଣି କାକଟପୁର ଓ ଅସ୍ତରଙ୍ଗ ବଜାରରେ ବିକ୍ରି କରୁଛନ୍ତି। ଆମ୍ବ ଗୁଡିକ ଆନ୍ଧ୍ର ପ୍ରଦେଶରୁ ଆସୁଥିବାରୁ ଦର ଉଚ୍ଚା ରହିଛି। ପୂର୍ବରୁ ମାର୍ଚ୍ଚ ଓ ଏପ୍ରିଲ ମାସ ବେଳକୁ କେରଳ, ମହାରାଷ୍ଟ୍ର, ହରିୟାଣା, ଦିଲ୍ଲୀଓ ପଶ୍ଚିମବଙ୍ଗ ଆଦି ଅଞ୍ଚଳରୁ ଅଧିକ ପରିମାଣରେ ଆମ୍ବ କାକଟପୁର ଆସୁଥିଲା। କିନ୍ତୁ ଚଳିତ ବର୍ଷ ଏ ସବୁ ଅଞ୍ଚଳରୁ ଆମ୍ବ ଗାଡି ଆସୁନାହିଁ। ଏଣୁ ବ୍ୟବସାୟୀ ମାନେ ଆନ୍ଧ୍ର ଉପରେ ଆମ୍ବ ପାଇଁ ଭରସା କରିଛନ୍ତି। ସେହିପରି କଞ୍ଚା ଦେଶୀ ଆମ୍ବ ବଜାର କୁ ଯାହା ଆସୁଛି ତାହା କେବଳ ଆଚାର ପାଇଁ ଉପଯୋଗୀ। ଏହାର ଦର କିଲୋ ପିଛା ୪୦ଟଙ୍କା ରହିଛି। ଆମ୍ବର ଉଚ୍ଚା ଦର ଯୋଗୁଁ ଲୋକେ ଏହାକୁ କିଣିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଦୁଇ ରୁ ତିନି କିଲୋ କିଣିବା ଜାଗାରେ ଏକ କିଲୋ ଆମ୍ବ କିଣିକି ଘରକୁ ନେଉଛନ୍ତି। ଏଣୁ ବେପାର ଠିକି ସେ ହେଉନାହିଁ।

ଅନ୍ୟ ପକ୍ଷରେ ମେ 'ଓ ଜୁନ ମାସ ତଥା ରଜ ଏବଂ ସାବିତ୍ରୀ ବେଳକୁ ବଜାରରେ ଅଧିକ ମାତ୍ରାରେ ଆମ୍ବ ବଜାରକୁ ଆସେ। କାରଣ ଏହି ସମୟରେ ରାଜ୍ୟର ବ୍ରହ୍ମପୁର, ଖୋର୍ଦ୍ଧା, ସମ୍ବଲପୁରଓ ଢେଙ୍କାନାଳ ଆଦି ଜିଲାରୁ ଦେଶୀ ଆମ୍ବ ଆସେ। ସେହିପରି ଆନ୍ଧ୍ର ଓ କେରଳ ରୁ ମଲ୍ଲୀକା, ଦୋସାରୀ, ଆମ୍ରପଲ୍ଲୀ, ତୋତା ପଲ୍ଲୀ ଆଦି ଆମ୍ବ ମଧ୍ୟ ବିକ୍ରି ପାଇଁ କାକଟପୁର ଓ ଅସ୍ତରଙ୍ଗ ବଜାର କୁ ଆସିଥାଏ। ଏହି ସମୟରେ ଆମ୍ବର ଦର କମିବା ସହିତ ବେପାର ଭଲ ହୁଏ ବୋଲି ଅସ୍ତରଙ୍ଗ ଅଞ୍ଚଳ ଆମ୍ବ ବ୍ୟବସାୟୀ ଚୁନିଆ ବିଶ୍ୱାଳ କୁହନ୍ତି। ବ୍ୟବସାୟୀ କୁହନ୍ତି ଆମକୁ ଆନ୍ଧ୍ରରୁ ଆସୁଥିବା ଆମ୍ବ ଗାଡି ଉପରେ ନିର୍ଭର କରିବାକୁ ପଡୁଛି। ଗାଡି କଟକ ତାହା ପରେ ଅସ୍ତରଙ୍ଗ ପହଂଚିବାକୁ ତିନି ରୁ ଚାରି ଦିନ ଲାଗୁଛି। ଗରମରେ ଗାଡି ଭିତରେ ଥିବା ଆମ୍ବରୁ କିଛି ପଚିଯାଉଛି। ଆମ୍ବ ଦର ଉଚ୍ଚା ହେବାରୁ ଲୋକ ମାନେ ଆମ୍ବ ସେତେ ମାତ୍ରାରେ କିଣୁ ନାହାନ୍ତି। ଫଳରେ ଆଗ ପରି କାକଟପୁର ଓ ଅସ୍ତରଙ୍ଗ ରେ ଆମ୍ବ ବେପାର ହେଉନାହିଁ।

# ତୁମ ଘର ପାଖ ସମ୍ପର୍କୀୟ

ସତ୍ୟ ରଞ୍ଜନ ବଳ





"କଲ୍ୟାଣପୁର ଗାଁର ସେହି ଦୁଇଟି ଘର ମଧ୍ୟରେ କେବଳ ଗୋଟିଏ ସାଧାରଣ ପାଚେରୀ ନଥୁଲା, ତାହା ଥିଲା ଦୁଇଟି ପରିବାରର ସ୍ପନ୍ଦନ। ଅନନ୍ତ କକା ଓ ସୀତା ଖୁଡ଼ି ଆମ ପାଇଁ କେବଳ ପଡ଼ୋଶୀ ନଥିଲେ, ସେମାନେ ଥିଲେ ଆମ ବିନା ରକ୍ତର ସମ୍ପର୍କୀୟ। ଆଜି ମୁଁ ସେହି କିଛି ନିର୍ଦ୍ଦିଷ୍ଟ ଘଟଣା ବିଷୟରେ କହିବି, ଯାହା ପ୍ରମାଣ କରେ ଯେ ମଣିଷପଣିଆ କୌଣସି ପରିଚୟପତ୍ର ଖୋଜେ ନାହିଁ।"

ସେହି ପ୍ରଳୟଙ୍କରୀ ବାତ୍ୟାର ରାତି। ଓଡ଼ିଶାରେ ବାତ୍ୟା କହିଲେ ଏକ ଆତଙ୍କ। ସେହି ବର୍ଷ ବହୁତ ବଡ଼ ବାତ୍ୟା ଆସିଥାଏ। ସନ୍ଧ୍ୟା ପରଠାରୁ କରେଣ୍ଟ କଟିଯାଇଥୁଲା, ବାହାରେ ପବନର ଗର୍ଜନ ଏବଂ ବର୍ଷାର ତାଣ୍ଡବ। ଆମର ସେତେବେଳେ ଆଜବେଷ୍ଟସ୍ ଛପର ଘର ଥିଲା। ହଠାତ୍ ରାତି ଦଶଟା ବେଳେ ଏକ ଜୋର୍ ଶବ୍ଦ ହେଲା, ଆମ ଘରର ଗୋଟିଏ ପଟ ଛପର ପବନରେ ଉଡ଼ିଗଲା। ଘର ଭିତରକୁ ହୁ ହୁ ହୋଇ ବର୍ଷା ପାଣି ପଶିବାକୁ ଲାଗିଲା।ବାପା ବ୍ୟସ୍ତ ହୋଇ ପଡ଼ିଲେ, ମାଆ ଆମକୁ ଧରି ଗୋଟେ କୋଣରେ ଧରି ଛିଡ଼ା ହୋଇ କାନ୍ଦୁଥିଲେ।

ସେହି ଅନ୍ଧାର ରାତିରେ, ଯେତେବେଳେ କେହି ଘରୁ ବାହାରିବାକୁ ସାହସ କରୁନଥିଲେ, ଅନନ୍ତ କକା ଏକ ବଡ଼ ଟର୍ଚ୍ଚ ଧରି ଆମ କବାଟ ବାଡ଼େଇଲେ। ସେ ନିଜେ ଓଦା ହୋଇ ଆମ ଘରକୁ ଆସିଲେ। ସେ କେବଳ ଆମକୁ ସାହସ ଦେଲେ ନାହିଁ, ବରଂ ଜୋର କରି କହିଲେ "ରଘୁ (ମୋ ବାପାଙ୍କ ନାଁ), ଏଠି ରହିବା ସୁରକ୍ଷିତ ନୁହେଁ। ଚାଲ ସମସ୍ତେ ମୋ ଘରକୁ।" ଆମେ ସବୁ ପିଲାଏ ଏବଂ ବାପା-ମା' ସେହି ବର୍ଷାରେ ଭିଜି ଭିଜି ତାଙ୍କ ପକ୍କା ଘରକୁ ଗଲୁ। ସୀତା ଖୁଡ଼ି ଆଗରୁ ଗରମ ଖେଚେଡ଼ି ପ୍ରସ୍ତୁତ କରି ରଖିଥିଲେ। ସେଦିନ ରାତିରେ ଆମେ ତାଙ୍କରି ଘରେ ଶୋଇଲୁ। ସେ ନିଜେ ତଳେ ଶୋଇ ଆମକୁ ନିଜ ବିଛଣା ଛାଡ଼ିଦେଇଥିଲେ। ସେହି ଗୋଟିଏ ରାତିର ଆଶ୍ରୟ ଆମର ଭୟ ଦୂର କରିଦେଇଥିଲା। ବାତ୍ୟାର କାଳ ତ ଗଲା କିନ୍ତୁ ଆସିଲା ବଡ କାଳ। ପରିବାରରେ ଝିଅର ବାହାଘର ମାନେ ବହୁତ ଚିନ୍ତା। ବାପା ଜଣେ ସାଧାରଣ ଚାକିରିଆ, ତେଣୁ ସବୁକିଛି ସମ୍ଭାଳିବା ତାଙ୍କ ପାଇଁ କଷ୍ଟକର ଥିଲା। କିନ୍ତୁ ଅନନ୍ତ କକା ପ୍ରଥମ ଦିନରୁ କହିଲେ-"ରଘୁ, ତୁ ଟଙ୍କା ପଇସା କଥା ବୁଝ, ବାକି ସବୁ କାମ ମୋର।"

ବାହାଘରର ପ୍ରତିଟି ଛୋଟ କାମ-ବଜାରରୁ ପନିପରିବା ଆଣିବା ଠାରୁ ଆରମ୍ଭ କରି ବରଯାତ୍ରୀଙ୍କ ସ୍ୱାଗତ ପର୍ଯ୍ୟନ୍ତ, କକା ନିଜେ ଛିଡ଼ା ହୋଇ ସବୁ କରୁଥିଲେ। ଯେଉଁଦିନ ଭଉଣୀର ବିଦାୟ ବେଳ ଆସିଲା, ବାପାଙ୍କଠାରୁ ଅଧିକ ଅନନ୍ତି କକା କାନ୍ଦୁଥିଲେ। ଭଉଣୀ ଯେତେବେଳେ ତାଙ୍କ ଗୋଡ଼ ଛୁଇଁ ପ୍ରଣାମ କଲା, ସେ ତା' ମୁଣ୍ଡରେ ହାତ ରଖି କହିଲେ-"ଏହି ଘରର ଦୁଆର ତୋ ପାଇଁ ସବୁବେଳେ ଖୋଲା, ଖାଲି ସେହି ଘର ନୁହେଁ, ଏଇ ଘର ବି ତୋର।" ସେହି ଦିନ ଗାଁ ଲୋକେ କୁହାକୁହି ହେଉଥିଲେ ଯେ ସତରେ, ଭାଗ୍ୟ ଥିଲେ ଏମିତି ପଡ଼ୋଶୀ ମିଳନ୍ତି।

ବାହାଘର ବାତ୍ୟା ଭଳି ବଡ ଅସୁବିଧା ସରିଗଲା। ଆସିଗଲା ଜୀବନର ଶେଷ ମୋଡ...

ଯେତେବେଳେ ମୁଁ ଦଶମ ଶ୍ରେଣୀରେ ପଢୁଥିଲି, ରାତି ରାତି ଅନିଦ୍ରା ହୋଇ ଗଣିତ ଏବଂ ବିଜ୍ଞାନ ଅଭ୍ୟାସ କରୁଥିଲି। ବେଳେବେଳେ ମା' ଶୋଇପଡ଼ନ୍ତି, କିନ୍ତୁ ସୀତା ଖୁଡ଼ିଙ୍କ ଘରର ଝରକା ଦେଇ ଆଲୁଅ ଶୁଭୁଥାଏ। ରାତି ପ୍ରାୟ ଗୋଟାଏ ବେଳେ ଖୁଡ଼ି ଥାଳିରେ ଦୁଇଟି ବିସ୍କୁଟ ଓ ଏକ କପ୍ ଗରମ ଚା' ଧରି ଆମ ଘର ପଛ କବାଟ ପାଖକୁ ଆସନ୍ତି। ଧୀରେ କରି ଡାକନ୍ତି-"ସତ୍ୟା, ଲାଇଟ୍ ଜଳୁଛି ଯେ, ପଢୁଛୁ କି? ଏଇ ନେ, ଟିକେ ଚା' ପିଇ ଦେ, ନହେଲେ ନିଦ ଲାଗିବ।"

ମୋତେ ଆଶ୍ଚର୍ଯ୍ୟ ଲାଗେ, ସେ କେମିତି ଜାଣିପାରନ୍ତି ଯେ ମୁଁ ପଢୁଛି ବୋଲି! ସେ ଚା' କେବଳ ମୋ ଶରୀରକୁ ସତେଜ କରୁନଥିଲା, ବରଂ ମୋ ଭିତରେ ଏକ ଆତ୍ମୀୟତା ଭରି ଦେଉଥିଲା। ସେ ସବୁବେଳେ କହନ୍ତି-"ଭଲ ପାଠ ପଢ଼ି ବଡ଼ ମଣିଷ ହେବୁ, ଆମ ଗାଁର ନାଁ ରଖିବୁ।" ଆଜି ମୁଁ ଯେତେବେଳେ ସହର। ଚାକିରି କରୁଛି, ସେହି ଚା'ର ସ୍ୱାଦ ମୁଁ କୌଣସି ବଡ଼ ରେଷ୍ଟୁରାଣ୍ଟରେ ପାଏନାହଁ ଥରେ ବାପାଙ୍କର ହାର୍ଟ ଆଟାକ୍ ହୋଇଥିଲା। ସେତେବେଳେ ମୁଁ ସହରରେ ଥିଲି। ମା' କାହାକୁ ଫୋନ୍ କରିବା ପୂର୍ବରୁ ଅନନ୍ତି କକାଙ୍କୁ ପାଟି କରି ଡାକିଥିଲେ। କକା କୌଣସି ଗାଡ଼ିକୁ ଅପେକ୍ଷା ନକରି, ନିଜର ଜଣେ ସାଙ୍ଗଙ୍କୁ ଫୋନ୍ କରି ତୁରନ୍ତ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିଲେ। ହସ୍ପିଟାଲରେ ଯେତେବେଳେ ଡାକ୍ତର ଟଙ୍କା ଜମା କରିବାକୁ କହିଲେ, ବାପାଙ୍କ ପାଖରେ ସେତେ ଟଙ୍କା ନଥୁଲା। କକା ନିଜ ପାଖରେ ରଖୁଥିବା ତାଙ୍କର ସଞ୍ଚିତ ଟଙ୍କାରୁ ବିନା କିଛି ଚିନ୍ତା କରି ସବୁ ଦେଇଦେଲେ। ସେ କେବଳ ଗୋଟିଏ କଥା କହିଥିଲେ "ଟଙ୍କା ତ ଆଜି ଅଛି କାଲି ନାହିଁ, କିନ୍ତୁ ସମ୍ପର୍କ ସବୁଦିନ ପାଇଁ। ସମୟ ବଦଳିଛି, ପାଚେରୀ ଗୁଡ଼ିକ ଏବେ ଉଚ୍ଚ ହୋଇଯାଇଛି, ମଣିଷ ନିଜ ସ୍ୱାର୍ଥ ପାଇଁ ନିଜ ପରିବାରଠାରୁ ବି ଦୂରେଇ ଯାଉଛି। କିନ୍ତୁ ଅନନ୍ତ କକା ଓ ସୀତା ଖୁଡ଼ିଙ୍କ ପରି ବ୍ୟକ୍ତିମାନେ ଆଜି ବି ଆମକୁ ମନେ ପକାଇ ଦିଅନ୍ତି ଯେ, ସଂସାରରେ ସବୁଠାରୁ ବଡ଼ ସମ୍ପତ୍ତି ହେଉଛି 'ଭଲ ପାଇବା। "ରକ୍ତର ସମ୍ପର୍କ ହୁଏତ ସୀମିତ, କିନ୍ତୁ ହୃଦୟର ସମ୍ପର୍କ ଆକାଶ ପରି ବ୍ୟାପ୍ତ। ଘର ପାଖ ସମ୍ପର୍କୀୟମାନେ ହିଁ ଆମ ଜୀବନର ପ୍ରକୃତ ସୁରକ୍ଷା କବଚ।"

କଣ୍ଡରାଗଡ଼ିଆ, ମୀନମୁନି ପଡ଼ିଆ

## ଓଡ଼ିଆ ନବବର୍ଷ

ନିବେଦିତା ପଣ୍ଡା



ଅନେକ ମହତ୍ତ୍ୱ ଲୁଚି ରହିଅଛି
ଓଡ଼ିଆ ନବବରଷେ,
ଓଡ଼ିଆ ମାସର ଆରମ୍ଭ ହୁଅଇ
ଏହି ସଂକ୍ରାନ୍ତି ଦିବସେ।

ଓଡ଼ିଆ ନବବର୍ଷ ମହତ୍ତ୍ୱ ପୂର୍ଣ୍ଣ
ସବୁର ପରିବର୍ତ୍ତନ,
ଗ୍ରହ ନକ୍ଷତ୍ରରୁ ପତ୍ର,ପୁଷ୍ପ ଯାଏ
ନୂଆ ଫସଲ ଉତ୍ପନ୍ନ।

ବିଦ୍ୟାର୍ଥୀ ମାନଙ୍କ ପାଠ୍ୟକ୍ରମ ଶେଷ
ନୂଆ ଶ୍ରେଣୀକୁ ଉର୍ତ୍ତୀର୍ଣ୍ଣ,
ମନୁଷ୍ୟ ମାନଙ୍କ ରକ୍ତ ସଞ୍ଚାଳନେ
ହୁଅଇ ପରିବର୍ତ୍ତନ।

ପଶୁପକ୍ଷୀଙ୍କର ଲୋମ ଝଡ଼ିଯାଇ
ହୁଏ ନବ ସଞ୍ଚାରିତ,
ବିଶ୍ୱ ବ୍ରହ୍ମାଣ୍ଡରେ ସଭିଏଁ କରନ୍ତି
ନୂତନତ୍ୱର ସ୍ୱାଗତ।

ଅନେକ ଗୁରୁତ୍ୱ ବହନ କରୁଛି
ଓଡ଼ିଆ ନୂତନବର୍ଷ,
ବିଜ୍ଞାନ ସମ୍ମତ ତଥ୍ୟ ଆଧାରିତ
ଐଶ୍ୱରୀୟର ଆଭାସ।

ଋତୁ ଓ ପ୍ରକୃତି ବଦଳଇ ସବୁ
ପଞ୍ଜିକା ବଦଳିଯାଏ,
ଆମ ନବବର୍ଷ ବିଷୁବ ସଂକ୍ରାନ୍ତି
ସଂସ୍କୃତିର କଥା କୁହେ।

ସାର୍ବଭୌମ ରାଷ୍ଟ୍ର ଭାରତ ବୋଲି ତ
ପାଳିତ ସବୁ ପର୍ବର,
ଇଂରାଜୀ ବର୍ଷ ବି ପାଳିତ ହେଉଛି
ନହୋଇ ବି ସଂସ୍କୃତିର।

ପାଶ୍ଚାତ୍ୟ ସଭ୍ୟତା ଛାପ ଛାଡ଼ି ଗଲେ
ଇଂରେଜ ଶାସନ କରି ,
ପ୍ରଭାବ ତାଙ୍କର ରହିଗଲା ପରା
ଆମ ମଧ୍ୟେ ଘର କରି।

ଇଂରାଜୀ ପଢ଼ିଲୁ ଇଂରାଜୀ ଲେଖିଲୁ
ସବୁଠି ଚାଲେ ଇଂରାଜୀ,
ନବବରଷକୁ ପାଳିବାର ପାଇଁ
ହେବା କାହିଁକି ଅରାଜି ?

ପରିଣାମ ଯାହା ହେଉନା କାହିଁକି
ବିଲୁପ୍ତ ବୈଦିକ ରୀତି,
ଭାରତ ସଂସ୍କୃତି ରସାତଳଗାମୀ
ଉପୁଜିଛି ସେହି ସ୍ଥିତି।

ଉତ୍କଳର ପଣା ଅନୁରାଗ ବୁଣା
ସଂସ୍କୃତିର ବାର୍ତ୍ତା ବହ,
ପାଳି ନବ ବର୍ଷ ହୋଇବା ହରଷ
ମନରେ ଆଣି ଉତ୍ସାହ।

ପଣା ସଂକରାନ୍ତି ଉତ୍କଳ ସଂସ୍କୃତି
ଉତ୍କଳୀୟ ନବବର୍ଷ,
ଯୁଗ ଯୁଗ ଧରି ରହି ଆସିଅଛି
ରଖିବା ତା' ମାନ ଯଶ।

ରାଉରକେଲା



## ବିଦ୍ୟାଳୟ ହେଲା ସକାଳ ବେଳା

ଡ଼ଃ ଅନୁପମା ବିଶ୍ୱାଳ



ଖରାର ତେଜଟି ଯେବେ ବଢ଼ିଲା
ବିଦ୍ୟାଳୟ ହେଲା ସକାଳ ବେଳା
ପିଲାଙ୍କ ମନରେ ବହୁତ ଖୁସି
ଆନନ୍ଦରେ ଦେଲେ ସଭିଏଁ ହସି
ଅଳପ ସମୟ ପଢ଼ିବେ ପାଠ
ଘରେ ଖେଳି ବୁଲି କରିବେ ନାଟ
ରାଜୁ କିନ୍ତୁ ଖୁସି ହେଉ ନଥାଏ
ନୀରବ ଭାବରେ ସେ ବସିଥାଏ
ସକାଳୁ ସକାଳୁ ଉଠି ପାରେନି
ଯେତେ ଉଠାଇଲେ ନିଦ ଭାଙ୍ଗେନି
ଏବେ ବାହାରିବ ତାହାର ମଜା
ସକାଳୁଆ ପଢ଼ା ହୋଇଓ୍ୱ ସଜା
ଶୋଇଲା ରାତିରେ ଭାବି ସେ କଥା
ଭାବି ଭାବି ମୁଣ୍ଡ ହୋଇଲା ବ୍ୟଥା
ଆରଦିନ ଯେବେ ପଢ଼ି ସେ ଗଲା
ଡେରି ହେଲା ବୋଲି ଗାଳି ଖାଇଲା
ଶୁଖି ଯାଇଥିଲା ମୁହଁଟି ତା'ର
ବୁଝାଇ କହିଲେ ମାଆ ଏଥର
ସକାଳୁ ସକାଳୁ ଉଠଇ ଯିଏ
ସବୁ କାମ ତା'ର ସଫଳ ହୁଏ
ମାଆଙ୍କ କଥାକୁ ଧିଆନ ଦେଲା
ସୁନା ପିଲାଟିଏ ସିଏ ହୋଇଲା।

ସମ୍ବଲପୁର



## କାନ୍ଦୁଛି ବସନ୍ତ ହସୁଛି ଗ୍ରୀଷ୍ମ

ଡ଼ଃ ତାନଶ୍ରୀ ପାଣିଗ୍ରାହୀ



ଅନ୍ତିମ ସମୟେ କାନ୍ଦୁଛି ବସନ୍ତ
ମଳୟର ଧରି ହାତ
କୋଇଲିର କଣ୍ଠେ କୁହୁ କୁହୁ ତାନ
ଗାଏ ନିଶବ୍ଦ ସଂଗୀତ...

ହଳଦୀ ବସନ୍ତ କେତେ ସରାଗରେ
ତୋଳିଥିଲା ପ୍ରୀତିଫୁଲ
ତା ପ୍ରିୟ ବସନ୍ତ ପାଇଁ ଗୁନ୍ଥିଥିଲା
ଆମ୍ବ ବଉଳର ମାଳ...

ପ୍ରକୃତି ସୁଷମା କେଡ଼େ ଅନୁପମା
ବସନ୍ତ ଆସିବା ବେଳେ
ବସନ୍ତକୁ ଛାଡି କେମିତି ରହିବ
ଝୁରେ ନିଜ ହୃଦ ତଳେ...

ନିଷ୍ଠୁର ନିଦାଘ ପାରିଲାନି ସହି
ବସନ୍ତର ସୁଧାମୃତ
ହୁଅଇ ଅଧୀର ଆଣିବ ସେ ବେଗେ
ଝାଞ୍ଜି ଖରା ଅଂଶୁଘାତ...

ରାତିର ସପନ ସକାଳେ ହଜିବ
ହୋଇବ ସ୍ମୃତିର ଗାର



କାନ୍ଦୁଛି ବସନ୍ତ ହସୁଛି ଗ୍ରୀଷମ
ଏ ନିୟମ ପ୍ରକୃତିର ପ୍ରକୃତିର ॥

ବାଲେଶ୍ୱର
ମୋବାଇଲ୍: ୯୩୩୭୩୦୪୨୯୫

## ବୈଶାଖୀ

ଡ. ଶୁଭେନ୍ଦୁ ମେହେର



ବୈଶାଖୀ କଞ୍ଚା ଦେହରେ
ଧୁ ଧୁ ଖରା ଝାଉରେ ନିର୍ଦ୍ଧୁମ ବୁଲେ !

ସେ' ଆସିଲେ....
ସୁରିଲା ପବନ ବି ଅଙ୍ଗରା ଅଙ୍ଗରା ବାସ୍ପାହୁଏ,
ଡହ ଡହ ଖରାକୁ ଛାତିରେ ବୋହି
ବିଧବା ପରି ବୋଧ ହୁଏ
ଋତୁମତୀର ରୂପ ନିଏ

ସାତ ସିଆଁ ଲୁଗାକୁ ପାଏନି ହାତ ବୋଲି
ଚାଖଣ୍ଡେ ପେଟର ଜ୍ୱଳନରେ
କୁଣ୍ଡୁମେଡାର ଛୁଆ
ତାଣ୍ଡବ ନାଚେ ।

ଅମରାବତୀର ଅବାଂଛିତ ପାପ
ଅନ୍ତଃର୍ଭେଦି ଯନ୍ତ୍ରଣାର କୋହ
ଯତନରେ ଗଢ଼ିଥିବା ନିରୀହ ବାଇଚଢ଼େଇର ସ୍ୱପ୍ନ
ପଲକରେ ଧୂଳିସାତ ହୁଏ !
ଭାଙ୍ଗିଯାଏ ଫିଙ୍ଗି ଚଢ଼େଇର ବସା
ଡିଆଁ ମାରେ ହନୁ ମାଙ୍କଡ଼
ବସ୍ତି ବାସିନ୍ଦାଙ୍କ ଝୁପୁଡ଼ି
ଲଙ୍କାପରି ଧ୍ୱଂସ ହୁଏ ।

ସେ' ଆସିଲେ......
ଆବେଗହୀନ ହୋଇଯାଏ
ପ୍ରେମିକାର ମୁକୁଳା ଛାତି,
ମୌସୁମୀର ମଉଳା ମନ ଆଉ ସ୍ୱପ୍ନ !
ସହଜରେ ଓଦା ସରସର କରି
ଭିଜାଇଦିଏ କୁଆଁରୀ ଯୌବନ ।

ଏମିତି ଭାଗ୍ୟଟେ ନେଇ
ଉତୁରେ ବୈଶାଖୀ
କାହାର କାହାର ଜନ୍ମ ଜାତକରେ
ମିଳନ ବଦଳରେ ମଳିନ ହୁଏ !

ବିହ୍ୱଳିତ ବିଭୋର ପଣରେ
କପାଳର ସ୍ୱେଦକୁ ଅମୃତ କରେ,
ମଲ୍ଲୀ ଫୁଲିଆ ଖରାରେ
ମଉଳି ଯାଏ ପଦ୍ମବନ
କୃଷ୍ଣଚୂଡ଼ାର ହସ
କୁଆଁରୀ ବୋହୂପରି ଲାଜେଇ ଯାଏ
ଉଡ଼ାଣ ଭୁଲେ
ଶଙ୍ଖଚିଲର ସମ୍ପ୍ରସାରିତ ଡେଣା ।

ଯାଲୋଏ, ସୁବର୍ଣ୍ଣପୁର

## ସଙ୍ଗିନୀରେ ରସ ରଙ୍ଗିନୀରେ

ସ୍ୱାଗତିକା ସାହୁ



ସଙ୍ଗିନୀରେ ରସ ରଙ୍ଗିନୀରେ
ଚନ୍ଦ୍ର ଉଦିଆ ତୋ ମୁହଁରେ...
ସଙ୍ଗିନୀରେ....

ହୃଦୟ ନିର୍ମଳ ମଧୁଠୁ ମଧୁର
ବୁକୁ ତଳ ବ୍ୟଥା ଶୁଣେ ବରାବର
ଦୁଃଖ ଦେଖି ଦେଲେ ହୁଏ ସେ ଅଧିର
ନିଃସ୍ୱାର୍ଥ ପରତା ଭାବରେ....
ସଙ୍ଗିନୀ ରେ....(୧)

ଜାଣି ରଖେ ମୋ ମାନ ସମ୍ମାନ
ପ୍ରଗାଢ଼ ବିଶ୍ୱାସ ନହୁଏ ଛିନ୍ନ
ବିନା କହେ ଜାଣେ ସେ ହୃଦ ମନ
ପ୍ରକୃତ ବନ୍ଧୁଟି ସିଏରେ...
ସଙ୍ଗିନୀ ରେ.....(୨)

ହସୁ ଥାଏ ହୃଦ କନ୍ଦରେ ବସି
କୃପା ରାଶି ସବୁ ଦିଏ ବରଷି
ପ୍ରାଣ ସ୍ପନ୍ଦନକୁ କରି ସରସୀ
ସଦା ଥାଅ ବିଦ୍ୟମାନରେ....
ସଙ୍ଗିନୀ ରେ.....(୩)

ଏତେ ସୁନ୍ଦରିଆ ସ୍ପନ୍ଦନ ଟିଏ
କାଳିଆ ଛଳିଆ ପ୍ରତିମା ଟିଏ
ବିସ୍ତୃତ ଛାତିରେ କୋଳାଏ ସିଏ
ସକାଳ ତୀର୍ଥ ତୋ ଦେହରେ....
ସଙ୍ଗିନୀ ରେ....(୪)

ଶହେ ବୈକୁଣ୍ଠର ସୁଖ ତୁମଠି
ମିଛ ମାୟା ଏ ସଂସାର ଯେଉଁଠି
ତୁମେ ହିଁ ଏକା ନିଜର ଏଇଠି
ବିଶ୍ୱର କରତା ତୁମେରେ....
ସଙ୍ଗିନୀ ରେ....(୫)

ଲୁହରେ ଧୋଇବି ତୁମ ଚରଣ
ତୁମ ଶ୍ରୀଚରଣେ ପଡ଼େ ସରଣ
କରିବ ଖୁସିରେ ମୋତେ ବରଣ
ପୁରି ଯିବ ମୋର ମନରେ...
ସଙ୍ଗିନୀ ରେ....(୬)

ନାଲି ଓଠେ କିଣ ଜଗତ ମନ
ହେ କଳା ଗୋସାଇଁ ଚକା ନୟନ
ତୁମ ବିନା ମୋର ଅଧୁରା ଜୀବନ
ପାଖେ ପାଖେ ସଦା ଥିବୁରେ....
ସଙ୍ଗିନୀ ରେ....(୭)

ଉମରକୋଟ, ନବରଙ୍ଗପୁର



## ଆମେ ତ ଓଡ଼ିଆ ଭାଷା ତ ବଢ଼ିଆ

ବାସନ୍ତି ଦାସ



ଭାଷାଭାଷା ସର୍ବେ ହେଉଛ
ଭାଷାକୁବୁଡାଇଦେଉଛ
ନାତି ନାତୁଣିଙ୍କ ଅଙ୍କଲ
ଡାକଯେ କାନରେ ଶୁଣୁଛ ୧
ଜବାବ ତ ତୁମେ ଦେଉଛ
ଭାଷାକୁ ସାଇତି ରଖୁଛ
ହୋଟେଲେପିନିରି ଲେଖୁଛ
ଭାଷା ଅନସନକରୁଛ ୨
ନାମ ଅନ୍ୟ ଭାଷା ଲେଖୁଛ
ଶିଶୁକୁ ପାଖରୁଦୂରେ ଉ ଛ
ନର୍ସରିରେ ନେଇ ଛାଡୁଛ....୩
ବଂଶଧର ଜନ୍ମପାଳୁଛ
ଶୀରିଣି ଜଳରେ ଦେଉଛ
କେକେ ସାଇରେ ବାଣ୍ଟୁଛ.
ନିତି କୁ ଚ ଭୁଲିଯାଉଛୁ..... ୪



## ପରଚର୍ଚ୍ଚା

ଡଃ ନାରାୟଣ ଚନ୍ଦ୍ର ସେନାପତି



କିଛି ଲୋକଙ୍କର ହଜମ ହୁଏନି
ନ କରିଲେ ପରଚର୍ଚ୍ଚା
ସମୟ ଶବ୍ଦକୁ ଅପଚୟ କରି
ଅଜ୍ଞାନେ ହୁଅନ୍ତି ବଛା।
ନିଜ ଦୋଷ ତ୍ରୁଟି କେବେ ଦେଖନ୍ତିନି
ଭାବନ୍ତି ସ୍ୱଚ୍ଛ ଦର୍ପଣ
ହେଲେ ଜାଣନ୍ତିନି ବାଛୁଆରୀ ସିଏ
ଦେହରେ ଅସଂଖ୍ୟ ଖୁଣ।

ଜିରାରୁ ଶିରାକୁ କାଢିବା ସ୍ୱଭାବ
ବନ୍ଧୁରୁ ବନନ୍ତି ଶତ୍ରୁ
ଗୁଣ ଥିଲେ ସିନା ଗୁଣିଆ ସାଜନ୍ତେ
ଭୁଲିଯାନ୍ତି ମାତୃ ପିତୃ।

ପରଚର୍ଚ୍ଚା କଲେ ପରନିନ୍ଦା ପାଇଁ
ନର୍କରେ ମିଳଇ ବାସ
ଦୁର୍ଗନ୍ଧ ଆଦରି ସୁଗନ୍ଧ ଛାଡନ୍ତି
ଶେଷେ ହୁଅନ୍ତି ନିରାଶ।

ପର ପରା ପରମେଶ୍ୱର ଅଟନ୍ତି
କହେ ଗୀତା ଭାଗବତ
ତାଙ୍କ ଭଲ ଚିନ୍ତା କରିଲେ ଅବଶ୍ୟ
ଈଶ୍ୱର ହୁଅନ୍ତି ପ୍ରୀତ।

ଦେଖାଇ ହେବାର ରୋଗ ବ୍ୟାପିଅଛି
ତେଣୁ ତାଙ୍କ ଏ ପ୍ରକୃତି
ଜାଣନ୍ତି ନି ଗର୍ବ ଅଢେଇ ଦିନର
ଶେଷରେ ହୋଇବେ ମାଟି।

ପର କାନ୍ଧ ପରେ ପାଦ ଥାପି ଚାପି
ଉଚ୍ଚ ଦେଖାଇବା ନିଶା
ଜଣା ପଡ଼ିଯାଏ ଦୂଷିତ ଚର୍ଚ୍ଚାରୁ
ଆବୋରନ୍ତି ମନ୍ଦ ପେଶା।

ଶୁଣ ହେ ପାମର ମୁନି ଋଷି ବାଣୀ
ଯେ ପାଞ୍ଚେ ପରର ମନ୍ଦ
ତା ' ମନ୍ଦ ପରା ଗୋବିନ୍ଦ ପାଞ୍ଚନ୍ତି
ଖୁଆଇ ବିଷାକ୍ତ କନ୍ଦ।
ପର ଚର୍ଚ୍ଚା କଲେ ହୀନ ହୁଏ ଜନ
ଭାବନାକୁ ଖାଏ ଘୁଣ
ବିବେକ ମଣିଷପଣିଆ ଦୂରାଏ
ଦୁଃଖ କରେ ଆମନ୍ତ୍ରଣ।

ପାରୁଛ ଯଦି ବା ଭଲ କାମ ପାଇଁ
କର ମିଠା ଆଲୋଚନା
ନିର୍ଯ୍ୟାସକୁ ନେଇ ସମାଜେ ଲଗାଇ
ଉଡାଅ ମଙ୍ଗଳ ବାନା।

ନିଜକୁ କର ହେ କ୍ଷୀପ୍ର ବିଶ୍ଳେଷଣ
ଖୋଲ ନିଜର ବଦ୍ ଗୁଣ
ବିବେକ ଔଷଧେ ସୁଧାର କୁ ପାଇ
ସାଜ ବିଦ୍ୱାନ ସଜ୍ଜନ।
ଜମ୍ବିରା, କେନ୍ଦୁଝର





### ସଂରକ୍ଷଣ ଘୋଷଣା ପୂର୍ବରୁ ସରଗରମ ପଞ୍ଚାୟତ ରାଜନୀତି

# ପୁରୁଖା ବନାମ୍ ନୂଆ ଚେହେରା

ବାଲିପାଟଣା,୧୪।୪(ସଂଚାର ବ୍ୟୁରୋ): ରାଜ୍ୟ ରାଜନୀତିର ପାରଦ ଏବେ ଗାଁ ମୁହାଁ। ପଞ୍ଚାୟତ ନିର୍ବାଚନର ବିଗୁଲ୍ ବାଜିବା ପୂର୍ବରୁ ଗାଁ ଗହଳିର ଚା' ଖଟିଠୁ ନେଇ ସହରର ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠି ଏବେ ଗୋଟିଏ ଚର୍ଚ୍ଚା- 'କେଉଁ ଆସନ କାହା ଭାଗରେ?' ପ୍ରଶାସନିକ ସ୍ତରରେ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ ହେବା ମାତ୍ରେ ଅନେକ ପୁରୁଖା ନେତାଙ୍କ ନିଦ ହଜିଯାଇଛି। ସାମାଜିକ ନ୍ୟାୟ ନାଁରେ ଚାଲିଥିବା ଏହି ତାଲିକା ପ୍ରସ୍ତୁତି ଏବେ ଅନେକଙ୍କ ଭବିଷ୍ୟତକୁ ନେଇ ଜୁଆ ଖେଳୁଛି।ପଞ୍ଚାୟତିରାଜ ବ୍ୟବସ୍ଥାରେ ସଂରକ୍ଷଣର ମୂଳ ଉଦ୍ଦେଶ୍ୟ ହେଉଛି ସମାଜର ଅବହେଳିତ ଶ୍ରେଣୀକୁ ଶାସନ କ୍ଷମତାର ମୁଖ୍ୟ ସ୍ରୋତକୁ ଆଣିବା। ମାତ୍ର ବାସ୍ତବ ଚିତ୍ରଟି କିଛି ଭିନ୍ନ। ଏପ୍ରିଲ ୧୭ ରୁ ୩୦ ତାରିଖ ମଧ୍ୟରେ ସଂରକ୍ଷଣର ଯେଉଁ ଚିଠା ଓ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବାକୁ ଯାଉଛି, ତାହା ଅନେକ 'ଟାଣୁଆ' ନେତାଙ୍କ ପାଇଁ ଶକ୍ତ ଧକ୍କା ହୋଇପାରେ। ୫୦ ପ୍ରତିଶତ ସଂରକ୍ଷଣ ସୀମା ଭିତରେ ନିଜ ଆସନକୁ ସୁରକ୍ଷିତ ରଖିବା ପାଇଁ ଚାଲିଛି ଜୋରଦାର୍ ଲବି। ଯଦି ଆସନଟି ସଂରକ୍ଷିତ ଶ୍ରେଣୀଭୁକ୍ତ ହୋଇଗଲା, ତେବେ ନେତାମାନେ 'ପ୍ରାର୍ଥୀ' ବଦଳାଇବେ ସିନା, କ୍ଷମତାର ଚାବିକାଠି ନିଜ ହାତରେ ରଖିବାକୁ ପଛାଇବେ ନାହିଁ। ସଂରକ୍ଷଣ ଯୋଗୁଁ ଯେତେବେଳେ ଜଣେ ପ୍ରଭାବଶାଳୀ ନେତା ନିର୍ବାଚନୀ ମୈଦାନରୁ ବାଦ୍ ପଡ଼ନ୍ତି, ସେତେବେଳେ ସେ ନିଜ ପରିବାରର କାହାକୁ କିମ୍ବା ଜଣେ ଅନୁଗତଙ୍କୁ ଆଗକୁ ଆଣନ୍ତି। ଏଭଳି ସ୍ଥିତିରେ ସଂରକ୍ଷଣର ମୂଳ ଲକ୍ଷ୍ୟ ଫେଲ୍ ମାରେ। ଯିଏ ନିର୍ବାଚିତ ହୁଅନ୍ତି, ସେ କେବଳ ଜଣେ 'ରବର ଷ୍ଟାମ୍ପ' ପାଲଟିଯାନ୍ତି ଏବଂ ପରଦା ପଛରେ ସେହି ପୁରୁଖା ନେତା ହିଁ ଶାସନ ଚଳାନ୍ତି। ଏହି ରାଜନୈତିକ କୌଶଳ ଯୋଗୁଁ ଯୋଗ୍ୟ ବ୍ୟକ୍ତି ନୁହେଁ, ବରଂ 'ଆନୁଗତ୍ୟ' ହିଁ ପ୍ରାର୍ଥୀତ୍ୱର ମାପକାଠି ପାଲଟେ। ଏଥର ମଧ୍ୟ ୫୦ ପ୍ରତିଶତ ସଂରକ୍ଷଣ ସୀମା ନୂଆ ଚେହେରାଙ୍କୁ ସୁଯୋଗ ଦେବାର ଆଶା ଦେଖାଉଥିଲେ ବି, ପୁରୁଖାଙ୍କ ଗୋଟିଚାଳନା କେତେଦୂର ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ଏହି 'ପଞ୍ଚାୟତ ମହାଭାରତ' ଭିତରେ ସାଧାରଣ ଜନତାଙ୍କ ସ୍ୱର। ଗାଁର ରାସ୍ତା, ପିଇବା ପାଣି, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସମସ୍ୟା ଗୁଡ଼ିକ ରାଜନୈତିକ ଗଣିତ ଭିତରେ ଚାପି ହୋଇଯାଏ। ଏପ୍ରିଲ ୩୦ ତାରିଖ ପରେ ଯେତେବେଳେ ଚୂଡ଼ାନ୍ତ ତାଲିକା ନିର୍ବାଚନ କମିଶନଙ୍କ ପାଖକୁ ଯିବ, ସେହିଦିନଠାରୁ ହିଁ ଆରମ୍ଭ ହେବ ଅସଲ ରଣନୀତି। କିନ୍ତୁ ଏହି ଚଳଚଞ୍ଚଳ ରାଜନୀତି ଭିତରେ ସାଧାରଣ ଜନତାଙ୍କ ବିକାଶର ସ୍ୱର କେତେଦୂର ଶୁଣାଯିବ, ତାହା ହିଁ ଏବେ ସବୁଠାରୁ ବଡ଼ ପ୍ରଶ୍ନ।

# କୌଳିକ ବୃତ୍ତିରୁ ମୁହଁ ଫେରେଇଲେଣି ବାଉଁଶ କାରିଗର



### ପହଞ୍ଚୁନି ସରକାରୀ ପ୍ରୋତ୍ସାହନ

ଗଞ୍ଜାମ,୧୩।୪(ସଂଚାର ବ୍ୟୁରୋ): ଅତ୍ୟାଧୁନିକ ଯୁଗ ତଥା ଆଜିର ବିଜ୍ଞାନ ଯୁଗରେ ହାତ ତିଆରି ଜିନିଷ ଅଲୋଡ଼ା ହୋଇ ପଡୁଛି । ପ୍ଲାଷ୍ଟିକର ବହୁଳ ବ୍ୟବହାର ଏବଂ ବିଭିନ୍ନ ମେଶିନରେ ତିଆରି ଜିନିଷକୁ ଲୋକେ ଅଧିକ ପସନ୍ଦ କରୁଥିବା ଲକ୍ଷ୍ୟ କରାଯାଇଛି। ଏଥିପାଇଁ ବିଭିନ୍ନ ହାତତିଆରି ଜିନିଷ ତିଆରି ହେବା ପରେ ମଧ୍ୟ ବିକ୍ରି ହୋଇ ପାରୁନାହିଁ ଏନେଇ ବୃତ୍ତିଠାରୁ ମୁହଁ ଫେରେଇବାକୁ ବାଧ୍ୟ ହେଉଛନ୍ତି କାରିଗର । ଜୀବନ ଜୀବିକା ହରାଇ ହାତ ବାନ୍ଧି ବସିବାକୁ ଅଧିକ ପସନ୍ଦ କରୁଛନ୍ତି। ଉଦାହରଣ ଭାବେ ବାଉଁଶ କାରିଗର କଥା କହିବା ବାଉଁଶର ଅଭାବ ଏବଂ ଆଧୁନିକ ବଜାରରେ ଚାହିଦା କମିବା ଯୋଗୁ ଓଡ଼ିଶାର ପାରମ୍ପରିକ ବାଉଁଶ କାରିଗରଙ୍କ ଜୀବନ ଜୀବିକା ଅତ୍ୟନ୍ତ ଦୁର୍ବିସହ ହୋଇପଡିଛି। ଗଞ୍ଜାମ ଜିଲା ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଭିନ୍ନ ଅଞ୍ଚଳରେ ବାଉଁଶ କାରିଗରୀ କରି ଜୀବନ ନିର୍ବାହ କରୁଛନ୍ତି । ୨୫ରୁ ଊର୍ଦ୍ଧ୍ୱ ବାଉଁଶରେ ବିଭିନ୍ନ ବ୍ୟବହାର ଜିନିଷ ଉଦାହରଣ କୁଲା କୁଣ୍ଡି, ଗୁଲେଇ, ଡାଟ, ଚାଉଳ ଧୁଆ ଆଦି ଘରେଇ ଉପକରଣ ତିଆରି କରି ନିଜ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି । ସରକାରୀ ପ୍ରୋତ୍ସାହନ ଅଭାବରୁ ଦୁର୍ଦ୍ଦିନରେ ସେମାନେ ଜୀବନ ଯାପନ କରୁଥିବା ଜଣାପଡିଛି। ପୂର୍ବରୁ ବିବାହ ଋତୁରେ ଡଲା, କୁଲା ଆଦି ବିଭିନ୍ନ ମାଙ୍ଗଳିକ ଉପକରଣ ଯୋଗାଇ ବେଶ ଦି ପଇସା ରୋଜଗାର କରିଥାନ୍ତି। ବନ ବିଭାଗ ପାଇଁ ବାଉଁଶ ନିର୍ମିତ ଚାରାର ସୁରକ୍ଷା ବାଡ଼ ତିଆରି କରୁଥିବା ବେଳେ ମତ୍ସ୍ୟଜୀବୀଙ୍କ ପାଇଁ ତାଟି, ଚାଞ୍ଚ, ଧାନ ମହଜୁଦ ରଖିବାକୁ ଡୋଲି ଆଦି ତିଆରି କରି ଯୋଗାଇଥାନ୍ତି। ଖାଲି ଏତିକି ନୁହେଁ ବାଉଁଶରୁ ବିଭିନ୍ନ ସୌଖିନ ସାମଗ୍ରୀ ମଧ୍ୟ ତିଆରି କରିଥାନ୍ତି । ମାତ୍ର ସମ୍ପୃକ୍ତ ବାଉଁଶ କାରିଗରମାନଙ୍କୁ ସରକାରୀ ପ୍ରୋତ୍ସାହନ ମିଳୁନାହିଁ । ବାଉଁଶ କାରିଗରଙ୍କୁ ତାଲିମ ପ୍ରଦାନ, ବାଉଁଶ ଯୋଗାଣ, ପ୍ରସ୍ତୁତ ସାମଗ୍ରୀର ବିକ୍ରି, ଋଣ ପ୍ରଦାନ ଆଦିର ସରକାରୀ ବ୍ୟବସ୍ଥା ରହିଥିଲେ ହେଁ ନିକଟରେ ଅପହଞ୍ଚ ହୋଇ ରହିଛି। ନିଜ ଉଦ୍ୟମରେ ବାଉଁଶ ଯୋଗାଡ଼ କରି ଯାହା ବି ତିଆରି କରୁଛନ୍ତି ସେତେଟା ବିକ୍ରି ମଧ୍ୟ ହେଉ ନାହିଁ । ସ୍ଥାନୀୟ ସାପ୍ତାହିକ ହୁଙ୍ଗା ହାଟରେ ବାଉଁଶରେ ନିର୍ମିତ ହୋଇଥିବା ସାମଗ୍ରୀ ବିକ୍ରି କରି ହଜାର ହଜାର ଟଙ୍କା ରୋଜଗାର କରି ନିଜ ପରିବାର ଚଳେଇଥାନ୍ତି। ବନ ବିଭାଗ ବି ଏମାନଙ୍କ ଠାରୁ ସାମଗ୍ରୀ ନେଉଥିବା ବେଳେ ସରକାରୀ ସ୍ତରରେ ଅନ୍ୟ ସାମଗ୍ରୀର ବିକ୍ରି ବ୍ୟବସ୍ଥା କରାଯାଉ ନ ଥିବାରୁ ହାତ ବାନ୍ଧି ବସି ରହିଛନ୍ତି।

## ରୁପ୍ରାରୋଡରେ ହନୁମାନ ଜୟନ୍ତୀ



ନର୍ଲା,୧୪।୪(ସଂଚାର ବ୍ୟୁରୋ): ରୁପ୍ରାରୋଡ ଠାରେ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ରାସ୍ତା ଉପରେ ଥିବା ହନୁମାନ ମୂର୍ତ୍ତି ଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଇ ପଣା ଅର୍ପଣ କରାଯାଇଥିଲା। ଦିପକ ମହାନ୍ତି ଓ ଦିପ୍ତି ମହାନ୍ତି କର୍ତ୍ତା ଥିବାବେଳେ ଗୋପାଳ ତ୍ରିପାଠୀ ପୂଜକ ଭାବରେ ସଂପାଦନ କରିଥିଲେ। ଶହ ଶହ ଭକ୍ତ ହନୁମାନଙ୍କ ଦର୍ଶନ କରିବା ସହ ସ୍ୱାଦିଷ୍ଟ ପଣା ସେବନ କରିଥିଲେ। ମନୋଜ ଚଣ୍ଡୀ, ମୁନୁ ବାରିକ, ଛନ୍ଦା ଭୋଇ, ସୁଶିଲ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● ସିଏମ୍ ଟ୍ରଫି-୨୦୨୬ ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପିତ

## ବାଳକ ଓ ବାଳିକା ବର୍ଗରେ ଲୋଇସିଂହା ଚାମ୍ପିୟନ




ବଲାଙ୍ଗିର,୧୪।୪ (ସଂଚାର ବ୍ୟୁରୋ): ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ ବ୍ଲକ ଓ ଆନ୍ତଃ ଜିଲ୍ଲା ଖୋ-ଖୋ ଚାମ୍ପିୟନସିପ୍ ୨୦୨୬ ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ୍ ଠାରେ ଉଦ୍‌ଯାପିତ ହୋଇଯାଇଛି। ବାଳିକା ବର୍ଗରେ ଲୋଇସିଂହା ପୁଇଁତଲା (କ)କୁ ହରାଇ ଚାମ୍ପିୟନ ହୋଇଛି। ସେହିପରି ବାଳକ ବର୍ଗରେ ଲୋଇସିଂହା ବଲାଙ୍ଗିର (କ) କୁ ହରାଇ ଚାମ୍ପିୟନ ହୋଇଛି। କ୍ରୀଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବେଦାଶ୍ରୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ-ବିଜେତା ମାନଙ୍କୁ ଟ୍ରଫି ପୁରସ୍କୃତ କରିଥିଲେ। ଖୋ-ଖୋ, କବାଡ଼ି ଓ କ୍ରୀଡ଼ା ସମ୍ପାଦକ ତଥା ମ୍ୟାଚ କମିଶନର ବିଭୂତି ଭୂଷଣ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ କ୍ରୀଡ଼ା ସଂସଦ କାଉନସିଲ୍ ସଭ୍ୟ ସୁଧିର ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ରୀ, ଡ଼ା. ସିଦ୍ଧେଶ୍ୱର ମିଶ୍ର, ଡ଼ା. ଶୁଭମ ମିଶ୍ର ଓ କ୍ରୀଡ଼ାବିତ୍ ସୁନିଲ ଚନ୍ଦ୍ର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ହରାଧନ ପୂଜାରୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ମଞ୍ଚାସୀନ ଥିଲେ। ଖେଳକୁ ବୁଦ୍ଧିରାଜ ବିଶ୍ୱାଳ, ସୁଦର୍ଶନ ସେଠ, ଜନାର୍ଦ୍ଦନ ସାହୁ, ଚନ୍ଦ୍ରଶେଖର ମେହେର, ସସ୍ମିତା ମିଶ୍ର, ମାଧୁରୀ ପଣ୍ଡା, ଆଶିଷଦେବ ସା, ସୁଶାନ୍ତ ନାଗ, ରଶ୍ମିରାଣୀ ଖଟୁଆ ପରିଚାଳନା କରିଥିଲେ। ପରିଶେଷରେ ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ବାବାସାହେବଙ୍କ ଜୟନ୍ତୀ ପାଳିତ



ସୁବର୍ଣ୍ଣପୁର,୧୪।୪ (ସଂଚାର ବ୍ୟୁରୋ): ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଉପଲକ୍ଷେ ଆମ୍ବେଦକର ଛକ ଠାରେ ଥିବା ପ୍ରତିମୂର୍ତ୍ତିରେ ସକାଳ ସମୟରେ ମୁଖ୍ୟ ଅତିଥି ଏସପି ନାରାୟଣ ନାୟକ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଉପଜିଲ୍ଲାପାଳ ସୌମ୍ୟ ରୂପା ରଥ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝି, ସାଂସ୍କୃତିକ ଅଧିକାରୀ ଯମୁନା ପ୍ରଧାନ, ଡିଆଇପିଆରଓ ପ୍ରୀତି ସୁନା ଓ ବିଭିନ୍ନ ସ୍କୁଲ ରୁ ଆସିଥିବା ଛାତ୍ରଛାତ୍ରୀ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ସ୍ଥାନୀୟ ଟାଉନହଲ ଠାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଭାରତ ରତ୍ନ ଡ. ବାବାସାହେବ ଭୀମରାଓ ଆମ୍ବେଦକର ଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ, ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁବର୍ଣ୍ଣପୁର ଅଞ୍ଜଳୀନା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଉପଜିଲ୍ଲାପାଳ ସୋନପୁର ଡ. ସୌମ୍ୟରୂପା ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଣୀ ଉଷାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବରେ ଇତିହାସ ଅଧ୍ୟାପକ, ସୋନପୁର ମହାବିଦ୍ୟାଳୟ, ଡ଼ ସୁଦାମ ଦୀପ, ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଗ୍ରପୂଜ୍ୟ ଗଣେଶ ଏବଂ ଭାରତରତ୍ନ ଡ. ବାବାସାହେବ ଭୀମରାଓ ଆମ୍ବେଦକର ଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ ଓ ଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା।

## ଗଛରୁ ପଡ଼ି ଯୁବକ ଗୁରୁତର

କଲ୍ୟାଣସିଂହପୁର,୧୪।୪ (ସଂଚାର ବ୍ୟୁରୋ): ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଏକ ଆମ୍ବ ଗଛରୁ ପଡ଼ି ସୋମବାର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ହେଲେ କାମ କାଡ୍ରାକା । ସ୍ଥାନୀୟ ଲୋକ ଏବଂ ସେଇ ରାସ୍ତା ଦେଇ ଆସୁଥିବା ଆଇଟିଡିଏ ଅଧିକାରୀ ପ୍ରଶାନ୍ତ କୁମାର ବାଉରୀ ଏବଂ ଡଙ୍ଗରିଆ କନ୍ଧ ଉନ୍ନୟନ ଅଧିକାରୀ ସୁରଜ କୁମାର ନାୟକ ତାଙ୍କୁ ଉଦ୍ଧାର କରି ନିଜ ଗାଡିରେ ଆଣି କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।



### ସିସିଆଇଡି ପକ୍ଷରୁ ବିଶ୍ୱକର୍ମା ପୁରସ୍କାର

# ବଲାଙ୍ଗିରକୁ ମିଳିଲା ଦୁଇଟି ଜାତୀୟ ସମ୍ମାନ

● ତାଲିକାରେ ବିବିଏମସିଏଚର କ୍ୟାନସର ବିଲ୍ଡିଂ ଓ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ



ବଲାଙ୍ଗିର,୧୪।୪ (ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲାକୁ ୨ଟି ପ୍ରକଳ୍ପରେ ସ୍ଥାପତ୍ୟ ଓ ଶ୍ରେଷ୍ଠ ନିର୍ମାଣ ଶୈଳି ପାଇଁ ବିଶ୍ୱକର୍ମା ପୁରସ୍କାର ମିଳିଛି। ବଲାଙ୍ଗିର ଜିଲ୍ଲାର ଭୀମ ଭୋଇ ମେଡିକାଲ କଲେଜରେ ପୂର୍ତ୍ତବିଭାଗ ପକ୍ଷରୁ ନବନିର୍ମିତ କ୍ୟାନସର ହସପିଟାଲ ବିଲ୍ଡିଂ ଓ ଜଳସେଚନ ବିଭାଗର ଲୋୟର ସୁକତେଲ ଜଳସେଚନ ପୁରସ୍କୃତ ହୋଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସିଆଇଡିସି (କନଷ୍ଟ୍ରକସନ ଇଣ୍ଡଷ୍ଟ୍ରି ଡେଭଲପମେଂଟ କାଉନସିଲ) ପକ୍ଷରୁ ଗତ ଶୁକ୍ରବାର ନୂଆଦିଲ୍ଲୀ ସ୍ଥିତ ବିଆର ଆମ୍ବେଦକର ଅନ୍ତର୍ଜାତିୟ କେନ୍ଦ୍ରର ୧୭ତମ ବିଶ୍ୱକର୍ମା ପୁରସ୍କାର ଉତ୍ସବ କାର୍ଯ୍ୟକ୍ରମରେ କେନ୍ଦ୍ର ସଡକ, ପରିବହନ ଓ ଜାତୀୟ ରାଜପଥ ବିଭାଗର ମନ୍ତ୍ରୀ ନିତିନ ଗଡ଼କରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ପୁରସ୍କାର ବିତରଣ କରିଥିଲେ। ସିସିଇ ଭୁବନେଶ୍ୱର ଶ୍ରୀ ମହେନ୍ଦ୍ର ଏବଂ ବଲାଙ୍ଗିର ପୂର୍ତ୍ତବିଭାଗର ଏସଇ ଇ.ଆଶୁତୋଷ ଜେନା ଏହି ପୁରସ୍କାର ମୁଖ୍ୟଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ। ପ୍ରକାଶ ଯେ, ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ସଠିକ ସମୟରେ ଏବଂ ସଠିକ ଢଙ୍ଗରେ ନିର୍ମିତ ଦେଶର ୧୫ଶହଟି ପ୍ରକଳ୍ପକୁ ଚୟନ କରି ପୁରସ୍କୃତ କରାଯାଇଛି। ଯେଉଁଥିରେ ଓଡ଼ିଶାର ୧୭ଟି ପ୍ରକଳ୍ପ ସ୍ଥାନ ପାଇଛି ଏବଂ ସେଠାରେ ଥିବା ଉତ୍କଳ ମଣ୍ଡପ ଗ୍ୟାଲେରିରେ ଏହି ୧୭ଟି ପ୍ରକଳ୍ପକୁ ପ୍ରଦର୍ଶିତ କରାଯାଇଥିଲା। ଏନେଇ ବଲାଙ୍ଗିର ପୂର୍ତ୍ତବିଭାଗ ଏସଇ ଇଂ.ଆଶୁତୋଷ ଜେନା ସୂଚନା ଦେଇଛନ୍ତି ଯେ, ବଲାଙ୍ଗିରରେ ତିଆରି ହୋଇଥିବ ଏହି କ୍ୟାନସର ହସପିଟାଲ ୨୫୫୫୫ ସ୍କୁଏର ତଳ ମହଳା ରେ ଓପିଡି, ଷ୍ଟୋର, ଆରଏସଓ ସମେତ ଆଉ ଅନ୍ୟାନ ବିଭାଗ ତିଆରି ହୋଇଛି।

## ଦୀର୍ଘ ବର୍ଷ ଧରି ମରାମତି ଅଭାବରୁ ଅଚଳ ହୋଇ ପଡ଼ିଛି ନଳକୂପ

ଫିରିଙ୍ଗିଆ,୧୪।୪(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଭୃଙ୍ଗିଯୋଡ଼ି ପଞ୍ଚାୟତ ଭୃଙ୍ଗିଯୋଡ଼ି ଛକ ପାଖରେ ଥିବା ନଳକୂପ ଦୀର୍ଘ ଦିନ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି। ଏନେଇ ବାରମ୍ବାର ଭୃଙ୍ଗିଯୋଡ଼ି ଗ୍ରାମବାସୀ ମାନେ ପ୍ରଶାସନକୁ ଜଣାଇବା ସ୍ୱତ୍ତେ ନଳକୂପଟିର ମରାମତି କାର୍ଯ୍ୟ ହେଉନାହିଁ। ଯାହାକି ବିଭିନ୍ନ ଲଟାବୁଦା ଗଛମାଡ଼ି ପୋତି ହୋଇ ଗଲାଣି। ଫଳରେ ସ୍ଥାନୀୟ ଜନସାଧାରଣ ପିଇବା ପାଣିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର କହିଛନ୍ତି ସାହିର ବାସିନ୍ଦାମାନେ। ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କର ଆଗ୍ରହ ନଥିବା କାରଣରୁ ନଳକୂପ ଟିର ମରାମତି ହୋଇ ପାରୁନାହିଁ। ଯାହାକି ପାଣି ପାଇଁ ବହୁତ ଅସୁବିଧା ହେଉଛନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ମରାମତି ପାଇଁ ନିବେଦନ କରିଛନ୍ତି। ଅନ୍ୟ ପଟେ ଦେଖିବାକୁ ବାକି ରହିଲା ଖବର ପ୍ରକାଶ ପରେ କେବେ ଏହି ସମସ୍ୟାର ସମାଧାନ କରୁଛନ୍ତି ତାହା ଅପେକ୍ଷାରେ ଗ୍ରାମବାସୀ।

## ସ୍ୱଚ୍ଛଭାରତ ସଙ୍ଗଠନ ପକ୍ଷରୁ ପଣା ବଣ୍ଟନ ହୋଇଛି



ସୁବର୍ଣ୍ଣପୁର,୧୪।୪ (ସଂଚାର ବ୍ୟୁରୋ): ପବିତ୍ର ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ଓ ଓଡିଆ ନବ ବର୍ଷ ଅବସରରେ ସ୍ୱଚ୍ଛ ଭାରତ ସଙ୍ଗଠନ ସୋନପୁର -ମନମୁଣ୍ଡା ପକ୍ଷରୁ ସ୍ଥାନୀୟ ଥାନା ସମ୍ମୁଖ ପ୍ରଭାସ ଲଜ୍ ଠାରେ ପଣା ଭୋଗ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୋନପୁର ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ଯାଦବ ବାଗ ଓ ଅତିରିକ୍ତ ଅଗ୍ନିଶମ ବିଭାଗ ଅଧିକାରୀ ଶ୍ରୀ ଭାବନନ୍ଦ୍ର ନାଥ ଦେ, ସ୍ୱଚ୍ଛ ଭାରତ ସଙ୍ଗଠନ ପ୍ରତିଷ୍ଠାତା ସଭ୍ୟା ପଦ୍ମାବତୀ ମେହେର, ସାମ୍ବାଦିକ ପୀତାମ୍ବର ମହାପାତ୍ର, ସନ୍ତୋଷ ମିଶ୍ର, ମହାଦେବ ମଲ୍ଲିକ ଶୁଭ ଉଦଘାଟନ କରି ହନୁମାନ ଜୟନ୍ତୀ ଶୋଭାଯାତ୍ରାର ଭକ୍ତ ଶ୍ରଦ୍ଧାଳୁ ତଥା ସଧାରଣ ଜନତାଙ୍କୁ ପଣା ବଣ୍ଟନ କରି ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ମନୋରଞ୍ଜନ ତ୍ରିପାଠୀ ସଂଯୋଜନା କରିଥିଲେ। ସଙ୍ଗଠନର ଉପ ସଭାନେତ୍ରୀ ଇନ୍ଦୁମତୀ ପୁରୋହିତ ଓ ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ସାହୁ, ପରେଶ ମେହେର, ରବୀନ୍ଦ୍ର ଜେନା, ଲଡୁ କିଶୋର ମଲ୍ଲିକ, ପ୍ରଫୁଲ୍ଲ ନାଏକ, ବୈକୁଣ୍ଠ ଶତପଥୀ ଙ୍କ ତତ୍ତ୍ୱାବଧାନରେ ର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତ୍ରିଲୋଚନ ତରିଆ, ପ୍ରତ୍ୟୁଷ ମେହେର, ଜୟ ନାରାୟଣ ସାହୁ, ବୀରବର ମେହେର, ଜୟନ୍ତ ବେହେରା, ରାଧା ଗୋବିନ୍ଦ ମେହେର, ସରୋଜ ପଟେଲ, ସୁଶାନ୍ତ ସାହୁ, କାହ୍ନୁ ଚରଣ ସାହୁ, ନରେଶ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ଦୁର୍ଯ୍ୟୋଧନ ସାହୁ, ଯଶବନ୍ତୀ ମେହେର, ସସ୍ମିତା ମେହେର ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

**ପୋଖରୀରେ ବୁଡି ଜଣଙ୍କର ମୃତ୍ୟୁ** ବୈଶିଙ୍ଗା,୧୪।୪ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ସନ୍ତରା ପଞ୍ଚାୟତର ଜାମପଦା ଗ୍ରାମର ଜନୈକ ଯୁବକ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ମୃତ୍ୟୁ ମୁଖରେ ପଡ଼ିଥିବା ଜଣାଯାଇଛି। ଖବର ରୁ ପ୍ରକାଶ ଜାମପଦା ଗ୍ରାମର ସୁରେନ୍ଦ୍ର ମାରାଣ୍ଡି ଙ୍କ ପୁତ୍ର ବୁଧିଆ ମାରାଣ୍ଡି (୩୯) ଦ୍ୱିପ୍ରହରରେ ଘର ପାଖ ପୋଖରୀକୁ ଯାଇ ଆଉ ଫେରି ନା ଥିଲା। ଘର ଲୋକ ଖୋଜାଖୋଜି କରି ପାଇନଥିଲେ। ନିକଟସ୍ଥ ପୋଖରୀରେ ଖୋଜିବାରୁ ବୁଧିଆ ର ମର ଶରୀର କୁ ପାଇ ଅପରାହ୍ନ ୫ ଘଟିକା ରେ ବୈଶିଙ୍ଗ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଡମ୍ବ ସମାଜ ପକ୍ଷରୁ ଆମ୍ବେଦକର ଜୟନ୍ତୀ



ନର୍ଲା,୧୪।୪(ସଂଚାର ବ୍ୟୁରୋ): ବେହାରାପାଟି ଠାରେ ନର୍ଲା ଡମ୍ବ ସମାଜ ତରଫରୁ ସମ୍ବିଧାନ ଡଃ. ବି.ଆର୍. ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ନର୍ଲା ଡମ୍ବ ସମାଜର ସଭାପତି ବଳରାମ ହରପାଲଙ୍କ ଅଧ୍ୟକ୍ଷତାରେ ଓ ଜିଲ୍ଲା ଉପସଭାପତି ତଥା ଆବାହକ ଅଭିରାମ ନନ୍ଦଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଭବାନୀପାଟଣାର ପୂର୍ବତନ ବିଧାୟକ ଅନାମ ନାଏକ, ମୁଖ୍ୟ ବକ୍ତା ଭାବେ ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ନାଏକ, ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଣୀଧନ ଚିକିତ୍ସାଧିକାରୀ ଡ଼ ନୀଳମଣି ଦୀପ, ବରିଷ୍ଠ ନେତା ଦୁର୍ଯ୍ୟୋଧନ କୁମାର, ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କ ଦାୟାଦ ଧନସିଂ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଆଶୁ କବି କୌତୁକ ଖମାରୀ। ଖଗେଶ୍ୱର କୁମାର, ଅଭୟ ନାଏକ, କମଳ ତାଣ୍ଡି, ନିର୍ମଳ ଦୀପ, ପୂର୍ବତନ ସରପଞ୍ଚ ନରସିଂହ କୁମାର, ସନକ ନାଏକ, ଅକ୍ରୁର କୁମାର, ସୁରେଶ ତାଣ୍ଡି, ସୁବାଷ ନାଗ, ସଦାନନ୍ଦ ହରପାଲ, କୁଳମଣି ସୁନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜଗନ୍ନାଥ ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି



ବୈଶିଙ୍ଗା,୧୪।୪(ସଂଚାର ବ୍ୟୁରୋ): ରାଜ୍ୟ ବିଜେପି ସଭାପତି ତଥା ଏସି ମୋର୍ଚ୍ଚାର ସଭାପତିଙ୍କ ଅନୁମୋଦନ କ୍ରମେ ୨୪ ନଂ ଜିଲ୍ଲା ପରିଷଦ ସଭ୍ୟ ଜଗନ୍ନାଥ ମଲ୍ଲିକ ମନୋନୀତ ହୋଇଥିବା ଜଣାପଡ଼ିଛି। ସଭାପତି ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ଜିଲ୍ଲାର ଅନେକ ସଂଗଠନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ମଲ୍ଲିକ ତାଙ୍କ ପ୍ରତିକ୍ରିୟାରେ ମାନ୍ୟବର ପ୍ରଧାନ ମନ୍ତ୍ରୀ, ମୁଖ୍ୟ ମନ୍ତ୍ରୀ, ମନ୍ତ୍ରୀ ଡ କୃଷ୍ଣ ଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ବାଇଧର ମଲ୍ଲିକ୍, ବିଜେପିର ଜିଲ୍ଲା ସଭାପତି, ଜିଲ୍ଲାର ସମସ୍ତ ବିଧାୟକଙ୍କ ସମେତ ସମସ୍ତ ବିଜେପି ପ୍ରେମୀ ଭାଇ ଓ ଭଉଣୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଦଳ ତାଙ୍କୁ ବିଶ୍ୱାସ କୁ ନେଇ ଯେଉଁ ଗୁରୁ ଦାୟିତ୍ୱ ପ୍ରଦାନ କରିଛନ୍ତି, ତାକୁ ସୁଚାରୁ ରୂପେ ସମ୍ପାଦନା କରିବାକୁ ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି।

# ସାରା ଦେଶବାସୀଙ୍କ ପାଇଁ ପର୍ବ-ମହୋତ୍ସବ

### ବାବାସାହେବଙ୍କ ଜନ୍ମଜୟନ୍ତୀ ପାଳିତ



ଲାଞ୍ଜିଗଡ଼,୧୪।୪(ସଂଚାର ବ୍ୟୁରୋ): କେବଳ ଦଳିତ କି ଆଦିବାସୀ ନୁହଁନ୍ତି ବରଂ ସମଗ୍ର ମଣିଷ ସମାଜର ହକ ଓ ଅଧିକାର ପାଇଁ ଆଜୀବନ ସମର୍ପିତ ଥିଲେ ଡ. ଭୀମରାଓ ଆମ୍ବେଦକର।ତାଙ୍କ ତ୍ୟାଗ ଓ ନିଷ୍ଠା ତଥା ଅଧ୍ୟବସାୟ ବଳରେ ଆଜି ଦେଶ ସୁରକ୍ଷିତ ଓ ତାଙ୍କ ଲିଖିତ ସମ୍ବିଧାନ ଏହା ସୁନିଶ୍ଚିତ କରିଥାଏ। ସାରା ବିଶ୍ୱ ଯାହାଙ୍କ ଗୁଣଗାରିମା ଆଗରେ ନତମସ୍ତକ ହୁଏ।ତାଙ୍କର ଜନ୍ମଜୟନ୍ତୀ ଦେଶ ତଥା ବିଦେଶରେ ପାଳିତ ହେଉଛି। ଦଳିତ, ବହୁଜନ ତଥା ସାରା ଦେଶବାସୀଙ୍କ ପାଇଁ ଏହା ପର୍ବ ମହୋତ୍ସବରୁ କୌଣସି ଗୁଣରେ କମ ନୁହେଁ। ଆଜି ତାଙ୍କ ଜନ୍ମଦିବସ ଅବସରରେ ଭାରତୀୟ ଗଣତନ୍ତ୍ର ଓ ଅଦ୍ୱିତୀୟ ସମ୍ବିଧାନର ଶିଳ୍ପକାର ଡ.ବି. ଆର ଆମ୍ବେଦକରଙ୍କ ସମ୍ପର୍କରେ ଦେଶର ପ୍ରତିଟି ନାଗରିକ ଜାଣିବାର ପ୍ରାସଙ୍ଗିକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନ ଓ ଦଳିତ ଆଦିବାସୀ ମହାସଂଘ, ଲାଞ୍ଜିଗଡ଼ ବ୍ଲକ ଶାଖାର ମିଳିତ ଆନୁକୂଲ୍ୟରେ ଆଜି ବିଶ୍ୱନାଥପୁରଠାରେ ବାବାସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନ ଲାଞ୍ଜିଗଡ଼ ବ୍ଲକ ସଭାପତି ଜଗଦୀଶ ବେନିଆଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ସମ୍ମାନିତ ଅତିଥି ଭାବେ ଦଳିତ ଆଦିବାସୀ ମହାସଂଘର ବ୍ଲକ ସଭାପତି ହରିଶଙ୍କର ପାତ୍ର, ସମାଜସେବୀ ଲକ୍ଷ୍ମୀଧର ସନ୍ତୋଷରାୟ, ସୁନା, ଚିତ୍ରସେନ ସୁନା, ଉମେଶ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

## ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ପାଳିତ



ସୁବର୍ଣ୍ଣପୁର,୧୪।୪(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ଟାଉନ ହଲ ଠାରେ ଓଡିଶା ନବ ବର୍ଷ ଏବଂ ପଣା ସଂକ୍ରାନ୍ତି ସୋନପୁର ପଞ୍ଚାୟତ ସମିତି ଦ୍ୱାରା ପାଳନ କରା ଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦାନ କରିଥିଲେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଟାଉନ ହଲରେ ଓଡ଼ିଆ ପକ୍ଷ ପାଳନ ଉପରେ ଆଧାରିତ ରଙ୍ଗୋଲି ଓ ଝୋଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହା ଛଡା ହୁଳୁହୁଳି ପ୍ରତିଯୋଗିତା ମଧ୍ୟ ଆୟୋଜନ ହୋଇଥିଲା ଏବଂ ପଣା ସଂକ୍ରାନ୍ତି ଅବସରରେ ବେଲ ପଣା ବଣ୍ଟନ କରାଯାଇଥିଲା। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଦିଆ ଯାଇଥିଲା।

# ନିଆଁରେ ଚାଲିଲେ, ମା'ଙ୍କ କୃପା ଲାଭ କଲେ



ବାଲିପାଟଣା,୧୪।୪(ସଂଚାର ବ୍ୟୁରୋ): ପବିତ୍ର ପଣା ସଂକ୍ରାନ୍ତି ଅବସରରେ ବାଲିପାଟଣା ର ଅଞ୍ଚଳର ବିଭିନ୍ନ ସ୍ଥାନରେ ଆଜି ଭକ୍ତିମୟ ପରିବେଶ ମଧ୍ୟରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଛି।ହିନ୍ଦୁ ଧର୍ମାବଲମ୍ବୀ ମାନଙ୍କ ନଜରରେ ପଣା ସଂକ୍ରାନ୍ତି ଅତ୍ୟନ୍ତ ପବିତ୍ର ଦିନ ଭାବେ ପରିଚିତ। ଏହି ଦିନ ବ୍ରତ, ଉପବାସ ଓ ଦାନଧର୍ମ କଲେ ପୁଣ୍ୟଫଳ ଲାଭ ହୁଏ ବୋଲି ବିଶ୍ୱାସ ରହିଛି। ମହାବିଷୁବ ସଂକ୍ରାନ୍ତିକୁ ଓଡ଼ିଶାରେ ପଣା ସଂକ୍ରାନ୍ତି ବୋଲି କୁହାଯାଏ ଏବଂ ଏହି ଦିନଠାରୁ ଓଡ଼ିଆ ନବବର୍ଷର ଆରମ୍ଭ ହୁଏ।ଏହି ପରିପ୍ରେକ୍ଷୀରେ ଆଜି ନରଦା, ତୁରିକିରା, ଅଙ୍ଗାରପଡ଼ା, କୁଲକିରା ଗ୍ରାମ, କୁଲକିରା ଶାସନ, ଚଣାହାଟ, ଧାନହରା ଆଦି ବିଭିନ୍ନ ମନ୍ଦିର ଓ ମା ' ଙ୍କ ପୀଠରେ ଝାମୁଯାତ୍ରା ଦେଖିବାକୁ ଶତାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଘଣ୍ଟ, ଘଣ୍ଟା, ମୃଦଙ୍ଗ ଓ 'ହରିବୋଲ' ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଥିଲା। ଝାମୁଯାତ୍ରାରେ ଭକ୍ତମାନେ ମାନସିକ ନେଇ ଅଗ୍ନିରେ ଚାଲିଥାନ୍ତି। ବିଶ୍ୱାସ ରହିଛି ଯେ, ଏପରି କଲେ ମା'ଙ୍କ କୃପାରେ ମନୋକାମନା ପୂରଣ ହୁଏ। ଏହାସହିତ ଦଣ୍ଡନୃତ୍ୟ, ଘଣ୍ଟପାଟୁଆ, ଫାଟୁଆ ପୋଡ଼ା ଇତ୍ୟାଦି ପାରମ୍ପରିକ ଅନୁଷ୍ଠାନ ମଧ୍ୟ ଦେଖିବାକୁ ମିଳିଥିଲା।ଭକ୍ତମାନଙ୍କ ପାଇଁ ପଣା ଓ ପ୍ରସାଦ ବଣ୍ଟନର ବ୍ୟବସ୍ଥାକରାଯାଇଥିଲା।